Split by PDF Splitter



ସ୍ପଷ୍ଟତଃ ଆଶା କରିଥିଲୁଁ ଯେ ନଗରବାସୀ ଅନେକ ଲୋକ ଏ ସଭାରେ ଉପସ୍ଥିତ ହୋଇ ସେମାନଙ୍କ ମନୋନୀତ କମିଶନରମାନେ ଶିକ୍ଷାବିଷୟରେ କିପ୍ରକାର କାର୍ଯ୍ୟ କରୁଅଛନ୍ତି ଏବଂ ତହିଁର ଫଳ କିପରି ହୋଇଅଛି ପ୍ରତ୍ୟକ୍ଷ କରିବେ । ମାତ୍ର ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ କହୁଅଛୁଁ ଯେ ଚାରିମାନ ନଗରବାସୀ ଦେଶୀୟ ଓ ବିଦେଶୀୟ ଅନେକ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିଥିଲେହେଁ ଅତି ଅଳ୍ପଲୋକ ଉପସ୍ଥିତ ହୋଇଥିଲେ । ଇଂରେଜଙ୍କ ମଧ୍ୟରେ ଏକମାତ୍ର କମିଶନର ସାହେବ ଏବଂ ଦୁଇଜଣ ବିବିଙ୍କି ଏ ସଭାରେ ଦେଖିଲୁଁ ଏବଂ ଦେଶୀୟଲୋକଙ୍କ ମଧ୍ୟରେ ଏକଜଣ ଜମିଦାର ମନସୀ ସୁଲତାନମହମ୍ମଦ ଦୁଇଜଣ ଡେପୁଟୀ ଓ ସବ୍‌ଡେପୁଟୀ ୩/୭ ଜଣ ଶିକ୍ଷାବିଭାଗୀୟ କର୍ମଚାରୀ ଏବଂ ୩/୪ ଜଣ ଅମଲା ଉପସ୍ଥିତ ଥିଲେ । ଅନ୍ୟ କଥା ଦୂରେ ଥାଉ ମିଉନିସିପଲକମିଶନର ନ ୧୮ ଜଣଙ୍କ ମଧ୍ୟରୁ ଚତୁର୍ଥାଂଶ ସୁଦ୍ଧା ଉପସ୍ଥିତ ନ ଥିଲେ । ବାସ୍ତବରେ ସଭାଗତବ୍ୟକ୍ତିଙ୍କି ଦେଖି ମନେ ହେଉଥିଲା ଯେମନ୍ତ ସରକାରୀ ହାକିମ ଓ ଶିକ୍ଷାବିଭାଗୀୟ କର୍ମଚାରୀ ଛଡ଼ା ସାଧାରଣ ଶିକ୍ଷାବିଷୟରେ କାହାର ମନୋଯୋଗ ନାହିଁ । ସରକାରୀ ବିଦ୍ୟାଳୟର ପୁରସ୍କାରବଣ୍ଟନ ସମୟରେ ଆମ୍ଭେମାନେ ଅନେକ ଲୋକଙ୍କୁ ଉପସ୍ଥିତ ହେବାର ଦେଖିଅଛୁଁ ମାତ୍ର ମିଉନିସିପଲବିଦ୍ୟାଳୟର [illegible] ଆତ୍ମଶାସନପ୍ରଣାଳୀ କ୍ରମେ ଲୋକଙ୍କର ବିଶେଷ କାର୍ଯ୍ୟ ହେଉଥିବା ପ୍ରତ୍ୟକ୍ଷେ ତହିଁରେ ଏପରି ଉଦାସିନତା ଦେଖି ଭାରି ବିଷାଦ ହେଲୁଁ । କେହି୨ ଅବା ଏମନ୍ତ ମନେ କରିପାରନ୍ତି ଯେ ଯୋଗ୍ୟଲୋକଙ୍କୁ ମିଉନିସିପଲକମିଶନରପଦରେ ନିର୍ବାଚନ କରି ଦେଲା ଉତ୍ତାରୁ ସେମାନଙ୍କ କାର୍ଯ୍ୟ ଦେଖିବାର ଆଉ ପ୍ରୟୋଜନ ନାହିଁ ମାତ୍ର ଏପରି ବିଚାର ଭଲ ନୁହଇ ଅନ୍ତତଃ କମିଶନରମାନଙ୍କ ଉତ୍ସାହବର୍ଦ୍ଧନ ନିମିତ୍ତ ସେମାନଙ୍କ କାର୍ଯ୍ୟ ଦେଖିବା ଉଚିତ ତାହା ନ ହେଲେ କର୍ତ୍ତବ୍ୟ କାର୍ଯ୍ୟ ନିର୍ବାହ କରିବାରେ ସେମାନଙ୍କର ତାଦୃଶ ସୁଶୃଙ୍ଖଳ ହେବ ନାହିଁ । ଭରସା କରୁଁ ଭବିଷ୍ୟତରୁ ଏ ବିଷୟରେ ଲୋକଙ୍କର ଅନୁରାଗ ଦେଖି ଆନନ୍ଦିତ ହେବୁଁ ।

ଯଦ୍ୟପି ନ ଦର୍ଶକଙ୍କ ସଂଖ୍ୟା ଊଣା ହେବାରୁ ଏକପାଖସଭାର ଅନେକାଂଶ ଅସାର ଖାଲି ପଡିଥିଲା ମାତ୍ର ଅନ୍ୟପାଖ ଛାତ୍ରୀ ଓ ଛାତ୍ରଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିଲା ଏବଂ ପ୍ରଥମ ଶ୍ରେଣୀରେ କେବଳ ବାଳିକାମାନଙ୍କୁ ବସାଇ ଦିଆଯାଇଥିବାରୁ ବଡ଼ ସୁନ୍ଦର ଦିଶୁଥିଲା । ସଭାପତି କମିଶନର ସାହେବ କାର୍ଯ୍ୟାରମ୍ଭ କଲାରୁ ମିଉନିସିପଲକମିଶନର ବାବୁ ରାମଦାସ ଚକ୍ରବର୍ତ୍ତୀ ନ ତାହାଙ୍କ ତତ୍ତ୍ୱାବଧାନରେ ଏହି ବିଦ୍ୟାଳୟମାନ ଅଛି ବାର୍ଷିକବିଜ୍ଞାପନୀ ପାଠ କଲେ ଏବଂ ତାହା ଶେଷ ହେଲାରୁ ପୁରସ୍କାର ବଣ୍ଟନ ହେଲା । ପ୍ରଥମେ ବାଳିକାମାନଙ୍କୁ ଯୋଗ୍ୟତାନୁସାରେ ରୂପାର ଫୁଲ ଝିଙ୍କାପତି ଇତ୍ୟାଦି ଅଳଙ୍କାର ପୁସ୍ତକ ପିତ୍ତଳଗିଲାସ ଏବଂ ଲୁଗାମାନ ଦିଆଗଲା । ପୁରସ୍କାରମଧ୍ୟରେ କ୍ଷେତ୍ରତତ୍ତ୍ୱର ଭାଗ ଅତ୍ୟନ୍ତ ଅଧିକ ଥିବା ଏବଂ ଶିଶୁପାଳନ-ପ୍ରଭୃତି ସ୍ତ୍ରୀମାନଙ୍କର ଅଧିକ ପ୍ରୟୋଜନୀୟ ପୁସ୍ତକ ଆଦୌ ନ ଥିବାରୁ କେତେଲୋକଙ୍କ ମନକୁ ଭଲ ଲାଗିଲା ନାହିଁ । ତହିଁ ଉତ୍ତାରୁ ପାଠଶାଳା ଓ ମକ୍ତବର ଛାତ୍ରମାନଙ୍କୁ ଯଥାକ୍ରମେ ଓଡ଼ିଆ ଓ ପାରସୀ ପୁସ୍ତକମାନ ଯୋଗ୍ୟତାନୁସାରେ ବଣ୍ଟା ଗଲା । ପରିଶେଷରେ ଯୋଗ୍ୟତାନୁସାରେ ପୁରସ୍କାର ପାଇ ନ ଥିବା ବାଳକାଙ୍କୁ ନାନାପ୍ରକାର କଣ୍ଢେଇ ଓ ଅନ୍ୟାନ୍ୟ ଖେଳନା ବଣ୍ଟାଗଲା । ପୁରସ୍କାର ବଣ୍ଟା ଯାଇଥିବା ସମସ୍ତ ଦ୍ରବ୍ୟର ମୂଲ୍ୟ ଟ ୧୦୦ ଙ୍କା ଅଟଇ । ପରିଶେଷରେ କେତେ ଜଣ ବାଳକା ଅଭ୍ୟାସ କରିଥିବା ଛନ୍ଦମାନ ପାଠ କଲେ ଏବଂ ତହିଁରେ ଦର୍ଶକମାନଙ୍କର ବଡ଼ ସୁଖ ହୋଇଥିଲା । ମକ୍ତବର ପିଲାମାନେ ମଧ୍ୟ ଅଭ୍ୟସ୍ତ ପାଠ ଶୁଣାଇଲେ ମାତ୍ର ତାହା ଆଦୌ ଭଲ ହୋଇ ନ ଥିଲା । ଏଥି ଉତ୍ତାରୁ ସଭା ଭଙ୍ଗ ହେଲା ଏବଂ ବାଳକ ବାଳକାମାନେ କେତେ୨ ମିଷ୍ଟାନ୍ନ ପାଇ ମହାଆନନ୍ଦରେ ଘରକୁ ଗଲେ ।

ମିଉନିସିପାଲିଟୀର ଅଧୀନରେ ଏ ନଗରରେ ଗୋଟିଏ ବାଳକାବିଦ୍ୟାଳୟ ପାଞ୍ଚଟି ପାଠଶାଳା ଏବଂ ଗୋଟିଏ ମକ୍ତବ ଅଛି । ଏଥିରେ ୧୫୯ ବାଳକା ୧୫୨ ବାଳକ ଏବଂ ମକ୍ତବରେ ୬୮ ମୁସଲମାନପିଲା ପଢୁଅଛନ୍ତି । ବାଳକାଙ୍କ ସଂଖ୍ୟା ପୂର୍ବବର୍ଷ ପ୍ରାୟ ରହିଅଛି ମାତ୍ର ପୂର୍ବବର୍ଷ ପାଠଶାଳାରେ ୨୭୦ ବାଳକ ଓ ମକ୍ତବରେ ୮୧ ବାଳକ ଥିଲେ । ମୁସଲମାନପିଲା ଊଣା ପଡିବାର କିଛି କାରଣ ଜଣାଗଲା ନାହିଁ । ପାଠଶାଳା ପିଲା ଊଣା ହେବାର କାରଣ ଏହି କି ଗତବର୍ଷ ୧୦ ଗୋଟି ପାଠଶାଳା ଥିଲା କିନ୍ତୁ ସେସବୁ ପରସ୍ପର ଲଗାଲଗି ଥିବାରୁ ମିଉନିସିପାଲିଟୀ ପାଞ୍ଚଟା ଉଠାଇ ଦେଲେ । ସାହି ଲୋକଙ୍କର ମନକୁ ଏକଥା ନ ଆସିବାରୁ ସେମାନେ ଆପଣା୨ ପିଲାଙ୍କୁ ପଢ଼ାଇବା କାରଣ ଅନ୍ୟ ଚାଟଶାଳୀ ରଖିଅଛନ୍ତି । ସୁତରାଂ ମିଉନିସିପଲପାଠଶାଳାର ଛାତ୍ରସଂଖ୍ୟା ଊଣା ପଡିଅଛି । ପକ୍ଷାନ୍ତରେ ଶିକ୍ଷାର ଫଳ ପ୍ରୀତିକର ହୋଇଅଛି । ଯଥା ନ ୫ ଣ ବାଳକା ଅପର ପ୍ରାଇମେରୀ ଓ ୯ ଜଣ ବାଳକା ଲୋଅର ପ୍ରାଇମେରୀ ପାଶ କରିଅଛନ୍ତି ଏବଂ ପାଠଶାଳାଛାତ୍ରଙ୍କ ମଧ୍ୟରୁ କେବଳ ସାନ୍ତରାହିପାଠଶାଳାରୁ ଏକଜଣ ଲୋଅର ପ୍ରାଇମେରୀ ପାଶ କରିଅଛି । ଏଥିପୂର୍ବେ ମିଉନିସିପଲସ୍କୁଲର କୌଣସି ଛାତ୍ର କୌଣସି ପରୀକ୍ଷା ପାଶ କରି ନ ଥିଲା ।

ବାଳକାବିଦ୍ୟାଳୟର ଛାତ୍ରୀମାନେ ବିନା ଖର୍ଚ୍ଚରେ ପଢୁଅଛନ୍ତି ଏମାନେ କିଛି ବେତନ ଦିଅନ୍ତି ନାହିଁ କିମ୍ବା ପୁସ୍ତକସୁଦ୍ଧା ହାତରୁ କିଣନ୍ତି ନାହିଁ । ସ୍ତ୍ରୀଶିକ୍ଷାର ବିଶେଷ ଉତ୍ସାହ କାରଣ ମିଉନିସିପାଲିଟୀ ଏହି ନିୟମ କରିଅଛନ୍ତି ମାତ୍ର ପାଠଶାଳାର ପିଲାମାନେ ହାତରୁ ପୁସ୍ତକ କିଣନ୍ତି ଏବଂ ଅବଧାନଙ୍କୁ କିଛି୨ ବେତନସ୍ୱରୂପ ଦିଅନ୍ତି ।

## ସାପ୍ତାହିକ ସଂବାଦ ।

ଗତ ସୋମବାର ଏ ନଗର ବକ୍‌ସିବଜାରର ଗଣେଶମିଚ୍ଛିଲର ଦିନ ଥିଲା । ମାତ୍ର ଏ ବର୍ଷ ଏ ମିଲନଟି ଅତିସାମାନ୍ୟରେ ନିର୍ବାହ ହୋଇଗଲା । ବାବୁ ଶିବପ୍ରସାଦଭଗତଙ୍କ ଗଣେଶ ସମାରୋହ ସହିତ ବାହାରିଥିଲା ଏବଂ ଦେଖିବାକୁ ବଡ଼ ଶୋଭା ହୋଇଥିଲା । ବୃଷ୍ଟି ହେବୁ ଯାହା ଅନେକକ୍ଷଣ ରହିପାରିଲା ନାହିଁ ।

ଗତ ସପ୍ତାହରେ ଏଠାରେ ପ୍ରଚୁର ବୃଷ୍ଟି ହୋଇଅଛି ବୃଷ୍ଟି ହେତୁ ଗଣେଶମାନଙ୍କର ବିସର୍ଜନ ଦୁଇ ତିନିଦିନ ବିଳମ୍ବ ହୋଇଗଲା ଏବଂ ଅନେକ ପ୍ରତିମା ଏକତ୍ରେ ଜଳକୁ ଯିବାର ସୁଖ ଦେଖାଗଲା ନାହିଁ । ଫଳରେ ଏବର୍ଷର ଗଣେଶଯାତ୍ରା ସାମାନ୍ୟରେ ନିର୍ବାହ ହୋଇଅଛି ।

ବାଇକମାସ୍ତର କଲେସ୍ତେତନ ବଗଟର ତଫ ଇଣ୍ଡିସ୍ତ୍ରର ଗତ ସପ୍ତାହରେ ଏ ନଗରକୁ ଗସ୍ତ କରିବାକୁ ଆସି ମହାନଦୀ ପଥରବନ୍ଧ ଇତ୍ୟାଦି ଦେଖି ଯାଇଅଛନ୍ତି । ବନ୍ଧ ଭଙ୍ଗିବାରୁ ପାଣି ଯୋଗାଇବାର ସୁବିଧା ଏବର୍ଷ କିଛି ଦେଖାଯାଇ ନାହିଁ ପ୍ରଜାଙ୍କ ପ୍ରତି କିଛି ସୁବିଚାର କରିବେ କି ?

ପୁରୀର କଲେକ୍ଟର ଶ୍ରୀଯୁକ୍ତ କଲିସାହେବ ଛୁଟି ନେଇଅଛନ୍ତି ଏବଂ ସେଠାର ପୂର୍ବ ଏକ୍‌ଟିଂ କଲେକ୍ଟର ଶ୍ରୀଯୁକ୍ତ ସାରେଲ ସାହେବ ଯେକି ଅଳ୍ପଦିନ ହେଲା ଏଠାରୁ କଏଣ୍ଟାଇନମେଣ୍ଟ ହୋଇ ଆସିଥିଲେ ଦୁଇ ତିନି ଦିନରେ ସେଠାକୁ ଯିବେ ସାରେଲ ସାହେବ ବଡ଼ ଭଲ ହାକିମ ଅଟନ୍ତି ।

ମିଷ୍ଟାପିଅର ବାରବାର ଦମନ ଓ ଦଣ୍ଡାଜ୍ଞା କରିବା ଅଭିପ୍ରାୟରେ ଗୋଟିଏ ବ୍ୟବସ୍ଥା କରିବା କାରଣ ବାଲେଶ୍ୱରର

Digitized by srujanika@gmail.com

Split by PDF Splitter



### ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ—

ମହାଶୟ !

ଆପଣଙ୍କର ଅଗଷ୍ଟମାସ ତା ୨୧ ଇଶ ପତ୍ରିକାରେ ତାଳଚେରଦୁର୍ଗନିବାସୀ ପଣ୍ଡିତ ଶ୍ରୀ-କୃଷ୍ଣାନନ୍ଦ ମହାଶୟ ପ୍ରଶ୍ନ କରିଅଛନ୍ତି କି ପ୍ରଥମରୁ ଯେ ଯାମଳ ଜନ୍ମ ହୋଇଅଛନ୍ତି; ତହିଁରେ ଜ୍ୟେଷ୍ଠ କାହାକୁ ବୋଲଯିବ ଏବଂ କନିଷ୍ଠ କାହାକୁ ବୋଲଯିବ—ତାହାର ଉତ୍ତ-ରରେ ଏହି ଲେଖା ଯାଉଅଛି କି—ଯେଉଁଟି ଅଗ୍ରେ ଜନ୍ମ ହୋଇଅଛି ସେ କନିଷ୍ଠ ଏବଂ ପଶ୍ଚାତ୍‌ଜାତ ସନ୍ତାନଟି ଜ୍ୟେଷ୍ଠ ଏହିପରି ନିଶ୍ଚୟ କରାଯିବ—ଯେହେତୁ ଯାହାର ପ୍ରଥମ ଆଧାନ ହୋଇଥିଲା ତାହାର ଜନ୍ମ ଶେଷରେ ହୋଇ-ଅଛି—୨ୟରେ ଯାହାର ଆଧାନ ହେଲା—ସେ ପ୍ରଥମେ ଜନ୍ମ ହୋଇଅଛି ଏହି ଯୁକ୍ତିଦ୍ୱାରା ଜ୍ୟେଷ୍ଠ କନିଷ୍ଠ ବିଗ୍ରହ କରିବାକୁ ହେବ ଏହି ବିଷୟ ଶ୍ରୀମଦ୍ଭାଗବତରେ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ଯାମଳ ଜନ୍ମ ପ୍ରସ୍ତାବରେ ସ୍ପଷ୍ଟ-ରୂପେ ପ୍ରକାଶ ପାଇଅଛି ଏବଂ ଦାୟଭାଗରେ ଯାମଳସନ୍ତାନର ଜ୍ୟେଷ୍ଠ କନିଷ୍ଠ ବିଗ୍ରହ ମଧ୍ୟ ଏହିପରି ହୋଇଅଛି । ବହୁନାଳଂ ।

୧୨ । ୯ । ୮୬ }     ବଶମ୍ବଦ
ଖାର ନରସିଂହପୁର } ଶ୍ରୀଯୋଗୀନ୍ଦ୍ରକାବ୍ୟବଶାରଦଶର୍ମା

---

# ବି ଜ୍ଞା ପ ନ ।

---

# ଦୁ ର୍ଗା ପୂ ଜା ।

ଏହି ମହାପର୍ବ ଉପଲକ୍ଷରେ ବାବୁ ଅରଜଵଲ୍ଲଭ କର କମ୍ପାନି ନାନା ପ୍ରକାର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଓ ବିଳାସ ଦ୍ରବ୍ୟ କଲିକତାରୁ ନୂତନ ଆମଦାନି କରି ଆପଣାସ୍ତ୍ରାହକମଣ୍ଡଳୀ ଏବଂ ଅପରବ୍ୟକ୍ତିମାନଙ୍କୁ ସେ ସବୁ ଦେଖିବା-ନିମିତ୍ତ ଚୌଧୁରିବଜାର ବାବୁ ଗୌରୀଶଙ୍କର-ରାୟଙ୍କ ବସା ନିକଟ ଦୋକାନକୁ ସବିନୟ ଆହ୍ୱାନ କରୁଅଛନ୍ତି । ସମସ୍ତ ଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ସୁଲଭ ପ୍ରମାଣେ ଧାର୍ଯ୍ୟ ହୋଇଅଛି ।

କ୍ରେତାମାନେ ଥରେ ପରୀକ୍ଷା କଲେ ବୁଝି ପାରିବେ ।

---

ଶ୍ରୀ ପୁରୁଷୋତ୍ତମକ୍ଷେତ୍ର କୁଣ୍ଡାଇବେଣ୍ଟ ସାହି ମହନ୍ତ ହରିଦାସମାନଙ୍କ ଦାସଙ୍କ ମଠ ସଲଗ୍ନ ମାଂ ୧୯୦/ ଲାଖରାଜ ବାହାଲୀଜମି ଓ ତହିଁଉପ-ରେ ଥିବା ଦୁଇବଖରା ଭୁଣ୍ଡାଟାଲଘର ଓ ଗୃହ-ବକ୍ଷର ସାଧାରଣ ବାହାର ପଥରଖଣ୍ଡି ପିଣ୍ଡା ଓ ପୋତା ଓ ଭଗ୍ନ ଅନେକ ପଥରସହିତ ବିକ୍ରୟ ହେବାର ଅଛି । ଏହି ଜମି ଓ ଘର ଅଠରନଳା ପାଟର ସିରସ୍ତାଦାର ମୃତ ମାଣିକ-ରାମ ମିତ୍ରଙ୍କର ବସା ବୋଲି ପରିଚିତ ଓ ଭାଇଗମହାନ୍ତି ନାମରେ ଜଣେ ବଇଦର ଜିମାରେ ଅଛି । ଏକସାଥରେ କୂଅ ପାଇଖାନା ସଦର ଓ ଖିଡକି ଦ୍ୱାର ଇତ୍ୟାଦି ଅଛି ଯେମନ୍ତ କି ଜଣେ ଭଦ୍ରଲୋକ ଅକ୍ଳେଶରେ ନିର୍ବାହ ହୋଇପାରେ ଏବଂ ଯାତ୍ରୀ ରଖିଲେ ଉତ୍ତମ ଆୟ ହୁଅଇ । ଯାହାଙ୍କର ଖରିଦ କରିବାକୁ ଇଚ୍ଛା ହେବ କଟକ ପ୍ରିଣ୍ଟିଂକମ୍ପାନିର ସମ୍ପାଦକ ବାବୁ ଶ୍ରୀ ଗୌରୀଶଙ୍କର ରାୟଙ୍କ ନିକଟକୁ ପତ୍ର ଲେଖିଲେ ସବିଶେଷ ବୃତ୍ତାନ୍ତ ଜାଣିପାରିବେ । ଇତି ତା ୧୪ ଇଶ ଅଗଷ୍ଟ ସନ ୧୮୮୬ ।

---

## NOTICE.

Is hereby given to all Piece Workers, Petty Contractors, contractor, and others who may have lodged any security deposit in the late Byturni Division or Brahmini Byturni Division for tools issued to them for, or unfinished works on, the High Level Canal Ranges II and III and other works in connection therewith that unless such deposits are withdrawn and the tools returned within three months from this date, the amounts standing unadjusted in the books of this division over three years will be credited to Govt.

Acquapada }     A. S. Thomson
28 8 1886 }     Executive Engineer,
Acquapada Jajpur Dn.

---

## FOR SALE.

The two Puckah houses with all their out offices, wells, and enclosure walls, situated in Stoney Road Chandni Chouk Cuttack; belonging to the Estate of the late John De Costa.

The one, upper-roomed, lets for 22 Rs. per month but is now vacant; the other, lower-roomed, has been, and is now occupied, on a lease terminable at will, on a rent of 10 Rs, the tenant doing the repairs.

The land pertaining to both the above, measures about 1 Man 16 Goonta 1 Biswa, and pays an annual Khas Mehal rent to Government of Rs. 13 As. 12 P. 8 and Rs. 2 to a *Bawajee.*

Offers ( not less than 2000 Rs. ) for the above may be made to the undersigned, who is legally authorized to sell and to give legal possession.

9-9-86     F. Bond
Executor.

### ବିଜ୍ଞାପନ ।

କଟକ ଷ୍ଟୋନିରୋଡ଼ ଚାନ୍ଦନୀଚୌକ ପଡ଼ାସ୍ଥିତ ବଜା-ରରେ ଥିବା ମୃତ ଯନ୍ ଡିକଷ୍ଟାଙ୍କ ଦୁଇଗୋଟି ପକ୍କାକୋଠା ଓ ତତ୍‌ସଲଗ୍ନ କମ୍ବୁଘର ଓ କୂପ ଓ ଚୌପାର୍ଶ୍ୱର ପ୍ରାଚୀରମାନ ବିକ୍ରୟ ହେବ ।

ଉପରୋକ୍ତ ଗୃହମାନଙ୍କମଧ୍ୟରୁ ଏକ ଦୋତାଲା କୋଠା ମାସିକ ଟ୨୨ଙ୍କା ଖଜଣାରେ କେରେୟା ଦିଆ ଯାଇଥିଲା କିନ୍ତୁ ବର୍ତ୍ତମାନ ଖାଲି ଖାଲି ଅଛି ଓ ଏକ ଏକତାଲାକୋଠା ମାସିକ ଟ୧୦ଙ୍କା ଖଜଣାରେ ଭଡ଼ାଟିଆଙ୍କୁ ଏହିସର୍ତ୍ତରେ କେରେୟା ଦିଆ ଯାଇଅଛି କି ସେ ଆପେ ତାହା ମରାମତି କରିବେ, ମାଲିକର ଇଚ୍ଛାମତେ ଛାଡ଼ିଯିବେ ।

ଉପରୋକ୍ତ ଘର ଓ ତହିଁର ଚତୁଃପାର୍ଶ୍ୱସ୍ଥ ପ୍ରାଚୀରଭିତରଜମି ମୋଟ ମା ୧।୧୪/୧ ଗଣ୍ଡା ଅଟେ ଓ ତହିଁର ସରକାରୀ ଖାସମହାଲ ଆଦାୟି ଜମା ବାର୍ଷିକ ଟ ୧୩୮/୮ ପାଇ ଓ ଏକଜଣ ବାବାଜୀର ମା ୦।୧୦/ ଜମି ଯାହା ଉକ୍ତ ଖାସମହାଲ ଜମି ସଲଗ୍ନ ଅଛି ତହିଁ ନିମନ୍ତେ ଟ୨ ଙ୍କା ଖଜଣା ଦିଆଯାଏ ।

ଯେ କେହି ବ୍ୟକ୍ତି ଉକ୍ତ ଘରମାନଙ୍କୁ ନେବାର ଇଚ୍ଛା କରନ୍ତି ସେ ନିମ୍ନସ୍ୱାକ୍ଷରକାରୀ ଯେ କି ଉକ୍ତ ଘରମାନ ବିକ୍ରୟ କରିବା ଓ ତହିଁରେ ଦଖଲ ଦେବାକୁ ଆଇନାନୁଯାୟୀ ଆଦେଶିତ ହୋଇଅଛନ୍ତି ତାଙ୍କଠାକୁ ଲେଖିଲେ ପାଇ ପାରିବେ ମୂଲ୍ୟ ଦୁଇହଜାର ଟଙ୍କାର କମ ନୋହେ ।

F. Bond
Executor.

Digitized by srujanika@gmail.com

## ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ଘୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । ଜାଏମା ନ ୧୬୨୩ ଉତ୍ତରକୀ ତା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରୟ ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଚାନ୍ଦବାଲିରେ ସଂଲଗ୍ନ ହୁଏ ଯେଉଁଠାରୁ କଲିକତା ଜାହାଜସବୁ ଯାତାୟାତ କରଇ ଏହାର ସଦରଜମା ଟ ୧୩୨୮ । ଅଣା ଏବଂ ମଫସଲ ଜମା ଟ ୩୦୦୦ ଙ୍କା । ଗ୍ରାହକଶ୍ରେଣୀଙ୍କ କ୍ରେତାମାନେ ଅମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୬ କାନ୍ତକାର କଟକ } By order Peary Mohun Bose

## ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଶଂସା ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନ ୩ ମର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମର ପିଲ ବା ବଟିକା ବ୍ୟବହାର ମାତ୍ରକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ ବା ରୋଗିର ପରସ୍ରା ନ ହୁଏ ତେବେ ନ ୬ ମର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ° ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୬ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁ ଫଳପ୍ରଦ ଔଷଧ ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରନାଶକ ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ୦ ।୵ |
| ବାତୁଳର ଅତି ଅବ୍ୟର୍ଥ ଔଷଧ ଟ ୧୧ | କର୍ପୂରାସବ (ଓଲାଉଠା ନାଶକ) ଟ ୦ ।୵ |
| ଜାଉଣ୍ଡିସ ବା ଗ୍ରହଣୀରୋଗର ଔଷଧ ଟ ୧ | ଗର୍ଭଧାରକ ଔଷଧ ଟ ୦ ୫ |
| ଶିରଶୂଳର ଉତ୍ତମ ଔଷଧ ଟ ୦ ୧୵ | " ଚନ୍ଦ୍ରରସ ଟ ୦ ୫ |
| ଘାବୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ।୵ | " ମଧୁରସ ଟ ୦ ୫ |
| କଫରୋଗର ବଟି ଟ ୦ ।୵ | ବମନରୋଗର ବଟି ଟ ୦ ୩ |
| | ମକରଧ୍ୱଜ ପ୍ରତିତୋଳା ଟ ୧୬୧ |
| | ବହୁବାଳକର ପ୍ରତିଷେଧ ଔଷଧ ଟ ୧୦୧ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟିକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଅମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରି ଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛୁ କି ଉକ୍ତ ବଟିକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୫।୮୬ } Munsi Warish Alli Head Master.

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳାଇଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭାଗବତ ପ୍ରସାଦ ଦାସ
ରେଜଷ୍ଟ୍ରର କରଣୀ

ଅନ୍ୟ ସାର୍ଟିଫିକେଟମାନ ଦୀପିକାର ୭।୩।୮୬, ୨୦।୩।୮୬, ୧୦।୪।୮୬ ଓ ୨୨।୭।୮୬, ଓ ସଂସ୍କାରକର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

# ମେହରୋଗ ।

• ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ନୂତନ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ଆରୋଗ୍ୟ କରିବାର ଉଚିତ ନଚେତ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିବାକୁ ହେବ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକପକ୍ଷପ୍ରାୟ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ବୁଝିଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମରାଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ । ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ । କଲିକତା ଆହେରିଟୋଲା ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୧୲ ଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉଚିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦୵ |
| ଅର୍ଦ୍ଧ ସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେହେଁ ତହିଁର ଦର ଟ ।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ପ୍ରଥମ ଦରର ଅର୍ଦ୍ଧ ଓ ଚତୁର୍ଥାଂଶ କ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

# ଅତିରିକ୍ତ ।

ଉତ୍କଳଦୀପିକା ତା ୧୮ ରଖ ମାହେ ସେପ୍ଟେମ୍ବର ସନ ୧୮୮୬ ମସିହା ।

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ-
ମହାଶୟ ସମୀପେଷୁ

ମହାଶୟ !

ବାମଣ୍ଡାଧିପତି ଶ୍ରୀଯୁକ୍ତ ସୁଚଳଦେବ ମହୋଦୟ ଅମ୍ଭଙ୍କୁ ତାଙ୍କ କୃତ ଖଣ୍ଡିଏ "ଅଲଙ୍କାରବୋଧୋଦୟ" ଉପହାର ପଠାଇ ଅଛନ୍ତି ସେଥିପାଇ ଅମ୍ଭେ କୃତଜ୍ଞତା ସ୍ୱୀକାର କରୁଅଛୁଁ ଏବଂ ପୁସ୍ତକ ଖଣ୍ଡିଏ ଉତ୍କୃଷ୍ଟ ହୋଇଅଛି ଅତିଅଳ୍ପସ୍ଥାନରେ ଯେଉଁ ଟିକେ ଭାଷାର କାଠିଣ୍ୟ ଦେଖାଯାଏ, ଅନ୍ୟ ସଂସ୍କରଣବେଳେ ତାହା ସଂଶୋଧିତ ହୋଇ ଯିବ ।

ଯାହା ହେଉ ଓଡିଶାର ରଜା ସୁଚଳଦେବ ବାହାଦୁରଙ୍କର ଯେଉଁପରି ବିଦ୍ୟୋତ୍ସାହିତାର ପରିଚୟ ଯେଖାଯାଏ ଅଳ୍ପକାଳ ମଧ୍ୟରେ ସେ ଜଣେ କୃତବିଦ୍ୟ ରଜା ବୋଲି ସର୍ବ୍ବଜଗତରେ ପରିଚିତ ହେବେ ଏବଂ ତାଙ୍କ କର୍ତ୍ତୃକ ଓଡ଼ିଆଭାଷାର ଓଡ଼ିଆସାହିତ୍ୟର ଅନେକ ଅଭାବ ବିଦୂରିତ ହେବାର ସମ୍ଭାବନା ଦିଶୁଅଛି ଯାହା ହେଉ ବାମଣ୍ଡାଧିପତି ଦୀର୍ଘଦ୍ର ଉତ୍କଳ ଦେଶର ମୁଖୋଜ୍ଜ୍ୱଳ କରନ୍ତୁ ଏହା ଈଶ୍ୱରଙ୍କଠାରେ ପ୍ରାର୍ଥନା ଇତି ।

୧୬।୯।୮୬ } ବଶମ୍ବଦ
କଟକ } ଶ୍ରୀ ଜଗନ୍ନାଥ ବନ୍ଦ୍ୟୋପାଧ୍ୟାୟ ।

---

### କୋଠଦେଶ ଯୁବରାଜ ।

କୋଠଦେଶ ପୂର୍ଣ୍ଣସୁଧାକର ଛବିବର ।
ଅଭିରାମ ରାଟସିଂହ ପ୍ରଜାମନୋହର । ୧ ।
ବେଢେଥିଲ ହେଲ ଧର୍ମକୁମର କାମନା ।
କର ପୂର୍ଣ୍ଣମନୋରଥ ଦେବାକୁ ଭାବନା । ୨ ।
ପେଷି ବାରଂବାର ତର ଚନ୍ଦ୍ର ଜଳଧର ।
ପାଇବାକୁ ଅନୁରୂପ ନନ୍ଦନ ସୁନ୍ଦର । ୩ ।
ଶେଷକୁ ସମ୍ବଲପୁର ଶ୍ରେଷ୍ଠ ରାଜକୁଳେ ।
ମନୋମତ ହେବ ବୁଝି ଦୁହେ ଜଣାଇଲେ ।୪।
ଆଣିବାକୁ ପୁତ୍ର ତହୁଁ ଲଗିଲା ଉଦ୍‌ଯୋଗ ।
ସୁଶୋଭିତ ଗଜଦନ୍ତ ଶିବିକା ଭୁଜଙ୍ଗ । ୫ ।
ଶକଟାଦି ଅର୍ଦ୍ଧଶତ ଜନଙ୍କ ସହିତେ ।
ଯାହା କଲେ ପୁରୋହିତ ଅତି ଧୀମତେ । ୬ ।
ବହୁକାଳ ଗତହେଲ ତଥାପି ବାରତା ।
ନଆସି ବେଳକୁବେଳ ବଢାଇଲା ଚିନ୍ତା ।୭।
କୋଠଦେଶ ପ୍ରଜାହିତବ୍ରତୀ ଯେ ଦମ୍ପତି ।
ଉପାର୍ଜ୍ଜି ଗୃହକପର ଗୃହେଁଥିଲେ ନିତି । ୮ ।
ଯାହାଙ୍କୁ ସହାୟ ମାତ୍ର ପ୍ରଭୁ ଜଗନ୍ନାଥ ।
ସେପୁଣି କପର ହେବେ ବ୍ୟର୍ଥମନୋରଥ । ୯ ।
ସମ୍ବାଦ ଆସିଲା ଏବେ ସର୍ବେ ନିରାପଦେ ।
ଆସୁଛନ୍ତି ସେନ ଯୁବରାଜଙ୍କୁ ଆନନ୍ଦେ । ୧୦ ।
ମିଥିଳର ପଞ୍ଚଦଶ ବର୍ଷେ କୁମର ।
ଭେଟିବେ ଶମ୍ଭୁକୁ ଆସି ହୋଇଅଛି ସ୍ଥିର ।୧୧।
ଶୁଣି ଉତ୍ଫୁଲ୍ଲ ଏକାବେଳେ ସୁଖସିନ୍ଧୁ ।
ପ୍ରସନ୍ନ ଅନନ ଯେହ୍ନେ ସମ୍ପୂର୍ଣ୍ଣ ଇନ୍ଦୁ । ୧୨ ।
ପଡ଼ିଗଲା ସବୁଠାରେ କ୍ଷଣକେ ଚହଳ ।
ହସି ଉଠେ କୋଠଦେଶ ଶୁଣି ସୁମଙ୍ଗଳ ।୧୩।
ଚତୁରସ୍ଥଯାଏ ମାତ୍ର ସ୍ଥିର ନାହିଁ ଚିତ୍ତ ।
ବହୁତ ବେଳକୁବେଳ ଉତ୍କଣ୍ଠା ବଢୁଛି । ୧୪ ।
ଏହିପରି ମଧ୍ୟଗତ ଦିନମାନ ଗତ ।
ହେଲା କୋଠଦେଶଦୁଃଖ-ରଜନୀ ପ୍ରଭାତ ।୧୫।
ଆକାଶରେ ପ୍ରକାଶିତ ହେଲାରୁ ଭାସ୍କର ।
ଗଡ଼ରେ କାହାକୁ ନାହିଁ କ୍ଷଣେ ଅବସର ।୧୬।
କେ ସଜାଡେ ବାସସବୁ ବିବିଧ ପ୍ରକାର ।
କେ ଧାଉଛି ଆଣିବାକୁ ନାନା ନୃତ୍ୟକର ।୧୭।
କେ ଅବା ତୋରଣମାନ ମଣ୍ଡୁଅଛି ବସି ।
କେ କାହାର କାର୍ଯ୍ୟଦେଖି କହୁଛି ପ୍ରଶଂସି ।୧୮।
ଅମ୍ଭପ୍ରଜାନାଥ ନିଜେ ଏସବୁ କାର୍ଯ୍ୟର ।
ନେଉଛନ୍ତି ତତ୍ତ୍ୱ ଏଥି ମଧ୍ୟେ ବାରଂବାର ।୧୯।
ଆନନ୍ଦରେ ବୁଡିଛନ୍ତି ସର୍ବେ ଏହିପରି ।
କ୍ରମେ୨ ଦିନନାଥ ପ୍ରାପ୍ତ ଅସ୍ତଗିରି । ୨୦ ।
ଘୋଟିଲା ପଯୋଦ ନଭେ କରଣ ଅନ୍ଧାର ।
ନକ୍ଷତ୍ର ନ ଦେଖି ଲୋକେ ହୋଇଲେ ଆତୁର ॥
ବନ୍ଦମାନ୍ତ ହୋଇ ନାହିଁ ବୁଝିଲେ ପଥିକ ।
ପତିତପାବନ କୃପା କରନ୍ତୁ ବହିତ । ୨୧ ।
ବଳଲାଣି ବିଭାବରୀ ଆସି ଯେ ଅର୍ଦ୍ଧକୁ ।
ଆସିଲେଣି ଯୁବରାଜ ଶୁଭିଲା ଦୂରରୁ । ୨୩ ।
ଭେଟିବାକୁ ଏ ଉତ୍ସବ ଆନନ୍ଦେ ଧାଇଲ ।
ଦେଖିଲ ବାଣ୍ଡରେ ଲଗିଅଛି ଠେଲାଠେଲି ॥
ଧାଇଛନ୍ତି ବହୁଦୂରୁ ଲୋକେ ନାନାପଥେ ।
ମିଳିବାକୁ ଜଗାଯେହ୍ନେ ଜଳଧି ସହିତେ । ୨୫ ।
ପହୁଞ୍ଚିଲ ସିଂହଦ୍ୱାରେ ଶୁଭିଲା କାହାଳ ।
ବଜେଇଲେ ଭେଟିବାକୁ ଜୟକଂସତାଳ ।୨୬
ଅତଡ଼ିଣି ଭ୍ରମର ଶ୍ୱେତଛତ୍ରସଙ୍ଗେ ସେନ ।
ହୁଳହୁଳି ଦେଲେ ଷଇ୨ ସୀମନ୍ତିନୀ । ୨୭ ।
ଭୁରୀ ଭେରୀ ଶଙ୍ଖ ନାନା ବାଦ୍ୟର ନିନାଦ ।
ବଧିର କରାଏ ଶୁଭି ବଢ଼ାଏ ଆନନ୍ଦ । ୨୮ ।
ବିଭୂଷିତ ରାଜପଥ ଅର୍ଦ୍ଧକୋଶ ଦୂରୁଁ ।
ଦୁଇପାର୍ଶ୍ୱେ ଶୋଭେ ଦୀପଶ୍ରେଣୀ ରମ୍ଭାତରୁ ॥
ମଧ୍ୟେ ନାନାରଙ୍ଗେ ସଜେ ପତାକା ସୁନ୍ଦର ।
ତା ପାର୍ଶ୍ୱେ ପ୍ରଜାପରିକ ବଶେ ମନୋହର ।୩୦।
ବଚ୍ଛି୨ ଦୂର ଅନ୍ତେ ତୋରଣା ରଚିତ ।
ଅଟେ ଅତି କମନୀୟ ଶୋଭେ ଜନଚିତ୍ତ ।୩୧।
କୁମରଶିବିର ଯହୁଁ ହୋଇଲା ନିକଟ ।
ଲୋକ ଗହଳରେ ଆଉ ନମିଳିଲା ବାଟ । ୩୨।
ଓହ୍ଲାଇ ଯାନରୁ ଯାଇ ଅମ୍ଭପ୍ରଜାନାଥ ।
ବିଧିମତେ ବନ୍ଦନ୍ତି ସେ କରିଲେ ସାକ୍ଷାତ ।୩୩।
କୁମରଙ୍କୁ କୋଳେ ଆଣି ବସାଇବା ବେଳେ ।
ସେକାଳ ସୁଷମା ସବୁ ଉପମାକୁ ବଳେ । ୩୪।
ସୁଲକ୍ଷଣ ଦେଖିବାକୁ ଅତି ମନୋହର ।
ନବବର୍ଷୁ ଅଧିକତ ନୁହିଲ ଉମର । ୩୫ ।
ଆକାରରୁ ଶାନ୍ତଭାବ ପ୍ରକାଶ ପାଉଛି ।
ମିଳଲେ ମନକୁ ଗୃହିଁ କେ ଏହା କହୁଁଚ ।୩୬।
ଲକ୍ଷ କର କରବାରେ ବନ୍ଧୁକ ଫାୟୁର ।
ଶୁଣିବାରେ ଅଟେ ବଡ଼ ଆସକ୍ତି ତାଙ୍କର ।୩୭।
ପ୍ରାଥମିକ ଶିକ୍ଷାପ୍ରାୟ ଶେଷ ହୋଇ ଅଛି ।
ବୁଦ୍ଧି ଦେଖି ଭାବ ଆଶା ବହୁତ ହେଉଛି ।୩୮।
ଅନନ୍ତର ଶିବିରରୁ ହୋଇଣ ବାହାର ।
ଏକଯାନେ ପିତାପୁତ୍ର ଅତି ମନୋହର । ୩୯ ।
ଫୁଲଝଡ଼ି ତୋପବାଜି ଦୟୁଣା ହାଉଇ ।
ନାନାବିଧ ତହ ଶୋଭା ଢାଲୁ୨ ବଳ । ୪୦ ।
ଲୋକଶୂନ୍ୟ ହୋଇ ପାଖେ ନାହିଁ ଅବସ୍ଥାନ ।
ହୁଳହୁଳି ଜୟନାଦେ ସକଳ ଗମନ । ୪୧ ।
ଗବାକ୍ଷେ ଅନାଇଛନ୍ତି ପୁରବଧୂଗଣ ।
ଦେଖିବାକୁ କୁମରଙ୍କ ଶୁଭ ଆଗମନ । ୪୨ ।
ଏପରି ଉତ୍ସବେ ଗଡ଼େ କରିଲେ ପ୍ରବେଶ ।
କମଳନାଚନ ଅବା ପାଇଲା ଦିନେଶ । ୪୩ ।
ଶୁଭବେଳେ ସଭାସଦେ ଆଇ ଉପସ୍ଥିତ ।
ଦୂରବଳ କୁଲଲରେ ହେଲେ ପ୍ରତିକୃତ ।୪୪।
ଅନ୍ତ ନବବସନରେ ସର୍ବେ ବିଭୂଷିତ ।
ଦ୍ୱିଜ, କର୍ମଗୃହ ପରିବାର ଅଭ୍ୟାଗତ । ୪୫ ।
ମିଷ୍ଟାନ୍ନ ସାମଗ୍ରୀ ଅଜ ଦେଉଅଛି ଲୁଟି ।
କେ କାହାକୁ ବେଢେଥବା ଦେଉଅଛି ବାଣ୍ଟି ॥
ଆଜଠାରୁ କୋଠଦେଶ ଦୁଃଖ ହେଲା ଦୂର ।
ସର୍ବମୁଖେ ଏହିକଥା ହେଉଛି ବାହାର । ୪୬ ।
ଏତିକ ପ୍ରାର୍ଥନା ମାତ୍ର ପ୍ରଭୁଙ୍କୁ ଯେ ଅଜ୍ଞ ।
ଚିରାୟୁ ହୁଅନ୍ତୁ ଜଗଦ୍ଧିତ ଯୁବରାଜ । ୪୮ ।
ଜଗତରେ ବ୍ୟାପୁ ତାଙ୍କ ସୁନିର୍ମଳ ଯଶ ।
ବଢ଼ାନ୍ତୁ ସେ ସମସ୍ତଙ୍କ ହୃଦୟେ ସନ୍ତୋଷ ।୪୯।

ଜମାପଡ଼ା ।
୨୭।୭।୮୬

---

Split by PDF Splitter
Digitized by srujanika@gmail.com

Split by PDF Splitter

324

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୯ ଭ } ତା ୨୫ ରଖ ମାହେ ସେପ୍ଟମ୍ବର ସନ ୧୮୮୭ ମସିହା । ମୂ । ଅଶ୍ୱିନ ତ ୧୧ ଦ ସନ ୧୨୯୪ ସାଲ ଶନିବାର
ସ ୩୬ ସଂଖ୍ୟା }

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୨ ୧ | ଟ ୨୧ |
| ଡାକମାସୁଲ | ଟ ୦ ।୷ | ଟ ୧୧ |

## ବାମଣ୍ଡା

ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଯେତେ ଗଡ଼ଜାତ ଭ୍ରମଣକରି ହିନ୍ଦୁ ଧର୍ମର ଉପଦେଶ ଦେଉଅଛନ୍ତି ତାଙ୍କର ସହିତ ଆମ୍ଭର ସାକ୍ଷାତ ହୋଇଥିଲା ଏବଂ ତାଙ୍କସହିତ ସାମାନ୍ୟରେ କଛି ତର୍କ କରିଥିଲୁଁ ପରଶେଷରେ ଅମ୍ଭେ ତାଙ୍କୁ ପ୍ରଶ୍ନକଲୁଁ ଯେ ଅଧୁନାତ୍ତ ଜନ୍ୟମାନେ କୌଣସି ପ୍ରୟୋଜନ ନ ଦେଖିଲେ କାର୍ଯ୍ୟକ୍ଷେତ୍ରରେ ପ୍ରବୃତ୍ତହେବାକୁ ଚେଷ୍ଟା କରୁ ନାହାନ୍ତି ଏପରିସ୍ଥଳେ ହିନ୍ଦୁମାନଙ୍କର ପ୍ରତ୍ୟହ ଯେଉଁ ସନ୍ଧ୍ୟାବନ୍ଦନାଦି କ୍ରିୟା ତହିଁରେ କେଉଁ ପ୍ରୟୋଜନ ଅଛି ? ଉକ୍ତ ମହାଶୟ ଉତ୍ତର କଲେ "ଚରିତ୍ରର ପବିତ୍ରତା ଜନ୍ମାଇବା ଈଶ୍ୱରେର ପ୍ରତି ମନ ନିଜବଦ୍ଧ କରିବା ଉଦ୍ଦେଶ୍ୟ" ।

ଏହି ପ୍ରୟୋଜନଟି ପାଠକମାନଙ୍କୁ ଜଣାଇଲୁଁ ଯେ ଏହା କେତେପର୍ଯ୍ୟନ୍ତ ସୁସଙ୍ଗତ ତାହା ବିଗ୍ଚାର କରିବେ ଅମ୍ଭଙ୍କୁ ବୋଧହୁଏ ଏହି ପ୍ରୟୋଜନଦ୍ୱାରା ନବ୍ୟମତାବଲମ୍ବିମାନଙ୍କର ମନ ମାନେ କି ନା ସନ୍ଦେହ ।

ଏ ମହାଶୟ ହିନ୍ଦୁଧର୍ମସମ୍ବନ୍ଧେ ଯେଉଁଠାରେ ଯାହା ଶୁଣିଅଛନ୍ତି ତାହା ଉପଦେଶ ଦେଉଅଛନ୍ତି ତାତ୍ପର୍ଯ୍ୟ ଅନ୍ୱେଷଣା କରି ଏବଂ ଦେଶକାଳ ପାତ୍ର ବିବେଚନା କରି ଉପଦେଶ ଦେଉଥିବାର ବୋଧ ହେଉ ନାହିଁ ମହାଶୟଙ୍କୁ ଉଚିତ ଯେ କାଳର ପରିବର୍ତ୍ତନ ଅନୁସାରେ ଧର୍ମର ମଧ୍ୟ କଛି ପରିବର୍ତ୍ତନ କରି ଉପଦେଶ ଦେବା ନିତାନ୍ତ ଆବଶ୍ୟକ ତାହା ନ ହେଲେ "ଉପ୍‌ଦେଶୋ ହି ମୂର୍ଖାଣାଂ ପ୍ରକୋପାୟ ନ ଶାନ୍ତୟେ" ପରି ବିଫଳ ହେବାର ସମ୍ଭାବନା ଯେ ହେଉ ଦୁଃଖର ବିଷୟ ଏହିଯେ ଏ ମହାଶୟଙ୍କୁ ଏଠାରେ କିଛି ଅର୍ପଣ କରିଥିବା ହେତୁରୁ ହିନ୍ଦୁଧର୍ମସମ୍ବନ୍ଧେ ବିଶେଷ କଥା ପଚାରିପାରିଲୁଁ ନାହିଁ ଶୀଘ୍ର ନହଡ଼ାକୁ ପ୍ରସ୍ଥାନ କରିଗଲେ ।

ଗଡ଼ଜାତ ଭ୍ରମଣବିଷୟ ଅମ୍ଭଠାରେ କହିବା ସମୟରେ ସର୍ବାପେକ୍ଷା ଅଠମଲ୍ଲିକର ରାଜାଙ୍କୁ ପ୍ରଶଂସା କରିଥିଲେ ଏବଂ ଉକ୍ତ ରାଜାଙ୍କର ନମ୍ରତା ଓ ଧାର୍ମିକତା ଓ ସୁଶାସନାପ୍ରଭୃତି ପ୍ରଶଂସାର କାର୍ଯ୍ୟ ଦେଖି ସନ୍ତୁଷ୍ଟ ହୋଇଥିବାର ପ୍ରକାଶ ପାଇଲା ।

ଗଡ଼ଜାତ ଭ୍ରମଣକରିବା ସମ୍ବନ୍ଧେ ଶ୍ରୀବାବୁ ଗୌରୀଶଙ୍କର ରାୟ ମୂଃ କଟକଙ୍କଠାରୁ ବିଶେଷ ଉତ୍ସାହ ପାଇ ପ୍ରବୃତ୍ତ ହେଲେ ଉତ୍କଳରେ ଶ୍ରୀବାବୁ ଗୌରୀଶଙ୍କର ରାୟଙ୍କର ଉଦ୍ରତା ଏବଂ ମିଷ୍ଟାଳାପ ଓ ଦେଶହିତୈଷିତା ଦେଖି ଅନନ୍ତ ହୋଇଅଛନ୍ତି ।

ଶ୍ରୀଯୁତ ରାଜା ସୁବଳଦେବ
। ତ । ବାମଣ୍ଡା ।

---

ଉତ୍କଳଦୀପିକା ତା ୧୮ ରଖ ସେପ୍ଟମ୍ବର
ସନ ୧୮୮୭ ମସିହା ।

---

ବ୍ରହ୍ମରାଜ୍ୟର ସମ୍ବାଦ ପୂର୍ବପ୍ରାୟ ଅଟଇ । ଡକାଏତମାନଙ୍କର ଉତ୍ପାତ ଶାନ୍ତ ହୋଇ ନାହିଁ । ଏକ୨ ସମୟରେ ଏକ୨ ସ୍ଥାନରେ ଇଂରାଜସେନାଙ୍କ ସହିତ ଭେଟ ହେଉଅଛି ଓ ଡକାଇତମାନେ ଅଧିକ ନଷ୍ଟ ପଡୁଥିଲେ ହେଁ ଇଂରାଜଙ୍କ ପକ୍ଷରୁ କୁଇଗୁରଜଣ ହତ ଓ ଆହତ ହେଉଅଛନ୍ତି । କେତେକାଳ ଏପରି ଲାଗି ରହିଥିବ କଛି ବୁଝା ଯାଉ ନାହିଁ ।

---

ଆଇନର ଯଥାର୍ଥ ମର୍ମ ଏବଂ କଲିକତା ହାଇକୋର୍ଟଙ୍କ ନଷ୍ପତ୍ତି ଦୃଷ୍ଟିରେ ବଙ୍ଗୀୟ ଗଭର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ଗଡଜାତର ଫୌଜଦାରୀ ମୋକଦ୍ଦମାମାନ ଗଡଜାତମଧ୍ୟରେ ବିଗ୍ଚାର ହେବ । ମୋଗଲବନ୍ଦରେ ପୂର୍ବେ ଯେମନ୍ତ ବିଗ୍ଚାର ହେଉଥିଲା ସେପରି ହେବ ନାହିଁ । ଏଥିନିମନ୍ତେ ସବୁ ମୋକଦ୍ଦମାର ବିଗ୍ଚାର ନିମନ୍ତେ ଗଡଜାତମଧ୍ୟରେ ବର୍ତ୍ତମାନ ଯୋଡଏ କେନ୍ଦ୍ର ସ୍ଥିର ହୋଇଅଛି ଯଥା ନୀଳଗିରି ଓ ଢେଙ୍କାନାଳ ଏବଂ ବାଲେଶ୍ୱରର କଲେକ୍ଟର ଓ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଗଡଜାତ ଇଲାକା ମୋକଦ୍ଦମା ବୁଝିବା କାରଣ ସେସନଜଜଙ୍କ କ୍ଷମତା ଦିଆଯାଇଅଛି ।

---

ଏଠାରେ ବିଏ ପରୀକ୍ଷା ଗୃହୀତ ହେବାର ମଞ୍ଜୁରୀ କମିଶ୍ନରସାହେବଙ୍କ ଅନୁରୋଧରୁ ହୋଇଥିବାର ଏଥିପୂର୍ବେ ପତ୍ରିକାରେ ଯାହା ପ୍ରକାଶିତ ହୋଇଥିଲା ତାହା ଭ୍ରମ ଥିଲା ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ବିଶ୍ୱସ୍ତସୂତ୍ରରୁ ଅବଗତ ହେଲୁଁ ଯେ ଏହା ଏଠା ପ୍ରିନ୍ସିପଲଙ୍କ ଯତ୍ନରୁ ଏ ଫଳ ସାଧିତ ହୋଇଅଛି । କମିଶନର ସାହେବଙ୍କ ନିକଟକୁ ରିପୋର୍ଟ ଯାଇଥିଲା ସତ୍ୟ କିନ୍ତୁ ତାଙ୍କଠାରୁ ପର ଗବର୍ଣ୍ଣମେଣ୍ଟକୁ ଯିବା ପୂର୍ବରୁ ଏ ଶୁଭସମ୍ବାଦ ଆସିଗଲା ଏଥର ଶ୍ରୀଯୁକ୍ତ ଏଜର ସାହେବ ଓ କମିଶନର ସାହେବମାନେ ବି ଏଲ ଓ ବଡ ଓକାଲତି ପରୀକ୍ଷା ଏଠାରେ ଗୃହୀତ ହେବାର ମଞ୍ଜୁରୀ ଆଣାଇ ଦେଲେ ଓଡିଶାବାସିଙ୍କର ଅବଶିଷ୍ଟ ଅସୁବିଧାମାନ ଦୂର ଯିବ ।

---

କୁଜଙ୍ଗର ଗଣ୍ଡଗୋଳ ଏକପ୍ରକାର ନିକାଶ ହେବାର ଉପାୟ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କ ଆଦେଶମତେ ଫଉଜଦାରୀ କାର୍ଯ୍ୟବିଧିର ୧୪୫ ଧାରା ଅନୁସାରେ ଏଠା ମାଜିଷ୍ଟ୍ରେଟ ମୋକଦ୍ଦମା ଦାଏର କରିଅଛନ୍ତି ଏବଂ ଆଗାମୀ ମାସ ତା ୧୪ରିଖ ତହିଁର ବିଚାର ନିମିତ୍ତ ସ୍ଥିର ହୋଇଅଛି । ଉଭୟପକ୍ଷରୁ ପ୍ରମାଣ ନେଇ ଉକ୍ତ କିଲ୍ଲାରେ ଯେଉଁ ପକ୍ଷ ଦଖଲକାର ଥିବାର ମାଜିଷ୍ଟ୍ରେଟ ସିଦ୍ଧାନ୍ତ କରିବେ ତାହା ଦଖଲରେ କିଲ୍ଲା ରହିବ ଏବଂ ଅପରପକ୍ଷ ତହିଁରେ ଅସମ୍ମତ ହେଲେ ଆପଣା ସ୍ୱତ୍ୱାସ୍ୱତ୍ୱ ଦେୱାନୀ ଅଦାଲତରେ ସ୍ଥିର କରାଇ ନେବେ । ଶୁଣା ଯାଉଅଛି ଏ ମୋକଦ୍ଦମାର ବିଚାର ସମୟରେ କୋର୍ଟ ଅବ ୱାର୍ଡସ୍ ପକ୍ଷରୁ ଆଡ୍‌ଭୋକେଟ ଜେନେରଲ ସାହେବ ଓକିଲ ହୋଇ ଆସିବେ ଏବଂ ମହାରାଣୀଙ୍କ ପକ୍ଷରୁ କେହି କଲିକତା ବାରିଷ୍ଟର ଏଠାକୁ ଆସିବାର ସମ୍ଭାବନା । ତାହା ହେଲେ ଦିନାକେତେ ଏଠା ଫଉଜଦାରୀକଚେରୀରେ ଭିଡ଼ ହେବ । ଦୁଇପକ୍ଷରୁ ବଡ଼ ୨ ବାରିଷ୍ଟର ଆସି ଫଉଜଦାରୀ ଅଦାଲତରେ ମାମଲା ଚଳାଇବାର ଏ କିଲ୍ଲାରେ କେବେ ଦେଖାଯାଇ ନାହିଁ ।

---

ଗିବସନ ସାହେବ ନାମରେ ଏକ [illegible] ଅଧ୍ୟକ୍ଷ ଏକଜଣ କୁଲିନାମରେ ଜାଲ ଦସ୍ତାବିଜ କରିଥିବା ଅପରାଧରେ ହାଇକୋର୍ଟର ବିଚାରରେ ଏକବର୍ଷ କାରାବାସ ଓ ଟ ୨୦୦୦ କା ଅର୍ଥଦଣ୍ଡ ଲଭିଥିବାର ପାଠକମାନେ ଜାଣନ୍ତି । ହାଇକୋର୍ଟଙ୍କ ବିଚାରର ସମାଲୋଚନା ସକାଶେ ଆସାମିପକ୍ଷରୁ ଦରଖାସ୍ତ ହେବାରୁ ପ୍ରଧାନବିଚାରପତି ଏକପୂର୍ଣ୍ଣମିସଲ ବସାଇଲେ । ଏହି ମିସଲରେ ହାଇକୋର୍ଟର ପାଞ୍ଚଜଣ ବିଚାରପତି ବସି ଉଭୟପକ୍ଷର ବାଦାନୁବାଦ ଶ୍ରବଣ କରିସାରିବାରୁ ଏକ ବାକ୍ୟରେ ଧାର୍ଯ୍ୟକଲେ ଯେ ହାଇକୋର୍ଟର ଏକ ମିସଲରେ ଯେଉଁ ଫଉଜଦାରୀ ମୋକଦ୍ଦମା ନିଷ୍ପତ୍ତି ହୋଇଅଛି ତହିଁର ପୁନ ତଦନ୍ତ ହାଇକୋର୍ଟରେ ହୋଇ ନ ପାରେ । ଅବଶ୍ୟ ଏ ବିଚାରରେ ଇଂରାଜମାନଙ୍କର ମନ ମାନୁ ନାହିଁ ମାତ୍ର ବିଚାର ଯେ ଠିକ ହୋଇଅଛି ଏଥିରେ କିଛି ସନ୍ଦେହ ନାହିଁ । ଆଇନରେ ହାଇକୋର୍ଟକୁ ସାନିତଜବିଜ କରିବାର ଅଧିକାର ଦିଆଯାଇ ନାହିଁ । ଅନ୍ୟ ସାମାନ୍ୟ ଫୌଜଦାରୀ ମୋକଦ୍ଦମାରେ ହାଇକୋର୍ଟର ଦୁଇଜଣ ଜଜ ବସି ଯାହା ବିଚାର କରିବେ ତାହା ଯେବେ ପୁନର୍ବାର ବିଚାର କରିବାର ଆବଶ୍ୟକ ହେବ ତେବେ ହାଇକୋର୍ଟର ଗୌରବ କେଉଁଠାରେ ରହିବ ? ଇଂରାଜମାନଙ୍କର ଉଚିତ ଯେ ହାଇକୋର୍ଟର ବିଚାରରେ ଦୋଷ ଦେଖାଇବାର ଚେଷ୍ଟା ନ କରି ଯୁରୀର ବିଚାର ଯେପରି ସର୍ବତ୍ରରେ ପ୍ରବଳ ହେବ ସେଥିର ବ୍ୟବସ୍ଥାପକରେ ଆନ୍ଦୋଳନ କରନ୍ତୁ ତାହା ହେଲେ ସମସ୍ତଙ୍କର ଉପକାର ହେବ ।

---

ପୂର୍ବରୁ ପ୍ରକାଶ ହୋଇଥିବା ବିଜ୍ଞାପନ ଅନୁସାରେ ଗତ ମାସ ତା ୧୫ ରିଖରେ ବାବୁ ଗୋଲକଚନ୍ଦ୍ର ବୋଷଙ୍କ ଜମିଦାରୀମାନ ନିଲାମରେ ଉଠିଲା । ନିଲାମ ଆରମ୍ଭ ହେବା ପୂର୍ବେ ବାବୁଙ୍କ ପକ୍ଷରୁ ମହଲତର ପ୍ରାର୍ଥନା ହୋଇଥିଲା ଓ ମୁଦେଇର ତହିଁରେ ମଞ୍ଜୁରୀ ଥିଲେହେଁ ଅଦାଲତ ମହଲତ ନ ଦେଇ ନିଲାମ ଡାକିବାର ଆଦେଶ ଦେଲେ । ତତଦିନ ପର୍ଯ୍ୟନ୍ତ ନିଲାମ ଡାକ ହୋଇ ଶୁରୁଖଣ୍ଡ ସାନ ଜମିଦାରୀ ପ୍ରାୟ ପଞ୍ଚାଶହଜାର ଟଙ୍କାରେ ବିକ୍ରୟ ହେଲା ଏବଂ ହରିସପୁରର ମଧ୍ୟ ଡାକ ହୋଇଥିଲା । ଏଥିରେ ବାବୁଙ୍କ ପକ୍ଷରୁ ପୁନର୍ବାର ମହଲତର ପ୍ରାର୍ଥନା ହେବାରୁ ଦୁଇମାସ ମହଲତ ଦିଆ ଯାଇଅଛି । ଯେବେ ଏଥିମଧ୍ୟରେ ଦେଣା ପରିଶୋଧର ବନ୍ଦୋବସ୍ତ ନ କରିବେ ତେବେ ଅପର ମହାଲମାନ ନିଲାମ ହୋଇଯିବ । ବାବୁଙ୍କ ସକାଶେ ଏ ନଗରବାସୀ ସମସ୍ତେ ଦୁଃଖିତ ମାତ୍ର ସେ ଯେବେ ଆପଣାବିଷୟ ରକ୍ଷା ନିମିତ୍ତ ଆପେ ଚେଷ୍ଟିତ ନ ହେବେ ତେବେ ତହିଁରେ ଅନ୍ୟର କାହାର ଅଛି । ପୂର୍ବେ ଅନେକଥର ତାହାଙ୍କ ଜମିଦାରୀମାନ ଲାଟବନ୍ଦୀରେ ଉଠିଥିଲା ମାତ୍ର ତହିଁରେ ତାଙ୍କର ଚେତନା ନ ହେବାରୁ ବର୍ତ୍ତମାନ ସରକାର ଯଥାର୍ଥ ବିଚାର ପୂର୍ବକ [illegible] ଜମିଦାରୀ ନିଲାମ କରାଇ ଦେଇ ପୁଣି ଅନୁଗ୍ରହପୂର୍ବକ ତାହାଙ୍କୁ ଅବକାଶ ଦେଲେ । ସରକାରଙ୍କ ଏହି ବିଚାରରେ ସର୍ବସାଧାରଣ ଆନନ୍ଦିତ ହୋଇଅଛନ୍ତି ଏବଂ ଏଥର ଆମ୍ଭେମାନେ ଆଶା କରୁଁ କି ବାବୁ ଏହି ଅବକାଶ ମଧ୍ୟରେ ଦେଣ ଆଦାୟର ସମସ୍ତ ବନ୍ଦୋବସ୍ତ କରିନେବେ ଯେମନ୍ତ କି ତାହାଙ୍କ ସକାଶେ ଅଦାଲତକୁ ଆଉ କଷ୍ଟ ଭୋଗ କରିବାକୁ ହେବ ନାହିଁ ।

---

ରଣପୁରର ଗତବର୍ଷର ବାର୍ଷିକବିଜ୍ଞାପନୀ ଆମ୍ଭେମାନେ ପାଠ କରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ସେଠାର ସୁଯୋଗ୍ୟ ଦେୱାନ ବାବୁ ଗୌରଚନ୍ଦ୍ର ସେନଙ୍କଦ୍ୱାରା ସକଳ ମହକୁମାର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ଏବଂ [illegible] ଉନ୍ନତ ହେଉଥିବାର ଯଥେଷ୍ଟ ପରିଚୟ ଏହି ବିଜ୍ଞାପନୀରୁ ପାଯାଯାଉଅଛି । ଆମ୍ଭମାନଙ୍କ ବିବେଚନାରେ ଏହି ବିଜ୍ଞାପନୀ ଅନ୍ତର ସଂକ୍ଷେପରେ ଲେଖା ହୋଇଥିଲେ ଭଲ ହୋଇଥାନ୍ତା । ମୂଲବିଷୟସମ୍ପର୍କରେ ବକ୍ତବ୍ୟ ଏହି ଯେ ଇଂରାଜୀଶାସନପ୍ରଣାଳୀ ଏତେ ଅଧିକପରିମାଣରେ ଏଠାରେ ପ୍ରବେଶ ହେଉଅଛି ଯେ ଦେଶୀୟସ୍ୱତ୍ୱର କିଛି ମାତ୍ର ଚିହ୍ନ ରହିବ ନାହିଁ ବୋଲି ଶଙ୍କା ହେଉଅଛି । ଅଭି ଦେଶୀୟ ଗଞ୍ଜାଇ ଏକାବେଳକେ ଉଠାଇଦେଇ ସରକାରଙ୍କୁ ଗଞ୍ଜାଇ ଆଣି ବିକ୍ରୟ କରିବାର ଯେଉଁ ପ୍ରସ୍ତାବ ହୋଇଅଛି ଆମ୍ଭମାନଙ୍କମନକୁ ତାହା ରୁଚି ନାହିଁ । ଆପଣାର ବ୍ୟବସାୟ ଲୋପକରି ପରହାତକୁ ଗୁହିଁ ବସିବା ଭଲ ନୁହଇ । ଦେଶୀୟ ଗଞ୍ଜେଇଗଛ ଓ ଅମଲସମ୍ପର୍କରେ ଯେଉଁରୂ ଦୋଷ ଅଛି ତହିଁର ପ୍ରତିବିଧାନ କରିବା ଉଚିତ କିନ୍ତୁ ଏକାବେଳକେ ଲୋପ କରି ଗୋଟିଏ ଉପାୟରୁ ଲୋକଙ୍କୁ ବଞ୍ଚିତ କରିବା ସାଧାରଣମତ ଭିନ୍ନ ଅନ୍ୟ କିଛି ବୋଲିଯାଇ ନ ପାରେ ।

ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଏହି ବାର୍ଷିକ ବିଜ୍ଞାପନୀ ଏ ପତ୍ରିକାର ଅତିରିକ୍ତ ସ୍ୱରୂପ ପ୍ରକାଶିତ ହେଲା ।

---

ସ୍ୱାସ୍ଥ୍ୟସାଧନର ସମାଲୋଚନା ସମ୍ବନ୍ଧରେ ଗତସପ୍ତାହର [illegible] ଦୁଇଜଣ ହିନ୍ଦୁ ଚିକିତ୍ସକଙ୍କ ମତ ପ୍ରକାଶିତ ହୋଇଅଛି ଏବଂ

Digitized by srujanika@gmail.com

ସମ୍ପାଦକ ଲେଖିଅଛନ୍ତି କି ତାହାଙ୍କର ଜଣେ ବନ୍ଧୁ ଉକ୍ତ ମତମାନ ଗ୍ରହଣ କରିଥିଲେ । ବନ୍ଧୁଙ୍କର ନାମ ଲେଖିବାକୁ ଲେଖକଙ୍କର ସାହାସ ହେଲା ନାହିଁ କାରଣ ଉକ୍ତବନ୍ଧୁ ଯେ ସ୍ୱୟଂ ଗ୍ରନ୍ଥକାର ଏହା କହିଦେଲେ ସମାଲୋଚନାର ମୂଲ୍ୟ ରହିବ ନାହିଁ । ଚତୁର୍ଭୁଜବାବୁଙ୍କର ଚତୁରପଣିଆ ଦୃଢ଼ଆଡ଼େ ପ୍ରକାଶ ପାଇଅଛି । ସମ୍ପାଦକ ଶତଚେଷ୍ଟାରେ ତାହା ଲୁଚାଇପାରିବେ ନାହିଁ । ଯେଉଁ ଦୁଇହିନ୍ଦୁଚିକିତ୍ସକଙ୍କର ମତ ପ୍ରକାଶିତ ହୋଇଅଛି ତହିଁମଧ୍ୟରୁ ବାବୁ ଶ୍ୟାମାଚରଣ ଘୋଷଙ୍କର ମତ ହିନ୍ଦୁଧର୍ମବିଷୟରେ କେତେ ମୂଲ୍ୟବାନ୍ ସର୍ବସାଧାରଣ ବିଚାରକରି ପାରିବେ । ଇଂରାଜଡାକ୍ତରୀ ଚିକିତ୍ସା ଯାହାଙ୍କର ବ୍ୟବସାୟ । ଅନ୍ୟଜଣ କବିରାଜ ଫକୀରତ୍ରିପାଠିଙ୍କ ମତ ସମ୍ପର୍କରେ ତାହାଙ୍କର ଖଣ୍ଡିଏ ପ୍ରେରିତପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା ତହିଁରୁ ପାଠକମାନେ ଦେଖିବେ ଯେ ଚତୁର୍ଭୁଜ ବାବୁ ତାହାଙ୍କୁ ଭ୍ରମରେ ପକାଇ ଉକ୍ତପତ୍ର ତାହାଙ୍କଠାରୁ ଲେଖାଇ ନେଇଅଛନ୍ତି । ଚତୁର୍ଭୁଜ ବାବୁଙ୍କୁ ଯେଉଁମାନେ ଚିହ୍ନିଅଛନ୍ତି ତାହାଙ୍କର ଏରୂପ କାର୍ଯ୍ୟରେ ଆଶ୍ଚର୍ଯ୍ୟ ହେବେ ନାହିଁ କିନ୍ତୁ ଏତିକି ଆଶ୍ଚର୍ଯ୍ୟର ବିଷୟ ଯେ ଏତେକଥା ପ୍ରକାଶହେଲା ଉତ୍ତାରୁ ସୁଦ୍ଧା ସେ ମନେ କରୁଅଛନ୍ତି ଯେ ସମ୍ପାଦକରେ ଯାହା ତାହା ପ୍ରକାଶକରି ଅନାୟାସରେ ଲୋକଙ୍କୁ ଠକିପାରିବେ ଏବଂ ଏତେକଥା ଉତ୍ତାରୁ ବିଦ୍ୱାନ୍ ଓ ବିବେଚକ ଲୋକମାନେ ଯେ ସମ୍ପାଦକର ସାହାଯ୍ୟ କରୁଅଛନ୍ତି ଏହା ଅଦ୍ଭୁତ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ଅଟଇ ।

---

ଏଠା ମିଉନିସିପାଲ୍ସ୍କୁଲର ପୁରସ୍କାର ବଣ୍ଟନସମୟରେ ଅଧିକାଂଶ ବାଳିକାମାନଙ୍କ ନାମରେ ଦାସୀ ଉପାଧି ଯୋଗ ହେବାର ଶୁଣି ଅମ୍ଭମାନଙ୍କୁ ବଡ଼ ଚମତ୍କାର ବୋଧ ହେଲା । ବାଳିକାଙ୍କ ମଧ୍ୟରେ ଅଧିକାଂଶ ଶୂଦ୍ର ଥିଲେ ତହିଁରେ ସନ୍ଦେହ ନାହିଁ । ବଙ୍ଗଦେଶରେ କାୟସ୍ଥଜାତୀୟ ସ୍ତ୍ରୀମାନଙ୍କ ନାମରେ ଦାସୀ ଉପାଧି ଯୋଗ ହେବାର ସାଧାରଣ ବିଧି ଅଛି । ମାତ୍ର ଅନ୍ୟାନ୍ୟ ଶୂଦ୍ରାଣୀଙ୍କ ନାମରେ ସେହି ଉପାଧିଯୋଗ ହୁଅଇ କି ନାହିଁ କହି ନ ପାରୁଁ । ଉତ୍କଳରେ ବ୍ରାହ୍ମଣୀଙ୍କ ନାମରେ ଦେବୀ ପଦ ଏବଂ କରଣ ଖଣ୍ଡାଏତ ପ୍ରଭୃତି ଉଚ୍ଚଶ୍ରେଣୀ ସ୍ତ୍ରୀମାନଙ୍କଠାରେ ଦେଇ ପଦ ବ୍ୟବହାର ହେବାର ସାଧାରଣ ବିଧି ବୋଲି ସରକାରୀ କାଗଜପତ୍ର ଏବଂ ଅନ୍ୟାନ୍ୟ ଲେଖ ପଢ଼ିବାରୁ ପ୍ରକାଶ ପାଉଅଛି । ମାତ୍ର ଦାସୀପଦ କାହାର ନାମରେ ଯୋଗ ହେବାର ଅମ୍ଭେମାନେ ଅବଧି ଦେଖି ନାହୁଁ । କେବଳ ଏତିକି ବୁଝିଅଛୁଁ ଯେ ଶ୍ରାଦ୍ଧକ୍ରିୟା ସମୟରେ ବ୍ରାହ୍ମଣ ଛଡ଼ା ପ୍ରାୟ ଅନ୍ୟାନ୍ୟ ସମସ୍ତ ଜାତୀୟ ସ୍ତ୍ରୀମାନଙ୍କ ନାମରେ ଦାସୀ ପଦ ପ୍ରୟୋଗ ହୁଅଇ । ଯେଉଁ କାରଣରୁ ମୃତା ସ୍ତ୍ରୀ ନାମରେ ଦାସୀ ପଦ ବ୍ୟବହାର ହୁଅଇ ସେହି କାରଣରୁ ଜୀବିତା ସ୍ତ୍ରୀଙ୍କ ପ୍ରତି ସେରୂପ ବ୍ୟବହାର ହୋଇ ପାରେ କି ନା ପଣ୍ଡିତମାନେ ତହିଁର ବିଚାର କରିବେ ମାତ୍ର ବ୍ୟବହାର ହେବାର ଅମ୍ଭେମାନେ ଶୁଣି ନାହୁଁ । ବାସ୍ତବରେ ଓଡ଼ିଶାରେ ଦାସୀ ପଦଟା ବଡ଼ ନ୍ୟୂନ କଥା ଏବଂ ସେବାଦାସୀ ଜାତି ଭିନ୍ନ ଅନ୍ୟ କୌଣସି ଶୂଦ୍ର ତାହା ବ୍ୟବହାର କରିବାକୁ ପ୍ରୀତିସମ୍ପନ୍ନ ହେବେ ନାହିଁ । ଉତ୍କଳର କରଣ ଖଣ୍ଡାଏତ ପ୍ରଭୃତି ଆପେ ଶୂଦ୍ର ବୋଲି ସ୍ୱୀକାର କରନ୍ତି ନାହିଁ । ସେମାନେ ଅପଣାକୁ କ୍ଷତ୍ରିୟ ବୋଲି ପରିଚୟ ଦିଅନ୍ତି ଓ ସେହିକାରଣରୁ ସେମାନଙ୍କ ସ୍ତ୍ରୀମାନେ ଦେଇପଦ ଯାହା କି ଦେବୀପଦର ଅପଭ୍ରଂଶ ବୋଲି ଅନୁମାନ ହେଉଅଛି ବ୍ୟବହାର କରନ୍ତି । ଏ ସ୍ତ୍ରୀମାନଙ୍କର ଅନ୍ୟ ଉପାଧି ସାନ୍ତାଣୀ ସୁତରାଂ ଦାସୀ ପଦ ଏମାନେ କଦାଚ ଗ୍ରହଣ କରିବାକୁ ସମ୍ମତା ହେବେ ନାହିଁ । ଏପରି ସ୍ଥଳେ ମିଉନିସିପଲ ବିଦ୍ୟାଳୟର ବାଳିକାଙ୍କ ନାମରେ ଦାସୀ ପଦ ଏତେ ସାଧାରଣ ରୂପେ କିପରି ବ୍ୟବହୃତ ହେଲା ତହିଁର କାରଣ କିଛି ବୁଝା ଯାଉ ନାହିଁ । ପାଠକମାନଙ୍କ ମଧ୍ୟରୁ କେହି ଏଥିର ସଦୁତ୍ତର ପ୍ରଦାନ କଲେ ଅମ୍ଭେମାନେ ଅତ୍ୟନ୍ତ ବାଧିତ ହେବୁଁ ।

---

ସନ ୧୮୮୫।୮୬ ସାଲର ସରକାରୀ ମକଦ୍ଦମାର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ଉକ୍ତ ବର୍ଷ ନ ୧୦୦୮ ମୁର ସରକାରୀ ମୋକଦ୍ଦମା ଫଇସଲ ହୋଇଥିଲା ତହିଁମଧ୍ୟରୁ ୫୭୬ ନମ୍ବର ସରକାରଙ୍କପକ୍ଷରେ ଏବଂ ୯୬ନମ୍ବର କିସ୍ତି ବିପକ୍ଷରେ ହୋଇଥିଲା ଅବଶିଷ୍ଟ ୩୪୦ ନମ୍ବର ରଫା ଦସ୍ତବରଦାରୀ ଓ ସାନ ଇତ୍ୟାଦିରୂପେ କିସ୍ତି ହୋଇଥିଲା । ଏଫଳ ନିତାନ୍ତ ମନ୍ଦ ବୋଲି ଯାଇ ନ ପାରେ ମାତ୍ର ଉକ୍କାଳାରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟଇ । ନଜ ସରକାରୀ ମୋକଦ୍ଦମାରେ ସରକାରଙ୍କ ପାଉଣା ୭ଲକ୍ଷଟଙ୍କାର ଅଧିକ ଥିବାସ୍ଥଳେ କେବଳ ଦ୧୨ହଜାର ଟଙ୍କା ଉସୁଲ ଏବଂ କୋର୍ଟ ଅବ ୱାର୍ଡସ ଏଲାକା ମୋକଦ୍ଦମାରେ ୯ଲକ୍ଷ ଟଙ୍କାର ଅଧିକ ପାଉଣା ଥିବାସ୍ଥଳେ କେବଳ ଦେଢ଼ଲକ୍ଷ ଟଙ୍କା ଉସୁଲ ହୋଇଥିଲା । ଏଫଳ ଅତ୍ୟନ୍ତ ଅସନ୍ତୋଷକର ଅଟଇ ଏବଂ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଏପରି ଅବସ୍ଥା ହେଣଦାରଙ୍କୁ କଏଦଦାୟରୁ ମୁକ୍ତ ଦେବାର ପ୍ରସ୍ତାବପକ୍ଷରେ ପ୍ରତିବନ୍ଧକ ବୋଧ ହେଉଅଛି । ରେବନ୍ୟୁବୋର୍ଡ ଏସମ୍ବନ୍ଧରେ କେତେଗୁଡ଼ିଏ ଉପାୟ କରିବାର ପ୍ରସ୍ତାବ କରିଅଛନ୍ତି ଏବଂ ସେ ସମସ୍ତ ହାଇକୋର୍ଟଙ୍କ ବିବେଚନା ନିମିତ୍ତ ପଠା ଯାଇଅଛି । ଲେଫ୍ଟନଣ୍ଟ ଗବର୍ଣ୍ଣର କହିଅଛନ୍ତି ଯେ ସାର୍ଟିଫିକଟ ମୋକଦ୍ଦମାର କଲେକ୍ଟରମାନେ ଡିକ୍ରୀ ଆଦାୟ କାର୍ଯ୍ୟ ଭଲରୂପେ କରୁଅଛନ୍ତି ମାତ୍ର ଦେୱାନୀ ଅଦାଲତରେ ସେପରି ହେଉ ନାହିଁ । ଏଥିରୁ ଜଣା ଯାଉଅଛି ଯେ କଲେକ୍ଟରମାନେ ଅଧିକ ତେଜସ୍କରରୂପେ କାର୍ଯ୍ୟ କରୁଅଛନ୍ତି ମାତ୍ର ଦେୱାନୀ ଅଦାଲତର ବିଚାରକର୍ତ୍ତାମାନେ ଡିକ୍ରୀ ଉତ୍ତାରୁ ଅନ୍ୟ ସମସ୍ତ କାର୍ଯ୍ୟକୁ ତେତେ ପ୍ରଧାନ ବୋଲି ଜ୍ଞାନ କରନ୍ତି ନାହିଁ ଏବଂ ଡିକ୍ରୀଜାରୀକର୍ମ ଯାହାଙ୍କ ହାତରେ ଅଛି ସେମାନଙ୍କ ସଂଖ୍ୟା ଊଣା ଥିବାରୁ ଉକ୍ତ କାର୍ଯ୍ୟ ନିର୍ବାହ କରି ପାରୁ ନାହାନ୍ତି । ଅମ୍ଭମାନଙ୍କ ବିବେଚନାରେ ଡିକ୍ରୀଜାରୀଦ୍ୱାରା ଟଙ୍କା ଆଦାୟ କରିବା ବଡ଼ କଷ୍ଟ ଓ ବ୍ୟୟସାଧ୍ୟବ୍ୟାପାର । ଲୋକେ ମର ପଡ଼ ଆପଣାକାର୍ଯ୍ୟ କରନ୍ତି ବୋଲି କୌଣସିମତେ କିଛି ଆଦାୟ କରନ୍ତି । ସରକାର ସେପରି ବ୍ୟୟ କରିବେ ନାହିଁ ସୁତରାଂ ତାହାଙ୍କ ପାଇଁ ଏତେ କଷ୍ଟ ସ୍ୱୀକାର କରିବ ? ଗବର୍ଣ୍ଣମେଣ୍ଟ ଅପଣା କଥାରୁ ବୁଝି ଯେବେ ଡିକ୍ରୀଜାରୀର ବିଶେଷ ସୁବିଧା କରିପାରିବେ ତେବେ ସମସ୍ତଙ୍କପକ୍ଷରେ ବଡ଼ଭଲ ହେବ ।

---

ସନ ୧୮୮୫ ସାଲରେ ବଙ୍ଗଦେଶର ବ୍ୟକ୍ତିବିଶେଷଙ୍କ ବ୍ୟୟରେ ଯେଉଁ ସାଧାରଣହିତକର କାର୍ଯ୍ୟମାନ ହୋଇଅଛି ତହିଁର ଖଣ୍ଡିଏ ତାଲିକା କଲିକତାଗେଜେଟରେ ବାହାରିଅଛି । ଗବର୍ଣ୍ଣମେଣ୍ଟ ଏ ସମ୍ପର୍କରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରେ ଲେଖାଅଛି କି ସନ ୧୮୮୩ ସାଲରେ ଟ ୨୧୭୧୪୬୯ ଙ୍କା ସନ ୧୮୮୪ ସାଲରେ ଟଁ ୫୧୧୮୫୫୯ ଙ୍କା ଓ ସନ ୧୮୮୫ ସାଲରେ

ଟ ୪୭୮୪୫୦୯ ଙ୍କା ଏପ୍ରକାର କାର୍ଯ୍ୟରେ ବଙ୍ଗଳାର ଲୋକମାନେ ବ୍ୟୟ କରିଅଛନ୍ତି । ଶେଷଲିଖିତ ବର୍ଷରେ ନଦୀୟା ଜିଲ୍ଲାରେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ଟ ୫୮୬୪୦୯ ଙ୍କାର କତି? କାର୍ଯ୍ୟମାନ ହୋଇଅଛି । ତହିଁ ଉଲେ ରାଜଶାହିରେ ୬୫ ହଜାର ପାଟନାରେ ୬୬୫ ହଜାର ମୁଙ୍ଗେରରେ ୨୫୫ ହଜାର ଏବଂ ବର୍ଦ୍ଧମାନରେ ପ୍ରାୟ ୨୨ ହଜାର ଟଙ୍କାର କାର୍ଯ୍ୟ ହୋଇଅଛି । ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ପୁଷ୍କରିଣୀ ଓ କୂପ ଖୋଳାଇବାରେ ଅଧିକ ଅର୍ଥାତ୍ ପ୍ରାୟ ୪ଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ଏଥିରୁ ଦେଖାଯାଉଅଛି ଯେ ଜଳଦାନକୁ ଏତଦ୍ଦେଶୀୟଲୋକମାନେ ଅଧିକ ପୁଣ୍ୟକାର୍ଯ୍ୟ ବୋଲି ଜ୍ଞାନ କରନ୍ତି । ଓଡ଼ିଶାରେ କଟକଜିଲ୍ଲାବାସି କେହି କଛି ବଡ କାର୍ଯ୍ୟ କରିନାହିଁ । କେବଳ ଟ୨୫ଙ୍କା ମୂଲ୍ୟର କ୍ଷୁଦ୍ରକାର୍ଯ୍ୟ ହୋଇଥିବାର ଲିଖିତ ଅଛି । ପୁରୀରେ ଖୋର୍ଦ୍ଧାଥାନା ଏଲକାର ରଘୁନାଥ ଦାସ ୫ ୨୦୦ ଙ୍କା ବ୍ୟୟରେ ଗୋଟିଏ ପୁଷ୍କରିଣୀ ଖୋଳାଇ ଦେଇଅଛି ଆଉ ଟ୨୫ଙ୍କା ମୂଲ୍ୟର କ୍ଷୁଦ୍ରକାର୍ଯ୍ୟ କେହି୨ କରିଅଛନ୍ତି । କେବଳ ବାଲେଶ୍ୱର ଏବର୍ଷରି ଜାଲକାରେ ଓଡ଼ିଶାର ମହତ୍ତ୍ୱ ରଖିଅଛି । ସେଠାରେ ଉଲଲିଖିତ ବ୍ୟକ୍ତିମାନେ ତାହାଙ୍କନାମ ପାର୍ଶ୍ୱଲିଖିତ ବ୍ୟୟରେ ଏକ୨ ପୁଷ୍କରିଣୀ ଖୋଳାଇ ଦେଇଅଛନ୍ତି । ଯଥା;

ଦୈତାର ଯେନା ବାଲିଭୁଟ । ପ୍ର । କମର୍ଦାସ୍ପୁର ଟ ୬୮୪ ଙ୍କା ବାଏନ ମାହାନ୍ତ କାଲନୁ । ପ୍ର । କମର୍ଦାସ୍ପୁର ଟ ୨୦୬ ମଦନପାଢ଼ ବାଲିସ୍ୱାପଦା । ପ୍ର । ଲୁଣଖଣ୍ଡ ଟ ୨୫୦ ରାଧାକାନ୍ତ ବଲରାମନଗର ଟ ୬୦୦ ରଘୁନାଥଦାସ ଭଙ୍ଗାପଟୀ । ପ୍ର । ବାଧାସ ୫ ୫୫୦ ପଦ୍ମଲୋଚନ ଚକ୍ରବର୍ତ୍ତୀ ଚନ୍ଦନନଗର । ପ୍ର । ଅଗରୁଜେୟା ଟ ୩୦୦ ଭାଇଗମଣ ପଉସାହି । ପ୍ର । ଢେଡ଼ା ଟ ୨୦୦ ହରଚନ୍ଦ୍ର ଜହା ଶଙ୍କରପୁରୁ । ପ୍ର । ଗଣ୍ଡ୍ରେୟା ଓରଗଡ଼ା ୫ ୫୦୦ ଏପର ମହମ୍ମଦରୌସୁପଦ ମିଶି ଟ ୪୨୫୯ ଙ୍କା ବ୍ୟୟରେ ଖନକାଲରେ ଗୋଟିଏ କୂଅ ଏବଂ ଅନ୍ୟାନ୍ୟଲୋକମାନେ ଟ ୧୩୦୦୯ ଙ୍କା ବ୍ୟୟରେ ସାମାନ୍ୟ୨ କାର୍ଯ୍ୟମାନ କରିଛନ୍ତି ।

---

ଭୁଜଙ୍ଗ ସମ୍ପର୍କରେ ବର୍ଦ୍ଧମାନର ଗତ ବାର୍ଷିକ ରିପୋର୍ଟରେ ଲେଖାଅଛି ଯେ ମହାରାଜା ମହତାବଚନ୍ଦ ଆପଣା ଜୀବଦଶାରେ ଆପଣା ସ୍ତ୍ରୀ ମହାରାଣୀ ନାମରେ କେତେଖଣ୍ଡ ମହାଲ କିଣିଥିଲେ । ଶେଷ ମହାରାଜା ଅଫତାବଚନ୍ଦଙ୍କ ମୃତ୍ୟୁ ହେବାରୁ ଉକ୍ତ ସ୍ତ୍ରୀ ମହାରାଣୀ ସେ ସବୁ ମହାଲକୁ ଆପଣାର ସ୍ୱାଧୀନ ସମ୍ପତ୍ତି ବୋଲି ଦାବୀ କରି ଦଖଲ ନେବାର ଚେଷ୍ଟା କଲେ । ଯେହେତୁ ମହାରାଣୀ କୌଣସିକାଳେ ଏଥିରେ ପ୍ରକୃତ ଦଖଲକାର ନ ଥିଲେକ ଏଥିର ଲାଭ ଭୋଗ କରୁ ନ ଥିଲେ ଏବଂ ଉକ୍ତ ମହାଲ ସବୁ ତାହଙ୍କୁ ଦିଆଯାଇଥିବାର କୌଣସି ପ୍ରକାରର ଦସ୍ତାବଜ ଦେଖାଇ ପାରିଲେ ନାହିଁ ଅତଏବ କୋର୍ଟଅବୱାର୍ଡସ୍ ତାହାଙ୍କ ଦାବୀର ପ୍ରତିବାଦ କରି ତାହାଙ୍କ ନାମରେ ବେନାମି ଖରିଦ ହୋଇଥିବାର ଜ୍ଞାନ କରୁଅଛନ୍ତି । ଏବଂ ଏପରି ବେନାମି ଖରିଦର ଅନେକ ଉଦାହରଣ ଉକ୍ତ ରାଜବଂଶର ଇତିହାସରେ ବିଦ୍ୟମାନ ରହିଅଛି । ଏହି ସବୁ ମହାଲର ବର୍ତ୍ତମାନ ଅବସ୍ଥା ଅତ୍ୟନ୍ତ ଅସନ୍ତୋଷକର ଅଟଇ ଏବଂ ବୋର୍ଡ ଓ ଗବର୍ଣ୍ଣମେଣ୍ଟରୁ କୌଣସି ଶେଷ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଏହିପରି ରହିଥିବ ।

ବର୍ଦ୍ଧମାନର କମିଶ୍ନର ଲୋଇସ ସାହେବଙ୍କ ଉପରଲିଖିତ ମନ୍ତବ୍ୟ ପାଠ କରି ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର କହିଅଛନ୍ତି କ ସେ ଅନେକଦିନ ହେଲା ଏହି ବିବାଦ ନିଷ୍ପତ୍ତି କରିବାକୁ ଚେଷ୍ଟା କରୁଅଛନ୍ତି । ଏ ବିବାଦର ମୂଳକାରଣ ବେନାମି ଅଟଇ କ ଯାହା ପ୍ରକୃତ ସ୍ୱତ୍ୱବାନ୍ ଲୋକଙ୍କୁ ଲୁଚାଇ ରଖି ମାମଲା ତାତ କରଇ ବୋଲି ପୁନଃ୨ ଜଣାଇ ହୋଇଅଛି । ଏହି ବିବାଦ ଆପଣାମଧ୍ୟରେ ଭାଙ୍ଗିଦେବାର ନ୍ୟାୟସଙ୍ଗତ ପ୍ରସ୍ତାବ କେହି ଉପସ୍ଥିତ କଲେ ଗବର୍ଣ୍ଣମେଣ୍ଟ ମନୋଯୋଗ ପୂର୍ବକ ତାହା ଶ୍ରବଣ କରିବେ ଏବଂ ଯେବେ ମହାରାଣୀ ଦେବାନୀ ଅଦାଲତର ନିଷ୍ପତ୍ତି ମାନିବାକୁ ସମ୍ମତ ହେବେ ତେବେ ଯେ କିଛି ମୋକଦ୍ଦମା କରିବାର ତାହାଙ୍କର ଇଚ୍ଛା ହେବ ତହିଁର ଖର୍ଚ୍ଚା ଗବର୍ଣ୍ଣମେଣ୍ଟ ଦେବାକୁ ସମ୍ମତ ଅଛନ୍ତି ବୋଲି ତାହାଙ୍କୁ ଜଣାଇ ଦେଇଅଛନ୍ତି ।

ଯେତେବେଳେ ଗବର୍ଣ୍ଣମେଣ୍ଟ ଉପରଲିଖିତ ମନ୍ତବ୍ୟ ପ୍ରକାଶ କରିଥିଲେ ତେତେବେଳେ ଭୁଜଙ୍ଗ ଓ ଅନ୍ୟାନ୍ୟ ସେହିପରି ମହାଲର ବିବାଦ ଆପଣା ମଧ୍ୟରେ ଭାଙ୍ଗିଦେବାର କଥା ହେଉଥିଲା । ମାତ୍ର ବର୍ତ୍ତମାନ ଜଣା ଯାଉଅଛି ଯେ ମହାରାଣୀ ତହିଁରେ ସମ୍ମତା ହେଲେ ନାହିଁ । ମହାରାଣୀ ବରାବର ଦଖଲକାର ଥିବାର ଦାବୀ କରନ୍ତି ଏବଂ ଯେବେ କୋର୍ଟ ଅବ ୱାର୍ଡସ୍ଙ୍କ ଜାଣିବାରେ ସେ ଅନ୍ୟାୟପୂର୍ବକ ଦଖଲ କରୁଅଛନ୍ତି ତେବେ ଉକ୍ତ କୋର୍ଟ ଅଦାଲତକୁ ନ ଯାଇ ମହାରାଣୀ କାହିଁକି ଯିବେ ଓ ଗବର୍ଣ୍ଣମେଣ୍ଟ କାହିଁକି ତାହାଙ୍କ ଖର୍ଚ୍ଚା ଦଅଇବେ ଏ କଥା ଆମ୍ଭେମାନେ ବୁଝି ପାରିଲୁ ନାହିଁ । ଆମ୍ଭମାନଙ୍କ ବିବେଚନାରେ କୋର୍ଟ ଅବ ୱାର୍ଡସ୍ଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କର ସମ୍ପୂର୍ଣ୍ଣ ଅଧିକାର ଥିବାସ୍ଥଳେ ସେହି କୋର୍ଟକୁ ନାଲିଶ କରିବାକାରଣ ଗବର୍ଣ୍ଣମେଣ୍ଟଙ୍କର ପରାମର୍ଶ ଦେବା ଉଚିତ ହେଉଅଛି ଏବଂ ପ୍ରଥମରୁ ସେହି ପରି ହୋଇଥିଲେ ଏତେସବୁ କଥା ବଢ଼ନ୍ତା ନାହିଁ ।

---

## ମିଶ.ଓିଅର ବ୍ୟବସ୍ଥା ।

ମିଶ୍ୟାସିଅର ଆଇବାର ବନ୍ଦକରିବା କାରଣ ଗବର୍ଣ୍ଣମେଣ୍ଟ ଯେଉଁ ଅଇନର ପାଣ୍ଡୁଲିପି ବାହାରକରି ଅଛନ୍ତି ତଦ୍ୱାରା ବିଶେଷ ଉପକାର ହେବାର ସମ୍ଭାବନା ଦଶୁ ନାହିଁ । ଉକ୍ତ ପାଣ୍ଡୁଲିପି ବଙ୍ଗୀୟ ସନ ୧୮୭୬ ସାଲର ୪ଅଇନକୁ ସଂଶୋଧନ କରିବା ଉଦ୍ଦେଶରେ ବାହାର ଅଛି । ଏଥିରୁ ଉକ୍ତ ୪ ଅଇନ କଲିକତା ମିଉନିସିପାଲିଟିର ଆଇନ ଅଟଇ କଲିକତାନଗର ଛଡା ଅନ୍ୟ କୌଣସିଠାରେ ତାହା ପ୍ରଚଳିତ ନାହିଁ । ସୁତରାଂ ଉକ୍ତ ଆଇନ ସଂଶୋଧିତ ହେଲେ କେବଳ କଲିକତାବାସିମାନେ ତହିଁର ଫଳଭୋଗ କରିବେ । ମୋଫସଲବାସିମାନଙ୍କର ତହିଁରେ କିଛି ଉପକାର ହେବ ନାହିଁ । ମାଶ ମିଶ୍ୟାସିଅଘଟିତ ଗୁହାର ସମସ୍ତ ଭାରତବର୍ଷରୁ ହେଉଅଛି । କେବଳ କଲିକତାରେ ତାହା ବନ୍ଦହେଲେ କ ହେବ । ଆମ୍ଭମାନଙ୍କ ବିବେଚନାରେ ଭାରତୀୟଗବର୍ଣ୍ଣମେଣ୍ଟରୁ ଏଥିର ବ୍ୟବସ୍ଥା ହେବା ଆବଶ୍ୟକ ଏବଂ ଯେସ୍ଥଳେ ବ୍ୟବସ୍ଥାପକସଭାଗର ନିୟମାନୁସାରେ ନୂତନଆଇନ ଗୋଟିଏ ହେବା ସମୟସାପେକ୍ଷ ସେସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଯେ ହନୁପେଟ୍ଟ ଅଟଙ୍କ ପ୍ରସ୍ତାବମତେ ଆପାତତଃ ଗୋଟିଏ ନିଷେଧାଜ୍ଞା ପ୍ରଚାର କରନ୍ତୁ । ଏପରେ ଆଇନ ଜାରିହେଲେ ତାହା ରହିତ ହେବ ଏବଂ ଆଇନ ଜାରିହେବା ପର୍ଯ୍ୟନ୍ତ ଲୋକେ କୌଣସି କଷ୍ଟ ଭୋଗକରିବେ ନାହିଁ ।

ଉପରଲିଖିତବିଷୟ ଲେଖିବା ଉତ୍ତାରୁ

Split by PDF Splitter



ଦେଶୀୟବ୍ୟବସ୍ଥାପକସଭାର ଗତସପ୍ତାହ ଶୁକ୍ରବାର ଅଧିବେଶନରେ ମିଶାଘିଅ ସମ୍ପର୍କରେ ଯେଉଁ ତର୍କ ବିତର୍କ ହୋଇଥିଲା ତହିଁର ବିବରଣ ପାଠ କଲୁଁ । ଉକ୍ତ ସଭାର ଦେଶୀୟ ସଭ୍ୟମାନେ ଏକବାକ୍ୟରେ କହିଲେ ଯେ କେବଳ କଲିକତା ସକାଶେ ବ୍ୟବସ୍ଥା କଲେ ବିଶେଷ ଫଳ ହେବ ନାହିଁ । ମୋଫସଲ ନିମନ୍ତେ ବ୍ୟବସ୍ଥା କରିବାର ଉଚିତ ଏବଂ ମାନ୍ୟବର ବାବୁ ଆନନ୍ଦମୋହନ ବୋଷ ପ୍ରସ୍ତାବ କଲେ ଯେ ସିଲେକ୍ଟକମିଟୀରେ ଏହି ଆଇନର ପାଣ୍ଡୁଲିପି ବିଚାର ହେବା ସମୟରେ ଉକ୍ତ କମିଟୀ ଏ ଆଇନକୁ ମୋଫସଲରେ ଜାରି କରିବା କଥା ବିବେଚନା କଲେ ଭଲ ହେବ । ଏଥିକୁ ମାନ୍ୟବର ହାଚ୍ଚିସନ ସାହେବ ଉତ୍ତର ଦେଲେ ଯେ କଲିକତାରେ ପ୍ରଥମେ ମିଶାଘିଅକଥା ପ୍ରକାଶ ହେଲା ଏବଂ ସେଠା ମିଉନିସିପଲ ଆଇନରେ ଏହିପ୍ରକାର ଅପରାଧର ଦଣ୍ଡବିଧାନ କରିବାର କୌଣସି ଉପାୟ ନ ଥିବାରୁ ସର୍ବପ୍ରଥମେ କଲିକତାମିଉନିସିପଲଆଇନକୁ ସଂଶୋଧନ କରିବାର ଆବଶ୍ୟକ ହୋଇଅଛି । ସିଲେକ୍ଟକମିଟୀ ମାନ୍ୟବର ବସୁଙ୍କ ପ୍ରସ୍ତାବମତେ ଏହି ଆଇନକୁ ମୋଫସଲରେ ଜାରି କରିବା ବିଷୟ ବିବେଚନା କରିପାରନ୍ତି ମାତ୍ର ଦୁର୍ଗାପୂଜା ବନ୍ଦ ପୂର୍ବରେ ସେତେ ବିସ୍ତାରିତ ଆଇନ ଜାରି କରିବାକୁ ସମୟ ନାହିଁ । ପୂଜା ଉତ୍ତାରୁ ତହିଁର ଚେଷ୍ଟା କରାଯିବ । ସେ ଆହୁରି ବୁଝାଇଦେଲେ ଯେ ଏପ୍ରକାର ଗୁରୁତର ବିଷୟରେ ଏହି କ୍ଷୁଦ୍ର ଆଇନଟି ପ୍ରଚାର କରି କ୍ଷାନ୍ତ ରହିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ନୁହଇ । ଏଥିରୁ ପାଠକମାନେ ବୁଝିବେ ଯେ ଗବର୍ଣ୍ଣମେଣ୍ଟ ମିଶାଘିଅ ପରି ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟରେ ଗୋପନଭାବରେ ଅପରଦ୍ରବ୍ୟ ମିଶାଇ ଲୋକଙ୍କୁ ଠକାଇବା ଅପରାଧକୁ ଦମନ କରିବା ସକାଶେ ଯଥୋଚିତଜାଗର୍ତ୍ତ ହୋଇ ଅଛନ୍ତି ଏବଂ ଏଥିପାଇଁ ମାନ୍ୟବର ସର ଟାମସନ ସାହେବ ପ୍ରଶଂସାର ଯୋଗ୍ୟ ଅଟନ୍ତି । ଆହୁରି ସୁଖର ବିଷୟ ଯେ ଏହି ସଭାରେ ଆଡଭୋକେଟ ଜେନେରଲ ସାହେବ ସ୍ପଷ୍ଟ ସ୍ୱୀକାର କରିଅଛନ୍ତି ଯେ ଚର୍ବିମିଶାଘିଅ ବଙ୍ଗଳାର ଲୋକଙ୍କ ସ୍ୱାସ୍ଥ୍ୟପକ୍ଷରେ ହାନିକର ଅଟଇ ଏବଂ ଯେଉଁମାନେ ହାନିକର ନ ଥିବାର କହୁଅଛନ୍ତି ସେମାନେ ଭଣ୍ଡ ବା ପଶ୍ଚିମା ବଳବାନ୍ ଲୋକଙ୍କ ଧାତୁକୁ ଲକ୍ଷ କରୁଅଛନ୍ତି । ବଙ୍ଗାଳି-ମାନେ ଚର୍ବି ଜୀର୍ଣ୍ଣ କରିପାରିବେ ନାହିଁ ସୁତରାଂ ଅଜୀର୍ଣ୍ଣରୁ ଯେ ସମସ୍ତ ରୋଗ ହୁଅଇ ଚର୍ବିମିଶାଘିଅ ବ୍ୟବହାରରେ ତାହା ହେବ ।

---

# ସାପ୍ତାହିକ ସଂବାଦ ।

ଆଜ କଚେରି ଶେଷଭାଗରୁ ଦଶହରା ପର୍ବ ଉପଲକ୍ଷରେ ଅଦାଲତକଚେରି ବନ୍ଦହେବ ଏବଂ ଆସନ୍ତା ଅକ୍ଟୋବର ମାସ ତା ୩୦ ରଖ ଶନିବାର ଦିନ ଫିଟିବ । ଏବର୍ଷ ଏଠା-ହାକିମମାନେ କେହି ଛୁଟୀ ନେଇ ନାହାନ୍ତି । ଓକିଲଙ୍କ ମଧ୍ୟରୁ ଏକପଂକ୍ତି ଗତମଙ୍ଗଳବାର ଚାହାର ଗଲେଣି ଆଉ କେହି୨ ଏ ସପ୍ତାହରେ ଯିବେ ।

କଲେକ୍ଟରି ଓ ଅନ୍ୟାନ୍ୟ କଚେରିମାନ ଆସନ୍ତା ଶନିବାର-ଠାରୁ ଉକ୍ତ ଦିନ ସହିତ ଦି ୧୨ ନ ବନ୍ଦହେବ ଓ ଅକ୍ଟୋବର ମାସ ତା ୧୪ ରଖରେ ଫିଟିବ ।

ଗତ ସୋମବାର ପର୍ଯ୍ୟନ୍ତ ଏଠାରେ ପ୍ରଚୁରବୃଷ୍ଟି ହେଲା ଉତ୍ତାରୁ କେତେକଦିନ ଖରାପାଗ ହୋଇଅଛି ।

ଆମ୍ଭମାନଙ୍କ କମିଶନର ସାହେବ ଗତ ଶନିବାର ଦିବସ ଢେଙ୍କାନାଳକୁ ଗମନ କରିଅଛନ୍ତି । ସେଠାରେ ଗଡଜାତରା ଦଉରମୋକଦମା ବୁଝିବା ତାଙ୍କର ଏ ଯାତ୍ରାର ଉଦ୍ଦେଶ୍ୟ ।

ଏବର୍ଷ ଦଶହରାରେ ଘୋଡଦୌଡ଼ ହେବାର ଅନେକ ଉଦ୍ୟମ ଲାଗିଅଛି ।

ଗତ ସପ୍ତାହର ବୃଷ୍ଟିରେ ମହାନଦୀ ଓ ତହିଁର ଶାଖାମାନ ସାମାନ୍ୟପ୍ରକାର ବଢ଼ିଥିଲା । କୁଆଖାଇରେ ଜଳ ଯିବାରୁ କେତେଖଣ୍ଡ କାଠ ବାଉଁଶ ଭେଳା ବାହାରି ଯାଇଅଛି । ଏହିବର୍ଷା ଓଡ଼ିଶାର ଉତ୍ତର ଓ ପୂର୍ବଅଞ୍ଚଳରେ ଅଧିକ ହୋଇଥିବାରୁ ବ୍ରାହ୍ମଣୀ ଓ ବୈତରଣୀ ନଦୀମାନ ବିଶେଷ ବୃଦ୍ଧି ହୋଇଥିଲା ଓ ସେହିକାରଣରୁ କଲିକତାର ଡାକ ବିଳମ୍ବରେ ଆସିଥିଲା ।

ଏଜିଲ୍ଲାର ସୁଙ୍ଗଡ଼ାନିବାସି ସଏଦମଜହର ଅଲି ନାମରେ ଏକବ୍ୟକ୍ତି ଏଠା ମୁନସଫିର ନାଜର କର୍ମ ଗତ ପ୍ରାୟ ବର୍ଷେ ହେବ ଅନୁଦ୍ଦେଶ ହୋଇଥିଲେ । ଏଥିମଧ୍ୟରେ ସେ ବଙ୍ଗଳା ଓ ପଶ୍ଚିମରେ ଅନେକସ୍ଥାନ ଭ୍ରମଣ ଓ ହକିମି ଚିକିତ୍ସା ଇତ୍ୟାଦିଦ୍ୱାରା ନାମ କରି ସମ୍ପ୍ରତି ଏନଗରକୁ ଫେରିଆସି ହକିମ ଚିକିତ୍ସା ଆରମ୍ଭ କରିଅଛନ୍ତି । ଏ ବ୍ୟକ୍ତି ପାରସୀରେ ବଡ ବିଦ୍ୱାନ୍ ଏବଂ କହିବା ବୋଲିବାରେ ବଡ ପଟୁ । ଏଥିମଧ୍ୟରେ ହାକିମ ହୁକୁମା ଓ ଭଦ୍ରଲୋକଙ୍କ ସଙ୍ଗେ ଆଳାପ ପରିଚୟ କରିଅଛନ୍ତି । ଏହାଙ୍କ ଚିକିତ୍ସାର ଫଳ ବିଶେଷରୂପେ ଜଣାପଡି ନାହିଁ । ହକିମିଛଡା ଆହୁରି ଅନେକ ହୁନରତ ଜାଣିବାର ବ୍ୟକ୍ତ କରନ୍ତି । ଯାହା ହେଉ ଓଡ଼ିଶାର ଏକବ୍ୟକ୍ତି ବଙ୍ଗଳାରେ ଛଇଶବର୍ଷ ରହି ଭଦ୍ରଲୋକଙ୍କଠାରୁ ପ୍ରଶଂସାପତ୍ର ଆଣିବା ସୁଖରବିଷୟ ଅଟଇ ।

କଲିକତାଗେଜେଟ ।

ବନାରସ ଓ କଟକ ପ୍ରସ୍ତ ରେଲ ଓଏ ସରଭେର ଏକଜିକ୍ୟୁଟିଭ ଇଞ୍ଜିନିୟର ଏ ଫଏଲ ଡିକନ୍ସ ସାହେବ ଏକମାସର ଛୁଟୀ ପ୍ରାପ୍ତ ହୋଇଛନ୍ତି ।

ମହାନଦୀବିଭାଗର ଅସିଷ୍ଟେଣ୍ଟ ଇଞ୍ଜିନିୟର ମିଃ ଏଚ କ୍ଲାର୍କ ସାହେବ ତିନମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱର ଜିଲ୍ଲା ଶିକ୍ଷାବିଭାଗର ଡେପୁଟି ଇନସ୍ପେକ୍ଟର ବାବୁ ପ୍ୟାରୀମୋହନ ସେନ୍ ତା ୧୦ ରଖ ସେପ୍ଟେମ୍ବର ମାସରୁ ଅବା ଯେଉଁ ଦିବସରୁ ଗ୍ରହଣ କରିବେ ସେହି ଦିବସରୁ ତିନମାସରଛୁଟୀ ପ୍ରାପ୍ତ ହୋଇଛନ୍ତି ଓ ତାଙ୍କକାର୍ଯ୍ୟରେ ଉତ୍କଳ ଶିକ୍ଷାବିଭାଗର ସବ୍ ଇନ୍ସପେକ୍ଟର ଦ୍ୱାରକାନାଥ ଘୋଷ ନିଯୁକ୍ତ ହୋଇଅଛନ୍ତି ।

ଭୂପାଳର ବେଗମଙ୍କ ସ୍ଥାପିତ ବୃତ୍ତି ପ୍ରଦାନପାଇଁ ଯେଉଁ କମିଟୀ ନିଯୁକ୍ତ ହୋଇଛନ୍ତି ସେମାନେ ନଭେମ୍ବର ମାସରେ ଏକଜଣକୁ ବୃତ୍ତି ପ୍ରଦାନ କରିବେ । ଉମେଦବାରମାନେ ଶିକ୍ଷାବିଭାଗର ରେଜିଷ୍ଟ୍ରରଙ୍କ ନିକଟକୁ ନଭେମ୍ବର ମାସ ତା ୧୦ ରଖ ପୂର୍ବରୁ ଦରଖାସ୍ତ ପ୍ରେରଣ କରିବେ । ଦରଖାସ୍ତକାରୀମାନେ ମୁସଲମାନ ଓ କଲିକତାବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ ହୋଇଥିବେ ଓ ବୟସ ବି ୨୫ ବର୍ଷରୁ ଊଣା ହୋଇଥିବ ଯେଉଁ ବ୍ୟକ୍ତି ବୃତ୍ତି ପାଇବ ସେ ବିଲାତକୁ ଯାଇ ପାଠ ପଢ଼ିବ ।

---

ମୁସଲମାନମାନଙ୍କ ଗତ ବକରିଦ୍‌ପର୍ବଦିନ ଅମ୍ବାଲା ଓ ଲୁଧିଆନାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭୟାନକ ବିବାଦ ଘଟିଥିଲା । ଅମ୍ବାଲରେ ଗୋଲମାଲର କାରଣ ଏହି ଯେ ଗୋମାଂସର ଗାଡି ନଗର ଭିତରକୁ ଅଣା ହୋଇଥିବାରୁ ହିନ୍ଦୁମାନେ ତିନିଦିବସପର୍ଯ୍ୟନ୍ତ ସେମାନଙ୍କ ସ୍ୱ୨ ଦୋକାନ ବନ୍ଦ କରିଦେଇଥିଲେ । କର୍ତ୍ତୃପକ୍ଷମାନେ ଉକ୍ତ ସ୍ଥାନକୁ ଯାଇ ପାଠିଏଜଣଙ୍କୁ ଗ୍ରେପ୍ତାର କରିଥିଲେ । ଲୁଧିଆନାରେ ଏତଦପେକ୍ଷା ବେଶି ଭୟଙ୍କର ହୋଇଥିଲା । ଏକ ଗୋରୁକୁ ସାଧାରଣଙ୍କ ସମ୍ମୁଖରେ ହତ୍ୟାକରା ହୋଇଥିଲା । ତତ୍‌କ୍ଷଣାତ୍ ବିବାଦ ଉପସ୍ଥିତ ହେଲା ଅନେକ ହିନ୍ଦୁ ହତ୍ୟା ହୋଇଥିଲେ ଦୋକାନସବୁ ଲୁଟ ହୋଇଥିଲା ଓ ଦୋକାନଦାରମାନଙ୍କ ଖାତାବହିମାନଙ୍କୁ କୂପମଧ୍ୟରେ ନିକ୍ଷିପ୍ତ କରାଯାଇଥିଲା — ଉଭୟସ୍ଥାନର କର୍ତ୍ତୃପକ୍ଷମାନେ ଏପର୍ଯ୍ୟନ୍ତ କୌଣସି ହୁକୁମ ଦେବାକୁ ସକ୍ଷମ ହୋଇ ନାହାନ୍ତି ।

ଶ୍ରୀମତୀ ଆନନ୍ଦୀବାଈ ଯୋଷୀ ଆଗତ ଅକ୍ଟୋବର ମାସରେ ଆମେରିକା ତ୍ୟାଗକରିବେ ଓ ନଭେମ୍ବର ମାସ ଶେଷଭାଗରେ ଏଠାରେ ପହୁଞ୍ଚିବାର ଆଶା କରାଯାଏ ।

ବ୍ରହ୍ମଦେଶରେ ସଭ୍ୟତା ଅତିଶୀଘ୍ର ବିସ୍ତାରିତ ହେବାର ଆଉ ବିଳମ୍ବ ନାହିଁ ବ୍ରିଟିଶ୍‌ରାଜ୍ୟଭୁକ୍ତ ହେବା ସଙ୍ଗେ୨ ପାନୀୟଦ୍ରବ୍ୟର ଆବଶ୍ୟକତା ଏ ଦେଶରେ ବୃଦ୍ଧି ହେବାର ଦୃଷ୍ଟି ହୁଏ । ସନ ୧୮୮୪।୮୫ ମସିହାରେ ଟ ୫୬୭୦୦ ଙ୍କାର ମଦ ବିକ୍ରୟ ହୋଇଥିଲା ସନ ୧୮୮୫।୮୬ ମସିହାରେ ଟ ୧୧୬୮୪୭ ଙ୍କାର ହୋଇଅଛି । ବ୍ରିଟିଶଶାସନ ସଙ୍ଗେ୨ ବାଇବଲ ଓ ବ୍ରାଣ୍ଡି ସମକକ୍ଷରେ ପ୍ରଚାରିତ ହେଉଅଛି ।

ଥିବ ରତ୍ନଗିରିରୁ ସ୍ଥାନାନ୍ତରିତ ହେବାପାଇଁ ଭାରତଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିଥିଲେ ଓ ତହିଁସଙ୍ଗେ ତାଙ୍କ ରାଜ୍ୟ ପୁନଃ ପ୍ରାପ୍ତ ହେବାପାଇଁ ସୁଦ୍ଧା ପ୍ରାର୍ଥନା କରିବାକୁ ଛାଡ଼ି ନାହାନ୍ତି ।

ସୋନପୁରର ପଲଟେଣ ମଇଦାନରେ ପ୍ରାୟ ଜ ୧୫୦ ଏ ବୈରାଗୀ ଅବସ୍ଥାନ କରିବାର କଥିତ ହୁଏ ସେମାନଙ୍କ ମଧ୍ୟରୁ କେତେକ ଗୃହପାଖରେ ଅଗ୍ନି ରଖି ତାହାର ଉତ୍ତାପ ସହ୍ୟ କରି ମୁଦ୍ଧା ଈଶ୍ୱର ଆରାଧନା କରୁଅଛନ୍ତି କେତେକ ବୃକ୍ଷରୁ ମସ୍ତକକୁ ନିମ୍ନଭାଗ କରି ଓ କେତେକ ଏକପାଦରେ ଦଣ୍ଡାୟମାନ ହୋଇ ସୂର୍ଯ୍ୟ ଆଡ଼କୁ ଦୃଷ୍ଟି କରି ଆରାଧନା କରୁଅଛନ୍ତି । ସେଠାର ଜଣେ ଓକିଲ ଘୋଡା ପିନ୍ଧି ସେମାନଙ୍କ ପରିସ୍ଥାନମଧ୍ୟକୁ ଯିବାରୁ ସେମାନଙ୍କର ଜଣେ କଣ୍ଟୁଲିଆ ପ୍ରସ୍ତୋର କରିବାର କଥିତ ହୁଅଇ । ଏପରି ଘଟିବାରେ ଆଶ୍ଚର୍ଯ୍ୟ କିଛି ନାହିଁ ।

ବୋମ୍ବାଇ ବିଶ୍ୱବିଦ୍ୟାଳୟରେ ଯେପରି ବର୍ଷକରେ ଦୁଇ ଥର ପ୍ରବେଶିକା ପରୀକ୍ଷା ହେବ ତହିଁର ଚେଷ୍ଟା ହେଉଅଛି ।

Digitized by srujanika@gmail.com

Split by PDF Splitter

330



ଶୁଣା ଯାଉଅଛି ଯେ ବାବୁ ଲାଲମୋହନ ଘୋଷ ଶୀଘ୍ର ବିଲାତରୁ ଭାରତକୁ ପ୍ରତ୍ୟାଗମନ କରୁଅଛନ୍ତି । ଯଦ୍ୟପି ସେ ଏଥର ପାର୍ଲିୟାମେଣ୍ଟରେ ସଭ୍ୟ ହୋଇପାରିଲେ ନାହିଁ ତଥାପି ଆଶା କରାଯାଉଅଛି ଯେ ସେ ଅନ୍ୟଥର ନିର୍ବାଚିତ ହୋଇ ପାରିବେ ।

ଗ୍ଲାଡଷ୍ଟୋନ ସାହେବ ଇଜିପ୍ଟରୁ ପ୍ରତ୍ୟାଗମନ କରି ଲଣ୍ଡନରେ ପାର୍ଲେଲ ସମ୍ବନ୍ଧ ତର୍କବିତର୍କରେ ଯୋଗ ପ୍ରଦାନ କରିବେ ଏହିପରି ଅଭିପ୍ରାୟ ପ୍ରକାଶ କରିଅଛନ୍ତି ।

ବହରମ ପୁର କଲେଜର ଉଦ୍ଧାରମନ୍ତ୍ରେ ଶ୍ରୀମତୀଅନ୍ନଦା-କାଳୀଦେବୀ ପନ୍ଦର ହଜାର ଟଙ୍କା ଓ ମହାରାଣୀ ସ୍ୱର୍ଣ୍ଣମୟୀ ମଧ୍ୟ ପ୍ରଚୁର ଅର୍ଥସାହାଯ୍ୟ ଦାନ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ଏମାନଙ୍କ ବଦାନ୍ୟତା ଅନୁକରଣୀୟ ।

ବର୍ଥି ସାହେବ ଆନୁପମ ବାବୁଙ୍କୁ ଅଦାଲତର ସମ୍ମୁଖରେ ପ୍ରହାର କରିବାରୁ ଆନୁପମ ସାହେବଙ୍କୁ ଉତ୍ତମ ମଧ୍ୟମ ପ୍ରଦାନ କରି ତାଙ୍କନାମରେ ନାଲିଶ ମଧ୍ୟ କରିଥିଲେ । ବିଚାରରେ ସାହେବଙ୍କର ଏକ ଶତ ଟଙ୍କା ଅର୍ଥଦଣ୍ଡ ହୋଇଅଛି ଆନୁପମ ଯଥାର୍ଥ ପୁରୁଷ ତ୍ୱ ଦେଖାଇ ଅଛନ୍ତି ।

## ଯାଜପୁର ସମ୍ବାଦ ।

ଗତ ସପ୍ତାହରୁ ପ୍ରଚୁର ପରିମାଣରେ ବୃଷ୍ଟି ହେଉଥିବାରୁ ଫସଲ ଅବସ୍ଥା ଏକପ୍ରକାର ଉତ୍ତମ ଅଛି ମାତ୍ର ଏ ବର୍ଷ କ୍ଷେତ-ରେ ଅବଧି ନଦୀଜଳ ପ୍ରବେଶ ନ କରିବାରୁ କିଛି ଅନିଷ୍ଟ ହେବାର ସମ୍ଭବ । ଗତ ସଂକ୍ରାନ୍ତି ଦିନୁ ପ୍ରବଳ ବିଶେଷ ପରିମାଣରେ ଜଳବୃଷ୍ଟି ହେଉଅଛି ବୈତରଣୀ ନଦୀ ମଧ୍ୟ ବୃଦ୍ଧି ହେଉଅଛି । ବର୍ତ୍ତମାନ ପୂର୍ବାପେକ୍ଷା ଧାନ ସୁଲଭ ବିକ୍ରୀ ହେଉଅଛି । ବର୍ତ୍ତମାନ ଏ ନଗରରେ ଜ୍ୱର ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି ।

ଏ ବର୍ଷ ଏ ନଗରରେ ଅନ୍ୟୂନ କୋଡ଼ିଏ ମୂର୍ତ୍ତି ଗଣେଶ-ପ୍ରତିମା ପୂଜା ପ୍ରାପ୍ତ ହୋଇଥିଲେ ମାତ୍ର ଅନ୍ୟାନ୍ୟ ବର୍ଷ ପରି ଉକ୍ତ ପୂଜାର ଉପଲକ୍ଷ୍ୟ ନୃତ୍ୟାଦି ଓ ମଲ୍ଲଯୁଦ୍ଧ ଇତ୍ୟାଦି-କାର୍ଯ୍ୟରେ ଲୋକମାନଙ୍କର ବିଶେଷ ସ୍ପୃହା ଓ ଉତ୍ସାହ ଦେଖା ଗଲା ନାହିଁ । ଏ ବର୍ଷ ଶସ୍ୟାଦି ଦୁର୍ମୂଲ୍ୟତା ଓ ଲୋକମାନଙ୍କର ଦୁରବସ୍ଥା ଏଥିର କାରଣ ଅନୁମାନ ହୁଏ ।

ଗତ ସୁନିଆଁ ଦିନ ପୂର୍ବ ବର୍ଷ ପରି ତୋଫାନ ହେବାର ଆଶଙ୍କା କରି ଲୋକମାନେ ଭୀତ ହୋଇଥିଲେ ଓ ସେ ସମୟରେ କତିପୟ ଲକ୍ଷଣମାନ ଅନୁଭୂତ ହେଉଥିଲା ଶ୍ରୀ ଈଶ୍ୱରଙ୍କ କୃପାରେ କିଛି ମାତ୍ର ଦୁର୍ଘଟଣା ହୋଇ ନାହିଁ ।

ଆମ୍ଭମାନଙ୍କ ସବ୍‌ଡିଭିଜନଲ ଅଫିସର ମଫସଲ ଭ୍ରମଣ ସକାଶ ଗତତ ମାସ ତା ୧୧ ରଖରେ ମଧ୍ୟ ଗମନ କରୁ ଯାଇଥିଲେ ତା ୨୪ ରଖରେ ଏ ସ୍ଥାନକୁ ଫେରି ଆସିଅଛନ୍ତି ।

ଏଠା ହାଇ ସ୍କୁଲର ମାଷ୍ଟରମାନେ ଅନ୍ୟାନ୍ୟ ଭଦ୍ରଲୋକ କେତେକ ଜଣ ପ୍ରତ୍ୟେକ ରବିବାର ସ୍କୁଲଗୃହରେ ଲିଟରରି କ୍ଲବ (Literary club) ନାମଧେୟ ଏକ ସଭା ସ୍ଥାପନ କରିଅଛନ୍ତି ଗତ ସପ୍ତାହ ମିଟିଂରେ ଶ୍ରୀଯୁକ୍ତ ଡିପୋଟୀ ବାବୁ ଓ ମୁନସଫ ବାବୁ ପ୍ରଭୃତି ଆମନ୍ତ୍ରିତ ହୋଇ ଉପସ୍ଥିତ ଥିଲେ ଶ୍ରୀଯୁତ ବାବୁ ହରିଦାସ ଦେ ହେଡ଼ ମାଷ୍ଟର ଏଡୁକେସନ Education ସମ୍ବନ୍ଧେ ଏକ ସୁଦୀର୍ଘ ପ୍ରବନ୍ଧ essay ଇଂରାଜୀଭାଷାରେ ପାଠ କରିବାରୁ ଶ୍ରୋତାବର୍ଗ ସନ୍ତୋଷ କଲେ ଫଳତଃ ଏ କ୍ଲବ ଚିରସ୍ଥାୟୀ ହେଲେ ତଦ୍ଦ୍ୱାରା ଅବଶ୍ୟ ମଙ୍ଗଳ-ସାଧନ ହୋଇପାରେ ।

---

## ପ୍ରେରିତପତ୍ର ।

**ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା-ସମ୍ପାଦକ ମହାଶୟ ।

ସମୀପେଷୁ

ମହାଶୟ ?

ବିଦ୍ୟାଧରପୁରନିକଟସ୍ଥ କଣ୍ଟାପୁର ଗ୍ରାମ ଅନ୍ତର୍ଗତ ଅପରିଷ୍କାର ଥିବା ପ୍ରଯୁକ୍ତ ଲୋକମାନଙ୍କର ଗମନାଗମନର କଷ୍ଟ ହେଉଅଛି । ଏବଂ ଅନେକଲୋକ ପୀଡ଼ାବସ୍ଥାରେ ପତିତ ହେଉଅଛନ୍ତି । ଆଉ ମଧ୍ୟ ଗ୍ରାମବାସିମାନେ ଅର୍ଥାଭାବଯୋଗରୁ ଏହି ଗ୍ରାମ ପରିଷ୍କାର କରିବାକୁ ଅକ୍ଷମ ।

ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ମାଜିଷ୍ଟ୍ରେଟ ସାହେବ ଯେଥିପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ୍ଭେମାନେ ଉପକୃତ ହେବୁଁ । ଇତି

୨୦।୯।୮୨ } ଶ୍ରୀ କୃଷ୍ଣମୋହନ ପଣ୍ଡା କଟକ ନର୍ମାଲ
କଟକ } ସ୍କୁଲ ବିଦ୍ୟାଳୟ ୨ୟବର୍ଷୀୟଛାତ୍ର

ଏବିଷୟରେ ଗ୍ରାମବାସିମାନଙ୍କର କଲେକ୍ଟରସାହେବଙ୍କ ନିକଟରେ ଦରଖାସ୍ତ କରିବାର ଉଚିତ ତାହା ହେଲେ ରୋଡ଼ସେସଫଣ୍ଡରୁ ଉପଯୁକ୍ତ ଟଙ୍କା ମଞ୍ଜୁର ହୋଇପାରିବ । ଗ୍ରାମପରିଷ୍କାର ବିଷୟ ମାଜିଷ୍ଟ୍ରେଟଙ୍କ ହାତରେ କୌଣସି ପାଣ୍ଠିଥିବାର ଆମ୍ଭମାନଙ୍କୁ ଜଣା ନାହିଁ । ସମ୍ପାଦକ

---

ମହାଶୟ ?

ଆମ୍ଭେ ଏହି ସପ୍ତାହ ଅର୍ଥାତ୍ ଚଳିତ ଆଶ୍ୱିନମାସ ତା ୪ ରଖ ସମ୍ବାଦପତ୍ରରେ ଆମ୍ଭର ସ୍ୱାକ୍ଷରିତ ଲିଖିତ ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଥିବା ଦେଖି କେତେକ ଭିନ୍ନ ମନରେ ଉଦୟ ହେବାରୁ ପୁନଶ୍ଚ ଏ ପତ୍ର ପ୍ରକାଶ କଲୁଁ ଏଥିପୂର୍ବେ ଶ୍ରୀ ଚତୁର୍ଭୁଜ ବାବୁ ତାଙ୍କ ଶରୀରର ଚିକିତ୍ସା କରିବା ବିଷୟରେ ଆମ୍ଭଙ୍କୁ ଡକାଇ-ଥିଲେ । ତାଙ୍କ ଭୃତ୍ୟ ସ୍ୱାସ୍ଥ୍ୟସାଧନର ଉପାୟ-ପୃଷ୍ଠା ଶ୍ରୀ ବାବୁମହାଶୟ ପଢ଼ି ଆମ୍ଭଙ୍କୁ ପ୍ରଶ୍ନ କଲେ କି ରୋଗଗ୍ରସ୍ତ ସ୍ଥଳରେ ଚିକିତ୍ସା ଅବଲମ୍ବନ କଲେ ହିନ୍ଦୁଧର୍ମ ପ୍ରତି କି ବାଧା ଘଟେ ? ଆମ୍ଭେ କହିଲୁଁ ରୋଗଗ୍ରସ୍ତ ସମୟରେ ଚିକିତ୍ସା ଆଶ୍ରୟ କରିବା କୌଣସି ଧର୍ମ ପ୍ରତି ବାଧା ନାହିଁ । ସେ କହିଲେ ଭୁମ୍ଭମାନଙ୍କର ପକ୍ଷ କଅଣ ସେଠାରୁ ଆମ୍ଭେ ଲେଖିଦେଲୁଁ ମଧ୍ୟ ରୋଗ-ଜନିତ ବିଧାନର ଏକ ଶ୍ଲୋକ ଲେଖିଦେଲୁଁ ସେହି ଶ୍ଲୋକ ଅନେକାଂଶରେ ଅଶୁଦ୍ଧ ହୋଇ ସମ୍ବାଦପତ୍ରରେ ବାହାରି ଅଛି । ଶ୍ଲୋକଃ ଯଥା—

ସର୍ବେଷା ମେବ ରୋଗାଣାଂ ନିଦାନଂ କୁପି-ତା ମଲାଃ । ତତ୍ପ୍ରକୋପସ୍ୟତୁ ପ୍ରୋକ୍ତଂ ବିବିଧା-ହିତସେବନଂ । କାରଣମିତ୍ତ ଶେଷଃ ।

ଏ ବିଷୟରେ ଆମ୍ଭଲେଖିବାର କାରଣ ଏହି ଯେ ରୋଗଗ୍ରସ୍ତ ସମୟରେ ଦେବାର୍ଚ୍ଚନା-ଦିକୁ କୁସଂସ୍କାର ବୋଲିବା ଏମନ୍ତ ଆମ୍ଭର ଅଭିପ୍ରାୟ ନୁହେ । ଦେବାର୍ଚ୍ଚନା ଓ ଚିକିତ୍ସା ଉଭୟ ଅବଲମ୍ବନ କରିବା କର୍ତ୍ତବ୍ୟ । ଆମ୍ଭେ ଉଭୟ ମତ ସ୍ୱୀକାର କରୁଅଛୁଁ । କେହି ଭାବନ୍ତି ଚିକିତ୍ସା ଅବଲମ୍ବନ କରି ଦେବାର୍ଚ୍ଚନାଦିକୁ ନିନ୍ଦା କରିବା ଏମନ୍ତ ଆମ୍ଭର ମତ ନୁହେ । ରୋଗ-ଜନିତ ସମୟରେ ଦେବାର୍ଚ୍ଚନାଦି ଓ ଗ୍ରହପୂଜା ଓ ଚିକିତ୍ସା ଏମାନ ଆଶ୍ରୟ କରି କେହି ମୁକ୍ତି ଲାଭ କରନ୍ତି କେହି କାଳକବଳରେ ପତିତ ହୁଅନ୍ତି । ସର୍ବସାଧାରଣଙ୍କ ଜ୍ଞାତ କାରଣ ପୁନଃ ପ୍ରକାଶ କଲୁଁ ଇତି ।

ଶ୍ରୀ ଫକୀର ତ୍ରିପାଠୀ
କବିରାଜ

---

ମହାଶୟ !

"ସଂସ୍କାରକ"ଙ୍କ ସଂସ୍କାରବିଷୟରେ ଆପଣ ସର୍ବଦା ଜାଗର୍ତ୍ତ ଥିବା ପ୍ରତ୍ୟକ୍ଷ ଅଛି ଆମ୍ଭେ-ମାନେ ମଧ୍ୟ ସେହିକାର୍ଯ୍ୟରେ ଅଗ୍ରସର ହେଲୁଁ ।

"ସଂସ୍କାରକ" ଦେଶସଂସ୍କାର କରିବାକୁ ବାହାରି, ଆପଣାମୁଣ୍ଡରେ ଏତେ 'ଅଳଅ' ଲଗାଉଅଛନ୍ତି ଯେ ତାହା ସଂସ୍କାର କରିବା-ନିମିତ୍ତ ସାଧାରଣଙ୍କ ଚକ୍ଷୁ ଆକୃଷ୍ଟ ହେଉଅଛି । ଏଭଳି ସଂସ୍କାରକ ଦେଶ ସଂସ୍କାର କିଂବା ଦୂରେ-ଥାଉ—ବରଂ ଅଧିକ ପରିମାଣରେ ଲୋକମା-ନଙ୍କୁ କୁସଂସ୍କାରରେ ପକାଇ ହରବର କରୁ-ଅଛନ୍ତି । ଏହି ଅବତରଣିକାର ଗୋଟିଏ ଘଟନା ଆଜ ଆମ୍ଭେମାନେ ପାଠକବର୍ଗଙ୍କ ସମ୍ମୁଖରେ ଉପସ୍ଥିତ କରୁଅଛୁଁ ।

କତିପୟ ଦିବସ ପୂର୍ବେ "ସଂସ୍କାରକ" ରେ, ଉଗି-ଉଅ ରାଜାଙ୍କ ସମ୍ପର୍କରେ 'ଗଜେନ୍ଦ୍ର ପ୍ରଭୃତି ନଅଜଣ ପ୍ରଜା' ଙ୍କ ସ୍ୱାକ୍ଷରିତ ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଥିଲା ; ମାତ୍ର ଗଜେନ୍ଦ୍ରପ୍ରଭୃତି, ସେହି ପତ୍ରର ପ୍ରକୃତଲେଖକ ନ ଥିବାର ବ୍ୟକ୍ତକରି "ସଂସ୍କାରକ" ନାମରେ ନାଲିଶ କରିବାନିମିତ୍ତ ଏ ନଗରକୁ ଆସିଅଛନ୍ତି । "ସଂସ୍କାରକ" ସମୟେ ୨ ଆମ୍ଭମାନଙ୍କୁ ଯେପରି ଆଦର୍ଶ ଦେଖାଇଅଛନ୍ତି, ତହିଁରେ ଗଜେନ୍ଦ୍ର-ପ୍ରଭୃତିଙ୍କ ଆପତ୍ତିର ଯଥାର୍ଥ କାରଣ ଥିବା-ପକ୍ଷରେ ଆମ୍ଭମାନଙ୍କ ବିସ୍ମୟର ଲେଶ ହେଉ-ନାହିଁ । ଶୁଣାଗଲା, ରାଜା ମହୋଦୟ ଏ ବିଷୟରେ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ

Digitized by srujanika@gmail.com

ଏବଂ ସମ୍ପାଦକଙ୍କର "ଗୋତ୍ତାମର ସମ୍ପାଦକ" ଚତୁର୍ଭୁଜ ପଟ୍ଟନାୟକଙ୍କ ନିକଟକୁ ପତ୍ର ଲେଖି ଅଛନ୍ତି । ସମ୍ପ୍ରତି ନନ୍ଦକିଶୋର ବାବୁ ଓ ଚତୁର୍ଭୁଜ ବାବୁଙ୍କ ମଧ୍ୟରେ ଏ ବିଷୟରେ କିରୂପ କଥୋପକଥନ ଚଳୁଅଛି—ତାହା ପଶ୍ଚାତ୍ ପ୍ରକାଶ ପାଇପାରେ ; କିନ୍ତୁ ଆମ୍ଭେମାନେ ଅବଗତହେଲୁଁ ଯେ ଆପତ୍ତିକାରମାନଙ୍କ ଦାବି ଯଥାର୍ଥ ଥିବାର ଓ ଚତୁର୍ଭୁଜ ବାବୁ ତତ୍ସମ୍ବନ୍ଧରେ ଏରୂପ ଭ୍ରମାତ୍ମକ କାର୍ଯ୍ୟ କରିଥିବାର ଏଥିମଧ୍ୟରେ ଏକପ୍ରକାର ପ୍ରକାଶ ପାଇଗଲାଣି, ଏବଂ ସମ୍ପାଦକ ଯେଉଁ ପତ୍ର ପାଇଅଛନ୍ତି ସେ ତାହା ରାଜାଙ୍କ ନିକଟକୁ ପ୍ରେରଣ କରିବେ । ଅପରିଚିତବ୍ୟକ୍ତିର ପତ୍ର ପ୍ରକାଶ କରିବା ପ୍ରଥମତଃ ଗୋଟିଏ ମହତ୍ଦୋଷ, ପୁନଶ୍ଚ ସେହିପତ୍ର ରାଜାଙ୍କ ନିକଟକୁ ପଠାଇବା ଯେ ରାଜ୍ୟର ଲୋକମାନଙ୍କ ପକ୍ଷେ କିରୂପ ଶୁଭଦାୟକ, ତାହା ପାଠକବର୍ଗଙ୍କର ସହଜ ବିବେଚନାସିଦ୍ଧ । ଏହିରୂପ କାର୍ଯ୍ୟ କି ସମ୍ପାଦକତାର ସବଳତା ଏବଂ କର୍ତ୍ତବ୍ୟପରାୟଣତାର ଚିହ୍ନ ଅଟେ ? ଏମନ୍ତ ଅନିଷ୍ଟକାରକ ପତ୍ରିକା ଯେପରି ଶୀଘ୍ର ବନ୍ଦ ହୁଏ, ତହିଁର ଚେଷ୍ଟା କରିବା ନିତାନ୍ତ ପ୍ରୟୋଜନ । ଇତି ।

୨୨।୯।୮୬ } ଜଣେ ଭ୍ରମ-ସଂସ୍କାରକ
କଟକ }

---

### ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଦ୍ୱାରକାନାଥମିତ୍ର | କଟକ | ବକେୟା | ଟ ୩ |
| „ ଜଗତବନ୍ଧୁଘୋଷ | „ | „ | ଟ ୨ |
| „ ହରମୋହନରାୟ | „ | „ | ଟ ୨ |
| „ ଶିବଚନ୍ଦ୍ରପଟ୍ଟନାୟକ | „ | „ | ଟ ୯ |
| „ କିନବନ୍ଧୁମହାନ୍ତି | „ | „ | ଟ ୩ |
| ସବ୍ଡିଭିଜନଲ ଅଫିସର୍ ଯାଜପୁର | ଅଗ୍ରିମ | | ଟ ୫ ୩ |
| ଗୋକୁଳାନନ୍ଦ ଚୌଧୁରୀ | | ବକେୟା | ଟ ୨ |
| ଯେ, ଭି, ରାଜସାହେବ | | „ | ଟ ୮ ୰ |
| ବାବୁ ଦ୍ୱାରକାନାଥମିତ୍ର [illegible] | | | ଟ ୨୦ |

---

# ବିଜ୍ଞାପନ ।

---

# ଦୁର୍ଗାପୂଜା ।

ଏହି ମହାପର୍ବ ଉପଲକ୍ଷରେ ବାବୁ ଆରତବଲଭ କର କମ୍ପାନି ନାନା ପ୍ରକାର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଓ ବିଳାସ ଦ୍ରବ୍ୟ କଲିକତାରୁ ନୂତନ ଅମଦାନି କରି ଅପଣାଙ୍କ ଗ୍ରାହକମଣ୍ଡଳୀ ଏବଂ ଅପରବ୍ୟକ୍ତିମାନଙ୍କୁ ସେ ସବୁ ଦେଖିବା ନିମିତ୍ତ ଚୌଧୁରୀବଜାର ବାବୁ ଗୌରିଶଙ୍କର ରାୟଙ୍କ ବସା ନିକଟ ଦୋକାନକୁ ସବିନୟ ଅହ୍ୱାନ କରୁଅଛନ୍ତି । ସମସ୍ତ ଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ସୁଲଭ ପ୍ରମାଣେ ଧାର୍ଯ୍ୟ ହୋଇଅଛି । କ୍ରେତାମାନେ ଥରେ ପରୀକ୍ଷା କଲେ ବୁଝି ପାରିବେ ।

---

ଚଳିତମାସ ତା ୨୭ ରିଖ ସୋମବାର ଦିନ ଅପରାହ୍ଣ ଘ ୫॥ ସମୟରେ ଟାଉନ ସ୍କୁଲ ଗୃହରେ ମହାତ୍ମା ରାଜା ରାମମୋହନରାୟଙ୍କ ସାମ୍ବତ୍ସରିକ ମୃତ୍ୟୁ ଦିବସ ସ୍ମରଣାର୍ଥ ଗୋଟିଏ ବିଶେଷ ସଭାର ଅଧିବେଶନ ହେବ, ଅତଏବ ନିବେଦନ ସମସ୍ତେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ହୋଇ ବାଧିତ କରିବେ ।

୨୩।୯।୮୬ } ନିବେଦକ
କଟକ } ଶ୍ରୀ ସାଧୁଚରଣ ରାୟ ।

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ମ୍ୟୁନିସିପାଲଟୀ ବାଳିକାବିଦ୍ୟାଳୟମାନଙ୍କରେ ନିମ୍ନଲିଖିତ କାର୍ଯ୍ୟମାନ ପ୍ରସ୍ତୁତ ହେଉଅଛି । ଯେଉଁମାନଙ୍କର ସେ କାର୍ଯ୍ୟମଧ୍ୟରୁ ଯାହା ପ୍ରସ୍ତୁତ କରାଇବାର ଆବଶ୍ୟକ ସେମାନେ ଲୁଗା ଓ ସୂତା ଓ ଯେଉଁ କାର୍ଯ୍ୟ କରାଇବେ ତାହାର ମାପ ବାଳିକାବିଦ୍ୟାଳୟର ହେଡ୍ପଣ୍ଡିତଙ୍କ ଜିମା ଦେଲେ ନିର୍ଦ୍ଦିଷ୍ଟ ମିଆଦରେ ତୟାର ପଦାର୍ଥ ବିନାମୂଲ୍ୟ ଅର୍ଥାତ୍ ସିଲାଇର ମୂଲ୍ୟ ନ ଦେଇ ପାଇବେ । ଇତି ।

ପିଲାଙ୍କର ଜାମା, କୁରୁତା, କୋଟ, ପାଇଜାମା ।
ଚଦର ଦେଉପଟ୍ଟ ଦୁଇପଟି ମୁଖରେ ସଜ୍ଜାପଦଥା ।
ମସହରି ସାଦା ଓ ଝାଲରଲଗା ।
ମୋଜା ସାଦା ଓ ଫୁଲ୍ବାଲ୍ଡ ।
ଦସ୍ତାନା „
କାର୍ପେଟର ଯୋତା ।
କମ୍ଫୋଟର ।
ଶୀତଟୋପି ଉଲ ଓ ସୂତାର । ଇତି ।
ତା ୨୩ ରିଖ ସିତାମ୍ବର ସନ ୧୮୮୬ ମସିହା ।

Harekriste Saha,
Inspecting Pandit
Mofunicipal schools.

---

## FOR SALE.

The two Puckah houses with all their out offices, wells, and enclosure walls, situated in Stoney Road Chandni Chouk Cuttack; belonging to the Estate of the late John De Costa.

The one, upper-roomed, lets for 22 Rs. per month but is now vacant; the other, lower-roomed, has been, and is now occupied, on a lease terminable at will, on a rent of 10 Rs, the tenant doing the repairs.

The land pertaining to both the above, measures about 1 Man 16 Goonts 1 Biswa, and pays an annual Khas Mehal rent to Government of Rs. 13 As. 12 P. 8 and Rs. 2 to a *Bawajee*.

Offers ( not less than 2000 Rs. ) for the above may be made to the undersigned, who is legally authorized to sell and to give legal possession.

9–9–86

F. Bond
Executor

### ବିଜ୍ଞାପନ ।

କଟକ ଷ୍ଟୋନିରୋଡ ଚାନ୍ଦନିଚୌକ ପଡ଼ାସନ୍ନିକଟ ଶିନା-ରାରେ ଥିବା ମୃତ ଯନ୍ ଡିକଷ୍ଟାଙ୍କ ଦୁଇଗୋଟା ପକାକୋଠା ଓ ତତ୍ସଲଗ୍ନ କଶୁଘର ଓ କୂପ ଓ ଚୌପାର୍ଶ୍ୱର ପ୍ରାଚୀରମାନ ବିକ୍ରୟ ହେବ ।

ଉପରଉକ୍ତ ଗୃହମାନଙ୍କମଧ୍ୟରୁ ଏକ ଦୋତାଲା କୋଠା ମାସିକ ଟ୨୨ଙ୍କା ଖଜଣାରେ କେରାୟା ଦିଆ ଯାଇଥିଲା କିନ୍ତୁ ବର୍ତ୍ତମାନ ତାହା ଖାଲି ଅଛି ଓ ଏକ ଏକତାଲାକୋଠା ମାସିକ ଟ୧୦ଙ୍କା ଖଜଣାରେ ରୟତଙ୍କୁ ଏହିସର୍ତ୍ତରେ କେରାୟା ଦିଆ ଯାଇଅଛି କି ସେ ଆପେ ତାହା ମରାମତି କରିବେ, ମାଲିକର ଇଚ୍ଛାମତେ ଛାଡ଼ିଯିବେ ।

ଉପରଉକ୍ତ ଘର ଓ ତହିଁର ଚତୁଃପାର୍ଶ୍ୱସ୍ଥ ପ୍ରାଚୀରଭିତରଜମି ମୋଟ ମା ୧।୧୬୷୵ ଗଣ୍ଡା ଅଟେ ଓ ତହିଁର ସରକାରୀ ଖାସମହାଲ ଅଦାୟି ଜମା ବାର୍ଷିକ ଟ ୧୩୷୮ ପାଇ ଓ ଏକଜଣ ବାବାଜୀର ମା ୦।୧।୵ ଜମି ଯାହା ଉକ୍ତ ଖାସମହାଲ ଜମୀ ସଂଲଗ୍ନ ଅଛି ତନ୍ନିମନ୍ତେ ଟ ୨ ଙ୍କା ଖଜଣା ଦିଆଯାଏ ।

ଯେ କେହି ବ୍ୟକ୍ତି ଉକ୍ତ ଘରମାନଙ୍କୁ ନେବାର ଇଚ୍ଛା କରନ୍ତି ସେ ନିମ୍ନସ୍ୱାକ୍ଷରକାରୀ ଯେ କି ଉକ୍ତ ଘରମାନ ବିକ୍ରୟ କରିବା ଓ ତହିଁରେ ଦଖଲ ଦେବାକୁ ଆଇନାନୁଯାୟୀ ଆଦେଶିତ ହୋଇଅଛନ୍ତି ତାଙ୍କଠାରୁ ଲେଖିଲେ ପାଇ ପାରିବେ ମୂଲ୍ୟ ଦୁଇହଜାର ଟଙ୍କାରୁ କମ ନୋହେ ।

F. Bond
Executor

### ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ଘୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । ଜାଏମା ନ ୧୬୨୩ ତଉଜୀ ଛା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରି ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଚାନ୍ଦବାଲିର ସଂଲଗ୍ନ ହୁଏ ଯେଉଁଠାରୁ କଲିକତା ଜାହାଜସବୁ ଯାତାୟାତ କରଇ ଏହାର ସଦରଜମା ଟ ୧୩୨୮ । ଅଣା ଏବଂ ମଫସଲ ଜମା ଟ ୩୦୦୦ ଙ୍କା । କ୍ରୟଣେଚ୍ଛୁକ ଲୋକମାନେ ଆମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୭ କାଞ୍ଚନନଗର କଟକ } By order Peary Mohun Bose

---

### ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପର ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ସୁଖ୍ୟାତି ଲାଭ କରଇଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ୍ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନଂ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁନି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନଂ ୫ ମ୍ବର ପିଲ୍ ବା ବଟିକା ବ୍ୟବହାର ମାତ୍ରକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ ବା ରୋଗିର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ° ୶ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁ ଫଳପ୍ରଦ ଔଷଧ ।

- କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରନାଶକ ବଟି ଟ ୧ ।
- କାସ୍ଥୂଳର ଅତି ଅବ୍ୟର୍ଥ ଔଷଧ ଟ ୧୧
- କାଉଁରିଆ ବା ଗ୍ରହଣିରୋଗର ଔଷଧ ଟ ୧
- ଶିରଃଶୂଳର ଉତ୍ତମ ଔଷଧ ଟ ୦ ।୵
- ଯାଦୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ୵
- କଫରୋଗର ବଟି ଟ ୦ ୵
- ଦନ୍ତରୋଗର ଚୂର୍ଣ୍ଣ ଟ ୦ ୵
- କର୍ପୂରାସବ (ଉଦରାମୟ ନାଶକ) ଟ ୦ ।୵
- ଗର୍ଭିଣୀଙ୍କର ଔଷଧ ଟ ୦ ୶
- „ ଅନ୍ତରସ ଟ ୦ ୶
- „ ମଧୁରସ ଟ ୦ ୪
- ବମନରୋଗର ବଟି ଟ ୦ ୲
- ନବରତ୍ନ ପ୍ରଚୋଦା ଟ ୧୬୧
- ବହୁକାଳର ଗ୍ରହଣି ଔଷଧ ଟ ୧୦୧

#### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସୂତ ଓଲାଉଠା ରୋଗର ବଟିକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବତ୍ସର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଅମୁର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରି ଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛୁ କି ଉକ୍ତ ବଟିକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୫।୮୭ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭାଗବତ ପ୍ରସାଦ ଦାସ
ରେଜଷ୍ଟ୍ରାର କଟକ(?) — ରେଜିଷ୍ଟ୍ରାର କଚେରୀ

---

ଅନ୍ୟ ସାର୍ଟିଫିକେଟମାନ ଦୀପିକାର ୬।୮।୮୭, ୨୦।୮।୮୭, ୧୦।୪।୮୭ ଓ ୨୭।୮।୮୭, ଓ ସଂସ୍କାରକର ୩।୪।୮୪ ରେ ପ୍ରକାଶ ହୋଇଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
K[illegible]aj, Kendrapara.

---

## ମେହରୋଗ ।

ସପ୍ତାହମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦାର୍ଦ୍ଧି ରୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପସର୍ଗରେ ପରିଣତ ନ ହେଲେ ଯନ୍ତ୍ରି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପେରଚିତ୍ପୋର ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟଙ୍କା ୨୲ । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଚଳିତ [illegible] ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ଛପାଇଲେ

| | |
|---|---|
| ଆଠ ପଦ [illegible] | ଟ ୦୵ |
| ଅଧ ସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ୦୶ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇଲେ ଦର ପ୍ରଥମ [illegible] ଓ ଦ୍ୱିତୀୟ ଯଥାକ୍ରମେ ହେବ ।

[illegible] ଥର ଛପାଇଲେ [illegible] ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା କଟକ [illegible] ଟ୍ରେଡିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

# ଅତିରିକ୍ତ ।

ଉତ୍କଳଦୀପିକା ତା ୨୫ ରଖ ମହେ ସେପ୍ଟେମ୍ବର ସନ ୧୮୮୬ ମସିହା ।

ରଙ୍ଗପୁର ଜିଲ୍ଲାର ଶ୍ରୀଯୁକ୍ତ ଶ୍ରୀ ଗଜା ସାହେବ—
ସମୀପେଷୁ ।

ମହାଶୟ !

ଏହି ରଙ୍ଗପୁରଜିଲ୍ଲାର ଗତ ସନ ୧୮୮୫।୮୬ ସାଲର ସାଧାରଣ-ଶାସନସମ୍ପର୍କୀୟ ରିପୋର୍ଟ ଶ୍ରୀ ଶ୍ରୀମୁଟରେ ଅଗତ ହେଲ ଯଥା;—

୨ । ଗତବର୍ଷ ଆରମ୍ଭରୁ ଜୁନମାସ ତା ୭ ତାରିଖଯାଏ ଆମ୍ଭେ ଏ ଜିଲ୍ଲାର ଦେଓ୍ୱାନୀ କର୍ମରେ ନିଯୁକ୍ତ ଥିଲୁଁ । ଉକ୍ତ ତାରିଖଠାରୁ ଅଗଷ୍ଟ-ମାସ ତା ୧୦ ରିଖ ପର୍ଯ୍ୟନ୍ତ ଆମ୍ଭେ ଶ୍ରୀଯୁକ୍ତ ଶ୍ରୀ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ଉପ-ଲକ୍ଷରେ ଅନୁଗୁଳ ଜିଲ୍ଲାକୁ ପ୍ରେରିତ ହୋଇଥିବାରୁ ତତ୍କାଳ ନିମନ୍ତେ ବାବୁ କୃଷ୍ଣଚନ୍ଦ୍ର ମହାନ୍ତି । ଏ । ଦେଓ୍ୱାନ ନିଯୁକ୍ତ ହୋଇ କାର୍ଯ୍ୟ କରୁ-ଥିଲେ; ତଦୁତ୍ତାରୁ ଆମ୍ଭେ ପ୍ରତ୍ୟାଗତ ହୋଇ ବର୍ଷଶେଷ ପର୍ଯ୍ୟନ୍ତ ସ୍ୱକାର୍ଯ୍ୟରେ ନିଯୁକ୍ତ ଥିଲୁଁ ।

୩ । ଗସ୍ତର ବିବରଣ ।—ଗତବର୍ଷ ଆମ୍ଭେ ନିୟମିତ ଶୀତକାଳୀନ ଭ୍ରମଣ ଆରମ୍ଭ କରି ମୋଟରେ ଦ ୬୯ ଦିନ ଗସ୍ତ ଉପଲକ୍ଷରେ ମୋଫସ-ଲରେ ଅତିବାହିତ କରିଥିଲୁଁ । ଏହି ସମୟରେ ଆମ୍ଭେ ଏ ଜିଲ୍ଲାର ସମୁ-ଦାୟଅଂଶ ଭ୍ରମଣ କରି ଶାସନ, ପ୍ରଜାମାନଙ୍କର ଉନ୍ନତି ଏବଂ ସୁଖସ୍ୱଚ୍ଛନ୍ଦତା ସମ୍ବନ୍ଧୀୟ ବିଷୟମାନ ତନ୍ନତନ୍ନରୂପେ ପରୀକ୍ଷା କରିଥିଲୁଁ ଏବଂ ରକ୍ଷିତ ଜଙ୍ଗଲ ମଧ୍ୟରେ ଭ୍ରମଣ କରି ସେଥିର ଅବସ୍ଥା ପରିଖି ଏବଂ ଅପରାପର ବିବରଣମାନ ଉତ୍ତମରୂପେ ଅବଗତ ହୋଇଥିଲୁଁ । ଉପରୋକ୍ତ ଶୀତକାଳୀନ ଗସ୍ତବ୍ୟତୀତ ଆମ୍ଭେ ବର୍ଷ ମଧ୍ୟରେ ଅନେକ ସମୟ ମୋଫସଲରେ ଅତିବାହିତ କରି ଉନ୍ନତିସାଧନ, ଜଳସେଚନ ଏବଂ ଜଙ୍ଗଲ ରକ୍ଷାସମ୍ବନ୍ଧୀୟ କାର୍ଯ୍ୟମାନ ମଧ୍ୟ ତଦନ୍ତ କରିଥିଲୁଁ ।

୪ । ବର୍ଷା, ଋତୁ ଓ ଫସଲର ବିବରଣ ।—ଗତବର୍ଷ କେବଳ ୪୫·୯୭ ଇଞ୍ଚ ବୃଷ୍ଟିପତନ ହୋଇଥିବାରୁ ଏହା ସାଧାରଣ ବୃଷ୍ଟିପତନଠାରୁ ଅଳ୍ପ ହୋଇଥିଲା, ପୂର୍ବବର୍ଷମାନଙ୍କରେ ବୃଷ୍ଟିପତନ ମାପ କରିବାର କୌଣସି ଉପାୟ ନ ଥିଲା । ଗତବର୍ଷ ଗୋଟିଏ ମାପଯନ୍ତ୍ର ରଖା ଯାଇଥିବାରୁ ଦୈନିକ ବୃଷ୍ଟିପତନ ମାପ କରା ଯାଉଅଛି । ଗତବର୍ଷ ମଇ ମାସର ଆରମ୍ଭରେ ଯେଉଁ ପ୍ରଚୁର ବୃଷ୍ଟି ହୋଇଥିଲା ତଦ୍ୱାରା ଉତ୍ତମରୂପେ କୃଷିକାର୍ଯ୍ୟ ନିର୍ବାହ ହେବାରୁ ପ୍ରଜାମାନେ ଜୁନମାସମଧ୍ୟରେ ସମସ୍ତ ଧାନ ବୁଣାବୁଣି କର୍ମ ଶେଷ କରିଦେଲେ । ଉକ୍ତ ମାସଠାରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ଅତି ସାମାନ୍ୟ ବୃଷ୍ଟିପତନ ହୋଇଥିବାରୁ ବେଉଷଣ ଏବଂ ରୁଆରୋଇ କର୍ମ ଆଦୌ ହୋଇ ପାରିଲା ନାହିଁ । ଏଥି ସହାଏ ଉପର ଜମିମାନଙ୍କର ଫସଲମାନ ନଷ୍ଟ ହେଲା ଏବଂ ଖାଲଜମିର ଫସଲମାନ ନଷ୍ଟ ହେବାର ଉପକ୍ରମ ହୋଇଥିଲା, ମାତ୍ର ବନ୍ଧ ଓ ଅଡ଼ିଆମାନ ନିର୍ମାଣ କରାଯାଇ ଏବଂ ପ୍ରବାହିତ ଜଳସ୍ରୋତମାନ ବନ୍ଦ କରା ଯାଇ କ୍ଷେତମାନଙ୍କୁ ପାଣି ବଣ୍ଟନ କରା ଯିବାରେ କେତେକ ପରିମାଣରେ ଫସଲ ରକ୍ଷା ହୋଇଥିଲା ମାତ୍ର ଅକ୍ଟୋବର ମାସ ଶେଷରେ ଯେଉଁ ବୃହତ ବୃଷ୍ଟିପତନ ହେଲା ତଦ୍ୱାରା ମୃତପ୍ରାୟ ଫସଲମାନ ଜୀବିତ ଏବଂ ସବଳ ହୋଇ ଫଳୋନ୍ମୁଖ ହେଲେ । ଫସଲ ପରିପକ୍ୱ ହେବା ସମୟରେ ଯେଉଁ ବୃଷ୍ଟି ହୋଇଥିଲା ତଦ୍ୱାରା କୌଣସି ହାନି ହୋଇ ନାହିଁ । ଗତବର୍ଷ ମୋଟରେ ହାରାହାରି ୮ ପଣ ଫସଲ ଅମଦାନୀ ହୋଇଥିଲା ଏବଂ ତନ୍ନିମନ୍ତେ ପ୍ରଜାମାନଙ୍କୁ ସେମାନଙ୍କ ଚୌଠଣୀ ଧାନଦାୟରୁ କେତେକ ପରିମାଣରେ ଛାଡ଼ ଦିଆ ଯାଇଅଛି । ଗତବର୍ଷ ରବିଫସଲ ଅତି ପ୍ରଚୁରରୂପେ ଅମଦାନୀ ହୋଇଥିବାରୁ ଧାନର ଆଂଶିକ ନଷ୍ଟ ବିଷୟ ପ୍ରଜାମାନେ ଭୁଲି ଯାଇଥିବାର ଲକ୍ଷିତ ହେଉଅଛି; ଏହି ରବି ଫସଲ ପ୍ରସ୍ତୁତ କରିବା ନିମନ୍ତେ ପ୍ରଜାମାନଙ୍କୁ ଗତବର୍ଷ ବିଶେଷ ଉତ୍ସାହ ମଧ୍ୟ ଦିଆ ଯାଇଥିଲା । ଡିସେମ୍ବରଠାରୁ ମାର୍ଚ୍ଚମାସ ପର୍ଯ୍ୟନ୍ତ ଯେଉଁ ବୃଷ୍ଟିପତନ ହୋଇଥିଲା ତଦ୍ୱାରା ଏହି ରବିଫସଲର ବୁଣାବୁଣି ଓ ଅମଦାନୀ-ପ୍ରତି ବିଶେଷ ଉପକାର ହୋଇଥିଲା । ଯେଉଁ ଗ୍ରାମମାନଙ୍କରେ ପ୍ରଜା-ମାନେ ଅନାବୃଷ୍ଟିରୁ କଷ୍ଟ ଭୋଗ କରୁଥିଲେ ସେମାନଙ୍କ ପ୍ରତିପୋଷଣ ନିମନ୍ତେ କେତେକ ଉନ୍ନତିସାଧନ କାର୍ଯ୍ୟ ଆରମ୍ଭ କରା ଯାଇଅଛି ଏବଂ ସେମାନଙ୍କୁ ନଗଦ ଟଙ୍କା ଓ ଧାନ ବେତନ କରାଯାଇ କର୍ମରେ ନିଯୁକ୍ତ କରା ଯାଇଅଛି । ଗତବର୍ଷ ପ୍ରଜାମାନେ ଧାନଫସଲର ଲୋକସାନ ଦେଖି ତୈଳ ଫସଲ କରିବାକୁ ବିଶେଷ ମନୋଯୋଗୀ ହୋଇଥିଲେ ଏବଂ ଏହି ଫସଲ-ଦ୍ୱାରା ସେମାନେ କେତେକ ପରିମାଣରେ କ୍ଷତିପୂରଣ ପାଇଥିବାର ମଧ୍ୟ ଦେଖାଯାଏ ।

୫ । ସାଧାରଣ ସ୍ୱାସ୍ଥ୍ୟ ।—ଗତବର୍ଷ ସାଧାରଣସ୍ୱାସ୍ଥ୍ୟ ଉତ୍ତମ ଥିଲା, ହଇଜା ଏବଂ ଛୋଟବସନ୍ତ ରୋଗ କେତେକ ସ୍ଥାନରେ ଘଟିଥିବାରୁ ଜ୭୯ଣ ହଇଜାରେ ଏବଂ ଜ ୩ ଣ ଛୋଟବସନ୍ତରେ ମରି ପଡ଼ିଥିଲେ ।

୬ । ଗତବର୍ଷ ଗଡ଼ର ସ୍ୱାସ୍ଥ୍ୟ ଅଧିକ ପରିମାଣରେ ବର୍ଦ୍ଧିତ କରା-ଯାଇଅଛି, ସହର ସଫାଇ ଏବଂ ରାସ୍ତା ତିଆରି ପ୍ରଭୃତି ନାନାପ୍ରକାର ଉନ୍ନତି କାର୍ଯ୍ୟଦ୍ୱାରା ଉକ୍ତ ଉନ୍ନତି ସାଧିତ ହୋଇଅଛି; ପୂର୍ବେ ଯେଉଁ ବାଉଁଶମାନ ଗଡ଼କୁ ଆବୃତ୍ତ କରି ରଖିଥିଲା ସେମାନ ବହୁପରିମାଣରେ ପରିଷ୍କୃତ ହୋଇଥିବାରୁ ପବନର ଗତି ମଧ୍ୟ ପରିବର୍ଦ୍ଧିତ ହୋଇଅଛି । ମୋଫସଲର ଗ୍ରାମମାନଙ୍କରେ ମଧ୍ୟ ମଇଳା ନ ପକାଇବା ଓ ଘରଦ୍ୱାର ପରିଷ୍କାର ରଖିବା ଇତ୍ୟାଦି କେତେକ ସ୍ୱାସ୍ଥ୍ୟରକ୍ଷାର ଉପାୟମାନ ଜାରି କରା-ଯାଇଅଛି ।

୭ । ଟିକା ।—ଗତବର୍ଷ ଗୋବୀଜଟିକା ଆରମ୍ଭ କରାଯାଇ ଜ୮୬ଣ ବାଳକଙ୍କୁ ଟିକା ଦିଆ ଯାଇଥିଲା । ଉକ୍ତ ଟିକା ବିପକ୍ଷରେ ଲୋକମାନଙ୍କର କୌଣସି ଆପତ୍ତି ଦେଖା ଯାଉ ନାହିଁ, ଏବଂ ଉକ୍ତ ଟିକା ବିସ୍ତୀର୍ଣ୍ଣରୂପେ ଚଳିତବର୍ଷ ଦିଆ ଯିବାର ବନ୍ଦୋବସ୍ତ କରା ଯିବ । ଆମ୍ଭେ କଟକମହାଲର ସିଭିଲ ସରଜନ ଶ୍ରୀଯୁକ୍ତ ଶ୍ରୀ ଷ୍ଟୁଆର୍ଟ ସାହେବଙ୍କ ସଦ୍‌ବ୍ୟବହାରରେ ଅତି ଆନନ୍ଦିତ ହୋଇଅଛୁଁ ଏବଂ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ସେ ମହା-ଶୟ ଅନୁଗ୍ରହପୂର୍ବକ ଟିକାବୀଜ ଆମ୍ଭମାନଙ୍କୁ ଦେଇପଠାଇଥିଲେ ।

୮ । ଡାକ୍ତରଖାନା ।—ମୋଟରେ ଜ ୩୬୩୨ ଣ ବାହାର ରୋଗୀ ଓ ଜ ୯ ଣ ଭିତର ରୋଗୀ ଚିକିତ୍ସିତ ହୋଇଥିଲେ ଏବଂ ଜ୧୯ଣ ରୋଗୀ-ଙ୍କଠାରେ ଅସ୍ତ୍ରଚିକିତ୍ସା ହୋଇଥିଲା । ଗତବର୍ଷ ସାଧାରଣତଃ ଜ୍ୱର, ଅମ-ଳହୁ ଝାଡ଼ା, ମେହ, ବାତ ପ୍ରଭୃତି ରୋଗମାନଙ୍କର ବିଶେଷ ଅମଦାନୀ ହୋଇଥିଲା । ଡାକ୍ତରଖାନାରେ ଏକଜଣ ନେଟିଭ ଡାକ୍ତର ଓ ଏକଜଣ ଗୃହକର ନିଯୁକ୍ତ ଅଛନ୍ତି । ଗତବର୍ଷ ମୋଟରେ ଟ ୫୦୭।୬ ଙ୍କା ଖର୍ଚ୍ଚ ହୋଇଥିଲା । ରଙ୍ଗପୁରବାସୀମାନେ ଇଂରାଜୀ ଔଷଧର ଉପକାରିତା

Digitized by srujanika@gmail.com

Split by PDF Splitter

୩୩୪



କରୁଅଛନ୍ତି ଏବଂ ଧର୍ମ ବା ଜାତି ଯିବାର ଭୟ ତାହାର ମନେ ନାହିଁ । ନୂଆଗଡ଼ ଓ ଖୋର୍ଦ୍ଧା ଇଲାକା ଲୋକମାନେ ମଧ୍ୟ ଔଷଧାଳୟକୁ ଆସି ଚିକିତ୍ସାରେ ଔଷଧ ସେବନ କରନ୍ତି ।

୯ । ଲୋକମାନଙ୍କର ପାର୍ଥିବ ଅବସ୍ଥା, ବିଦେଶଗମନ ଉପନିବେଶ ସ୍ଥାପନ ଏବଂ ଖାଦ୍ୟଦ୍ରବ୍ୟର ମୂଲ୍ୟାଦିର ବିବରଣ ।—ଗତବର୍ଷ କେତେକ ପରିମାଣରେ ଧାନ ଫସଲ ନଷ୍ଟ ହୋଇଥିବାରୁ ଲୋକମାନେ ବର୍ଷଶେଷକୁ କଷ୍ଟ ଭୋଗ କରିଥିଲେ । ଯେଉଁମାନଙ୍କର ଫସଲ ସମ୍ପୂର୍ଣ୍ଣରୂପେ ଲୋକସାନ ହୋଇଥିଲା ସେମାନେ ମାଟିକର୍ମଦ୍ୱାରା ଜୀବିକା ନିର୍ବାହ କରିଥିଲେ । ମାତ୍ର ସାଧାରଣ ଲୋକେ ଉତ୍ତେଜନାଦ୍ୱାରା ରବିଫସଲ ପ୍ରସ୍ତୁତ କରିଥିବାରୁ ସେମାନଙ୍କର ଦୁଃଖ କେତେକ ପରିମାଣରେ ମୋଚନ ହୋଇଥିଲା । ଏ ଜିଲ୍ଲାର ବନ୍ଦୋବସ୍ତଦ୍ୱାରା ପ୍ରଜାମାନଙ୍କର ଅବସ୍ଥା ବହୁପରିମାଣରେ ଉନ୍ନତ ହୋଇଅଛି । ସେମାନେ ବର୍ତ୍ତମାନ ବିଶୃଙ୍ଖଳ ରାଜନୀତି ଓ ଅତ୍ୟାଚାରରୁ ରକ୍ଷା ପାଇଅଛନ୍ତି ଏବଂ ନାନାପ୍ରକାର ଉପାୟଦ୍ୱାରା ସେମାନେ ଆପଣାର ଅର୍ଥ ଉପାର୍ଜନରେ ରତ ଅଛନ୍ତି । ସମ୍ପ୍ରତି ସେମାନେ ଅପହରଣ ଓ ଲୁଣ୍ଠନ ଭୟରୁ ମୁକ୍ତି ପାଇ ବାଣିଜ୍ୟ ବ୍ୟାପାର ସ୍ୱାଧୀନଭାବରେ ଚଳାଉଅଛନ୍ତି । ଏହିପରି ପରିବର୍ତ୍ତନଦ୍ୱାରା ସାଧାରଣ ଲୋକଙ୍କର ଅବସ୍ଥା ଉନ୍ନତ ହୋଇଥିବାର ଦେଖାଯାଏ ଏବଂ ସେମାନେ ନିଃଶଙ୍କଚିତ୍ତରେ ସ୍ୱାଧୀନଭାବରେ ଚଳାଚଳ ହେଉଥିବାର ପରିଚୟମାନ ମଧ୍ୟ ପାଇଯାଏ ।

୧୦ । ଏ ଜିଲ୍ଲାର ଅଧିକାଂଶ ଲୋକେ ସ୍ୱଗୃହ ପରିତ୍ୟାଗ କରି ଦୂରଦେଶକୁ ଯିବା ନିମନ୍ତେ କଦାପି ଇଚ୍ଛୁକ ନୁହନ୍ତି । ସେମାନେ ଆପଣାର ସ୍ୱଚ୍ଛନ୍ଦ ଅବସ୍ଥାରେ ପରିତୃପ୍ତ ଥିବାର ଦେଖାଯାଏ । ଖୋର୍ଦ୍ଧା ଜିଲ୍ଲାର ଲୋକମାନେ ସମୟ ସମୟରେ ଏ ଜିଲ୍ଲାରେ ଡେଲା ଚଷିବା ଓ ସଡ଼କର କାମ କରିବା ସକାଶ ଆସନ୍ତି ଓ ଧାନବୁଣା ଓ କଟା ସମୟରେ ମଧ୍ୟ ବିସ୍ତର ପରିମାଣରେ ମୂଲ ଲାଗିବାକୁ ଆସନ୍ତି । ଏ ଜିଲ୍ଲାର ଲୋକମାନେ ଖୋର୍ଦ୍ଧା ଜିଲ୍ଲାକୁ ସେହିପରି ରୋଜଗାର ନିମନ୍ତେ ସମୟ ସମୟରେ ଯାଇଥାନ୍ତି ।

୧୧ । ସନ ୧୮୮୪।୮୫ ମସିହାରେ ଚାଉଳର ଦର ପ୍ରତିମହଣକୁ ଟ୧୪୵ ଥିଲା । ଗତ ବର୍ଷରେ ଟ୩୵ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଅନ୍ୟାନ୍ୟ ଫସଲମାନଙ୍କ ଦର ପ୍ରାୟ ସମାନ ଥିଲା । ଗହମ, ରାଶି ଇତ୍ୟାଦି ଫସଲମାନଙ୍କର ଦର କେତେକ ପରିମାଣରେ ଊଣା ଥିଲା । ଯଦ୍ୟପି ଧାନ ହେତୁ ଚାଉଳର ଦର ବହୁମୂଲ୍ୟ ହୋଇଥିଲେହେଁ ପୂର୍ବବର୍ଷମାନଙ୍କ ପରି ଦକ୍ଷିଣପ୍ରଦେଶକୁ ରପ୍ତାନି ହୋଇ ନାହିଁ । ଦୁର୍ଭିକ୍ଷ ସମୟରେ ବଣ୍ଟନ ହେବା ସକାଶ ଶ୍ରୀଯୁକ୍ତ ପାଟକେନ୍ଦ ଦେଉ ମଣିମାଗୋସାଇଁଙ୍କର ଏବଂ ଅପରାପର କେତେକ ଲୋକଙ୍କଠାରେ ବହୁତ ଧାନ ମହଜୁଦ ଅଛି । ଧାନ, ଗହମ, ଆଖୁ, ମାଣ୍ଡିଆ, ବ୍ରୀହି, ମୁଗ, କୋଳଥ, ହରଡ଼, ଚଣା, କପା, ରାଶି, ସୋରିଷ ଓ ରାଶି ଶସ୍ୟମାନ ଏ ଜିଲ୍ଲାର ପ୍ରଧାନ ଅଟେ । ମାଣ୍ଡିଆ, ହରଡ଼, କପା, ଶଣ ଓ ଗ୍ରାମ୍ୟ ପ୍ରଭୃତି ଶସ୍ୟମାନ ସାଧାରଣତଃ ଡେଲାମାନଙ୍କରେ ଉତ୍ପନ୍ନ ହୁଏ; ମାତ୍ର ବଡ଼ମାଳ ଇଲାକାରେ ପ୍ରଚୁର ପରିମାଣରେ ଉତ୍ପାଦନ ହେବାର ଦେଖାଯାଏ । ଉକ୍ତ ବଡ଼ମାଳରେ ଧାନ୍ୟ କ୍ଷେତ୍ର ଅଧିକ ନାହିଁ । ମାଳୁଅ ପ୍ରଜାମାନେ ସର୍ବଦା ଡେଲାକୃଷିରେ ନିଯୁକ୍ତ ଥାନ୍ତି ।

୧୨ । ଏ ଜିଲ୍ଲାର ମଜୁରିଦାରମାନେ ନିମ୍ନ ଲେଖାନୁସାରେ ମଜୁରି ପାଉଥିବାର ଜଣାଅଛି ଯଥା;—

| | | | |
|---|---|---|---|
| ବଢ଼େଇ | ଦ ୧ | ୬ | ଟ ୦୷ |
| କମାର | ଦ ୧ | ୬ | ଟ ୦୷ |
| କଣେୟା | ଦ ୧ | ୬ | ଟ ୦। |
| ଦରଜି | ଦ ୧ | ୬ | ଟ ୦। |
| ପଥରଯା | ଦ ୧ | ୬ | ଟ ୦୷ |
| କତୁରୀ | ଦ ୧ | ୬ | ଟ ୦। |
| କୁଲି | ଦ ୧ | ୬ | ଟ ୦ ୵୨ |
| ସ୍ତ୍ରୀ ଓ ବାଳକ | ଦ ୧ | ୬ | ଟ ୦ ୵ |

ନଗଦ କିମ୍ବା ଧାନ ନେଇ କୁଲିମାନେ କାର୍ଯ୍ୟ କରନ୍ତି । ଧାନ ନେଇ କାର୍ଯ୍ୟ କରିବାକୁ ସାଧାରଣ ଲୋକେ ଭଲ ପାନ୍ତି ।

୧୩ । ଶିଳ୍ପ କାର୍ଯ୍ୟ ଓ ଖଣିର ବିବରଣ ।—ଅଦ୍ୟାପି ଏ ଜିଲ୍ଲାରେ କୌଣସି ଖଣିର ଆବିଷ୍କାର ହୋଇ ନାହିଁ । ଦେଶୀୟ ଲୁଗା କଂସ କର୍ମ ଓ ଲୁହାକର୍ମମାନ ପ୍ରଧାନ ଶିଳ୍ପବ୍ୟବସାୟ ଅଟେ । ପୂର୍ବପରି କଂସା ଓ ଲୁହା କର୍ମ ହେଉଅଛି । ଏମାନଙ୍କ ପ୍ରଣାଳୀ ବିଷୟରେ କୌଣସି ଉନ୍ନତି ହେବାର ଚିହ୍ନ ଦେଖାଯାଇ ନାହିଁ । ବିଲାତିଲୁଗାର ଆମଦାନୀ ହେତୁ ଦେଶୀୟ ଲୁଗାର ମାନ୍ୟ କ୍ରମଶଃ ହ୍ରାସ ହେଉଅଛି ଓ ସେହି ଲୁଗା ସ୍ୱଳ୍ପମୂଲ୍ୟରେ ପାଇବା ଯିବାରୁ ଲୋକମାନଙ୍କଦ୍ୱାରା ଅଧିକ ଆଦରଣୀୟ ହେଉଅଛି । ସୁନାଖଳା ଓ ନଇଗଡ଼ରେ ହେଉଥିବା ଦେଶୀୟ ଲୁଗାମାନ କୌଶଳପୂର୍ଣ୍ଣ ଏବଂ ସରସ ଥିବା ହେତୁରୁ ଭଦ୍ରଲୋକମାନେ ଅତିଶୟ ଗ୍ରହଣ କରନ୍ତି ଏହି ଲୁଗାମାନ ସାଧାରଣତଃ ବିବାହକାର୍ଯ୍ୟରେ ବ୍ୟବହାର ହୁଏ । ସେ ସମୟରେ ବିଲାତିଲୁଗାକୁ ଲୋକମାନେ ଆଦର କରନ୍ତି ନାହିଁ ।

୧୪ । ବେପାର ଓ ବାଣିଜ୍ୟବିବରଣ ।—ଏ ଜିଲ୍ଲାରେ ସାଧାରଣତଃ ଗାଡ଼ିଦ୍ୱାରା ସବୁପ୍ରକାର ବ୍ୟବସାୟ ଚଳେ । ଜଗନ୍ନାଥସଡ଼କ ନିର୍ମାଣ ହେବାଦ୍ୱାରା ଗଞ୍ଜାମ ଖୋର୍ଦ୍ଧା ଓ କଟକ ସହିତ ବାଣିଜ୍ୟପଥ ଖୋଲିଅଛି । ସୁନାଖଳା ଓ ବାଉଁଶଗଡ଼ ପର୍ଯ୍ୟନ୍ତ ଦୁଇଗୋଟି ସଡ଼କ ସମାପ୍ତ ହେଲେ ବାଙ୍କି, ଖଣ୍ଡପଡ଼ା, ନୟାଗଡ଼, ଏବଂ ଦଶପଲ୍ଲା ସହିତ ଗମନାଗମନ ଓ ବାଣିଜ୍ୟପଥ ଖୋଲିବ । ଗତବର୍ଷ ଦକ୍ଷିଣପ୍ରଦେଶକୁ ବିଶେଷ ଧାନ ଚାଉଳ ରପ୍ତାନି ହୋଇ ନ ଥିବାରୁ ଓ ଲୋକମାନେ ଇଚ୍ଛାପୂର୍ବକ ଧାନ ବିକ୍ରୟ ନ କରିବାରୁ ଧାନ ଚାଉଳ ଊଣା ଥିଲା । ଲୋକମାନେ କେବଳ ରବି ଏବଂ ଇଲା ଫସଲମାନ ପୁରୀ ଓ କଟକ ଜିଲ୍ଲାରେ ବିକ୍ରୟ କରି ଲାଭ କରିଥିଲେ । ଏ ଜିଲ୍ଲାକୁ ବିଶେଷ ପରିମାଣରେ ଲୁଣ, ମସଲା, ଲୁଗା ଏବଂ ଶୁଖୁଆ ଆମଦାନୀ ହୋଇଥିଲା ଏବଂ ସେମାନ ପ୍ରଚୁର ପରିମାଣରେ ହାଟ ଏବଂ ବଜାରମାନଙ୍କରେ ବିକ୍ରୟ ହୋଇଥିଲା ।

୧୫ । ହାଟ, ଯାତ୍ରା ଓ ମେଳାମାନଙ୍କର ବିବରଣ ।—ଏ ଜିଲ୍ଲାରେ ପୂର୍ବେ କୌଣସି ମେଳା ନ ଥିଲା । କେତେକ ବର୍ଷରୁ ଅଶୋକାଷ୍ଟମୀ ଦିନ ସିନ୍ଦୁରିଆଠାରେ ଗୋଟିଏ ମେଳା ଆରମ୍ଭ କରାଯାଇଅଛି । ଏହା ଗୋଟିଏ ନାନାଜାତୀୟ ଏକତା ଅଭିପ୍ରାୟରେ ସୃଷ୍ଟି ହୋଇଅଛି । ଏହି ମେଳାଦ୍ୱାରା ଅସଭ୍ୟ ଲୋକଙ୍କ ହୃଦୟରେ ସଭ୍ୟତା ପ୍ରବେଶ ହେବାର ଅନୁମିତ ହେଉଅଛି । ଏହି ମେଳା ପ୍ରତିବର୍ଷ ଏକଥର ବସିବ ଏବଂ ଏହା ଭିନ୍ନ ଦେଶୀୟ ଲୋକମାନଙ୍କ ମନ ଆକର୍ଷଣ କରିବାର ଚେଷ୍ଟା ହେଉଅଛି ।

୧୬ । ଗଡ଼ର ଦୋଳ ଓ ରଥଯାତ୍ରା ଓ ଚନ୍ଦ୍ରପୁରର ଶୀତଳଷଷ୍ଠୀ ଏ ଜିଲ୍ଲାର ପ୍ରଧାନ ଯାତ୍ରା ଅଟେ । ଏହି ଯାତ୍ରାମାନଙ୍କରେ ବହୁତ ଲୋକେ ଏକତ୍ରିତ ହୋଇ ଏବଂ ଭିନ୍ନ ପ୍ରକାର ଆମୋଦ ପ୍ରମୋଦ ଓ ତାମସାପ୍ରଭୃତିରେ ଲିପ୍ତ ହୁଅନ୍ତି । ଗତବର୍ଷ ଏ ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ଲୋକମାନଙ୍କ ଯତ୍ନ ଓ ପରିଶ୍ରମଦ୍ୱାରା ସୁନାଖଳାଠାରେ ଗୋଟିଏ ନୂତନ ସ୍କୁଲ ହୋଇ-

Digitized by srujanika@gmail.com

Split by PDF Splitter



ଯାହା ଆରମ୍ଭ ହୋଇଅଛି । ଏହି ସବୁଯାତ୍ରାରେ ଅନେକ ଲୋକ ଏକତ୍ରିତ ହୋଇ ଭିନ୍ନ ଭିନ୍ନ ପ୍ରକାର ବାଣିଜ୍ୟ ଓ କାରବାର ଚଳାଇଥାନ୍ତି । ଏହି ଯାତ୍ରାମାନ କ୍ରମଶଃ ବୃଦ୍ଧି ପାଇବାର ଆଶା ହେଉଅଛି ଏବଂ ଏମାନଙ୍କ ସମ୍ବନ୍ଧରେ ଶ୍ରୀଯୁକ୍ତ ରାଜସରକାର ଓ ତାଙ୍କ ପଦାଧିକାରୀ ବ୍ୟକ୍ତିମାନଙ୍କର ଉତ୍ସାହ ଏବଂ ଉଦ୍ୟମ ଥିବାରୁ ଏମାନ ଶୀଘ୍ର ଉନ୍ନତ ହେବାର ସମ୍ପୂର୍ଣ୍ଣ ଆଶା କରା ଯାଉଅଛି ।

୧୭ । ଏକଲ୍ଲା ମଧ୍ୟରେ ଛଅଗୋଟି ହାଟ ଓ ଗୋଟିଏ ବଜାର ସ୍ଥାପିତ ଅଛି ହାଟମାନଙ୍କ ମଧ୍ୟରେ ସୁନାଖଲାହାଟ ସର୍ବପ୍ରଧାନ ଅଟେ, ଏହା ଏକ ସଂକୀର୍ଣ୍ଣ ସ୍ଥାନରୁ ଗତବର୍ଷ ଗୋଟିଏ ଅମ୍ବତୋଟାକୁ ସ୍ଥାନାନ୍ତରିତ କରାଯାଇଥିବାରୁ ବର୍ତ୍ତମାନ ନାନାପ୍ରକାର ଉନ୍ନତାବସ୍ଥା ପ୍ରାପ୍ତ ହୋଇଅଛି । ଏ କଲେକ୍ଟରଙ୍କ ସାହାଯ୍ୟରେ ଏହି ହାଟଠାରେ ଚିରକାଳୀନ ଦୋକାନମଧ୍ୟ ସ୍ଥାପନ କରାଯାଇ ଅଛି । ଏହା ଉତ୍ତାରୁ ରଣପୁରଗଡର ହାଟ ପ୍ରଧାନଅଟେ, ଏହି ହାଟ ସାଧାରଣ ଅବସ୍ଥାରେ ଚଳୁଅଛି; ଗୋପାଳପୁର ହାଟ ଓ ବଜାର ଯାହା ଅଧୁନା ସ୍ଥାପନ ହୋଇ ଅଛି କ୍ରମଶଃ ଉନ୍ନତ ହେଉଥିବାର ଦେଖାଯାଏ ଏଠାରେ ପ୍ରବାସିମାନଙ୍କର ଆବାସ ଏବଂ ମହାଜନମାନଙ୍କ କାରବାର ନିମନ୍ତେ ଘରଦ୍ୱାର ଓ ଦୋକାନମାନ ପ୍ରସ୍ତୁତ କରାଇ ଦିଆଯାଇଅଛି ।

୧୮ । କୃଷି ।—ଇତିପୂର୍ବେ ପ୍ରଜାମାନଙ୍କର ଜମିରେ କୌଣସି ସତ୍ତ୍ୱ ନ ଥିବାରୁ ସେମାନେ ସେମାନଙ୍କ ଯୋତଜମି ପ୍ରତି କୌଣସି ଆସ୍ଥା ରଖୁ ନ ଥିଲେ ଏକଲ୍ଲା ରାଜସ୍ୱବନ୍ଦୋବସ୍ତ ଠାରୁ ପ୍ରଜାମାନଙ୍କୁ ରାଇତସତ୍ତ୍ୱ ଦିଆଯାଇଅଛି ଏବଂ ତଦୁତ୍ତାରୁ ସନ ୧୮୮୪ ମସିହାଂର ଉକ୍ତ ରାଇତସତ୍ତ୍ୱ ହସ୍ତାନ୍ତର କରିବାର ମଧ୍ୟ ଅଧିକାର ଦିଆଗଲା । ଏହି ହସ୍ତାନ୍ତର କରିବାର ସତ୍ତ୍ୱଟି ସେମାନଙ୍କ ପ୍ରତି ଅତ୍ୟନ୍ତ ଲାଭଜନକ ହୋଇ ଅଛି । ସମ୍ପ୍ରତି ସାମାନ୍ୟ ଜମିବାଗ ଲୋକେ ବିବାଦ କରୁଅଛନ୍ତି । ଏବଂ କୃଷି ଉପାୟଦ୍ୱାରା ସେମାନଙ୍କର ଅବସ୍ଥାକୁ ଉନ୍ନତ କରିବା ସକାଶ ଅତ୍ୟନ୍ତ ଚେଷ୍ଟାନ୍ୱିତ ହୋଇ ଅଛନ୍ତି । ନାନା ସ୍ଥାନରେ ବନ୍ଧ, ପାଣିମୁହାଣ କରିଦିଆ ଯାଉଥିବାରୁ ଏବଂ ତଦ୍ଦ୍ୱାରା ଅନେକ ଏକଫସଲଜମି ଦୋଫସଲ ହେଉଥିବାରୁ ପ୍ରଜାମାନେ କୃଷିପକ୍ଷରେ ଅଧୁନା ଅତ୍ୟନ୍ତ ଉତ୍ସାହିତ ହେଉ ଅଛନ୍ତି । ରାଜସରକାରଙ୍କ ପକ୍ଷରୁ ସାଧାରଣ ସାହାଯ୍ୟ ନେଇ ସେମାନେ ଏକର୍ମମାନ ନିର୍ବାହ କରୁଅଛନ୍ତି । ଗତ ଦୁଇବର୍ଷଠାରୁ ଆମ୍ଭେ ଏହିକର୍ମମାନଙ୍କ ସକାଶ ଦୃଢ଼ରୂପେ ଚେଷ୍ଟା କରୁଅଛୁଁ ଏବଂ ଏକର୍ମମାନଙ୍କରେ କୃତକାର୍ଯ୍ୟହୋଇଥିବାରୁ ଅତ୍ୟନ୍ତ ଆନନ୍ଦର ସହିତ ତାହା ବ୍ୟକ୍ତ କରୁଅଛୁଁ ।

୧୯ । ଏକଲ୍ଲାର ପ୍ରଜାମାନଙ୍କୁ ଉତ୍ସାହ ଦିଆଯିବାରେ ସେମାନେ ନାନାପ୍ରକାର ନୂତନ ଫସଲ ଓ ଶାଗ ସବୁଜ ପ୍ରସ୍ତୁତ କରିବାକୁ ଶିକ୍ଷା କରୁଅଛନ୍ତି । ସେମାନେ ଜଳର ସୁବିଧା ହୋଇଥିବାରୁ ଆଖୁ ଏବଂ ଗହମଚାଷ ଏକଲ୍ଲାରେ ପ୍ରାଧାନ୍ୟ ଲାଭ କରୁଥିବାର ଦେଖାଯାଏ ।

୨୦ । ଏକଲ୍ଲାର ବନ୍ଦୋବସ୍ତସମୟରୁ ପାଏକମାନେ ଆପଣାର ଯୁଦ୍ଧବିଦ୍ୟା ପରିତ୍ୟାଗ କରି କୃଷିବିଦ୍ୟା ଅବଲମ୍ବନ କରିଅଛନ୍ତି, । ଏବଂ ଏହି ନୂତନ ବ୍ୟବସାୟକୁ ସେମାନେ ଉନ୍ନତ କରିବା ସକାଶ ଚେଷ୍ଟିତ ଥିବାର ଦେଖାଯାଏ ।

୨୧ । ନୂତନ ଜମୀ ଆବାଦ । ପୂର୍ବବର୍ଷ ଅତିବାହିତ ହେଲା ବିସ୍ତର ପରିମାଣରେ ପଡିଆ ଓ ଜଙ୍ଗଲ ଜମି ଆବାଦ ହେଉଅଛି ବର୍ତ୍ତିତ ବର୍ଷର ଶେଷ ସୁଦ୍ଧା ମା ୩୫ ୩୨ ଣ ଜମି ଟ ୧୦୫୪ ଙ୍କା କର ନିର୍ଦ୍ଧିଷ୍ଟରେ ପ୍ରଜାମାନେ କବୁଲିଅତ କରିଅଛନ୍ତି । ରଏତଜମିର ସତ୍ତ୍ୱ ଏବଂ ଉକ୍ତ ସତ୍ତ୍ୱ ହସ୍ତାନ୍ତର କରିବାର ଅଧିକାର ପ୍ରଦତ୍ତ ହୋଇଥିବାରୁ ଜମିର ମଲ୍ୟ ବୃଦ୍ଧି ହୋଇଅଛି ଏବଂ ତଦ୍ୟୋଗଂ ପ୍ରଜାମାନେ ନୂତନ ହେଉବା ପୁରାତନ ହେଉ କୌଣସିପ୍ରକାର ଜମି ହସ୍ତଗତ କରିବାକୁ ଉତ୍ସାହିତ ହୋଇଅଛନ୍ତି । ରଏତମାନଙ୍କର କନେଷ୍ଠଭ୍ରାତାମାନେ ଯେଉଁମାନେ ବା ରଏତଜମିର ବିଭାଗ ପାଇ ନାହାନ୍ତି ଏବଂ ଶୃଦନାରଯତମାନେ ଯେଉଁମାନଙ୍କର ଚାଷଜମି ଅଦୌ ନାହିଁ ସେହିମାନେ ନୂତନ ଜମି ଆବାଦ କରି ତଦ୍ଦ୍ୱାରା ଭୂସମ୍ପତ୍ତି ହସ୍ତଗତ କରିବା ସକାଶ ବିଶେଷ ଉନ୍ମୁଖ ଅଟନ୍ତି । ଗତବର୍ଷ ତମାଦି ଅଇନ ଜାରି କରା ଯାଇଥିବାରୁ ବହୁକାଳର ବକେୟା ଜମିମାନଙ୍କୁ ଖାତକମାନେ କେତେକ ସ୍ଥଳରେ ମହାଜନମାନଙ୍କ ହସ୍ତରେ ଅର୍ପଣ କରି ନୂତନ ଜମି ଆବାଦ କରିବାଦ୍ୱାରା ଜୀବିକା ନିର୍ବାହ କରିବାକୁ ଚେଷ୍ଟିତ ଥିବାର ମଧ୍ୟ ଦେଖା ଯାଉଅଛି, ଗତ ସନ ୧୮୮୩ ମସିହାଠାରୁ ବର୍ତ୍ତିତବର୍ଷ ଶେଷ ପର୍ଯ୍ୟନ୍ତ ୮ ଖଣ୍ଡ ନୂତନ ଗ୍ରାମ ବସତି ହୋଇଅଛି । ଏହି ଗ୍ରାମମାନଙ୍କର ନିବାସିମାନେ ଅଧିକାଂଶ ପୁଷ୍କଜଲ୍ଲାରୁ ଉପବିଷ୍ଟ ହୋଇଅଛନ୍ତି । ଏବଂ ସେମାନେ ରଣପୁର ପ୍ରଜାଙ୍କ ସମାସ୍ୱାରେ ଜଙ୍ଗଲ ଜମି ପରିଷ୍କାର କରି ଆବାଦ କରୁଅଛନ୍ତି । ପ୍ରଥମତଃ ଏହି ନୂତନ ଗ୍ରାମମାନ ବନ୍ଦୋବସ୍ତ କରା ଯିବାର ବିଧି ନାହିଁ ଉପନିବିଷ୍ଟ ବ୍ୟକ୍ତିମାନେ ଅନୁମତ୍ୟନୁସାରେ ଅନ୍ତତଃ ୩ ବର୍ଷ ପର୍ଯ୍ୟନ୍ତ ନିଷ୍କରରେ ଜମି ଆବାଦ କଲାରୁ ତଦୁତ୍ତାରୁ ଅତ୍ୟନ୍ତ ଅଳ୍ପ ଜମାରେ ସେମାନଙ୍କ ଆବାଦୀ ଜମି ବନ୍ଦୋବସ୍ତ କରା ଯାଇ କର ଆଦାୟ କରାଯାଏ । ଏହି ନୂତନ ଗ୍ରାମମାନଙ୍କରେ ଏକଶତଠାରୁ ଅଧିକ ଗୃହ ନିର୍ମିତ ହୋଇଅଛି ଏବଂ ୪୦୦ ଶତରୁ ଅଧିକ ଲୋକେ ସମ୍ପ୍ରତି ବାସ କରୁଅଛନ୍ତି ଏବଂ କ୍ରମଶଃ ଲୋକେ ଉପନିବେଶ କରିବା ଅଭିପ୍ରାୟରେ ଆଗତ ହେଉଅଛନ୍ତି ।

୨୨ । ଛଇଲା ଚାଷ ।—ଏ ଜଲ୍ଲାରେ ଲୋକମାନେ ସାଧାରଣତଃ ୨ ୫ ବର୍ଷ ପର୍ଯ୍ୟନ୍ତ ଛଇଲା ଚାଷଭୂମି ପରିବର୍ତ୍ତନ କରନ୍ତି । ଚଳିତ ବନ୍ଦୋବସ୍ତ ପୂର୍ବରୁ ଏବଂ ତତ୍କାଳେ ଯେଉଁ ଛଇଲାମାନ ଆବାଦ ହୋଇଥିଲା ସେମାନ ବନ୍ଦୋବସ୍ତ ମଧ୍ୟରେ ଅଣା ନ ଯାଇ ବାଦ ଦିଆ ଯାଇଥିଲା । ଏହି ଛଇଲାମାନ ପ୍ରତିବର୍ଷ ଯେ ପରିମାଣରେ ଆବାଦ ହୁଏ, ତାହା ମାପ କରା ଯାଇ କର ଆଦାୟ କରାଯାଏ ଏହିପରି ନିୟମଦ୍ୱାରା ପ୍ରତିବର୍ଷ ନାନାପ୍ରକାର ଅସୁବିଧା ଘଟିବାରୁ ଏବଂ ଲୋକେ ସ୍ୱଇଚ୍ଛାରେ ସ୍ୱନିର୍ଦ୍ଦିଷ୍ଟ ଛଇଲାମାନ ଚାଷ କରିବାଦ୍ୱାରା ଜଙ୍ଗଲ ନଷ୍ଟ କରିବା ଏବଂ ଏପରି କାର୍ଯ୍ୟ ଆଧୁନିକ ଜଙ୍ଗଲଆଇନବିରୁଦ୍ଧ ଦେଖା ଯିବାରୁ ଉକ୍ତ ବିଧିକୁ ବର୍ତ୍ତିତ ବର୍ଷ ସ୍ଥଗିତ କରା ଯାଇଅଛି ଏବଂ ତାବତୀୟ ପୁରାତନ ଛଇଲାକୁ ଚଳିତବନ୍ଦୋବସ୍ତର ମିଆଦ ଶେଷ ପର୍ଯ୍ୟନ୍ତ ବନ୍ଦୋବସ୍ତ କରା ଯାଇ ସରବରାହକାରମାନଙ୍କ ଜିମା ଦିଆ ଯାଇ ସେମାନଙ୍କଠାରୁ ମୋଟରେ କର ଆଦାୟ କରିବାର ନିଶ୍ଚୟ କରା ଯାଇଅଛି । ଏହି ଛଇଲାବନ୍ଦୋବସ୍ତ କର୍ମ ଆଗାମୀ ବର୍ଷ ଶେଷ ହୋଇ ଯିବ । ଅଧୁନା କୌଣସି ବ୍ୟକ୍ତିଠାରୁ ସାନ ବନ୍ଦୋବସ୍ତପର୍ଯ୍ୟନ୍ତ ମିଆଦରେ କବୁଲିୟତ ନିଆ ନ ଯାଇ ନୂତନ ଛଇଲା ଦିଆଯାଉ ନାହିଁ ପ୍ରତିବର୍ଷ ଆବାଦୀ ଛଇଲାମାନ ଜରିବ ବନ୍ଦୋବସ୍ତ କରା ଯାଉଥିବାରୁ ତଦ୍ଦ୍ୱାରା ଚାଷିର କୌଣସି ସତ୍ତ୍ୱ ସ୍ଥିର ହେଉ ନ ଥିଲା ଏବଂ କୌଣସ ବ୍ୟକ୍ତି ଉକ୍ତ ଛଇଲାର କୌଣସି ଅଂଶ ଧାନ ଜମି କରିବାକୁ ସାହସୀ ହେଉ ନ ଥିଲେ ବର୍ତ୍ତମାନ ଯେଉଁ ନିୟମ ଧାର୍ଯ୍ୟ କରା ଯାଇଅଛି ତଦ୍ଦ୍ୱାରା ସାମୀ ବନ୍ଦୋବସ୍ତ ପର୍ଯ୍ୟନ୍ତ ଛଇଲାଜମି ମଧ୍ୟରୁ କେତେକ ଜମି ଧାନ-

Digitized by srujanika@gmail.com

Split by PDF Splitter



ଜମି ହୋଇ ପାରବ ଏବଂ ଏତଦ୍ଵାରା ଉଭୟ ରାଜା ଏବଂ ପ୍ରଜାଙ୍କର ବସ୍ତୁର ଲାଭ ହେବାର ସମ୍ପୂର୍ଣ୍ଣ ଆଶା କରା ଯାଏ ।

୧୩ । ସାଧାରଣ ଲୋକଙ୍କ ମନର ଭାବ ।—ଯେପରି ଅପର ଗଡ଼ଜାତମାନଙ୍କରେ ଦେଖାଯାଏ ସେପରି ଏହି ଗଡ଼ଜାତରେ ମଧ୍ୟ ଅଧିକାଂଶ ଲୋକେ ସେମାନଙ୍କର ଆଦିମ ଅବସ୍ଥା ପରିତ୍ୟାଗ କରି ନାହାନ୍ତି ଏବଂ ସେମାନଙ୍କର ପ୍ରଧାନବ୍ୟକ୍ତିମାନେ ସାମାନ୍ୟ ଇସାରା କଲେ ସେମାନେ ଏକମେଳ ହୋଇପଡନ୍ତି । ରାଜବାଟୀରେ ଉପଲବ୍ଧି ପ୍ରାପ୍ତ ହେବା ସେମାନଙ୍କର ଏକମାତ୍ର ଗୌରବ ଏବଂ ସମ୍ଭ୍ରମର ଉଦ୍ଦେଶ୍ୟ ଅଟେ । ଏହି ରାଜବାଟୀଠାରେ ଧର୍ମନୀତି ସମାଜ ଏବଂ ଶାସନସମ୍ବନ୍ଧୀୟ ଯାବତୀୟ ବିଷୟମାନ ମୀମାଂସିତ ହୁଏ ଏବଂ ଏହା ବ୍ୟତୀତ ଉକ୍ତ ବିଷୟମାନ ମୀମାଂସା କରିବା ସକାଶେ ସାଧାରଣ ସମିତି ବା ପଞ୍ଚାଏତ ପ୍ରଭୃତି ନ ଥିବାରୁ ଏହି ରାଜବାଟୀ ଏବଂ ରାଜ୍ୟର ଶାସନକର୍ତ୍ତାଙ୍କର ବାକ୍ୟମାନ ଅଖଣ୍ଡ୍ୟ ଏବଂ ଅଲଂଘ୍ୟ ଅଟେ । ଏହି ବାକ୍ୟରେ ଯଦି କୌଣସି ପ୍ରଧାନବ୍ୟକ୍ତି ଅସନ୍ତୋଷ ଲାଭ କରେ କିମ୍ବା ଅପମାନିତ ହୁଏ ତାହା ହେଲେ ତହିଁର ପ୍ରତିକାର ସକାଶ ସାଧାରଣଲୋକଙ୍କୁ ଏକମେଳ କରାଇବାର ଉଦ୍‌ଯୋଗ କରେ । ଏହି ସାଧାରଣ ବ୍ୟକ୍ତିଙ୍କର କୌଣସିପ୍ରକାର ସ୍ୱାଧୀନ ମତ ନାହିଁ କିମ୍ବା ସେମାନେ ଅଜ୍ଞତା କଦାପି କୌଣସି ବିଷୟର ଚର୍ଚ୍ଚା କରିବାକୁ ସକ୍ଷମ ନୁହନ୍ତି । ଅଧୁନା ଯେଉଁ ଶାସନପ୍ରଣାଳୀ ଅବଲମ୍ବନ କରାଯାଇ ଅଛି ତଦ୍ଵାରା ସ୍ୱେଚ୍ଛା, ଉଦ୍ଧତା ଅନୁସରଣ ଏବଂ ବଳଦ୍ୱାରା ସ୍ୱାର୍ଥସାଧନ କରିବାର ଉପାୟମାନ ବନ୍ଦ ହୋଇ ଅଛି । ଏହି ହେତୁ ଉପରୋକ୍ତ ପ୍ରଧାନବ୍ୟକ୍ତିମାନଙ୍କର ସ୍ୱାର୍ଥଲାଭର ପନ୍ଥା ନିରୁଦ୍ଧ ହୋଇଥିବାରୁ ସେମାନେ ଅସନ୍ତୁଷ୍ଟ ହୋଇ ଗତବର୍ଷ ଏବଂ ବର୍ତ୍ତିତବର୍ଷ ଆରମ୍ଭରେ କେତେକ ପାଇକଙ୍କୁ ଏକତ୍ରିତ କରାଇ ରାଜଶାସନବିପକ୍ଷରେ ନାନାପ୍ରକାର କୁମନ୍ତ୍ରଣା ମାନ ଆରମ୍ଭ କରିଥିଲେ ମାତ୍ର ଅବଶେଷରେ ପରାସ୍ତ ହୋଇ ଗଲେ । ଏହି କାରୁବାଗର ବ୍ୟକ୍ତିମାନଙ୍କ ମଧ୍ୟରେ ଚୋରିଅଣି ଧାନର ଦର ବୃଦ୍ଧି । ମୂଲ୍ୟବାନ୍ ଜଙ୍ଗଲମାନ ଯେଉଁମାନେ କି ସେମାନେ ପୂର୍ବେ ବୃଥାରେ ନଷ୍ଟ କରିପକାଉଥିଲେ ଉକ୍ତ ଜଙ୍ଗଲମାନଙ୍କର ରକ୍ଷା ହୋଇଥିବା କଥାମାନ ବିଶେଷରୂପେ ଆଲୋଚିତ ହୋଇଥିଲା; ଅବଶେଷରେ ସମ୍ପୂର୍ଣ୍ଣରୂପେ ଚୋରିଅଣି ଧାନ ଆଦାୟ ଏବଂ ଜଙ୍ଗଲ ରକ୍ଷା ନିୟମାବଳୀ ଜାରି କରାଯିବାରେ ଉପରୋକ୍ତ ଆନ୍ଦୋଳନମାନ ବନ୍ଦ ହୋଇଗଲା । ସମ୍ପ୍ରତି ଲୋକେ ଜଙ୍ଗଲରକ୍ଷାର ଉପକାରିତା ଉତ୍ତମରୂପେ ବୁଝି ପାରୁଥିବାର ଅନୁମିତ ହେଉଅଛି ।

୧୪ । ବର୍ତ୍ତିତ ବର୍ଷ ଅଗଷ୍ଟମାସରେ ଜଳର ଅଭାବ ହୋଇଥିବାରୁ ମହାନଦୀ ଓ ଅପରାପର ନଦୀମାନଙ୍କରେ ବନ୍ଧ ପ୍ରସ୍ତୁତ କରାଯାଇ ଜଳସେଚନଦ୍ୱାରା ପ୍ରଜାମାନଙ୍କର ଫସଲ ରକ୍ଷା କରାଯାଇଥିବାରୁ ସେହି ବିଷୟ ତାବତୀୟ ଲୋକେ କଥୋପକଥନ କରୁଥିଲେ ଏବଂ ଏହିପରି ଉପାୟ ଅବଲମ୍ବନ କରିଥିବା ସକାଶୁଁ ତାବତୀୟ ଲୋକେ ଏ କଥେଷ୍ଟ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ପୂର୍ବରେ ଏପରି ଉପାୟ ଅବଲମ୍ବନ ହୋଇ ନ ଥିଲା । ସାଧାରଣଲୋକେ ରାଜସରକାରଙ୍କ ପ୍ରତି ଭକ୍ତି ରଖି ଶାନ୍ତଭାବରେ କାଳଯାପନ କରିଥିଲେ ।

୧୫ । ଉନ୍ନତିସାଧନ କର୍ମ ।—ଏହି କାର୍ଯ୍ୟମାନଙ୍କ ସକାଶ ଗତବର୍ଷ ଟ ୩୮୮୭ ଙ୍କା ଖର୍ଚ୍ଚ କରାଯାଇଥିଲା । ବର୍ତ୍ତିତବର୍ଷରେ ଟ ୩୯୯୭ଙ୍କା ଖର୍ଚ୍ଚ ହୋଇଅଛି ଗଡ଼ଠାରୁ ରେଢ଼ାଖୋଲ ପର୍ଯ୍ୟନ୍ତ ମା ୧୦ ମାଇଲ ବ୍ୟବଧାନରେ ଯେଉଁ ସଡ଼କ ପଡିଥିଲା ସେଥିରେ ମାଟିକର୍ମ ସମ୍ପୂର୍ଣ୍ଣ ହୋଇଅଛି । ସ୍ଥାନେ ପଥର ଏବଂ କାଠ, ଶଙ୍ଖମାନ ଏବଂ ଘାଟ ଓ ନଦୀସ୍ଥାନମାନଙ୍କରୁ ପଥର କଟାଇ କର୍ମମାନ ଚାଲୁଅଛି, ଅଗାମୀ ଶୀତକାଳ ପର୍ଯ୍ୟନ୍ତ ଏ କର୍ମମାନ ଶେଷ ହୋଇପାରିବ । ଗଡ଼ଠାରୁ ଫୁଲାଖଲା ପର୍ଯ୍ୟନ୍ତ ସଡ଼କକର୍ମ ଆରମ୍ଭ କରାଯାଇଅଛି, ଅଗାମୀ ଶୀତକାଳ ପର୍ଯ୍ୟନ୍ତ ଏ କର୍ମ ମଧ୍ୟ ଶେଷ ହେବାର ଆଶା କରାଯାଏ, ଏହି ସଡକର ରାସ୍ତାମାନ ପ୍ରସ୍ତୁତ ହୋଇଅଛି । ଅର୍ଥବଳ ହେଲେ ପକ୍କା କରାଯାଇ ପାରିବ । ଫୁଲାଖଲାସଡକ ପ୍ରସ୍ତୁତ ହେଲେ କଣ୍ଟିଲୋଠାରୁ ଟାଙ୍ଗି ପର୍ଯ୍ୟନ୍ତ ବାଣିଜ୍ୟର ଓ ଗମନାଗମନର ବିଶେଷ ସୁବିଧା ହେବ । ଖୋର୍ଦ୍ଧା ଏବଂ ରଣପୁର ମଧ୍ୟରେ ଏହି ସଡ଼କର ହୁଇପାର୍ଶ୍ୱରେ ସରକାରୀ ବଙ୍ଗଳାମାନ ଅଛି ମାତ୍ର ମଧ୍ୟରେ ଇୟୁରୋପୀୟ ଏବଂ ଦେଶୀୟ ଭଦ୍ରଲୋକ ଏବଂ କର୍ମଚାରୀମାନଙ୍କ ଅବାସ ନିମନ୍ତେ କୌଣସି ଆଶ୍ରୟ ନ ଥିବାରୁ ଗଡଠାରେ ଗୋଟିଏ ବଙ୍ଗଳା ପ୍ରସ୍ତୁତ କରାଯାଉଅଛି ।

୧୬ । ଜଳସେଚନ ସକାଶ ବର୍ତ୍ତିତବର୍ଷରେ ଗୋ ୧୮ ଟି ବନ୍ଧ ପ୍ରସ୍ତୁତ କରାଯାଇ ଅଛି, ସରକାରଙ୍କ ସାହାଯ୍ୟଦ୍ୱାରା ପ୍ରଜାମାନେ ଏହିମାନ କରୁଅଛନ୍ତି । ବର୍ଷାଭାବରୁ ଫସଲ ନଷ୍ଟ ହୋଇଥିବା ସମୟରେ ଏ ବନ୍ଧମାନଙ୍କ ହେତୁରୁ ବିଶେଷ ଉପକାର ହୋଇଅଛି । ମହାନଦୀ ନଦୀ ଉପରେ ଯେଉଁବନ୍ଧ ପ୍ରସ୍ତୁତ ହୋଇଅଛି, ତଦ୍ଵାରା ଏହି ରାଜ୍ୟର ମଧ୍ୟବର୍ତ୍ତୀ ଅନ୍ୟୂନ ୨୦ ବର୍ଗମାଇଲ ପରିଧି ଗ୍ରାମମାନଙ୍କରେ ଜଳସେଚନ କରାଯାଇଅଛି । ଏହି ବନ୍ଧ ହେତୁରୁ କୃଷିର ଉନ୍ନତିସାଧନ ସମ୍ବନ୍ଧରେ ବର୍ଷ ମଧ୍ୟରେ ଗୋଟିଏ ମହାନ୍ ଉପକାର ଉପଲବ୍ଧି ହୋଇଅଛି । ଉପରୋକ୍ତ କର୍ମଛଡା ବର୍ଷ ମଧ୍ୟରେ ଗୋ ୩ ଟି ପୁଷ୍କରିଣୀ ମରାମତି ଏବଂ ଅପରାପର କେତେକ ପ୍ରକାର କାଟେ କର୍ମମାନ ମଧ୍ୟ ହୋଇଅଛି ।

୧୭ । ରାଜ୍ୟମଧ୍ୟରେ ସାଧାରଣ ରାସ୍ତାମାନ ପ୍ରସ୍ତୁତ କରି ଦେବାର ସମୟ ଉପସ୍ଥିତ ହୋଇଅଛି । ଉପରୋକ୍ତ ଗଡ଼ଯୁବଠାରୁ ଫୁଲାଖଲା ପର୍ଯ୍ୟନ୍ତ ସଡ଼କ ବ୍ୟତୀତ ଅନ୍ୟୁନ ଗୋ ୩ ଟି ପ୍ରଧାନ ସଡ଼କ ପ୍ରସ୍ତୁତ ହେବାର ଆବଶ୍ୟକ ହୋଇଅଛି, ଏହି ରାସ୍ତାମାନଙ୍କ ମଧ୍ୟରୁ ଗୋଟିଏ ପୂର୍ବଦିଗକୁ ଖୋର୍ଦ୍ଧା ଇଲାକା ସିକୋ ପର୍ଯ୍ୟନ୍ତ, ଦ୍ୱିତୀୟଟି ପଶ୍ଚିମକୁ ବାଉଁଶଗଡ଼ା ଦେଇ ନୟାଗଡ଼ ମଧ୍ୟକୁ ଏବଂ ଅପର ଗୋଟିକ ଦକ୍ଷିଣ ପଶ୍ଚିମଦିଗରେ କରଡ଼ାପଲ୍ଲୀ ଦେଇ ବଡମାଲ ମଧ୍ୟସ୍ଥିତ ଖାଲବଣକୁ ପ୍ରସ୍ତୁତ ହେବା ଆବଶ୍ୟକ । ଏହି ରାସ୍ତାମାନଙ୍କର ନିର୍ମାଣ ସକାଶ ବିଶେଷ ଅର୍ଥର ଆବଶ୍ୟକ ଏବଂ ଏତେ ଅର୍ଥ ବର୍ତ୍ତମାନ ଅବସ୍ଥାରେ ରାଜକୋଷରେ ଅପ୍ରାପ୍ୟ ଏବଂ ରାଜସ୍ୱରୁ ଦିଆଯାଇ ନ ପାରେ । ଏହିପରି ଅଭାବମାନଙ୍କ ହେତୁରୁ କୌଣସି ପ୍ରକାର କର ଧାର୍ଯ୍ୟ କରି ତଦ୍ଵାରା ଉପରୋକ୍ତ କର୍ମମାନ ନିର୍ବାହ କରାଯିବାର ପର୍ଯ୍ୟାଲୋଚନା ହେଉଅଛି, ଏବଂ କଟକଜାତର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ସହାୟତାରେ ଏ କଥାର ସଜନ୍ତ ବନ୍ଦୋବସ୍ତ ହୋଇଥିବାରୁ ତାଙ୍କର ପରାମର୍ଶାନୁରେ ଏପରି କର ଧାର୍ଯ୍ୟ କରାଯିବାର ବିବେଚନା ହେଉଅଛି ମାତ୍ର କୌଣସି ବିଷୟ ଅଦ୍ୟାପି ସ୍ଥିର ହୋଇ ନାହିଁ ।

୧୮ । ଶିକ୍ଷା ।—ସନ ୧୮୮୪ ମସିହା ପୂର୍ବରେ ଗଡ଼ଠାରେ କେବଳମାତ୍ର ଗୋଟିଏ ଇଂରାଜୀ ସ୍କୁଲ ସ୍ଥାପିତ ଥିଲା ସେହି ବର୍ଷରୁ ଉକ୍ତ ସ୍ଥାନରେ ଗୋ ୩ ଟି ଅପରପ୍ରାଇମେରୀ ସ୍କୁଲ ସ୍ଥାପିତ ହୋଇଅଛି । ଇଂରାଜୀ ସ୍କୁଲର ଅବସ୍ଥା ଉନ୍ନତ ହୋଇ ନ ଥିବାରୁ ଛାତ୍ରମାନେ ଛାତ୍ରବୃତ୍ତିପରୀକ୍ଷା ଦେଇଅଛନ୍ତି । ଗତ ପରୀକ୍ଷାର ଫଳାନୁସାରେ ଏହି ସ୍କୁଲର ପୁନର୍ଗଠନ କରାଯିବା ସକାଶ ବିଷୟ ହୋଇଅଛି । ମାତ୍ର ଫଳ ପ୍ରକାଶ ହୋଇ ନ ଥିବାରୁ ତାହା ହୋଇ ନାହିଁ । ଏ ସ୍କୁଲର ବ୍ୟୟ ସମ୍ପୂର୍ଣ୍ଣରୂପେ ରାଜସର୍କାରରୁ

Digitized by srujanika@gmail.com

Split by PDF Splitter



ହୋଇଥାଏ ଏବଂ ବର୍ତ୍ତିତ ବର୍ଷରେ ଟ୪୯୧୯ ଙ୍କା ବ୍ୟୟ ହୋଇଥିଲା । ଏହି ସ୍କୁଲରେ ନ ୧ ଣ ହେଡ଼ ମାଷ୍ଟର ମାସିକ ଟ୧୫ଙ୍କା ଏକଜଣ ଦ୍ୱିତୀୟ ପଣ୍ଡିତ ମାସିକ ଟ୮ଙ୍କା ଏକଜଣ ତୃତୀୟ ପଣ୍ଡିତ ମାସିକ ଟ୬ଙ୍କା ଏବଂ ଏକଜଣ ସଂସ୍କୃତପଣ୍ଡିତ ହାତା ମାସିକ ଟ୨ଙ୍କା ବେତନରେ ନିଯୁକ୍ତ ଅଛନ୍ତି । ପୂର୍ବବର୍ଷ ଏ ସ୍କୁଲରେ ନ ୬୦ ଣ ଛାତ୍ର ବିଦ୍ୟାଧ୍ୟୟନ କରୁଥିଲେ ଗତବର୍ଷ ଛାତ୍ରସଂଖ୍ୟା ନ ୬୩ ଣ ଅଟେ । ସର୍ବୋଚ୍ଚ ଶ୍ରେଣୀର ଛାତ୍ରମାନେ କଲିକତା ଉପାଧି ପରୀକ୍ଷା ସକାଶ ପ୍ରସ୍ତୁତ ହେଉଅଛନ୍ତି ।

୨୯ । ଛାତ୍ରବୃତ୍ତି ଅପରପ୍ରାଇମେରୀ ସ୍କୁଲମାନଙ୍କର ଛାତ୍ର ସଂଖ୍ୟା ପୂର୍ବବର୍ଷ ନ ୧୦୦ ଣ ଏବଂ ବର୍ତ୍ତିତ ବର୍ଷ ନ ୧୩୬ ଣ ଅଟେ ଅତଏବ ନ ୩୬ ଣ ଛାତ୍ର ଗତ ବର୍ଷ ଅଧିକା ହୋଇଅଛନ୍ତି । ସମସ୍ତ ସ୍କୁଲରୁ ଛାତ୍ର-ମାନେ ଅପରପ୍ରାଇମେରୀ ପରୀକ୍ଷା ଦେଇଅଛନ୍ତି ମାତ୍ର ଫଳ ପ୍ରକାଶ ପାଇ ନାହିଁ । ଏହି ସ୍କୁଲମାନ ଆଂଶିକ ଚାନ୍ଦାଦ୍ୱାରା ଏବଂ ଆଂଶିକ ସରକାରଙ୍କ ସାହାଯ୍ୟଦ୍ୱାରା ଚଳୁଅଛି । ସରକାରୀ ମାସିକ ସାହାଯ୍ୟ ଟ୨୧ଙ୍କା ଅଟେ । ପ୍ରତ୍ୟେକ ସ୍କୁଲରେ ନ ୨ ଣ ଲେଖାଏ ପଣ୍ଡିତ ନିଯୁକ୍ତ ଅଛନ୍ତି । ଗତବର୍ଷ ମୋଟରେ ଇନ୍ସପେକ୍ଟର ଅନୁସାରେ ଟ୪୨୭୫୵ଙ୍କା ଖର୍ଚ୍ଚ ହୋଇଥିଲା ଯଥା,

| | |
|---|---|
| ସରକାରଙ୍କ ସାହାଯ୍ୟ ... ... | ଟ ୨୬ଙ୍କା |
| ଚାନ୍ଦା ଆଦାୟ ... ... ... | ଟ୩୫୧୫୵ |
| ମୋଟ | ଟ୪୨୭୫୵ |

୩୦ । ପାଠଶାଳା ।—ବର୍ତ୍ତିତ ବର୍ଷରେ ଗୋ ୫୨ ଟି ପାଠଶାଳାରେ ୪୫୩ ବାଳକ ବିଦ୍ୟାଶିକ୍ଷା କରୁଥିଲେ । ଏଥି ପୂର୍ବବର୍ଷରେ ଗୋ ୫୦ଟି ପାଠ-ଶାଳାରେ ଗୋ ୩୭୨ଟି ଛାତ୍ର ଥିଲେ । ସନ ୧୮୮୪।୮୫ ସାଲରେ ପରୀକ୍ଷାରେ ଫଳାନୁସାରେ ଅବଧାନ ଓ ଛାତ୍ରମାନଙ୍କୁ ପୁରସ୍କାର ଦେବାର ପ୍ରଥା ପ୍ରଚଳିତ କରାଯାଇଥିଲା ଏବଂ ତନ୍ନିମନ୍ତେ ଟ୧୦୫।୵୬ ବ୍ୟୟ ହୋଇଥିଲା । ବର୍ତ୍ତିତ-ବର୍ଷରେ ଟ୧୬୦ଙ୍କା ବ୍ୟୟ ହୋଇଥିଲା । ଏହି ପୁରସ୍କାରପ୍ରଥାଦ୍ୱାରା ସାଧାରଣଲୋକେ ସେମାନଙ୍କର ପିଲାମାନଙ୍କୁ ଶିକ୍ଷା ଦେବା ସକାଶ ଉତ୍ସାହିତ ହୋଇଥିବାର ଜଣାଯାଏ ମାତ୍ର ଏକଜଣ ନଃ ପେନ୍‌ଟିଙ୍ଗ ପଣ୍ଡିତ ଓ କେତେକ ଜଣ ଶିକ୍ଷିତ ଗୁରୁ ନିଯୁକ୍ତ କରିବାର ବଡ଼ ଆବଶ୍ୟକ ହୋଇଅଛି । ଅବଶେଷରେ ଚଳିତବର୍ଷ ଏକ ନଃ ପେନ୍‌ଟିଙ୍ଗ ପଣ୍ଡିତ ନିଯୁକ୍ତ କରାଯାଇଅଛି ମାତ୍ର ଶିକ୍ଷିତ ଗୁରୁମାନଙ୍କୁ ନିଯୁକ୍ତ କରିବାର ବନ୍ଦୋବସ୍ତ କରିବ ।

୩୧ । ବର୍ଷ ମଧ୍ୟରେ ଗୋ ୨ ଟି ଆଦର୍ଶ ପାଠଶାଳା ସ୍ଥାପିତ ହୋ-ଇଅଛି ଏମାନଙ୍କ ବ୍ୟୟମଧ୍ୟରୁ ସରକାରୀ ସାହାଯ୍ୟ ଟ୨ଙ୍କା ଏବଂ ବାକି ଗ୍ରାମବାସିମାନଙ୍କ ଉପରେ ଚାନ୍ଦା ଧାର୍ଯ୍ୟ କରାଯାଇଅଛି । ଏହି ପାଠଶାଳାମାନଙ୍କ ଚିରସ୍ଥାୟୀ ଏବଂ ନିଜ ରକ୍ଷାର ସମର୍ଥ ହେବା ପର୍ଯ୍ୟନ୍ତ ଏମାନଙ୍କ ଫଳ କୌଣସି ପ୍ରକାର ଆଶା କରାଯାଇ ନ ପାରେ । ଅଶିକ୍ଷିତ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଶିକ୍ଷାର ଉପକାରିତା ବିଷୟ ଆନ୍ଦୋଳନ ହେଉଅଛି ଏବଂ ବର୍ତ୍ତମାନ ଯେପରି ଚେଷ୍ଟା କରାଯାଉଅଛି ତଦ୍ରୂପ ଅଉ କିଛି ଦିନ କରାଗଲେ ଅତି ଶୀଘ୍ର ସେମାନେ ଶିକ୍ଷାର ଫଳ ଭୋଗ କରିବାକୁ ସମର୍ଥ ହେବେ ଏପରି ଆଶା ମଧ୍ୟ ଉଦୟ ହୋଇଅଛି ।

୩୨ । ରାଜସ୍ୱ ।—ଏ ବର୍ଷର ମୋଟ ରାଜସ୍ୱ ଟ୪୨୮୦୫ଙ୍କା ଧାର୍ଯ୍ୟ ହୋଇଅଛି ଏଥି ମଧ୍ୟରୁ ରାଣୀ ସାହେବ ଏବଂ ରାଜକୁମାରମାନଙ୍କର ଖୋରାକ ପୋଷାକ ସକାଶ ଖର୍ଚ୍ଚ ଟ୧୧୯୨୪ଙ୍କା ଏବଂ ସରବରାହକାରମାନ-ଙ୍କର ମାଲିକାନା ଗଡ଼କଡ଼ା ଟ ୫୦୯ ଙ୍କା ହିସାବରେ ମୋଟ ଟ ୨୨୨୦୯ ଙ୍କା ବାଦ ଯାଇ ବାକି ନିଟ ରାଜସ୍ୱ ୨୭୮୪୧ଙ୍କା ଅଟେ । ଉକ୍ତ ବନ୍ଦୋ-ବସ୍ତର ନିୟମାନୁସାରେ ସମୁଦାୟ ରାଜସ୍ୱର ତିନିଅଂଶ ନଗଦ ଟଙ୍କା ଏବଂ ଏକଅଂଶ ଧାନ ପ୍ରତିବର୍ଷ ବଜାରଭାଉ ଅନୁସାରେ ଆଦାୟ ହୁଏ । ଗତ-ବର୍ଷ ମୋଟରେ ୨୫୬୫୩୵୫୧୯ ଙ୍କା ଉସୁଲ ହୋଇଥିଲା ।

୩୩ । ଅବକାରୀ ।—ଗତବର୍ଷ ମୋଟରେ ଇନ୍‌ସ୍‌ପେକ୍ଟର ଅନୁସାରେ ଟ ୭୧୮୯ ଙ୍କା ଜମାରେ ଗୋ ୩ ଟି ଅଫିମ ଓ ଗୋ ୧୮ ଟି ସରାପଭାଟି ନିଲାମ କରାଯାଇଅଛି, ଯଥା;

| | |
|---|---|
| ଗୋ ୩ ଟି ଅଫିମ ଦୋକାନ | ଟ ୨୦୮୯ ଙ୍କା |
| ଗୋ ୧୮ ଟି ଖୋଲା ଭାଟି | ଟ ୫୧୦୯ ଙ୍କା |
| ମୋଟ | ଟ ୭୧୮୯ ଙ୍କା |

ପୂର୍ବେ ଗୋ ୨୫ ଟି ଖୋଲା ଭାଟି ଜାରିଥିଲା ମାତ୍ର ସେମାନଙ୍କର ପରସ୍ପର ନୈକଟ୍ୟ ଏବଂ ଲୋକମାନଙ୍କର ଦେଶୀସୁରାର ଆବଶ୍ୟକତା ଦୃଷ୍ଟିରେ ବର୍ତ୍ତିତ ବର୍ଷ ଗୋ ୧୮ ଟି ଦୋକାନ ସ୍ଥାପନ କରାଯାଇଅଛି । ଲୋକେ ତାଳ, ଖଜୁରୀ, ସଲପବୃକ୍ଷରୁ ତାଡ଼ି କମ୍ପା ରସ କାଟନ୍ତି ନାହିଁ । ଅଫିମ ଦୋକାନମାନ ପ୍ରତିବର୍ଷ ଏହି କଟେକରେ ବନ୍ଦୋବସ୍ତ ହୁଏ ଏବଂ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ କଟେକରୁ ପଟ୍ଟା ଦିଆଯାଏ । ପଟ୍ଟାଦାରମାନେ ଖୋର୍ଦ୍ଧା ଖଜଣାଖାନାରୁ ଅଫିମ ଆଣି ବିକ୍ରୀ କରନ୍ତି । ଏଠାରେ ଲୋକେ ମଦତ, ମାଜୁମ ଏବଂ ଚରସ ସେବନ କରୁ ନ ଥିବାରୁ ଉକ୍ତ ମାଦକଦ୍ରବ୍ୟ ଦୋକାନମାନ ଜାରି ହୋଇ ନାହିଁ ।

୩୪ । ଗଞ୍ଜା ।—ଏ ଦେଶର ଲୋକେ ବିନା ପାଶରେ ଗଞ୍ଜାଗଛ ଏବଂ ବ୍ୟବହାର କରନ୍ତି । ସମ୍ପ୍ରତି ଏହି ଗଛ ବନ୍ଦ କରାଯାଇ ସରକାରୀ-ଗଞ୍ଜା ବିକ୍ରୀ କରିବାର ବନ୍ଦୋବସ୍ତ କରା ଯାଉଅଛି ଏବଂ ତନ୍ନିମନ୍ତେ ଏକ ନିୟମାବଳୀ ମଧ୍ୟ ପ୍ରସ୍ତୁତ କରା ଯାଇଅଛି ମାତ୍ର ସରକାରୀଗଞ୍ଜା ଆମଦାନୀ ହେବା ସମ୍ବନ୍ଧରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ସହିତ କଥାବାର୍ତ୍ତା ଚଳୁଥିବାରୁ ଅଦ୍ୟାବଧି ଉକ୍ତ ନିୟମ କାର୍ଯ୍ୟରେ ପରିଣତ ହୋଇ ନାହିଁ ।

୩୫ ।—ନିମ୍ନଲିଖିତ ହିସାବରୁ ବର୍ତ୍ତିତ ବର୍ଷର ଜମା ଖର୍ଚ୍ଚ ଜଣାଯିବ ଯଥା;

ଜମା

| | |
|---|---|
| ସନ ୧୮୮୪।୮୫ ସାଲ ଶେଷରୁ ତହବିଲ ବାକି | ଟ ୪୨୩୩୯୷୭୫ |
| ସନ ୧୮୮୫।୮୬ ସାଲ ମଧ୍ୟରେ ଜମା | ଟ ୪୦୬୮୬୯୵୩୫ |
| ମୋଟ | ଟ ୪୪୯୨୦୯୧୧ |
| ସର୍ବପ୍ରକାର ଖର୍ଚ୍ଚ | ଟ ୪୧୦୦୯୷୧୫ |
| ସନ ୧୮୮୫।୮୬ ସାଲ ଶେଷରୁ ତହବିଲ ବାକି | ଟ ୩୯୧୧।୵୯୭ |

୩୬ ।—ସନ ୧୨୯୨ ସାଲର ରାଜସ୍ୱସମ୍ବନ୍ଧୀୟ ରିପୋର୍ଟରେ ଏ ବର୍ଷର ଜମା ଖର୍ଚ୍ଚ ଏବଂ ଜମା ଓ ୱାସିଲବାକି ପ୍ରଭୃତି ହିସାବମାନ ବିସ୍ତା-ରିତରୂପେ ବର୍ଣ୍ଣନା କରାଯାଇଅଛି ଅତଏବ ସେମାନ ଏଠାରେ ପୁନରାବୃତ୍ତି କରିବାର ଆବଶ୍ୟକ ନାହିଁ ।

Digitized by srujanika@gmail.com

Split by PDF Splitter



୩୭ । ବନ୍ଦୋବସ୍ତ ।—ଏ ଜିଲ୍ଲାର ଚଳିତ ବନ୍ଦୋବସ୍ତର ମିଆଦ ବ ୧୦ ବର୍ଷ ମାତ୍ର ଅଛି । ଏବଂ ସନ ୧୨୯୭ ସାଲରେ ଶେଷ ହେବ । ବନ୍ଦୋବସ୍ତ ସମ୍ବନ୍ଧରେ ଯେଉଁ ସଂଶୋଧନମାନ କରିବାର ଆବଶ୍ୟକ ଥିଲା ସେମାନ ବର୍ତ୍ତିତ ବର୍ଷ ଓ ତତ୍ପୂର୍ବ ବର୍ଷମାନଙ୍କରେ ଶେଷ କରାଯାଇ ଅଛି । ଜମୀଦାରୀ ଓ ମହଲା ବନ୍ଦୋବସ୍ତ ସମ୍ବନ୍ଧରେ ଏଥିପୂର୍ବେ ଯେପରି ବର୍ଣ୍ଣନା କରାଯାଇଅଛି ସେହିପରି କର୍ମ ଚଳିତବର୍ଷ ଶେଷପର୍ଯ୍ୟନ୍ତ ଚାଲିବ । ଥାନି ଏବଂ ସିକମି ରୟତମାନଙ୍କର ହୁଡ଼ି ଦେବତ୍ତର ଏବଂ ସଦାବର୍ତ୍ତସମ୍ବନ୍ଧୀୟ ବନ୍ଦୋବସ୍ତ ଏବଂ ଅପରାପର କେତେକ ବିଷୟ ବନ୍ଦୋବସ୍ତସମୟରେ ଧାର୍ଯ୍ୟ କରାଯାଇ ନ ଥିବାରୁ ସେମାନ ସମ୍ପ୍ରତି ତଦାରଖ କରାଯାଉଅଛି । ଚଳିତ ବନ୍ଦୋବସ୍ତର ଦୋଷମାନଙ୍କ ହେତୁରୁ ଅନିବାର୍ଯ୍ୟ ଓ ଅନାବଶ୍ୟକ ମୋକଦ୍ଦମାମାନଙ୍କର ସଂଖ୍ୟା ବୃଦ୍ଧି ପାଉଅଛି । ସାନବନ୍ଦୋବସ୍ତ ପର୍ଯ୍ୟନ୍ତ ଏହିପରି ଗୋଲମାଲମାନ ଶୁଦ୍ଧ ହେବାର ଆଶା ଦେଖାଯାଉ ନାହିଁ ।

୩୮ । ରେଜେଷ୍ଟ୍ରୀବିଭାଗ ।—ଗତ ସନ ୧୮୮୪ ମସିହାରେ ଆଗ୍ରା-ପ୍ରଜାମାନଙ୍କୁ ଇଷ୍ଟାମ୍ପଜମିର ସ୍ୱତ୍ୱ ହସ୍ତାନ୍ତର କରିବାର ଅଧିକାର ଦଆ ଯିବାର ସଙ୍ଗେ ସଙ୍ଗେ ରେଜେଷ୍ଟ୍ରୀଆଇନ ମଧ୍ୟ ଜାରି କରାଯାଇଥିଲା । ବର୍ତ୍ତିତ ବର୍ଷରେ ଏ ବିଭାଗର କାମର ଉନ୍ନତି ଦେଖାଯାଇଅଛି ଏବଂ ଟ ୧୩୭୫୮ ଙ୍କା ଦାବୀର ସହିତ ୩୦୦ ଖଣ୍ଡ ଦସ୍ତାବିଜ ରେଜେଷ୍ଟ୍ରୀ ହୋଇଅଛି । ପୂର୍ବବର୍ଷ କେବଳ ଟ ୨୧୦୯ ଙ୍କା ଦାବୀର ୩୩ ଖଣ୍ଡ ଦସ୍ତାବିଜ ରେଜେଷ୍ଟ୍ରୀ ହୋଇଥିଲା । ଦସ୍ତାବିଜମାନଙ୍କର ତାଲିକା ତଳେ ଲେଖାଗଲା ଯଥା;—

| ଦସ୍ତାବିଜମାନଙ୍କ ବିବରଣ | ସଂଖ୍ୟା । | ଦାବୀର ପରିମାଣ । | ମନ୍ତବ୍ୟ । |
|---|---|---|---|
| କଟ୍ଟି କବାଲା । | ୨୪୮ | ୧୨୪୨୯ ଙ୍କା | |
| କବଜ ନାମା । | ୧୭ | ଟ ୧୨୩୪୯ ଙ୍କା | |
| ମୁକ୍ତାର ନାମା । | ୩୪ | ୦ | |
| ପଟ୍ଟା କବୁଲିୟତ । | ୨ | ୦ | |
| ମୋଟ । | ୩୦୦ | ଟ ୧୩୭୫୮ ଙ୍କା | |

୩୯ । ବର୍ତ୍ତିତବର୍ଷ ମୋଟରେ ରେଜେଷ୍ଟ୍ରୀ ବିଭାଗରୁ ଟ ୨୪୦୧ ଙ୍କା ଫିସ ଆମଦାନୀ ହୋଇଥିଲା । ତତ୍ପୂର୍ବ ବର୍ଷ କେବଳ ଟ ୩୯।୬ ଙ୍କା ଆଦାୟ ହୋଇଥିଲା । ସନ ୧୮୭୭ ସାଲ ୩ ଆଇନର ମର୍ମାନୁସାରେ ଏହି ବିଭାଗରେ ଆମ୍ଭେ ସବ୍‌ରେଜେଷ୍ଟ୍ରାର ସ୍ୱରୂପ କାର୍ଯ୍ୟ କରୁଁ ଏବଂ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ଅନୁସାରେ ଖରକଡ଼ା ଟ ୨୫ ଙ୍କା କମିଶନ ପାଉଅଛୁଁ । ଏ ବିଭାଗ ସକାଶେ ସ୍ୱତନ୍ତ୍ର ଅମଲା ନିଯୁକ୍ତ ନାହିଁ କାର୍ଯ୍ୟର ବୃଦ୍ଧି ଏବଂ ଆୟର ପରିମାଣ ଦୃଷ୍ଟିରେ ଆଗାମୀ ଖର୍ଚ୍ଚର ବଜେଟ ପ୍ରସ୍ତୁତ ସମୟରେ ଏ ବିଷୟ ବିବେଚନା କରାଯିବ ।

୪୦ । ସରହଦ ଝଗଡ଼ାର ମୋକଦ୍ଦମା ।—ବର୍ଷମଧ୍ୟରେ ଖୋର୍ଦ୍ଧା ଖାସମହାଲ ସହିତ ଗୋ ୩ ଟି ଓ ନୟାଗଡ଼ ସହିତ ଗୋ ୧ ଟି ସରହଦ-ଝଗଡ଼ାର ଉପସ୍ଥିତ ହୋଇଥିଲା ଆମ୍ଭେ ସମସ୍ତ ସ୍ଥାନ ପରୀକ୍ଷା କରିଅଛୁଁ । ଖୋର୍ଦ୍ଧା ଖାସମହାଲ ସହିତ ଝଗଡ଼ାମାନଙ୍କ ସମ୍ବନ୍ଧରେ କେତେକ କାଗଜ ଖୋର୍ଦ୍ଧା ବନ୍ଦୋବସ୍ତମହକୁମାରୁ ଆସି ନ ଥିବାରୁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂରଙ୍କ ହଜୁରକୁ ରିପୋର୍ଟ କରାଯାଇ ନାହିଁ । ନୟାଗଡ଼ ସହିତ ମକଦ୍ଦମା ତଦାରଖ ହୋଇ ନାହିଁ । ଉଭୟ ପକ୍ଷ ସରଜମିନରେ ଆପେ ଝଗଡ଼ାର ମୀମାଂସା ହେବାର ସ୍ଥିର ହୋଇଅଛି । ଚଳିତବର୍ଷ ଏହି ସମୁଦାୟ ଝଗଡ଼ାର ମୀମାଂସା ହୋଇଯିବ । ଏ ଜିଲ୍ଲାର ବାହାର ସୀମାକାକୁ [illegible] ମାପ କରାଯିବା ଏବଂ ଏଥିଉପରେ ଥିବ ରକ୍ଷିତ ଜଙ୍ଗଲର ସୀମା ନିର୍ଦ୍ଦେଶ କରାଯିବା ସମ୍ବନ୍ଧରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂରଙ୍କ ସହିତ ପରାମର୍ଶ କରିବା ସକାଶେ ମନସ୍ଥ କରିଅଛୁଁ ।

୪୧ । ଦେଓ୍ୱାନୀ ।—ନିମ୍ନଲିଖିତ ନକ୍ସାରୁ ଦେଓ୍ୱାନୀ ଅଦାଲତ ମୋକଦ୍ଦମାମାନଙ୍କର ଦାଏର ଫଏସଲ ଓ ବାକି ବିଷୟମାନ ଜଣାଯିବ ଯଥା;

| ମୋକଦ୍ଦମାର ବର୍ଣ୍ଣନା | ଯେତେ ମୋକଦ୍ଦମା ଗତ ବର୍ଷ ଶେଷକୁ ବାକି ରହିଲା | ବର୍ତ୍ତିତ ବର୍ଷରେ ଯେତେ ମୋକଦ୍ଦମା ଦାଏର ହେଲା | ମୋଟ | ବର୍ତ୍ତିତ ବର୍ଷରେ ଯେତେ ମୋକଦ୍ଦମା ଫଏସଲ ହେଲା | ବର୍ଷ ଶେଷକୁ ଯେତେ ମୋକଦ୍ଦମା ବାକି ରହିଲା | ମନ୍ତବ୍ୟ |
|---|---|---|---|---|---|---|
| ସ୍ୱତ୍ୱ ଓ ବନ୍ଧ-ପ୍ରତ ସମ୍ବନ୍ଧୀୟ ମୋକଦ୍ଦମା | ୮୪ | ୭୫ | ୧୫୯ | ୧୨୭ | ୩୨ | |
| ଟଙ୍କା କଡ଼ି ଚଳନ୍ତି ସମ୍ପତ୍ତିର ମୋକଦ୍ଦମା | ୪୨୦୦ | ୧୩୨ | ୪୩୩୨ | ୭୭୫ | ୩୫୫୭ | |
| ମୋଟ | ୪୨୮୪ | ୨୦୭ | ୪୪୯୧ | ୯୦୨ | ୩୫୮୯ | |

୪୨ । ଉଲ୍ଲିଖିତ ମତେ ବର୍ତ୍ତିତବର୍ଷ ମଧ୍ୟରେ କେବଳ ୨୦୭ମାତ୍ର ମୋକଦ୍ଦମା ଦାଏର ହୋଇଥିଲା । ସନ ୧୮୮୪।୮୫ ସାଲରେ ତମାଦି ଆଇନ ଜାରି ହୋଇଥିବା ପ୍ରଯୁକ୍ତ ପୁରାତନ ଦେଣା ପାଉଣା ମୋକଦ୍ଦମାମାନ ଦାଏର ହୋଇଥିବାରୁ ବାକି ମୋକଦ୍ଦମାର ସଂଖ୍ୟା ଅତି ଅଧିକ ହୋଇଅଛି ଏହି ମୋକଦ୍ଦମାମାନଙ୍କ ମଧ୍ୟରୁ ନ ୩୪୮୨ ନର ମୋକଦ୍ଦମା ଅବଧି ବାକିଅଛି ଏବଂ ବର୍ତ୍ତିତବର୍ଷରେ ଯେତେ ମୋକଦ୍ଦମା ଫଏସଲ ହୋଇଅଛି ତଦୃଷ୍ଟିରେ ଏକଜଣ କର୍ମଚାରୀଦ୍ୱାରା ଉକ୍ତ ମୋକଦ୍ଦମାମାନ ଫଏସଲ ହେବା ସକାଶେ ୪ ବର୍ଷ ଲାଗିବ । ମାମଲତକାରମାନଙ୍କ ସୁବିଧା ଏବଂ କାର୍ଯ୍ୟର ସରଳତା ଦୃଷ୍ଟିରେ ଏହି ମୋକଦ୍ଦମାମାନଙ୍କ ଫଏସଲ-ନିମନ୍ତେ ଠିକା କର୍ମଚାରୀ ନିଯୁକ୍ତ କରିବା ସକାଶେ ପ୍ରସ୍ତାବ କରିବାର ମାନସ କରୁଅଛୁଁ ଏବଂ ଏପରି ହେଲେ ଏକବର୍ଷ ମଧ୍ୟରେ ସମୁଦାୟ ମୋକଦ୍ଦମା ନିଷ୍ପତ୍ତି ହୋଇପାରିବ ।

୪୩ । ବର୍ତ୍ତିତବର୍ଷ ମଧ୍ୟରେ ମିଆଦ ଏବଂ କୋର୍ଟଫିସ ସମ୍ବନ୍ଧୀୟ ଏକ ନିୟମାବଳୀ ଜାରି କରାଯାଇଥିଲା ଏବଂ ତଦ୍‌ଯୋଗୁଁ ଟ ୩୩୯।୦ ଙ୍କା ଆମଦାନୀ ହୋଇଅଛି ତମାଦି ଆଇନ ଜାରିଦ୍ୱାରା [illegible] ପୁରାତନ ଏବଂ ଅସଙ୍ଗତ ଦାବୀମାନ ପରିଷ୍କାର ହୋଇ ଯାଇଅଛି ଅପ୍ରତ ଯେଉଁ ମୋକଦ୍ଦମାମାନ ଦାଏର ହେଉଅଛି ସେମାନ ଅତ୍ୟନ୍ତ [illegible] ଏବଂ ଅବଶ୍ୟ-

Digitized by srujanika@gmail.com

ଖାପ୍ ଥିବାରୁ ମାମଲତକାରମାନେ କୋର୍ଟଫିସ ଦେବା ନମନ୍ତେ ଅନିଚ୍ଛୁକ ହେଉ ନାହାନ୍ତି ଏବଂ ଏପରି କୋର୍ଟଫିସ ଆଦାୟ ନ ହେଲେ ନାନାପ୍ରକାର ମିଥ୍ୟା ଏବଂ ଅସଙ୍ଗତ ମୋକଦ୍ଦମାମାନଙ୍କର ସଂଖ୍ୟା ବୃଦ୍ଧି ପାଇବାର ସମ୍ଭବ ।

୪୪ । ବର୍ତ୍ତିତବର୍ଷ ମଧ୍ୟରେ ଜ ୧୦୬ ମ୍ବର ଡକ୍ରୀଜାରୀ ମୋକଦ୍ଦମା ଦାଏର ହୋଇ ଜ ୮୮ ମ୍ବର ଫଏସଲ ହୋଇଥିଲା । ଜ ୧୭ ମ୍ବର ମୋକଦ୍ଦମାରେ ଦେଣାଦାର ଧୃତ ହୋଇଥିଲା ଜ ୭ ମ୍ବର ମୋକଦ୍ଦମାରେ ଚଳନ୍ତି ସମ୍ପତ୍ତି ଏବଂ ଜ ୬ ମ୍ବର ମୋକଦ୍ଦମାରେ ଅଚଳନ୍ତିସମ୍ପତ୍ତିର ଦଖଲ ଏବଂ ଜ ୬୮ ମ୍ବର ମୋକଦ୍ଦମାରେ ଟ ୬୪୭୬୬/୫୯ ଙ୍କାର ଦାଦାଦ ଡକ୍ରୀଦାରଙ୍କୁ ଆଦାୟ କରି ଦିଆଯାଇଥିଲା ।

୪୫ । ରେଭେନ୍ୟୁ ।— ବର୍ତ୍ତିତବର୍ଷ ମଧ୍ୟରେ ରେଭେନ୍ୟୁ ମୋକଦ୍ଦମାମାନଙ୍କର ଦାଏରୀ ଓ ଫଏସଲ କିପ୍ରକାର ହୋଇଥିଲା ତାହା ତଳ—ଲିଖିତ ନକସାରୁ ପ୍ରକାଶ ପାଇବ ଯଥା ;

| ମୋକଦ୍ଦମାର ବର୍ଣ୍ଣନା । | ଗତ ବର୍ଷ-ଶେଷରୁ ଯେତେ ନମ୍ବର ମୋକଦ୍ଦମା ବାକୀ ରହିଲ । | ବର୍ତ୍ତିତ ବର୍ଷରେ ଯେତେ ନମ୍ବର ଦାଏର ହେଲ | ମୋଟ । | ବର୍ତ୍ତିତ ବର୍ଷରେ ଯେତେ ନମ୍ବର ଫଏସଲ ହେଲ | ବର୍ତ୍ତିତ ବର୍ଷ-ଶେଷରୁ ଯେତେ ମୋକଦ୍ଦମା ବାକୀ ରହିଲ । | ମନ୍ତବ୍ୟ |
|---|---|---|---|---|---|---|
| ମୂଲଫର୍କା ମୋକଦ୍ଦମା । | ୭୩ | ୧୨୯ | ୧୭୨ | ୧୨୭ | ୪୭ | |
| ଜଙ୍ଗଲ କରୁଲସ୍ବତ୍ତ ମୋକଦ୍ଦମା । | ୧୭ | ୧୭୪ | ୨୨୦ | ୧୮୭ | ୨୪ | |
| ବାକୀ ଖଜଣା ମୋକଦ୍ଦମା । | ୩୭ | ୨୧୮ | ୨୫୫ | ୨୨୨ | ୩୩ | |
| ସରକରକାସ ଦାଖଲଖାରଜ ମୋକଦ୍ଦମା | ୨ | ୨୨ | ୨୪ | ୨୨ | ୨ | |
| ରଏତ ପ୍ରଭୃତ ଜମି ଦାଖଲଖାରଜ । | ୦ | ୩୨ | ୩୨ | ୪ | ୨୮ | |
| ମୋଟ | ୧୯୮ | ୫୪୫ | ୭୪୩ | ୫୭୦ | ୧୮୩ | |

୪୬ । ବର୍ତ୍ତିତ ବର୍ଷ ମଧ୍ୟରେ ସାର୍ଟିଫିକେଟ ବିଧି ଅନୁସାରେ ବାକୀଖଜଣା ମୋକଦ୍ଦମା ଦାଏରୀ ସଂଖ୍ୟା ଯେପରି ବୃଦ୍ଧି ହୋଇଥିଲା ସେପରି ତତ୍ପରତା ସହିତ ଫଏସଲ ମଧ୍ୟ ହୋଇଅଛି । ରଏତ ପ୍ରଭୃତ ଜମି ଖରଦ ବିକ୍ରୀ ହେଉଥିବାରୁ ସେମାନଙ୍କ ଦାଖଲଖାରଜ ହେବା ବିଧି ବର୍ତ୍ତିତ ବର୍ଷମଧ୍ୟରେ ପ୍ରଚଳିତ କରାଯାଇଥିଲା ବର୍ତ୍ତିତ ବର୍ଷମଧ୍ୟରେ ସମୁଦାୟରେ ରେଭେନ୍ୟୁ ମୋକଦ୍ଦମାମାନଙ୍କ ସଂଖ୍ୟା ପୂର୍ବ ବର୍ଷଠାରୁ ବୃଦ୍ଧି ପାଇଥିବାର ଦେଖାଯାଏ ।

୪୭ । ଫଉଜଦାରୀ ମୋକଦ୍ଦମାମାନଙ୍କର ବର୍ଣ୍ଣନା ।—ବର୍ତ୍ତିତ ବର୍ଷମଧ୍ୟରେ ଫଉଜଦାରୀମୋକଦ୍ଦମାନଙ୍କର ବର୍ଣ୍ଣନା ଯଥା ;

ପ୍ରଥମ ଭାଗ ।

| ଗତ ବର୍ଷମଧ୍ୟରେ ବାକୀ ଥିବା ମୋକଦ୍ଦମା-ସଂଖ୍ୟା । | ବର୍ତ୍ତିତ ବର୍ଷମଧ୍ୟରେ ବିଗ୍ରହ-ଧୀନକୁ ଆସିଥିବା-ସଂଖ୍ୟା । | ମୋଟ । | ବର୍ତ୍ତିତ ବର୍ଷମଧ୍ୟରେ ଫଏସଲ ହୋଇଥିବା ମୋକଦ୍ଦମା-ସଂଖ୍ୟା । | ବର୍ତ୍ତିତ ବର୍ଷ ଶେଷରୁ ବାକୀ ଥିବା ମୋକଦ୍ଦମା-ସଂଖ୍ୟା । | ମନ୍ତବ୍ୟ |
|---|---|---|---|---|---|
| ୨୩ | ୩୦୭ | ୩୨୯ | ୩୧୮ | ୧୧ | |

ଦ୍ବିତୀୟଭାଗ ।

| ଗତ ବର୍ଷ ଶେଷରୁ ଯେତେ ଅସାମୀ ବିଗ୍ରହ-ଧୀନରେ ବାକୀ ଥିଲେ । | ବର୍ତ୍ତିତ ବର୍ଷରେ ଯେତେ ଅସାମୀ ବିଗ୍ରହଧୀନକୁ ଅଣାଗଲେ । | ମୋଟ । | ବର୍ଷ ମଧ୍ୟରେ ଯେତେ ଅସାମୀ ମୃତ ବା ଫେରାର ବା ଅପର ଜେଲକୁ ଖାରଜ ହେଲେ । | ବର୍ଷମଧ୍ୟରେ ଯେତେ ଅସାମୀ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଅପିଲକୁ ସୁପର୍ଦ୍ଦ ହେଲେ । | ବର୍ଷ ମଧ୍ୟରେ ଯେତେ ଅସାମୀ ଖାରଜ କମ୍ବା ଖଲାସ ହେଲେ । | ବର୍ଷ ମଧ୍ୟରେ ଯେତେ ଅସାମୀ ଦଣ୍ଡ ପାଇଲେ । | ବର୍ଷ ଶେଷକୁ କେତେ ଅସାମୀ ବିଗ୍ରହଧୀନରୁ ବାକୀ ରହିଲେ । | ମନ୍ତବ୍ୟ । |
|---|---|---|---|---|---|---|---|---|
| ୩୭ | ୨୪୧ | ୨୭୮ | ୪ | ୧ | ୩୫୧ | ୩୧୨ | ୨୦ | |

୪୮ । ପୂର୍ବବର୍ଷର ତୁଳନାରେ ବର୍ତ୍ତିତ ବର୍ଷ ଜ ୬୫ ମ୍ବର ମୋକଦ୍ଦମା ଅଧିକ ହୋଇଅଛି ସମୁଦାୟ ମୋକଦ୍ଦମାମାନଙ୍କ ମଧ୍ୟରୁ ଅଧିକାଂଶ ମୋକଦ୍ଦମା ଗୁରୁ ମାରପିଟ ଅତ୍ୟାଚାର ଏବଂ ଜଙ୍ଗଲବିଧି ସମ୍ବନ୍ଧୀୟ ଅଟେ । ମୋଟରେ ଯେଉଁ ଜ ୩୧୨ ଶ ଅସାମିଙ୍କୁ ଦଣ୍ଡ ହୋଇଥିଲା ସେମାନଙ୍କମଧ୍ୟରୁ ଜ ୮୯ ଶ କାରାଦଣ୍ଡ ଜ ୩୦୨ ଶ ଅର୍ଥଦଣ୍ଡ ଏବଂ ଜ ୪ ଶ ବେତ୍ରଦଣ୍ଡ ଭୋଗ କରିଥିଲେ ।

୪୯ । ବର୍ତ୍ତିତ ବର୍ଷମଧ୍ୟରେ ଟ ୨୧୮୫।୯/୧୦ ଙ୍କା ଜରିମାନା କରାଯାଇଥିଲା ଏବଂ ପୂର୍ବବର୍ଷ ଶେଷରୁ ଟ ୧୧୯।୯ ଙ୍କା ଉସୁଲ ହେବାକୁ ବାକୀଥିଲା । ଏହିରୂପ ଟ ୨୨୭୫।୧ ଙ୍କା ମଧ୍ୟରୁ ଟ ୧୯୧୨।୧୦ଙ୍କ

Split by PDF Splitter

Digitized by srujanika@gmail.com

Split by PDF Splitter



ଉସୁଲ ହୋଇଥିଲା ଟ ୬୧୧୯ା ଅପିଲ ପ୍ରଭୃତି କାରଣମାନଙ୍କରେ ମାଫ ହୋଇଥିଲା ଏବଂ ବର୍ଷ ଶେଷକୁ ଟ ୧୩୬୯/୭ ଅଦାୟହେବାକୁ ବାକିଥିଲା ।

୫୦ । ବର୍ଷମଧ୍ୟରେ ଗୋଟିଏ ମାତ୍ର ଖୁନ ମୋକଦ୍ଦମା ଘଟିଥିଲା ଏହି ମୋକଦ୍ଦମାରେ ଏକଜଣ ଚଂଘଡ଼ ଜାତୀୟ ଯୁବକ ଗୋଟିଏ ପଞ୍ଚଦଶ-ବର୍ଷୀୟା ବାଳିକା ସହିତ ବଳାତ୍କାର କରଣରେ ମତ୍ତ ହୋଇ ତାକୁ ବଳଦ୍ୱାରା ବଧ କରିଥିଲା । ଏହି ମୋକଦ୍ଦମା ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ହଜୁରକୁ ପ୍ରେରିତ ହେବାରୁ ତାକୁ କଟକରେ ପ୍ରାଣଦଣ୍ଡ ହୋଇଅଛି ।

୫୧ । ଅପର ଗୋଟିଏ ଅତ୍ୟନ୍ତ ଜଘନ୍ୟ ଏବଂ ଯନ୍ତ୍ରଣାଦାୟକ ମୋକଦ୍ଦମା ମଧ୍ୟ ଘଟିଥିଲା । ବର୍ତ୍ତମାନ ଇଲାକାରେ ଜ ୮ ଣ ମାଲୁଅ ଲୋକଏକଜଣ ବ୍ୟକ୍ତିକୁ ବଳତଃମେ ହସ୍ତୀ ଗୋଡ଼ ଦିଆଇଥିଲେ । ଏହି ବ୍ୟକ୍ତି କ ଜଣେ ଗୁଣି ଥାଇ ସେମାନଙ୍କମଧ୍ୟରୁ ଏକଜଣବ୍ୟକ୍ତିକୁ ପାଗି-ଳାମ୍ଭ ମାର ପକାଇଥିବା ଏବଂ ଅପର ଏକବ୍ୟକ୍ତିକୁ ପୀଡ଼ିତ କରାଇଥିବାର ସେମାନେ ପ୍ରକାଶ କଲେ । ଏପରି କୁସଂସ୍କାର ମାନ କେବଳ ମାଲୁଅ ଲୋ-କଙ୍କମଧ୍ୟରେ ଦେଖା ନ ଯାଇ ସାଧାରଣ ଦେଶୀୟଲୋକଙ୍କ ମଧ୍ୟରେ ମଧ୍ୟ ଦେଖାଯାଏ । ଏକଷ୍ଟାମଧ୍ୟରେ ଯେଉଁଠାରେ ବୃହତ ଜଙ୍ଗଲ ଅଛି ଏବଂ ଅସଭ୍ୟଜାତିମାନେ ବାସ କରନ୍ତି ତାକୁ ମାଳ ଏବଂ ଯେଉଁଠାରେ ହିନ୍ଦୁମାନେ ବାସକରନ୍ତି ତାକୁ ଦେଶ ବୋଲାଯାଏ ଉପରୋକ୍ତ ମୋକଦ-ମାରେ ଅସାମୀମାନଙ୍କୁ ଯଥୋଚିତ ଦଣ୍ଡ ଦିଆ ଯାଇଅଛି ।

୫୨ । ଅପିଲ ଗୋ ୭ ଟି ଦେଓ୍ୱାନୀ ଏବଂ ଏକଗୋଟି ଫୌଜଦାରୀ ଏପରି ମୋଟରେ ଗୋ ୭ ଟି ଅପିଲ ବର୍ଷମଧ୍ୟରେ ଦାଏର ହୋଇଥିଲା । ଗୋ ୫ ଟି ଦେଓ୍ୱାନୀ ଅପିଲ ଫଏସଲ ହୋଇ ବର୍ଷଶେଷକୁ ଏକ ଗୋଟି ବାକି ଥିଲା । ଗୋ ୪ ଟି ଅପିଲରେ ନିମ୍ନ ଅଦାଲତଙ୍କ ରାୟ ବାହାଲ ହୋଇଥିଲା । ଫଉଜଦାରୀ ଅପିଲଟିରେ ଅସାମୀପ୍ରତି ହୋଇଥିବା ଦଣ୍ଡ ପରିବର୍ତ୍ତନ ହୋଇଥିଲା ।

୫୩ । ମୋକଦ୍ଦମାମାନଙ୍କ ସମ୍ବନ୍ଧରେ ସାଧାରଣ ମନ୍ତବ୍ୟ ।— ମୋଟରେ ଲ ୬୦୭ ମ୍ବର ଦେଓ୍ୱାନୀ ଲ ୧୪୫ ମ୍ବର ରେଭେନ୍ୟୁ ଏବଂ ଲ ୩୦୭ ମ୍ବର ଫଉଜଦାରୀ ଏରୂପ ମୋଟରେ ଲ ୧୦୫୮ ମ୍ବର ମୋକଦ୍ଦମା ଦାଏର ହୋଇ କ୍ରମରେ ଲ ୯୦୬,୫୭୦ ଏବଂ ୩୮ ମ୍ବର ଏରୂପ ମୋଟରେ ଲ ୧୭୮୦ ମ୍ବର ମୋକଦ୍ଦମା ଫଏସଲ କରାଯାଇଥିଲା । ପୂର୍ବବର୍ଷ ଇମାମୀ ମକଦ୍ଦମା ଛଡ଼ା ଲ ୦୩୮ ମ୍ବର ଦେଓ୍ୱାନୀ ଲ୩୭୫ମ୍ବର ରେଭେନ୍ୟୁ ଏବଂ ଲ ୬୪୧ ମ୍ବର ଫଉଜଦାରୀ ଏରୂପ ମୋଟରେ ଲ ୭୪୪ ମ୍ବର ମୋକଦ୍ଦମା ଦାଏର ହୋଇ କ୍ରମରେ ଲ ୧୧୦, ୭୦୩, ୬୩୭ ମ୍ବର ଏରୂପ ମୋଟରେ ଲ ୯୫୦ ମ୍ବର ମୋକଦ୍ଦମା ଫଏସଲ ହୋଇଥିଲା । ଏହିରୂପେ ଉପର ଲେଖା ହିସାବରୁ ପ୍ରକାଶ ଯେ ପୂର୍ବବର୍ଷଠାରୁ ବର୍ତ୍ତିତ-ବର୍ଷରେ ମୋକଦ୍ଦମା ସଂଖ୍ୟା ଅଧିକ ଅଛି । ବିଗ୍ରହ ଅଦାଲତରେ ନିୟମିତପ୍ରଣାଳୀ ଏବଂ ନ୍ୟାୟ ବିଗ୍ରହ ଭଳିଆ ନାନାପ୍ରକାର ମନ ଅଭ୍ୟାସମାନଙ୍କର ହ୍ରାସ ହେଉଥିବାରୁ ଏବଂ ଲୋକମାନେ କ୍ରମଶଃ ମୋକଦ୍ଦମା ପ୍ରିୟ ହେଉଥିବାରୁ ଏପରି ମୋକଦ୍ଦମାର ସଂଖ୍ୟା ବୃଦ୍ଧି ପାଉଥିବାର ଜଣାଯାଏ ।

୫୪ । ବିଗ୍ରହ ଅଦାଲତ—ଏହାଙ୍କ ମଧ୍ୟରେ ଦେଓ୍ୱାନଙ୍କ ଅଦାଲତ ନିମ୍ନ ଅଦାଲତ ଅଛି । ସୁଜାଙ୍କ ଅଦାଲତ ଉଚ୍ଚ ଏବଂ ଅପିଲ ଅଦାଲତ ଅଛି । ଦେଓ୍ୱାନଙ୍କ ହୁକୁମ ନାରାଜରେ ଅପିଲ ଏବଂ ତାଙ୍କ କ୍ଷମତା ଅତିରିକ୍ତ ମୋକଦ୍ଦମାମାନ ରାଜଅଦାଲତରେ ବିଗ୍ରହ ହୁଏ । ଗତ ବର୍ଷ ଦେଓ୍ୱାନଙ୍କ କ୍ଷମତାମାନ, ବଙ୍ଗଦେଶର ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଅଙ୍ଗୀକୃତ କରାହୋଇଥିଲା । ଉଲ୍ଲିଖିତ ମତେ ବିଗ୍ରହଅଦାଲତମାନ ସଂସ୍ଥାପିତ ହୋଇଥିବାରୁ ଏ କାଳର ବିଗ୍ରହ କାର୍ଯ୍ୟ ଅତି ସୁନ୍ଦର ଏବଂ ସହଜରେ ନିର୍ବାହିତ ହେଉଅଛି ଏବଂ ଲୋକମାନେ ଏଥିର ଉପକାରିତା ଉତ୍ତମରୂପେ ବୁଝିପାରୁଅଛନ୍ତି । ମୋକଦ୍ଦମା ଏବଂ ରାଜକୀୟ କର୍ମମାନଙ୍କର ସଂଖ୍ୟା ବୃଦ୍ଧି-ହେତୁରୁ ବିଗ୍ରହପତିମାନଙ୍କର ସଂଖ୍ୟା ମଧ୍ୟ ଏକଷ୍ଟାର ରାଜସ୍ୱ ଅବେଚନାରେ ବୃଦ୍ଧି କରାଯିବାର ଆବଶ୍ୟକ ହେଉଅଛି । ଏ ବିଷୟକୁ କଷ୍ଟାଜାତର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ପରାମର୍ଶାନୁସାରେ ସ୍ଥିର କରାଯିବ । ଦେଓ୍ୱାନଙ୍କ କ୍ଷମତା ବୃଦ୍ଧି କରାଯିବାର ମଧ୍ୟ ଆବଶ୍ୟକ ହୋଇ-ଅଛି । ଏ ବିଷୟ ମଧ୍ୟ ଉକ୍ତ ସହିତ ସନ୍ନିବେଶିତ ହେବ ।

୫୫ । ପୁଲିସ—ଏ କଷ୍ଟାର ପୁଲିସଦ୍ୱାରା ସର୍ବପ୍ରକାର କାର୍ଯ୍ୟ ସାଧିତ ହୋଇଅଛି । ପୁଲିସକର୍ମଚାରୀମାନେ ସେମାନଙ୍କ ନିୟମିତ କର୍ମ ବ୍ୟତି-ରେକେ ଜଙ୍ଗଲ ଦେଓ୍ୱାନୀଅଦାଲତର ତହସିଲ ଏବଂ ଅପରାପର କେତେକ କାର୍ଯ୍ୟ କର୍ମ ମଧ୍ୟ କରନ୍ତି । ପୁଲିସ ଇଲାକାରେ ଏକ ଜଣ ଦାରୋଗା ଓ ଜ ୫ ଣ ଜମାଦାର ଏବଂ ଜ ୬୦ ଣ କନଷ୍ଟେବଲ ନିଯୁକ୍ତ ଅଛନ୍ତି ।

୫୬ । ଦାରୋଗାର ମାସିକ ବେତନ ଟ ୧୫୯ ଙ୍କା ଏବଂ ଜମା-ଦାରମାନଙ୍କର ଟ ୭୯ ଙ୍କାଠାରୁ ଟ ୮୯ ଙ୍କା ଓ କନଷ୍ଟେବଲମାନଙ୍କର ଟ ୩୯ ଙ୍କାଠାରୁ ଟ ୪୫ ଙ୍କା ପର୍ଯ୍ୟନ୍ତ ଦିଆଯାଏ । ପୂର୍ବରୁ ଏ ବେତନର ପରିମାଣ ଉଣା ଥିଲା ସମ୍ପ୍ରତି ଏହା କେତେକ ପରିମାଣରେ ବୃଦ୍ଧି କରା-ଯାଇଅଛି ଏବଂ ଉପଯୁକ୍ତ ଲୋକଙ୍କୁ ରଖାଯିବା ସକାଶ ଚଳିତ ବର୍ଷ ଆହୁରି ବେତନ ବୃଦ୍ଧି କରାଯିବାର ମଧ୍ୟ ମନସ୍ଥ କରାଯାଇଅଛି । ଏକଷ୍ଟା ଇଲାକାରେ ଏକ ଗୋଟି ଥାନା ଓ ଗୋ ୩ ଟି ଫାଣ୍ଡି ଏବଂ ଗୋ ୫ ଟି ଚୌକିଘର ସଂସ୍ଥାପିତ ହୋଇଅଛି । ଥାନାର ଭାର ଦାରୋଗା ପ୍ରତି ଏବଂ ଫାଣ୍ଡିମାନ-ଙ୍କର ଭାର ଜମାଦାରମାନଙ୍କ ପ୍ରତି ଅର୍ପିତ ହୋଇଅଛି । ଚୌକିମାନଙ୍କରେ କନଷ୍ଟେବଲମାନେ ନିଯୁକ୍ତ ଥାଇ ସାଧାରଣତଃ ଜଙ୍ଗଲଇଲାକା କାର୍ଯ୍ୟରେ ଲିପ୍ତ ଥାନ୍ତି । ଜଙ୍ଗଲ ରକ୍ଷା ସକାଶ ଭିନ୍ନ କର୍ମଚାରୀ ନିଯୁକ୍ତ ନାହିଁ । କୋ-ର୍ଟରେ ଏକଜଣ ଜମାଦାର ନିଯୁକ୍ତ ଅଛି ସେ ପୁଲିସର ସଦର ସିରସ୍ତାର ତାବଗୀୟ କର୍ମ ଓ କୋର୍ଟର କର୍ମମାନ ନିର୍ବାହ କରେ ଓ ଜଙ୍ଗଲ ଇଲାକାର ପାଶ ଓ ଖତମାନ ଜାରୀ କରେ ।

୫୭ । ପୁଲିସ କର୍ମଚାରୀମାନେ ସେମାନଙ୍କର ପୋଷାକ, ପରିଚ୍ଛଦ ପାଇଅଛନ୍ତି । ଇଂରେଜୀ ବନ୍ଧୁକ ଅଣାଯିବା ସକାଶ ମଧ୍ୟ ଶ୍ରୀଯୁକ୍ତ ଶ୍ରୀ ସୁପରି-ଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ହଜୁରକୁ ଲେଖା ଯାଇଅଛି । ଉକ୍ତ ବନ୍ଧୁକମାନ ଆସିଲେ ନିୟମିତ ଡ୍ରିଲ କର୍ମର ଶିକ୍ଷା ଦିଆଯିବ । ସମ୍ପ୍ରତି କନଷ୍ଟେବଲମାନେ କେବଳ ପଦ ଗୃହନ ଶିକ୍ଷା କରୁଅଛନ୍ତି ।

୫୮ । ପୁଲିସ କର୍ମଚାରୀମାନଙ୍କ ଅଧୀନରେ ଖ ୩୬୧ ଖ ଗ୍ରାମରେ ଲ ୧୫୭ ଣ ଚୌକିଦାର ନିଯୁକ୍ତ ଅଛନ୍ତି । ଏହି ଚୌକିଦାରମାନେ ଜାଗିର ଜମି ଭୋଗ କରନ୍ତି ଓ ଗ୍ରାମବାସିମାନଙ୍କଠାରୁ ଦାନାବଡ଼ା ନିଅନ୍ତି । ଏମାନେ ଜଙ୍ଗଲ ରକ୍ଷା ବିଷୟରେ ଅତ୍ୟନ୍ତ ସହାୟ ଅଟନ୍ତି । ବର୍ତ୍ତିତ ବର୍ଷ-ମଧ୍ୟରେ ଜ ୬ ଣ ଚୌକିଦାର ଫଉଜଦାରୀମୋକଦ୍ଦମାରେ ଏବଂ ଜ ୫ ଣ ଚୌକିଦାର କର୍ତ୍ତବ୍ୟ କର୍ମ ତ୍ରୁଟିରେ ଦଣ୍ଡ ପାଇଥିଲେ ।

Digitized by srujanika@gmail.com

Split by PDF Splitter



୫୯ । ବର୍ଣ୍ଣିତ ବର୍ଷରେ ପୁଲିସ ଇଲାକାରେ ବେତନ ଏବଂ ଅପରାପର ଖର୍ଚ୍ଚ ସକାଶ ମୋଟରେ ଟ ୧୧୮୬୬/୪ ବ୍ୟୟିତ ହୋଇଥିଲା ।

୬୦ । ବର୍ଣ୍ଣିତ ବର୍ଷରେ ନ ୨୨୪ ମ୍ବର ମୋକଦ୍ଦମା ପୁଲିସରେ ଏତଲା ହୋଇଥିଲା । ତନ୍ମଧ୍ୟରୁ ନ ୬ ମ୍ବର ଖାରଜ କରାଗଲା ନ ୨୧୦ ମ୍ବର ତଦାରଖ ହୋଇଥିଲା ଓ ନ ୮ ମ୍ବର ବର୍ଷ ଶେଷକୁ ବାକି ଥିଲା । ତଦାରଖୀ ମୋକଦ୍ଦମା ମଧ୍ୟରୁ ନ ୧୩୮ ମ୍ବର ମୋକଦ୍ଦମା ବିଚାର ସକାଶ ପ୍ରେରିତ ହୋଇଥିଲା । ନ ୫୯ ମ୍ବର ମୋକଦ୍ଦମା ସତ୍ୟ ପ୍ରମାଣ ହୋଇଥିଲେହେଁ ଆସାମୀ ପାଆଯାଇ ନ ଥିଲେ ଏବଂ ନ ୧୩ ମ୍ବର ମୋକଦ୍ଦମା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣ ହୋଇଥିଲା ଉପରୋକ୍ତ ପୁଲିସ-ଯୋଗ୍ୟ ମୋକଦ୍ଦମା ବ୍ୟତୀତ ନ ୧୩ ମ୍ବର ମୋକଦ୍ଦମା ମଧ୍ୟ ମାଜିଷ୍ଟ୍ରେଟଙ୍କ ହୁକୁମାନୁସାରେ ପୁଲିସକର୍ମଚାରୀମାନେ ତଦାରଖ କରିଥିଲେ ।

୬୧ । ମୋଟରେ ନ ୨୫୯ ଣ ଆସାମୀ ବିଚାର ସକାଶ ପ୍ରେରିତ ହୋଇଥିଲେ ଏମାନଙ୍କ ମଧ୍ୟରୁ ନ ୨ ଣ ଅପର ଅଦାଲତକୁ ଖାରଜ ହୋଇଥିଲେ ନ ୯୪ଣ ଖଲାସ ଓ ଖାରଜ ହୋଇଥିଲେ ଏବଂ ନ ୨୦୩ ଣ ଦଣ୍ଡପାଇଥିଲେ ଦଣ୍ଡିତ ବ୍ୟକ୍ତିମାନଙ୍କ ମଧ୍ୟରୁ ନ ୧୮୭ ଣ ନିମ୍ନ ଏବଂ ନ ୧୬ ଣ ଉଚ୍ଚ ଅଦାଲତଙ୍କଦ୍ୱାରା ଦଣ୍ଡ ପାଇଥିଲେ । ଗୋ ୨ ଟି ମୋକଦ୍ଦମାରେ ନ ୩ ଣ ଆସାମୀ ବର୍ଷ ଶେଷକୁ ବିଚାରାଧୀନରେ ବାକି ଥିଲେ । ମୋଟରେ ଗୋ ୧୨୬ ଟି ମୋକଦ୍ଦମାରେ ଟ ୨୦୦୪୯/୩ ଙ୍କାର ମାଲ ଚୋରି ଯାଇଥିଲା ଏଥି ମଧ୍ୟରୁ ୯୩ ମୋକଦ୍ଦମାରେ ଟ ୮୯୬୩/୯ ଙ୍କାର ମାଲ ପାଆଯାଇଥିଲା । ଏହି ମାଲ ମଧ୍ୟରୁ ଟ ୫୮୪/୯ ଙ୍କା ନଗଦ ଟଙ୍କା ଏବଂ ଅଳଙ୍କାର ଓ ବାକି ଅପରାପର ପଦାର୍ଥମାନ ଅଟେ । ଉପରୋକ୍ତ ଚୋରିମାଲ ମଧ୍ୟରୁ କେବଳମାତ୍ର ଟ ୧୦୮୫/୬ ଙ୍କାର ମାଲ ପାଆଯାଇ ନାହିଁ । ପୂର୍ବ ବର୍ଷମାନଙ୍କ ଅପେକ୍ଷା ବର୍ଣ୍ଣିତ ବର୍ଷରେ ପୁଲିସ କର୍ମଚାରୀମାନେ ଅତି ଦକ୍ଷତା ସହିତ କାର୍ଯ୍ୟ କରିଥିବାର ପ୍ରକାଶ ପାଉଅଛି ।

୬୨ । ପୂର୍ବ ବର୍ଷମାନଙ୍କ ପରି ବର୍ଣ୍ଣିତବର୍ଷରେ ମଧ୍ୟ ଅଧିକାଂଶ ସାମାନ୍ୟ ଚୋରି ଅପକାର ଏବଂ ଜଙ୍ଗଲବିରୁଦ୍ଧ ଅପରାଧମାନ ଘଟିଥିଲା ।

୬୩ । ବର୍ଣ୍ଣିତ ବର୍ଷରେ ଗୋ ୨୨ ଟି ଅପମୃତ୍ୟୁର ମୋକଦ୍ଦମା ପୁଲିସରେ ଏତଲାଇ ହୋଇଥିଲା । ଏଥି ମଧ୍ୟରେ ଗୋ ୧୦ ଟି ଜଳବୁଡ଼ି ଗୋ ୫ ଟି ଫାଶି ଗୋ ୬ ଟି ସାପକାମୁଡ଼ି ଏବଂ ଗୋ ୧ ଟି ବଜ୍ରାଘାତ ସମ୍ବନ୍ଧୀୟ ଅଟେ । ପୁଲିସ ଉକ୍ତ ମୃତ୍ୟୁ ମଧ୍ୟରୁ ଗୋ ୭ ଟି ସ୍ୱେଚ୍ଛା ଏବଂ ଗୋ ୧୫ ଟି ଅକସ୍ମାତ୍ମୃତ୍ୟୁ ଅଟେ । ଗୋ ୨ ଟି ମୋକଦ୍ଦମାରେ ଲାସମାନଙ୍କୁ ଡାକ୍ତର ପରୀକ୍ଷା ସକାଶ ପଠାଯାଇଥିଲା । ମାତ୍ର ମୃତ୍ୟୁ ସମ୍ବନ୍ଧରେ କୌଣସି ସନ୍ଦେହ ପ୍ରକାଶ ପାଇଲା ନାହିଁ । ମୃତବ୍ୟକ୍ତିମାନଙ୍କ ମଧ୍ୟରୁ ନ ୭ ଣ ପୁରୁଷ ନ ୧୫ ଣ ସ୍ତ୍ରୀ ଅଟନ୍ତି ।

୬୪ । ନ ୩ ଣ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଅତ୍ୟାଚାର ଏବଂ କର୍ତ୍ତବ୍ୟକର୍ମର କ୍ଷତି ସମ୍ବନ୍ଧୀୟ ମୋକଦ୍ଦମା ଦାଏର ହୋଇଥିଲା । ଗୋଟିଏ ମୋକଦ୍ଦମା ପ୍ରମାଣ ହେଲା ନାହିଁ ଏବଂ ବାକି ମୋକଦ୍ଦମାରେ କର୍ମଚାରୀମାନେ ଦଣ୍ଡ ପାଇଥିଲେ କର୍ତ୍ତବ୍ୟକର୍ମ ତ୍ରୁଟି ସକାଶେ ନ ୬ ଣ କନଷ୍ଟେବଲ ବିଭାଗୀୟ ଦଣ୍ଡ ମଧ୍ୟ ପାଇଥିଲେ ।

୬୫ । ଏକଲ୍ଲା ଇଲାକାରେ ବର୍ଣ୍ଣିତ ବର୍ଷରେ ନ ୧୩୫ ଣ ଦାଗୀ ଓ ବଦମାସ ବ୍ୟକ୍ତି ବାସ କରୁଥିଲେ ଏମାନଙ୍କ ମଧ୍ୟରୁ ନ ୪୬ ଣ ପୁଲିସ ତଦାରଖରେ ଏବଂ ନ ୧୫ ଣ ଜେଲରେ ଥିଲେ । ଏମାନଙ୍କର ଆଚରଣ ସମ୍ବନ୍ଧରେ ସମସ୍ତ ସମୟରେ ପୁଲିସ କର୍ମଚାରୀମାନେ ତଦାରଖ କରନ୍ତି ଏବଂ ସେମାନଙ୍କର ଗତିବିଧି ବିଷୟ ପୁଲିସ ଡାଏରିରେ ଦରଜ କରନ୍ତି ।

୬୬ । ବର୍ଣ୍ଣିତ ବର୍ଷ ମଧ୍ୟରେ ନ ୬୭ ଣ ଫେରାର ଆସାମିମାନଙ୍କ ନାମ ପୁଲିସରେ ରେଜଷ୍ଟର ହୋଇଥିଲା ଏମାନଙ୍କ ମଧ୍ୟରୁ ନ ୧୪ ଣ ଏକଲ୍ଲା ଇଲାକା ଏବଂ ବାକି ଆସାମୀ ଅପର ଇଲାକାମାନଙ୍କର ଅଟନ୍ତି ।

୬୭ । ବର୍ଣ୍ଣିତ ବର୍ଷ ମଧ୍ୟରେ ପୁଲିସ ଉପରେ ନ ୧୪୧୧ ମ୍ବର ଅର୍ଡର ଜାରି ହୋଇଥିଲା ଏଥି ମଧ୍ୟରୁ ନ ୧୩୮୬ ମ୍ବର ଅର୍ଡର ତାମିଲ ହୋଇ ନ ୨୫ ମ୍ବର ବର୍ଷ ଶେଷକୁ ବାକି ଥିଲା । ଉକ୍ତ ଅର୍ଡରମାନଙ୍କ ମଧ୍ୟରୁ ନ ୧୭୨ ମ୍ବର ସମନ ଓ ୱାରେଣ୍ଟ ନ ୧୩୦ ମ୍ବର ଦେୱାନୀ ନ ୧୧୦୯ ମ୍ବର ଫଉଜଦାରି ପୁଲିସ ଏବଂ ଅପର ବାଜେ ଅର୍ଡରମାନ ଅଟେ ।

୬୮ । ପୁଲିସ କର୍ମଚାରୀମାନେ ସେମାନଙ୍କ ନିଜ କର୍ମ ଛଡ଼ା ଯେତେ ବାଜେ କର୍ମ ନିର୍ବାହ କରନ୍ତି ତାହା ଉପର ଲେଖା ହିସାବରୁ ପ୍ରକାଶ ପାଇବ ।

୬୯ । ପୁଲିସ ବିଭାଗର କର୍ମ ନିମନ୍ତେ ଏକଖଣ୍ଡ ନିୟମାବଳୀ ଆବଶ୍ୟକ ଅଟେ । ଦେଶୀୟ ରାଜ୍ୟମାନ ଏବଂ ବେଙ୍ଗଲ ପୁଲିସର ନିୟମାବଳୀ ଅନୁକରଣରେ ଏକ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହୋଇଅଛି ଏବଂ ଅତିଶୀଘ୍ର ତାହା ମଞ୍ଜୁର ନିମନ୍ତେ ଆଗତ ହେବ ।

୭୦ । ପୁଲିସ କର୍ମଚାରୀମାନଙ୍କର ସାଧାରଣ କାର୍ଯ୍ୟକାରିତା ଦେଖି ଆମ୍ଭେ ସନ୍ତୁଷ୍ଟ ହୋଇଅଛୁଁ କେତେ ଜଣ ଉପଯୁକ୍ତ କର୍ମଚାରୀ ଏ ଇଲାକାରେ ରଖାଯାଇଅଛନ୍ତି ଏବଂ ବେତନର ପରିମାଣ ଅଧିକ ହେଲେ ଅନ୍ତର ମଧ୍ୟ ଉପଯୁକ୍ତ କର୍ମଚାରୀ ସଂଖ୍ୟା ବୃଦ୍ଧି ହୋଇ ପାରିବ ।

୭୧ । ଜଙ୍ଗଲ—ଆମ୍ଭେ ମଫସଲ ଭ୍ରମଣ କରିବା ସମୟରେ ଏକଲ୍ଲାରେ ଥିବା ଜଙ୍ଗଲମାନଙ୍କୁ ଉତ୍ତମରୂପେ ପରିଦର୍ଶନ କରି ସେମାନଙ୍କର ବ୍ୟବହାର, ପରିମାଣ ଏବଂ ଉପଯୋଗିତାର ପରିଚୟମାନ ପାଇଅଛୁଁ । ବଡ଼ମାଳ ଇଲାକାରେ ଅତ୍ୟାବଶ୍ୟକୀୟ ଏବଂ ମୂଲ୍ୟବାନ୍ ଶାଳବଣ ଅଛି । ଏହି ଇଲାକାରେ କନ୍ଧଲୋକେ ବାସ କରନ୍ତି । ଗାଡ଼ି ଚଳାଯିବା ସକାଶ ଏଇଲାକାରେ ମଧ୍ୟ ଗୋଟିଏ ଉତ୍ତମ ରାସ୍ତା ଅଛି, ତହିଁରେ ଥିବା ଶାଳକାଠମାନ, ଏବଂ ଅପରାପର ଝଡ଼ାପଡ଼ା ଶାଳକାଠମାନ ବିକ୍ରୀ କରାଯାଉଅଛି, ବିନା ଅନୁମତିରେ ସାନବଣ ମଧ୍ୟରେ ନୂତନ ଚଷା ପରିଷ୍କାର କରିବା କିମ୍ବା ଜାତିଆକାଠ ବୃକ୍ଷମାନ ନ କାଟିବା ସକାଶ ମାଲୂଆ କନ୍ଧମାନଙ୍କୁ ଉତ୍ତମରୂପେ ନିଷେଧ କରାଯାଇଅଛି । ଏହି ଜଙ୍ଗଲ ମଧ୍ୟରେ ଏକଜଣ କନେଷ୍ଟବଲ ବାସ କରି ଜଙ୍ଗଲ ରକ୍ଷା କରେ । ଆଜୁଆକନ୍ଧମାନେ ରାଜସରକାରଙ୍କୁ କର ଦିଅନ୍ତି ନାହିଁ, ଏବଂ ଏଥିପୂର୍ବେ ସେମାନେ ରାଜସରକାର କିମ୍ବା ତାଙ୍କର ମନ୍ତ୍ରିମାନଙ୍କଦ୍ୱାରା ସମ୍ପୂର୍ଣ୍ଣରୂପେ ଶାସିତ ହୋଇ ନ ଥିଲେ । ସମ୍ପ୍ରତି ସେମାନଙ୍କୁ ଶାସନାଧୀନରେ ଆଣିବା ସକାଶ ଉପାୟମାନ ଅବଲମ୍ବନ କରାଯାଇଥିବାରୁ ଏବଂ ସେମାନଙ୍କ ଜଙ୍ଗଲ ମଧ୍ୟରେ ଏକ ଚଉକି ସ୍ଥାପିତ କରାଯିବାରୁ ସେମାନେ କେତେକ ମନ୍ଦ ଲୋକଙ୍କ ପରାମର୍ଶରେ ଉତ୍ତେଜିତ ହୋଇଥିଲେ ମାତ୍ର ଅବଶେଷରେ ପରାସ୍ତ ହୋଇ ରହିଅଛନ୍ତି ।

Digitized by srujanika@gmail.com

Split by PDF Splitter

342



୭୨ । ବଡ଼ମାଲ ଛଡ଼ା ଏ କଷ୍ଟାର ଦକ୍ଷିଣଦଗରେ ମଧ୍ୟ ଏକଖଣ୍ଡ ଉତ୍ତମ ଜଙ୍ଗଲ ଅଛି ଏବଂ ସେଠାରେ ମଧ୍ୟ ମାଳୁଆମାନେ ବାସ କରନ୍ତି ଏ ଜଙ୍ଗଲ ଖଣ୍ଡକୁ ମଧ୍ୟ ରକ୍ଷା କରାଯାଇ ଏକଜଣ ବନସ୍ଥବଳ ନିଯୁକ୍ତ କରି ରଖାଯାଇଅଛି । ଶାଳ ଛଡ଼ା ନାନାପ୍ରକାରକାଠ ଓ ବାଉଁଶ ପ୍ରଭୃତି ଦ୍ରବ୍ୟମାନ ଏଜଙ୍ଗଲରୁ ପୁସ୍ତି ଓ ଖୋର୍ଦ୍ଧା ଇଲାକାକୁ ବହୁତପରିମାଣରେ ରପ୍ତାନି ହେଉଅଛି ଏହି ଜଙ୍ଗଲ ଖଣ୍ଡ ଚିଲକାହ୍ରଦର ନିକଟବର୍ତ୍ତୀ ଥିବାରୁ ତାହାର ଉପକାରିତା କ୍ରମଶଃ ବୃଦ୍ଧି ପାଉଅଛି ଉପରୋକ୍ତ ଜଙ୍ଗଲମାନଙ୍କ ଛଡ଼ା ଏ କଷ୍ଟାର ଚତୁଃପାର୍ଶ୍ୱରେ କେତେକ ଖଣ୍ଡ ମୂଲ୍ୟବାନ ଜଙ୍ଗଲ ଅଛି ଯେଉଁମାନେ କି ଉତ୍ତମରୂପେ ରକ୍ଷିତ ହୋଇଅଛନ୍ତି । ବର୍ତ୍ତିତବର୍ଷରେ ସମୁଦାୟ ରକ୍ଷିତ ଜଙ୍ଗଲର ସୀମା ନିର୍ଦ୍ଧାରଣ କର୍ମ କରାଯାଇଥିଲା ଏବଂ ସେମାନ ଆମ୍ଭେ ସ୍ୱୟଂ ତଦାରଖ କରିଥିଲୁଁ ସମ୍ପ୍ରତି କଣ୍ଟେନ୍ତ ସୀମା ଧାର୍ଯ୍ୟ କରାଯାଇ ସ୍ତମ୍ଭମାନ ପ୍ରସ୍ତୁତ ହେଉଅଛି । ଚଳିତବର୍ଷ ସେ କର୍ମମାନ ଶେଷ ହୋଇ ପାରିବ ତହୁଁରୁ ଏକଗୋଟି ନକଶା ପ୍ରସ୍ତୁତ କରାଯାଇଁ ରଖାଯିବ ।

୭୩ । ରଣପୁର ଇଲାକା ପ୍ରଜାମାନେ ବିନାମୂଲ୍ୟରେ ଜଙ୍ଗଲ ମଧ୍ୟରୁ ଜାଳେଣୀ କାଠ ଓ କୃଷିଯୋଗ୍ୟ କାଠମାନ ଅଣିବା ଏବଂ ଗୋମେଷାଦି ଚରାଇବା ସକାଶ ଅଧିକାର ପାଇଅଛନ୍ତି ଏନିମିତ୍ତ ଏବଂ ଚଳାଶ୍ରୟ ନିମିତ୍ତ ବହୁତ ପରିମାଣରେ ଜଙ୍ଗଲ ଖୋଲା ଦିଆଯାଇ ଅଛି ଲୋକମାନେ ଏ ଖୋଲା ଜଙ୍ଗଲ ପରିଷ୍କାର କରି ବହୁତ ପରିମାଣରେ ତୋଳାଜମି ମଧ୍ୟ ଆବାଦ କରିବାକୁ ତ୍ରୁଟି କରୁ ନାହାନ୍ତି । ରକ୍ଷିତ ଜଙ୍ଗଲ ଛଡ଼ା ଆଉ ଘାବଡାପ୍ ଜଙ୍ଗଲ ନିଷିଦ୍ଧ ଜଙ୍ଗଲ ଅଟେ ।

୭୪ । ତତ୍ପୂର୍ବେ ଲୋକେ ଜଙ୍ଗଲ ମଧ୍ୟରେ ଅବହେଳା କ୍ରମେ ଅଗ୍ନି ଲଗାଇ ପୋଡ଼ି ଦେଉଥିଲେ ବର୍ତ୍ତିତବର୍ଷରେ ଏପରି ସ୍ୱାଧିକୁ ନିବାରଣ କରାଯାଇ ଥିବାରୁ ଅଦୌ ବଣ ପୋଡ଼ି ହୋଇ ନାହିଁ ।

୭୫ । ବର୍ତ୍ତିତବର୍ଷରେ ଜଙ୍ଗଲ ଇଲାକାରୁ ପାସ ଦେବା ଦ୍ୱାରା ଟ ୨୮୯୬ ।/ ର ଆମଦାନୀ ହୋଇଥିଲା । ମୋଟରେ ଖ ୪୬୯ ଣ୍ଡ ପାସ ଦିଆଯାଇ ଥିଲା ଖ ୩୦୦ ଣ୍ଡ ଗଡ଼ ମଧ୍ୟ ରକ୍ଷିତ ଓ ଖୋଲା ଜଙ୍ଗଲମାନଙ୍କୁ ଦିଆଯାଇଥିଲା । ଜଙ୍ଗଲ ମଧ୍ୟରୁ ଅଧିକାଂଶ ପରିମାଣରେ ବାଉଁଶ, ମୁଣ୍ଡି, କାଠଖୁଣ୍ଟି ପ୍ରଭୃତି ଦ୍ରବ୍ୟମାନ ରପ୍ତାନି ହୋଇଥିଲା ।

୭୬ । ଅବଧ୍ୟଗାୟ୍ ମୁଣ୍ଡିକାଠ ଓ ଖୁଣ୍ଟିମାନ ବିକ୍ରି କରିବା ସକାଶ ଏକଜଣ କଣ୍ଟ୍ରାକ୍ଟର ନିଯୁକ୍ତ କରାଯାଇଅଛି । ଗୋପାଳପୁର ନାମକ ସ୍ଥାନରେ ଗୋଟିଏ ଗୋଦାମ ଖୋଲାଯାଇ ଅଛି ଲୋକମାନେ ଆବଶ୍ୟକମତେ ନଗଦ ଖର୍ଚ୍ଚରେ ମୁଣ୍ଡିକାଠ ଓ ଖୁଣ୍ଟିମାନ ଏହି ଗୋଦାମରୁ କିଣି ନେଉଅଛନ୍ତି ଏବଂ ଏହି ବ୍ୟବସାୟ କ୍ରମଶଃ ଦୂରବ୍ୟାପି ହେଉ ଥିବାର ଦେଖାଯାଏ ।

୭୭ । ଜେଲ୍ ।—ବର୍ତ୍ତିତ ବର୍ଷମଧ୍ୟରେ ଜ ୧୧୪ ଣ ଅସାମୀ କାରାବଦ୍ଧ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଜ ୧୧୩ଣ ପୁରୁଷ ଏବଂ ୧ଜଣ ସ୍ତ୍ରୀ ଅଟନ୍ତି ଓ ମୋଟରେ ଜ ୮୨ ଣ କଏଦୀ ଖଲାସ ହୋଇଥିଲେ ଓ ଜ ୩ ଣ ପଳାୟନ କରିଥିଲେ ଏବଂ ଜ ୨୯ ଣ ବର୍ଷ ଶେଷକୁ ବାକି ଥିଲେ । ବର୍ଷ ମଧ୍ୟରେ କଏଦମାନେ ତଳଲେଖାନୁସାରେ କର୍ମ କରିଥିଲେ ଯଥା;—

| | |
|---|---|
| ମାଟିକର୍ମ ... ... .. | ଜ ୩୦୪୮ ଣ |
| କାଠକର୍ମ ... ... ... | ଜ ୩୦୧୦ ଣ |
| ବାଉଁଶବୁଣା ... ... ... | ଜ ୨୨୫ ଣ |
| ଧାନକୁଟା .. ... ... | ଜ ୩୬୮ ଣ |
| ତେଲପଣା ... ... .. | ଜ ୫୧ ଣ |
| ରୋଷାଇ ... ... .. | ଜ ୪୯୩ ଣ |
| ବଗିଚ୍ଚାକର୍ମ ... .. | ଜ ୨୦୩୫ ଣ |
| କାଗଜ କର୍ମ ... .. .. | ଜ ୬ ଣ |
| ଲୁଗାବୁଣା କର୍ମ .. ... | ଜ ୨୫୮ ଣ |
| ମୋଟ | ଜ ୧୦୫୪୨ ଣ |

୭୮ । ବର୍ତ୍ତିତ ବର୍ଷରେ ଉପରୋକ୍ତ କର୍ମମାନଙ୍କରୁ ମୋଟରେ ଟ ୭୨୧ ୳ ୫ ଆମଦାନୀ ହୋଇଥିଲା ଯଥା;—

| | |
|---|---|
| କାଠକର୍ମ .. .. ... | ଟ ୨୮୨ ।/ |
| ମାଟିକର୍ମ ... ... ... | ଟ ୨୮୫ ୴ |
| ଧାନକୁଟାର ଲାଭ ... .. ... | ଟ ୪୫ / |
| ବଗିଚ୍ଚ ଆମଦାନୀ .. .. | ଟ ୮୬ ୳ |
| ତେଲ ବିକ୍ରି ... .. .. | ଟ ୬ |
| ବାଉଁଶ ବୁଣାବୁଣି କର୍ମ .. ... | ଟ ୨୫ / ୬ |
| ଲୁଗା .. .. .. | ଟ ୪୦୴/୧୦ |
| ମୋଟ | ଟ ୭୨୧ ୳ ୫ |

୭୯ । ବର୍ଷ ମଧ୍ୟରେ ଧାନ ସକାଶ ଟ ୧୬୬ ।/ ୯, ତେଲ ସକାଶ ଟ ୧୫ ରା ଏବଂ ଲୁଗା ସକାଶ ଟ ୭ ।/୩ ଏରୂପ ମୋଟରେ ଟ ୧୯୮ ୴/ ଦର୍ଖ୍ୟାଲିତ ସ୍ୱରୂପ ଦିଆ ଯାଇଥିଲା ।

୮୦ । ବର୍ତ୍ତିତ ବର୍ଷ ତେଲ ପଣା ଏବଂ ଲୁଗା କର୍ମ ଆରମ୍ଭ କରାଯାଇ ଅଛି । ଦେଶୀ କାଗଜ ପ୍ରସ୍ତୁତ ହେବା ସକାଶ ମଧ୍ୟ ଆୟୋଜନ କରାଯାଇଅଛି ମାତ୍ର କାଗଜ ପ୍ରସ୍ତୁତ ହୋଇ ନାହିଁ । କଏଦମାନେ ଆପଣା ଖୋରାକ ସକାଶ ଧାନ କୁଟନ୍ତି ଏବଂ ଏତଦ୍ୱାରା ଖୋରାକୀ ଖର୍ଚ୍ଚରୁ ଟ ୪୫/ ଉଣା ହୋଇଅଛି । ଅନ୍ତୁର ମଧ୍ୟ କଏଦମାନେ ନୂଆ ଜେଲଘର ଏବଂ କେତେକ ସଡ଼କ ପ୍ରସ୍ତୁତ କରିଥିବାରେ ତଦ୍ୱାରା ବି ଟ ୫୬୯ ୴/ ଲାଭ ହୋଇଅଛି ସେମାନେ ଆପଣା ବ୍ୟବହାର ନିମନ୍ତେ ମଧ୍ୟ ଲୁଗା ବୁଣନ୍ତି ଏବଂ ବଗିଚ୍ଚାରେ ଫସଲ ପ୍ରସ୍ତୁତ କରନ୍ତି । ଏ ସବୁର କୌଣସି ହିସାବ ଧରା ଯାଇ ନାହିଁ ।

୮୧ । ଜ ୮୪ ଣ ହାଜତ ଏବଂ ଜ ୧୫ ଣ ଦେୱାନୀ କଏଦୀ ବର୍ଷ ମଧ୍ୟରେ ଜେଲକୁ ଆସିଥିଲେ ଏମାନଙ୍କ ମଧ୍ୟରୁ ଜ ୯୫ ଣ ଖଲାସ ପାଇ କେବଳ ଜ ୪ ଣ ବର୍ଷ ଶେଷକୁ ବାକି ରହିଥିଲେ ଏମାନଙ୍କର ଖୋରାକୀ ସକାଶ ମୋଟରେ ଟ ୨୯୫/୬ ଖର୍ଚ୍ଚ ହୋଇଥିଲା ।

୮୨ । କଏଦମାନଙ୍କର ଜାତି ବ୍ୟବସାୟ ଶିକ୍ଷା ଏବଂ ଦଣ୍ଡର ପରିମାଣ ପ୍ରଭୃତି ବିଷୟମାନ ତଳଲିଖିତ ନକଶାରୁ ପ୍ରକାଶ ପାଇବ ଯଥା;

Digitized by srujanika@gmail.com

| | | |
|---|---|---|
| ଅପରାଧି କଏଦମାନଙ୍କର ଜାତିର ବିବରଣ । | ବ୍ରାହ୍ମଣ ପ୍ରଭୃତି ହିନ୍ଦୁ । | ୪୨ |
| | ମୁସଲମାନ । | ୯ |
| | ଖ୍ରୀଷ୍ଟିୟାନ । | ୦ |
| | ପାଣ ଓ ହାଡ଼ି ପ୍ରଭୃତି ଗଡ଼ଜାତ । | ୫୬ |
| | ମାଡ଼ୁଆ । | ୭ |
| | ମୋଟ । | ୧୧୪ |
| ଅପରାଧି କଏଦମାନଙ୍କ ବ୍ୟବସାୟର ବିବରଣ । | ଗୁହର । | ୧୦ |
| | କୃଷି । | ୩୫ |
| | ବାଣିଜ୍ୟ । | ୪ |
| | ମଜୁରି । | ୪୪ |
| | ଅପରାପର । | ୨୧ |
| | ମୋଟ । | ୧୧୪ |
| ଅପରାଧି କଏଦମାନଙ୍କ ଶିକ୍ଷାର ବିବରଣ । | ଶିକ୍ଷିତ । | ୩୪ |
| | ଅଶିକ୍ଷିତ । | ୮୦ |
| | ମୋଟ । | ୧୧୪ |
| ଅପରାଧି କଏଦଙ୍କ ଦଣ୍ଡର ବିବରଣ । | ୧ମ ବାର ଦଣ୍ଡ । | ୩୦ |
| | ୨ୟ ବାର ଦଣ୍ଡ । | ୩୯ |
| | ୩ୟ ବା ତହିଁରୁ ଅଧିକ ବାର ଦଣ୍ଡ । | ୪୫ |
| | ମୋଟ । | ୧୧୪ |
| ଅପରାଧି କଏଦମାନଙ୍କ ଦଣ୍ଡ ଓ ମିଆଦର ବିବରଣ । | ଦିନ ୧୫ ଦିନ ଓ ତହିଁରୁ ନ୍ୟୂନ । | ୧୭ |
| | ଏକ ମାସ ଓ ତହିଁରୁ ନ୍ୟୂନ । | ୧୨ |
| | ଛ ମାସ ଓ ତହିଁରୁ ନ୍ୟୂନ । | ୨୨ |
| | ଏକ ବର୍ଷ ବା ତହିଁରୁ ନ୍ୟୂନ । | ୨୩ |
| | ଦୁଇ ବର୍ଷ ବା ତହିଁରୁ ନ୍ୟୂନ । | ୩୦ |
| | ଦୁଇ ବର୍ଷ ବା ତହିଁରୁ ଅଧିକ । | ୧୦ |
| | ମୋଟ । | ୧୧୪ |
| ମନ୍ତବ୍ୟ । | | |

୮୩ । ଦୈନିକ ମୋଟ ଅନୁସାରେ ଜ ୨୫୧ ଣ କଏଦୀ ରୋଗଗ୍ରସ୍ତ ହୋଇ ଔଷଧ ସେବନ କରିଥିଲେ ଏମାନଙ୍କ ମଧ୍ୟରୁ ଜ ୨୪୯ ଣ ଆରୋଗ୍ୟ ହୋଇଥିଲେ ଏବଂ ଜ ୨ ଣ ଚିକିତ୍ସାଧୀନରେ ବର୍ଷ ଶେଷକୁ ବାକି ଥିଲେ ।

୮୪ । ଜେଲ ଇଲାକାରେ ନିମ୍ନଲିଖିତ କର୍ମଚାରୀମାନେ ନିଯୁକ୍ତ ଅଛନ୍ତି ଯଥା;—

| | |
|---|---|
| ଷ୍ଟେଟ ଡାକ୍ତର ଭାରପ୍ରାପ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ମାସିକଭତ୍ତା | ଟ ୧୦୧ |
| ଏକଜଣ ହେଡ଼ୱାର୍ଡର ମାସିକ ବେତନ | ଟ ୫୧ |
| ଜ ୪ ଣ ୱାର୍ଡର ପ୍ରତ୍ୟେକ ମାସିକ ବେତନ | ଟ ୩୪ |

୮୫ । ବର୍ଷମଧ୍ୟରେ ନିମ୍ନଲେଖାନୁସାରେ ମୋଟରେ ଟ ୨୦୫/୭ ଖର୍ଚ୍ଚ ହୋଇଥିଲା ଯଥା;—

| | |
|---|---|
| ଡାକ୍ତର ଭତ୍ତା | ଟ ୧୧୦୧ ଙ୍କା |
| ୱାର୍ଡରମାନଙ୍କ ବେତନ | ଟ ୨୦୯୧ ଙ୍କା |
| କଏଦମାନଙ୍କ ଖୋରାକୀ ଓ କଣ୍ଟିଜେଣ୍ଟ ଖର୍ଚ୍ଚ | ଟ ୩୮୭/୭ ଙ୍କା |
| ମୋଟ | ଟ ୨୦୫/୭ ଙ୍କା |

୮୬ । ପୂର୍ବତନ ଜେଲଘର କଦର୍ଯ୍ୟ, ଅପରିଚ୍ଛନ୍ନ ଏବଂ ଅସ୍ୱାସ୍ଥ୍ୟକର ଥିବାରୁ ବର୍ତ୍ତିତ ବର୍ଷରେ ଗୋ ୧ ଟି ନୂତନ ଜେଲ ପ୍ରସ୍ତୁତ ହୋଇଅଛି ଏବଂ ଅକ୍ଟୋବରମାସଠାରୁ ଉକ୍ତ ଘରେ କଏଦମାନେ ବାସକଲେ ଏହି ନୂତନଘର ଅତ୍ୟନ୍ତ ପ୍ରଶସ୍ତ ଓ ସ୍ୱାସ୍ଥ୍ୟଜନକ ହୋଇଅଛି ଏବଂ ଏହାର ଚତୁଃପାର୍ଶ୍ୱରେ ଗୋଟିଏ ବଗିଚା ପ୍ରସ୍ତୁତ ହୋଇ ଅଛି ।

୮୭ । ଉପରଲେଖାନୁସାର ଯେଉଁ ଜ ୩ ଣ କଏଦୀ ପଳାୟନ କରିଥିଲେ ସେମାନେ ଧୃତହୋଇ ଦଣ୍ଡପାଇଅଛନ୍ତି । ସେମାନେ ନୟାଗଡ଼ ନିବାସୀ ଅଟନ୍ତି ଏବଂ ସଙ୍ଗୀନ ଚୋରି ମୋକଦମାରେ ଦଣ୍ଡ ପାଇଥିଲେ ।

୮୮ । ରାଜବାଟୀ—ବର୍ତ୍ତିତବର୍ଷରେ ରାଜବାଟୀ ଅଭ୍ୟନ୍ତରିକ ବିଷୟମାନଙ୍କ ସମ୍ବନ୍ଧରେ କୌଣସିପ୍ରକାର ପରିବର୍ତ୍ତନ ଘଟି ନାହିଁ, ସେମାନେ ଏକାଦିକ୍ରମେ ନିର୍ଦ୍ଦିଷ୍ଟରେ ନିର୍ବାହିତ ହୋଇଥିଲେ ପୋଷ୍ୟପୁତ୍ର ଜଗଦେବ ସାମନ୍ତଙ୍କ ସମ୍ବଲପୁର ଜିଲ୍ଲାସ୍ଥ ରତନପୁର ପରିବାରସ୍ଥ ଗୋ ୧ ଟି କନ୍ୟା-ସହିତ ବିବାହ ହେବା ବିଷୟ ରାଜକୃଷ୍ଣପୁର ଲାଲ ପର୍ଶୁରାମ ସିଂହଙ୍କ ପରାମର୍ଶାନୁସାରେ ସ୍ଥିରକରାଯାଇ ତାହାଙ୍କର କନିଷ୍ଠ ପୁତ୍ର ଲାଲ ନନ୍ଦଲାଲ ସିଂହଙ୍କୁ କନ୍ୟା ଆଣିବା ସକାଶ ମଧ୍ୟସ୍ଥସ୍ୱରୂପ ପଠାଯାଇଅଛି ତାହାର ଅଭିଭାବକଙ୍କୁ ପଣାପଣ ଖର୍ଚ୍ଚା ସକାଶ ମଧ୍ୟସ୍ଥଙ୍କଦ୍ୱାରା ଟ ୫୦୦୧ ଙ୍କା ମଧ୍ୟ ପଠାଯାଇ ଅଛି ।

୮୯ । କନିଷ୍ଠ ପୁତ୍ର ଗମ୍ଭୀରସାମନ୍ତ ରାଜଗଦିର ଉତ୍ତରାଧିକାରୀ ଅଟନ୍ତି । ତାଙ୍କର ବୟସ ବ ୨ ର୍ଷ ଅଟେ ସେ ଗୋଟିଏ ସୁସ୍ଥ, ଚଞ୍ଚଳ ଏବଂ ବୁଦ୍ଧିମାନ ବାଳକ ଅଟନ୍ତି ସେ ଇଂରାଜୀ ଲେଖାପଢ଼ା ଆରମ୍ଭ କରିଅଛନ୍ତି । ଏବଂ ତନିମନ୍ତେ ଏକଜଣ ଶିକ୍ଷକ ନିଯୁକ୍ତ କରାଯାଇ ଅଛି ଏହାଙ୍କର ଲେଖାପଢ଼ା ସାଧାରଣ ସନ୍ତୋଷକର ଅଟେ ।

୯୦ । ପୋଷ୍ୟପୁତ୍ର ହରିହରଜଗଦେବ ସାମନ୍ତଙ୍କ ବୟସ ବ୧୭ ର୍ଷ ଅଟେ ସେ ସମ୍ପ୍ରତି ରଣପୁର ସ୍କୁଲରେ ବିଦ୍ୟାଶିକ୍ଷା କରୁ ଅଛନ୍ତି ଏବଂ ଛାତ୍ରବୃତ୍ତି ପରୀକ୍ଷା ଦେଇ ଅଛନ୍ତି ମାତ୍ର ଉକ୍ତ ପରୀକ୍ଷାର ଫଳ ଅଦ୍ୟ ଜଣା-ଯାଇ ନାହିଁ ଏହି ସାମନ୍ତଙ୍କୁ ବିଚାର କାର୍ଯ୍ୟରେ ଶିକ୍ଷାଦେଲେ ସେ ଭବିଷ୍ୟ-

Split by PDF Splitter

Digitized by srujanika@gmail.com

Split by PDF Splitter



ତରେ ତାଙ୍କର କନିଷ୍ଠ ଭ୍ରାତାଙ୍କୁ ରାଜଶାସନସମ୍ପର୍କରେ ସାହାଯ୍ୟ କରି ପାରିବେ ଏପରରେ ଗୋଟିଏ ପ୍ରସ୍ତାବ କରିବାକୁ ମନସ୍ଥ କରୁଅଛୁଁ ।

୯୧ । ଏରାଜ୍ୟରେ ଜ ୨୩ ଣ ରାଜପରିବାର ବାସକରନ୍ତି ଏମାନଙ୍କର ଜାଗିର ଜମି ଅଛି ଏମାନେ ରାଜ୍ୟ ଶାସନସମ୍ବନ୍ଧରେ କୌଣସିପ୍ରକାର ସାହାଯ୍ୟ କରନ୍ତି ନାହିଁ ଏମାନଙ୍କର ନିଜ ସମ୍ପତ୍ତି ରକ୍ଷାସମ୍ବନ୍ଧରେ ମଧ୍ୟ ଏମାନେ ,ଅନୁପଯୁକ୍ତ ଦେଖାଯିବାରୁ ବର୍ତ୍ତିତ ବର୍ଷରେ ରାଜକଟେଶରୁ ସରବରାକାର ନିଯୁକ୍ତ କରାଯାଇଅଛନ୍ତି ଏହି ପରିବାରମାନଙ୍କ ମଧ୍ୟରୁ କେତେକ ଜଣ ଯୁବକ ଓଡ଼ିଆଭାଷା ଶିକ୍ଷାକରୁଅଛନ୍ତି ଏହିମାନଙ୍କ ମଧ୍ୟରୁ କେତେକଜଣଙ୍କୁ ନିର୍ବାଚନ କରି ଦପ୍ତର କାର୍ଯ୍ୟ ଏବଂ ଅପରାପର ଶାସନ କାର୍ଯ୍ୟ ଶିକ୍ଷା ଦେଲେ ଅବଶେଷରେ ଅବୈତନିକ କେତେକ ଜଣ କର୍ମଚାରୀ ପାଇଯାଇ ପାରିବେ । ଅମ୍ଭେ ଏହି ବିଷୟକୁ ଏହି ରିପୋର୍ଟର ଦ ୭୪ ପା ସହିତ ତୁଳନା କରିବାର ମନସ୍ଥ କରୁଅଛୁଁ ।

୯୨ । ଏ ରାଜ୍ୟରେ ଶ୍ରୀ ପାଟଜେମାଦେଈ ମଣିମା ଗୋସାଇଁଙ୍କର ସ୍ୱକୀୟ ସ୍ଥାବରାସ୍ଥାବର ସମ୍ପତ୍ତିମାନ ଅଛି ଏବଂ ତନ୍ନିମନ୍ତେ ତାଙ୍କର ସ୍ୱକୀୟ କର୍ମଚାରୀ ନିଯୁକ୍ତ ଅଛନ୍ତି । ଏହି କର୍ମଚାରୀମାନେ ରାଜକଟେଶର ତତ୍ତ୍ୱାବଧାନାଧୀନ ଅଟନ୍ତି ପୂର୍ବେ ମଣିମାଙ୍କ ହିସାବ ସରକାରୀ ହିସାବସହିତ ଯାଉଥିଲା ଏବଂ ତଦ୍ଯୋଗୁଁ ସେ ଆପଣାର ସମ୍ପତ୍ତିର ଆୟବ୍ୟୟ ବୁଝି ପାରୁ ନ ଥିଲେ ସନ ୧୮୮୪ ମସିହାଠାରୁ ତାଙ୍କର ହିସାବ ସ୍ୱତନ୍ତ୍ର ରଖାଯାଇଅଛି ଏବଂ ତନ୍ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତକରାଇ ରଖାଯାଇଅଛି ବର୍ତ୍ତିତ ବର୍ଷରେ ଏହି କର୍ମଚାରୀମାନେ ସନ୍ତୋଷଜନକ କର୍ମ କରିଥିଲେ ଅଧିକ ମଧ୍ୟ ମଣିମାଙ୍କର ଦସ୍ତୁର ପରିମାଣରେ ଧାନ ସଞ୍ଚିତ ଅଛି ଏମାନ ବଦଳ ହେଉ ନ ଥିବାରୁ ପୁରୁଣାହୋଇ ଯାଉଅଛି । ରାଜ୍ୟର ବ୍ୟୟରେ ଏହି ପୁରାତନ ଧାନକୁ ଖରଚକରି ନୂତନଧାନ ବଦଳାଇ ଦେବାର ପ୍ରସ୍ତାବ କରାଯାଇ ଅଛି ଏହି ସଞ୍ଚିତ ଧାନ ଦୁର୍ଭିକ୍ଷ ସମୟରେ ପ୍ରଜାମାନଙ୍କର ଅତ୍ୟନ୍ତ ଦରକାରୀ ଅଟେ ।

୯୩ । ଉମାଦ ଅଲଗ ଜାରି ହୋଇଥିବାରୁ ମଣିମାଙ୍କର ଧାନ କାରବାର ସମ୍ବନ୍ଧୀୟ ବସ୍ତୁର ମୋକଦ୍ଦମା ଦାଏର ହୋଇଅଛି ଏହି ମୋକଦ୍ଦମାମାନ ଫଇସଲ ହେଲରୁ ଯେଉଁ ଧାନ ବା ଟଙ୍କା ଆଦାୟ ହେବ ତଦ୍ଦ୍ୱାରା ମଣିମାଙ୍କର ବହୁଳସମ୍ପତ୍ତି ବୃଦ୍ଧିହେବ ।

୯୪ । ରାଜପୁତ୍ର ଏବଂ ରାଜକଟେଶ୍ରୀ ହିସାବମାନ ଭିନ୍ନ ରଖାଯାଏ ଏବଂ ରାଜକଟେଶ କର୍ତ୍ତୃତ୍ୱାଧୀନରେ କର୍ମଚାରୀ ନିଯୁକ୍ତ ଥାଇ ଏକାର୍ଯ୍ୟମାନ କରନ୍ତି ।

୯୫ । କର୍ମଚାରୀମାନଙ୍କର କର୍ତ୍ତବ୍ୟକର୍ମ ଓ ଦକ୍ଷତା ଦେୱାନଙ୍କ କର୍ତ୍ତବ୍ୟକର୍ମ ।— ଏ ରାଜ୍ୟର ଦେୱାନ ଶାସନକାର୍ଯ୍ୟ ଏବଂ ରାଜସ୍ୱ କାର୍ଯ୍ୟର ମ୍ୟାନେଜର ଅଟନ୍ତି ତାଙ୍କର କୌଣସି କର୍ମର ଅବ୍ୟାହତ ପାଇବାର ଉପାୟ ନ ହିଁ କେତେକଜଣ ସହକାରୀ କର୍ମଚାରୀ ନିଯୁକ୍ତ କରାଯାଇ କେତେକ କାର୍ଯ୍ୟରେ ଅବ୍ୟାହତ ଦେବାର ସମୟ ଉପସ୍ଥିତ ହୋଇଅଛି ଏପରି ନ ହେଲେ ଏକ ବ୍ୟକ୍ତିଦ୍ୱାରା ନାନାପ୍ରକାର କର୍ମ ସାଧନହେବା ଅତ୍ୟନ୍ତ କଷ୍ଟକର ଅଟେ ।

୯୬ । ଅଧୀନସ୍ଥ କର୍ମଚାରୀମାନଙ୍କ ମଧ୍ୟରେ ପେସ୍କାର, ଦାରୋଗା ଏବଂ ଡାକ୍ତର ବିଭାଗୀୟ ପ୍ରଧାନ କର୍ମଚାରୀ ଅଛନ୍ତି ପେସ୍କାର ବାବୁ ଅଚ୍ୟୁତାନନ୍ଦ ଦାସ ତାହାଙ୍କର କର୍ତ୍ତବ୍ୟକର୍ମ ଶିକ୍ଷା କରୁଅଛନ୍ତି ଏବଂ ବର୍ତ୍ତିତବର୍ଷରେ ସନ୍ତୋଷଜନକ କର୍ମ କରୁଅଛନ୍ତି ।

୯୭ । ଦାରୋଗା ଅବଦୁଲସମଦ ଏକଜଣ ପୁରାତନ ଏବଂ ବହୁଦର୍ଶୀ ପୁଲିସ କର୍ମଚାରୀ ଅଟନ୍ତି ଏବଂ ଅପରାଧ ସାବ୍ୟସ୍ତ କରିବା ବିଷୟରେ ତାଙ୍କର ଗୋଟିଏ ଅସାଧାରଣ ଗୁଣ ଅଛି ତାଙ୍କର କର୍ତ୍ତବ୍ୟ କର୍ମସାଧନ ସମ୍ପର୍କରେ ଅମ୍ଭେ ସନ୍ତୁଷ୍ଟ ହୋଇଅଛୁଁ ।

୯୮ । ଡାକ୍ତର ବାବୁ ଶ୍ୟାମସୁନ୍ଦର ଦାସ ଏକଜଣ ଉନ୍ନତସ୍ତ ଯୁବକ ଅଟନ୍ତି । ଜେଲଖାନାର ଶୀଘ୍ର ଉନ୍ନତି କଏଦୀମାନଙ୍କର ଶିକ୍ଷା ଏବଂ ଚିକିତ୍ସାଳୟରେ କ୍ରମୋନ୍ନତିମାନ ଏହାଙ୍କର ଯତ୍ନରୁ ହୋଇଅଛି ।

୯୯ । ସରଦାର ଓ ମହାଜନମାନଙ୍କ ତରଫ ।— ସରଦାରମାନେ ରାଜକୀୟ କର୍ମଚାରୀ ଅଟନ୍ତି ଏବଂ ସାଧାରଣତଃ ସେମାନଙ୍କର ତରଫ ସନ୍ତୋଷଜନକ ଦେଖାଯାଇ ଅଛି ସେମାନଙ୍କ ମଧ୍ୟରୁ କେତେକଜଣ ପ୍ରଜାମାନଙ୍କୁ କୁଶିକ୍ଷା ଦେଇ ଅଧୂନକ ରାଜ୍ୟଶାସନ ବିରୁଦ୍ଧରେ ମେଳ କରାଇଥିଲେ ମାତ୍ର ସେମାନେ ଉଚିତଦଣ୍ଡ ପ୍ରାପ୍ତ ହୋଇଅଛନ୍ତି ହରିହର ପଟ୍ଟନାୟକ ସରଦାର ଏକଜଣ ଉପଯୁକ୍ତଲୋକ ଅଟେ ଏବଂ ସେ ତାହାର କର୍ତ୍ତବ୍ୟକର୍ମ ଉପଯୁକ୍ତ ମତେ ନିର୍ବାହ କରୁଅଛି ଏ ବ୍ୟକ୍ତିଠାରେ ଦେଶହିତୈଷିତା ଏବଂ ବଦାନ୍ୟତା ଗୁଣ ମଧ୍ୟ ଅଛି ଏବଂ ସେ ରାଜ ସରକାରଙ୍କର ଏକଜଣ ବିଶ୍ୱାସିଲୋକ ଅଟେ ସେ ମଧ୍ୟ ମଣିମାଙ୍କର ସ୍ୱ ଇଲାକାରେ ପ୍ରଧାନ କର୍ମଚାରୀ ଅଟେ ।

୧୦୦ । ମହାଜନମାନଙ୍କ ମଧ୍ୟରେ ବେହାର ଜାମୁକର ଦାନଶୀଳତା ହେତୁରୁ ସେ ଧନ୍ୟବାଦର ପାତ୍ର ଅଟେ । ଚମ୍ପାଗଡ଼ ମୌଜାରେ ଗୋଟିଏ ପୁଷ୍କରିଣୀ ମରାମତି କରିବାକୁ ସେ ଟ ୨୦୦୧ ଦାନ କରୁଅଛି ଏବଂ ଏତଦ୍ଦ୍ୱାରା ସେ ଗୋଟିଏ ନିର୍ଜଳସ୍ଥାନରେ ଜଳଦାନ ଦେଇଅଛି ।

ଅଧୀନ

ଶ୍ରୀ ଗୌରଚନ୍ଦ୍ର ସେନ

ଦେୱାନ

---

☞ ମୂଳପତ୍ର ଦେଖ ।

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଖ ୨୧ ଖ
ସଂ ୪୦ ସଂଖ୍ୟା

ତା ୨ ରଖ ମାହେ ଅକ୍ଟୋବର ସନ ୧୮୮୬ ମସିହା । ମୂ । ଅଶ୍ୱିନ ଓ ୧୮ ହ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬୧ |
| ଡାକମାସୁଲ | ଟ ୦ ୳ | ଟ ୧୧ |

## ବାମଣ୍ଡା

ବିଜ୍ଞାପନ ।

ନିମ୍ନଲେଖିତ ପୁସ୍ତକମାନ ଶ୍ରୀବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟ ମୁକାମ କଟକଙ୍କ ଦୋକାନରେ ଏବଂ ଶ୍ରୀ ବାବୁ ଧରଣୀଧର ମିଶ୍ର ମୁକାମ ସମ୍ବଲପୁରଙ୍କ ଦୋକାନରେ ପ୍ରାପ୍ତବ୍ୟ ।

| ପୁସ୍ତକର ନାମ ଓ | ମୂଲ୍ୟ |
|---|---|
| ଗୀତମାଳା | ଟ ୦୷ |
| ଗୀତସାର (ଭୁବନେଶ୍ୱର ବଡପଣ୍ଡାଙ୍କ କବିତା ସହିତ) | ଟ ୦।୵ |
| କଟକ ସମରସ | ଟ ୦। |
| ଅଲଙ୍କାରବୋଧୋଦୟ | ଟ ୦। |
| ପ୍ରାକୃତ ଇତିହାସ | ଟ ୦। |

କଟକ } ଶ୍ରୀ ଈଶ୍ୱରଚନ୍ଦ୍ର ମିତ୍ର
ଗଣୀହାଟ ସାହି } ବାମଣ୍ଡା—ଏଜେଣ୍ଟ

---

ଉତ୍କଳଦୀପିକା ତା ୧୮ ରଖ ସେପ୍ଟମ୍ବର ସନ ୧୮୮୬ ମସିହା ।

---

ବାର୍ଷିକ ଦୁର୍ଗୋତ୍ସବ ପର୍ବ ଉପଲକ୍ଷରେ ପ୍ରଚଳିତ ନିୟମାନୁସାରେ ଆଜଠାରୁ ଦ ୧୨ ଦିନ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟ ବନ୍ଦ ହେଲା ଏବଂ ଆମ୍ଭେମାନେ ମଧ୍ୟ ଏହି ସଙ୍ଗେ ୨ ଅବସର ଗ୍ରହଣ କଲୁଁ ଅତଏବ ଆଗାମୀ ଶନିବାର ଉତ୍କଳଦୀପିକା ବାହାରିବ ନାହିଁ । ପୁଣି ଛୁଟୀ ହତ୍ତାରୁ ଗ୍ରାହକ ଓ ପାଠକମାନଙ୍କ ନିକଟରେ ଯଥାରୀତିରେ ଉପସ୍ଥିତ ହେବୁଁ ।

---

ଦୁର୍ଗାପୂଜା ସମୟଟା ଏ ନଗରବାସି ଇଂରାଜମାନେ ନାନାପ୍ରକାର ଆମୋଦ ପ୍ରମୋଦରେ କଟାଇବାର ସଙ୍କଳ୍ପ କରିଅଛନ୍ତି । ଏସମ୍ବନ୍ଧରେ ପ୍ରଚାରିତ ହୁଇଶଣ୍ଡ ବିଜ୍ଞାପନରୁ ପ୍ରକାଶ ଯେ ଚଳିତ ମାସ ତା ୫ ରଖ ଅର୍ଥାତ୍ ଅଷ୍ଟମୀପୂଜାଦିନ ଅପରାହ୍ନରେ ଯୋବ୍ରାଠାରେ କାଠୁଆ ଓ ଜାଲିବୋଟ ବାହିବାର ଲଢାଇ ହେବ ଏବଂ ତହିଁର ଆରଦିନ ଘୋଡା ଦୌଡ ହେବ । ତା ୧୧ରଖ ସୋମବାର ରାତ୍ରରେ କ୍ଲବରେ ନାଟକାଭିନୟ ହେବ ।

---

ଗତମାସ ତା ୨୪ ରଖର ଅଧିବେଶନରେ ବଙ୍ଗଳା ବ୍ୟବସ୍ଥାପକସଭାରେ ମିଶାପିଅବସ୍ଥିତ ଆଇନ ବିଧିବଦ୍ଧ ହେଲା । ସିଲେକ୍ଟକମେଟୀଙ୍କ ପ୍ରସ୍ତାବମତେ ଏହି ଆଇନ କଲିକତାମିଉନିସିପାଲ୍ଟୀ ଏବଂ ମୋଫସଲର ମିଉନିସିପାଲିଟିମାନଙ୍କରେ ପ୍ରଚଳିତ ହେବାର ନିୟମ ହୋଇଅଛି । ସୁତରାଂ ଏହାଦ୍ୱାରା ବଙ୍ଗୀୟ ସନ୧୮୭୬ ସାଲର ୫ଆଇନ ଏବଂ ସନ ୧୮୮୪ ସାଲର ୩ଆଇନ ସଂଶୋଧିତ ହୋଇଅଛି । ଗବର୍ଣ୍ଣର ଜେନରଲବାହାଦୁରଙ୍କ ମଞ୍ଜୁରୀ ପ୍ରାପ୍ତ ହେବା ମାତ୍ରକେ ଏହି ଆଇନ ଜାରି ହେବ ।

---

କାନପୁରର ଆଦର୍ଶକ୍ଷେତ୍ରରେ ପରୀକ୍ଷାଦ୍ୱାରା ଦେଖା ଯାଇଅଛି ଯେ ରେସମର ଅକର୍ମଣ୍ୟ ଅଂଶଦ୍ୱାରା ଗନ୍ଧମଗ୍ନ ନିମନ୍ତେ ଉତ୍ତମ ଖତ ପ୍ରସ୍ତୁତ ହୁଅଇ ଓ ସୋରର ଖତଠାରୁ ତାହା ଅଳ୍ପ ନିକୃଷ୍ଟ ଅଟଇ । ଏଥିରୁ ସୋରର ମୂଲ୍ୟ ଅଧିକ ମାତ୍ର କାନପୁରରେ କେତେଗୁଡ଼ିଏ ରେସମକଳ ଥିବାରୁ ତହିଁର ଯେଉଁ ଅକର୍ମଣ୍ୟ ରେସମ ପ୍ରାପ୍ତ ହୁଅଇ ତାହା ବିନା ମୂଲ୍ୟ ଅଥବା ସାମାନ୍ୟ ମୂଲ୍ୟରେ ମିଳିପାରେ । ଅତଏବ ଏହି ଅବସ୍ଥାର ଲାଭଜନକ ଅଟଇ ଅଧିକର ପରୀକ୍ଷା ଦ୍ୱାରା ଦେଖା ଯାଇଅଛି ଯେ ଗନ୍ଧମଗ୍ନ ନିମନ୍ତେ ଗଣ୍ଡିର ଲଙ୍ଗଳ ଦେଲେ ପ୍ରାୟ ଦେଢ଼ ଶସ୍ୟ ଉତ୍ପନ୍ନ ହୁଅଇ ।

---

କଲିକତାର ଏକ ତାରସମ୍ବାଦରୁ ଜଣାଯାଏ ଯେ ପ୍ରାୟ ଏକମାସ ହେଲା ଅଫଗାନ ଓ ବଦଖସାନ ମଧ୍ୟରେ ଫଏଜାବାଦଠାରେ ଯୁଦ୍ଧ ଲାଗିଥିଲା । ବଦଖସାନ ରାଜ୍ୟକୁ ଅଫଗାନ ସ୍ୱାଧୀନରୁ ଅଧୀନସ୍ଥ କରିବା ଏ ଯୁଦ୍ଧର ଉଦ୍ଦେଶ୍ୟବୋଲି କଥିତ ହୁଅଇ । ଏପର୍ଯ୍ୟନ୍ତ ଏ ଯୁଦ୍ଧସମ୍ପର୍କରେ ଆଉକିଛି ଶୁଣାଯାଇ ନ ଥିବାରୁ ଏ ସମ୍ବାଦ ପ୍ରତି ବଡ ବିଶ୍ୱାସହେଉ ନାହିଁ । ଏଣେ ସିମଲାଠାରୁ ସମ୍ବାଦ ଆସିଅଛି ଯେ ସୀମାନିରୂପଣକାରୀ କମିଶ୍ନରମାନେ ଭାରତବର୍ଷକୁ ଫେରି ଆସୁଅଛନ୍ତି ଏବଂ ଚଳିତମାସ ତା ୧୦ ରଖରେ କାବୁଲରେ ପହୁଞ୍ଚିବେ । ଲଢାଇ ହେଉଥିଲେ

Digitized by srujanika@gmail.com

Split by PDF Splitter



କମିଶ୍ନରମାନେ ଏତେଭ କଷ୍ଟିନ୍ଟୋପଲରେ ଫେରି ଅସନ୍ତେ ନାହିଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ସମ୍ବାଦ ପତ୍ରରେ ପାଠ କଲୁଁ ଯେ କାଶ୍ମୀରର ପ୍ରଧାନମନ୍ତ୍ରୀ ବାବୁ ନୀଲାମ୍ବର ମୁଖୋପାଧ୍ୟାୟ ଆପଣା କର୍ମରେ ଇସ୍ତଫା ଦେବାରୁ ମହାରାଜା ତାହା ଗ୍ରହଣ କରିଅଛନ୍ତି ମୋତି ମୁଖୋପାଧ୍ୟାୟ ମହାଶୟଙ୍କ କାର୍ଯ୍ୟ ଦୃଷ୍ଟିରେ ତାହାଙ୍କୁ ପେନସନ ଦେବା ଉଚିତ ବିବେଚନା କର ନାହାନ୍ତି ନୀଲାମ୍ବର ବାବୁଙ୍କ କାର୍ଯ୍ୟସମ୍ପର୍କରେ ଅନେକ ଦିନରୁ ଗୋଲମାଲ ଶୁଣା ଯାଉଥିଲା କିନ୍ତୁ ସେ ଦୀର୍ଘକାଳ ସୁଖ୍ୟାତି ସହିତ କାର୍ଯ୍ୟ କରି ଆସିଥିବାରୁ ନୂତନ ମହାରାଜା ତାହାଙ୍କୁ ଛାଡ଼ି ଦେବେ ବୋଲି ଆମ୍ଭେମାନେ ବିଶ୍ୱାସ କରି ପାରି ନ ଥିଲୁଁ । ଆମ୍ଭମାନଙ୍କର ଭୟ ହେଉଅଛି ଯେ ଏମନ୍ତ ସୁଯୋଗ୍ୟ କର୍ମଚାରୀଙ୍କୁ ବିଦାୟ ଦେବା କାଶ୍ମୀରପକ୍ଷରେ ମଙ୍ଗଳଜନକ ଘଟଣା ନୁହଇ ।

---

ଦୈନିକରେ ଏକବ୍ୟକ୍ତି ଲେଖିଅଛନ୍ତି ଯେ ବାବୁମାନେ ଦଶହରା କଚେରୀ ବନ୍ଦ ସମୟରେ ଛୁଟି ନ ନେଇ କଚେରୀରେ କାର୍ଯ୍ୟ କରିବାର ଅନୁମତି ପାଇବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାକୁ ମନସ୍ଥ କରିଅଛନ୍ତି । କାରଣ ବ୍ରାହ୍ମଧର୍ମାବଲମ୍ବୀମାନେ ଯେତେବେଳେ ଦଶହରା ସମୟରେ ଅବସର ନେବେ ତେବେ ପୌତ୍ତଳିକତାକୁ ସାହାଯ୍ୟ କରିବାର ହେବ । ସୁତରାଂ ଦୁର୍ଗାପୂଜା ଉପଲକ୍ଷରେ ଛୁଟି ନେବା ବ୍ରାହ୍ମମାନଙ୍କପକ୍ଷରେ ଅନୁଚିତ ହେଉଅଛି । ଏମନ୍ତସ୍ଥଳେ ସଂସ୍କାରକ ଓ ସେବକ ଓଡ଼ିଶା ବ୍ରାହ୍ମସମାଜର ପତ୍ରିକା ବୋଲି ଦାବି କରୁଥିବା ସ୍ଥଳେ ଦୁର୍ଗାପୂଜା ସମୟରେ କପରି ଦୁଇସପ୍ତାହ ଛୁଟି ନେଇଅଛନ୍ତି ବୁଝା ଯାଉ ନାହିଁ । କଲିକତାର ସୁଲଭ ସମାଚାର ଖଣ୍ଡିଏ ବ୍ରାହ୍ମପତ୍ରିକା ଅଟଇ । ପୂଜା ସମୟରେ ସେ ପତ୍ରିକା ବନ୍ଦ ନ ହୋଇ ବରଂ ସମଧିକ ଆଡ଼ମ୍ବରରେ ପ୍ରକାଶ ହୁଅଇ ।

---

କଲଗେରୟାର ଗୋଲମାଲ କ୍ରମଶଃ ବୃଦ୍ଧି ହେବାର ଦେଖାଯାଉଅଛି । ଯେଉଁମାନେ ଷଡ଼ଯନ୍ତ୍ର କରି ରାଜକୁମାର ଆଲେକଜଣ୍ଡରଙ୍କୁ ସିଂହାସନଚ୍ୟୁତ କରିଥିଲେ ଋଷିଆଜାର ଶାସନ କମିଟି ବସିଥିବା ମନ୍ତ୍ରଣାସଭା ସେମାନଙ୍କୁ କସ୍ତୁରିନରେ ଆଣିବାର ଆଜ୍ଞା ଦେଇଅଛନ୍ତି । କିନ୍ତୁ ଋଷିଆର ଏ କଥା ମନୋମତ ନୁହଇ । ଋଷିଆ ସେମାନଙ୍କ ବିଚାରବିଷୟରେ ପୂର୍ବରେ ନିଷେଧ କରି ପଠାଇଥିଲେ କିନ୍ତୁ ଅନୁମାନ ହୁଅଇ ମନ୍ତ୍ରଣାସଭା ତାହା ମାନି ନାହାନ୍ତି । ଏଥିପାଇଁ ଋଷିଆ ଏକ ଚୂଡ଼ାନ୍ତ ପତ୍ର ଲେଖି ଷଡ଼ଯନ୍ତ୍ରକାରୀମାନଙ୍କୁ ଖଲାସ କରିଦେବାର ଦାବି କରିଅଛନ୍ତି ବୋଲି ଗତମାସ ତା ୨୭ ରିଖଲିଖିତ ଏକ ତାରଡାକସମ୍ବାଦରୁ ପ୍ରକାଶ ପାଉଅଛି । ଏଥିରୁ ବୋଧ ହୁଅଇ ଯେ ମନ୍ତ୍ରଣାସଭା ଏହାଙ୍କ ଅବହେଳା କଲେ ଯୁଦ୍ଧ ହୋଇପାରେ ।

---

ଏ ଦେଶୀୟ ଲୋକମାନେ ବିଲାତରେ ଯାଇ ଅଧ୍ୟୟନ କରିବାକୁ ସମର୍ଥ ହେବେ ଏଥିପାଇଁ ଗବର୍ଣ୍ଣମେଣ୍ଟ ଗୋ ୭ ଟି ଛାତ୍ରବୃତ୍ତି ସ୍ଥାପନ କରି ଏହି ନିୟମ କରିଥିଲେ କି ଯେଉଁମାନଙ୍କର ବୟସ ବ ୨୧ ବର୍ଷରୁ ଊଣା ସେହିମାନେ ଏବୃତ୍ତି ପାଇବାର ଯୋଗ୍ୟ ହେବେ । ଏଥିକୁ ମୁସଲମାନଙ୍କ ପକ୍ଷରୁ ଆପତ୍ତି ହେବାରୁ ଗବର୍ଣ୍ଣମେଣ୍ଟ ବୟସର ସଂଖ୍ୟା ବ ୧ ବର୍ଷ ବଢ଼ାଇ ଦେଇଅଛନ୍ତି । ଅର୍ଥାତ୍ ବୟସର ଊର୍ଦ୍ଧ୍ୱ ସୀମା ବ ୨୨ ବର୍ଷ ହେବ ଓ ପ୍ରତ୍ୟେକ ଛାତ୍ର ତିନିବର୍ଷ ପର୍ଯ୍ୟନ୍ତ ବାର୍ଷିକ ଟ ୨୦୦୦୯ ଙ୍କା ଲେଖାଏ ବୃତ୍ତି ପାଇବେ ଏବଂ ଯିବା ଆସିବାର ଖର୍ଚ୍ଚ ପ୍ରତ୍ୟେକଙ୍କୁ ଟ୧୦୦୦୯ ଙ୍କା ଲେଖାଏ ଦିଆଯିବାର ପ୍ରଥମେ କଥା ହୋଇଥିଲା ମାତ୍ର ବର୍ତ୍ତମାନ ନିୟମ ହେଲା କି ବିଲାତକୁ ଯିବା ଆସିବାରେ ପ୍ରତ୍ୟେକ ଛାତ୍ରଙ୍କର ଯେତେ ବ୍ୟୟ ପଡ଼ିବ ସରକାର ତାହା ଦେବେ । ଏହି ନିୟମମାନ ସର୍ବସାଧାରଣଙ୍କ ଜାଣିବା କାରଣ ଗେଜେଟରେ ପ୍ରକାଶିତ ହୋଇଅଛି ।

---

ଓଡ଼ିଶାନାଲକୁ ଏ ବର୍ଷ ଜନସଂଖ୍ୟା ଘେରିଅଛି ଯୋବସ୍ତ ପଥଇବନ ଉନମାସ ହେଲା ଭାଙ୍ଗି ଯିବାରୁ ଜଳସେଚନ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଅଛି ଏବଂ ଯାତ୍ରିଙ୍କ ଯିବା ଆସିବାର ଯେପରି କଷ୍ଟ ହୋଇଅଛି କହିଲେ ସରିବ ନାହିଁ । ଏଥିମଧ୍ୟରେ ପୁଣି ନରାଜବନ୍ଧ ଗତ ସପ୍ତାହରୁ ଭାଙ୍ଗି ଯିବାରୁ କାଠଯୋଡ଼ିରେ ଅଧିକ ଜଳ ଯାଉଅଛି ଏବଂ ମହାନଦୀ ପାଣି ଅତ୍ୟନ୍ତ କମି ପଡ଼ିଲଣି । ଅଛ କାଲି ନଦୀରେ କେବଳ ବଢ଼ିଆସିବାରୁ ପାଣି ହୁଟଏ ହେଉଅଛି କିନ୍ତୁ ଦଶହରା ପରଠାରୁ ସେ କଥା ରହିବ ନାହିଁ । ସୁତରାଂ କ୍ଷେତକୁ ଜଳ ଯୋଗାଇବାର କଥା ଏବର୍ଷ ଏଡ଼କ ଏବଂ ଯେବେ କାର୍ତ୍ତିକମାସରେ ବୃଷ୍ଟି ନ ହେବ ତେବେ ଫସଲ ପ୍ରତି ବଡ଼ ହାନି ହେବ । ଏପର୍ଯ୍ୟନ୍ତ ଇନ୍ଦ୍ରଦେବତା ଏକପ୍ରକାର ପାଳ ନେଲେ ଦଶହରା ଉତ୍ତାରୁ ଦୁଇ ଏକଥର ବୃଷ୍ଟି ହେଲେ ନାଳ ପାଣି ନ ପାଇବା ହେତୁରୁ କିଛି କଷ୍ଟ ହେବ ନାହିଁ । ମାତ୍ର ସରକାରଙ୍କର ଦୂର ଅଟେ ଏ ତ୍ରୁଟି । ଏବେ ଜଳକର ନସ୍ଥି ହେଲେ ନାଳ ମାସୁଲ ମଧ୍ୟ ଯିବ କାରଣ ଏ ଦୁଇବନ୍ଧ ପ୍ରସ୍ତୁତ ନ ହେଲେ ନାଳରେ ପାଣି ହେବ ନାହିଁ । ସରକାର କ ବିଚାର କରୁଅଛନ୍ତି ଆମ୍ଭେମାନେ କହି ନ ପାରୁଁ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏହି ସମୟରେ ନାଳ ଉଠାଇ ଦେଇ ଶୀଘ୍ର ରେଲ୍‌ବାଟ କରିବାର ଉଚିତ ।

---

କଲିକତାର ଗୋଟିଏ ମୁଦ୍ରାଯନ୍ତ୍ରର ଅଧିକାରୀ ଟ୍ରେଲସାହେବଙ୍କ ମୋକଦ୍ଦମା ଘେନି ବହୁ ଗଣ୍ଡଗୋଳ ଲାଗିଅଛି ମୋକଦ୍ଦମାର ବୃତ୍ତାନ୍ତ ଏହିକ ଟ୍ରେଲସାହେବଙ୍କ ଛାପାଖାନାର ଜଣେ ଦପ୍ତରୀ ହଠାତ୍ ମରିଗଲା । ସାହେବ ପୁଲିସକୁ ସମ୍ବାଦ ଦେଇ ପଠାଇଲେ କି ଦପ୍ତରୀକ ହଠାତ୍ କାଢ଼ ମାରିବାରୁ ସେ ଅଚେତନ ହେଲା ଓ ତତ୍କ୍ଷଣାତ୍ ତାହାକୁ ତାହାର ଘରଠାକୁ ପଠାଇ ଦିଆଗଲା ମାତ୍ର ସେ ଅଳ୍ପକ୍ଷଣରେ ମରିଗଲା । ଡାକ୍ତରସାହେବ ଶବ ପରୀକ୍ଷା କରି କହିଲେ ମାତ୍ର ଇତ୍ୟାଦିର କିଛି ଚିହ୍ନ ନାହିଁ ଓ ମୃଗୀରୋଗରେ ମୃତ୍ୟୁ ଘଟିବାର ଅନୁମାନ ହୁଅଇ । ମାତ୍ର ସାହେବଙ୍କ ଛାପାଖାନାର ଅନ୍ୟ ଦୁଇଜଣ ଦପ୍ତରୀ ପୁଲିସରେ ଇଜହାର କଲେ କି ସାହେବଙ୍କ ପ୍ରହାରରେ ଉକ୍ତ ଦପ୍ତରୀ ମରିଅଛି । ଏଥିକୁ ସାହେବ ଦପ୍ତରୀଙ୍କ ନାମରେ ପୁଲିସରେ ମିଥ୍ୟା ସମ୍ବାଦ ଦେବାର ନାଲିସ କରିଅଛନ୍ତି ଏବଂ ସାହେବଙ୍କ ନାମରେ ଦପ୍ତରୀକ ମାରିପକାଇବାର ମୋକଦ୍ଦମା ଦାଏର ହୋଇଛି । ମୃତ୍ୟୁର କାରଣ ଅନୁସନ୍ଧାନ କରିବାକୁ ଯେଉଁ ଜୁରି ବସିଥିଲେ ସେମାନଙ୍କମଧ୍ୟରୁ ଅଧିକାଂଶଙ୍କ ମତ ଏହି ହୋଇଅଛି କି ଯେଉଁସ୍ଥଳେ ଦୁଇଜଣ ଚାକ୍ଷୁଷ ସାକ୍ଷୀ କହୁଅଛନ୍ତି କି ସାହେବ ଦପ୍ତରୀକ ମାରିଥିଲେ ସେସ୍ଥଳେ ମାଡ଼ର ଆଘାତରେ ତାହାର ମୃତ୍ୟୁ ଘଟିବାର ବିଶ୍ୱାସ ହେଉଅଛି । ବିଚାରରେ କି ଫଳ ହେବ ପରେ ପ୍ରକାଶ ପାଇବ ।

---

Digitized by srujanika@gmail.com

ଗତମଙ୍ଗଳବାରଠାରୁ ଏ ନଗରରେ ଝଡ଼ ବର୍ଷା ଲଗାଇଅଛି । ଏମନ୍ତ ଲଗାଣବର୍ଷା ଏବର୍ଷ ଏଥିପୂର୍ବେ ଦେଖା ନ ଥିଲା । ବର୍ଷାକାଳ ଶେଷହେବାର ଦେଖି ମେଘ ଯେମନ୍ତ ସାଲତମାମି ନିକାଶ କରିବାପାଇଁ ଅତ୍ୟୋଗ୍ର ଲାଗିପଡ଼ିଅଛି । ଏହି ଝଡ଼ରେ ବହୁତ ଜଳ ବୃଷ୍ଟି ହୋଇଅଛି ଏବଂ ପବନର ଗତି ଦେଖି ଅନୁମାନ ହେଉଅଛି ଯେମନ୍ତ କୌଣସିଠାରେ ତୋଫାନ ହେଉଅଛି । ବତାସ ଉତ୍ତରରୁ ଆରମ୍ଭ ହୋଇ ଉତ୍ତର ପୂର୍ବରେ ରହିଅଛି ଏବଂ ବେଳେ ୨ ତୋଫାନପରି ଝାଙ୍କୁଥିଲେହେଁ ସାମାନ୍ୟ ବଳହେବାରୁ କୌଣସି ଅନିଷ୍ଟ କରି ନାହିଁ । ଯେପରିମାଣ ବୃଷ୍ଟି ଏଠାରେ ହୋଇଅଛି ଉପରମାଳରେ ସେପରି ହୋଇଥିଲେ ନଦୀବଢ଼ି ହେବାର ସମ୍ଭାବନା ତାହା ହେଲେ ଏବର୍ଷ ଦଶହରା ବଢ଼ି ହେବ । ଆପାତତଃ ଏହି ଝଡ଼ରେ ଲୋକଙ୍କର ଭାରି ଅସୁବିଧା ଘଟିଅଛି । ଦଶହରା ସମୟର କିଣା ବିକା ସୁବିଧାମତେ ହୋଇପାରୁ ନାହିଁ ଗ୍ରାହକ ଓ ଦୋକାନୀ ଉଭୟଙ୍କର ଭାବନା ପଡ଼ିଅଛି । ଆଜି ମେଘ ଛାଡ଼ିବାର ଲକ୍ଷଣ ଦେଖାଯାଉଅଛି ମାତ୍ର ତାହା ନ ହେଲେ କଟେଶ୍ୱରୀ ଓ ଅନ୍ୟାନ୍ୟ ଲୋକଙ୍କର ଘରକୁ ଯିବାର ବଡ଼ କ୍ଳେଶ ହେବ । ଫସଲପକ୍ଷରେ ମଧ୍ୟ ଯଥେଷ୍ଟ ଜଳ ହୋଇଅଛି । ଏଥର ଛତ୍ରଦଳ ଛାଡ଼ିଗଲେ ରବ ବୁଣାବୁଣି ଏବଂ ପୂଜାର ଆମୋଦପ୍ରମୋଦ ଉଭୟପକ୍ଷରେ ଉତ୍ତମ ହେବ ।

---

ଲଣ୍ଡନନଗରରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଗତମାସ ତା ୨୫ ରିଖରେ ପାର୍ଲିମେଣ୍ଟ ସଭା ବନ୍ଦ ହେଲା । ଆଗାମୀ ନବେମ୍ବର ମାସ ତା ୧୧ ରିଖରେ ପୁଣି ସଭା ବସିବ । ସଭା ବନ୍ଦ ହେବା ସମୟରେ ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ପଠିତ ହୋଇଥିଲା ତହିଁର ସାରମର୍ମ ଏହି କି ବୈଦେଶିକ ରାଜନ୍ୟବର୍ଗଙ୍କସହିତ ମହାରାଣୀଙ୍କର ସୁଲକ୍ଷଣ ସଦ୍ଭାବ ଅଛି ବଲଗେରିଆର ରାଜକୁମାର ଆଲେକଜେଣ୍ଡର ପଦ ତ୍ୟାଗ କରିବାକୁ ବାଧ ହେବାରୁ ଏକ ମନ୍ତ୍ରଣାସଭାଦ୍ୱାରା ସେଠାର କାର୍ଯ୍ୟ ନିର୍ବାହ ହେଉଅଛି ମାତ୍ର ବର୍ଲିନସନ୍ଧିର ନିୟମାନୁସାରେ ଜଣେ ନୂତନ ରାଜା ନିଯୁକ୍ତ କରିବାକୁ ଉକ୍ତ ସନ୍ଧିରେ ସ୍ୱାକ୍ଷର କରିଥିବା ରାଜାମାନେ ବିଚାର କରୁଅଛନ୍ତି । ଆଫଗାନ-ସୀମାନିରୂପଣ କାର୍ଯ୍ୟ ଅତଅଳ୍ପ ବାକି ଅଛି ତାହା ତଦନ୍ତପକ୍ଷଦ୍ୱାରା ମୀମାଂସା ହୋଇ ପାରିବ ଶୀତ ପ୍ରବଳ ହେବା ଦୃଷ୍ଟିରେ ସୀମାନିରୂପଣ କାର୍ଯ୍ୟରେ ନିଯୁକ୍ତଥିବା କର୍ମଚାରୀମାନଙ୍କୁ ଫେରି ଆସିବାର ଆଦେଶ ହୋଇଅଛି । ଆଏରଲାଣ୍ଡର ଗୋଲମାଲ ନିଷ୍ପତ୍ତି କରିବା କାରଣ ଶୀଘ୍ର ଗୋଟିଏ ଆଇନସମ୍ବନ୍ଧୀୟ ସମିତି ବସିବ । ଭାରତବର୍ଷ ଓ ଉପନିବେଶବାସିଙ୍କର ମଙ୍ଗଳ ନିମିତ୍ତ ବିଲାତବାସିଙ୍କର ଯତ୍ନ ଦେଖି ମହାରାଣୀ ବଡ଼ ଆନନ୍ଦିତ ହୋଇଅଛନ୍ତି ।

ଏ ଯତ୍ନ କିପରି ପାଠକମାନେ ବୁଝିପାରୁଥିବେ । ଅଳ୍ପଦିନତଳେ ଭାରତ ଏବଂ ଉପନିବେଶ-ଜାତ ଦ୍ରବ୍ୟର ଯେଉଁ ମହାପ୍ରଦର୍ଶନୀ ବିଲାତରେ ବସିଥିଲା ତେତିକି ମାତ୍ର ଅଟଇ । ଭାରତସମ୍ପର୍କରେ ଏହିକଥା କହି ମହାରାଣୀ ସନ୍ତୁଷ୍ଟ ହେଲେ କିନ୍ତୁ ବ୍ରହ୍ମର ଯୁଦ୍ଧରେ ଯେ ଅସଂଖ୍ୟ ପ୍ରାଣୀ ଓ ଅର୍ଥ ନାଶ ହେଉଅଛି ଏବଂ ସେହି ଅର୍ଥ ଯୋଗାଇବାରେ ଭାରତବର୍ଷ ଉଚ୍ଛନ୍ନ ହେଉଅଛି ମନ୍ତ୍ରିମାନେ ତହିଁରେ କଣ୍ଟମାତ୍ର ପ୍ରସଙ୍ଗ ଶ୍ରୀମତୀମହାରାଣୀଙ୍କି ସ୍ମରଣ କରାଇ ଦେଲେ ନାହିଁ ।

---

ଷ୍ଟେଟସ୍ମାନରୁ ଅବଗତ ହେଲୁଁ ଯେ ବନାରସ—କଟକ ରେଲବାଟର ଜରିପକାର୍ଯ୍ୟ ଶେଷ ହେଲା ଉପରୁ ନକ୍ସା ଓ ଇଷ୍ଟିମିଟମାନ ସମାପ୍ତ ହୋଇଅଛି । ବଙ୍ଗଳା—ନାଗପୁର-ରେଲବାଟସଙ୍ଗେ ଯୋଗ ହେବା ସ୍ଥାନରୁ ମହାନଦୀପର୍ଯ୍ୟନ୍ତ ଏହି ରେଲବାଟର ଯେଉଁ ଅଂଶ ପଡ଼ିବ ତାହା ମା ୧୭୦ ମାଇଲ ଲମ୍ବ ଏବଂ ସହଜଭୂମିଖଣ୍ଡ ଉପରେ ଆସିବ ଅର୍ଥାତ୍ ବଙ୍ଗଳା ଓ ନାଗପୁର-ରେଲବାଟର ଅପର ଅଂଶ ଯେମନ୍ତ ବିଷମଭୂମିଖଣ୍ଡ ଉପରେ ଯାଉଅଛି ସେପରି ନୁହଇ ଏବଂ ବାଟ କନ୍ଥୁଡ଼ ବଙ୍କା ନୁହଇ ଅର୍ଥାତ୍ ଦୁଇ ତିନିମାଇଲରେ ଏକମାଇଲ ପ୍ରମାଣ ପଡ଼ିଅଛି । କଟକଠାରୁ ପୁରୀପର୍ଯ୍ୟନ୍ତ ଯେଉଁ ବାଟ ଯିବ ତହିଁର ପ୍ରାୟ ସମୁଦାୟ ଅଂଶ ସମଭୂମିରେ ପଡ଼ିଅଛି ଏବଂ ଏବାଟର ଦୈର୍ଘ୍ୟ ମା ୪୫ ମାଇଲ ଅଟଇ । ଏଥିରୁ ପାଠକମାନେ ଦେଖିବେ ଯେ ଓଡ଼ିଶାର ସୌଭାଗ୍ୟକୁ ସବୁ ସୁଲକ୍ଷଣଘଟନା ହୋଇଅଛି କେବଳ କପାଳରେ ଭୋଗ ନାହିଁ ବୋଲି ତହିଁର ପ୍ରତ୍ୟକ୍ଷ ଫଳଲାଭ କରିପାରୁ ନାହୁଁ । ରେଲବାଟ ପ୍ରସ୍ତୁତ କରିବାର ସକଳପ୍ରକାର ସୁବିଧା ଅଛି ! ବାଟ ପ୍ରସ୍ତୁତ ହେଲେ ଜଗନ୍ନାଥଙ୍କ ଯାତ୍ରୀ ଏବଂ ଉପସ୍ଥାବହୁପ୍ରାଣୀ ଦ୍ରବ୍ୟଭୋଗାଇ କାର୍ଯ୍ୟରେ ବହୁତ ଆୟ ହେବାର ସମ୍ଭାବନା ଅଛି ଏବଂ ଓଡ଼ିଶା ଓ ଛୋଟନାଗପୁରର ଜଙ୍ଗଲପ୍ରଦେଶମଧ୍ୟରେ ଏହି ବାଟ ଆସିବାରୁ ସମସ୍ତସ୍ଥାନ ଅଳ୍ପକାଳରେ ଅତ୍ୟନ୍ତ ଉନ୍ନତ ଏବଂ ମୂଲ୍ୟବାନ୍ ହେବାର ଲକ୍ଷଣ ଉପାୟ ରହିଅଛି । କିନ୍ତୁ ଗବର୍ଣ୍ଣମେଣ୍ଟ ଅପରକାର୍ଯ୍ୟରେ ମାତି ଏହି ଅନାବଶ୍ୟକୀୟ ଏବଂ ଆଶୁ ଆୟକର କାର୍ଯ୍ୟକୁ ପକାଇ ରଖିଅଛନ୍ତି । ଏତେଦିନେ ନକ୍ସା ଓ ଇଷ୍ଟିମିଟ ହେଲା ମାତ୍ର କାର୍ଯ୍ୟାରମ୍ଭ ନ ହେଲେ ତହିଁରେ ଆମ୍ଭମାନଙ୍କର ଲାଭ କଣ ? କଟକରୁ ପୁରୀପର୍ଯ୍ୟନ୍ତ ବାଟଟା ଅତି ଶୀଘ୍ର ହେବାର କଥା ପାଞ୍ଚବର୍ଷ ହେଲା ହୃଦୟହୋଇ ଅବଧି କିଛି କାର୍ଯ୍ୟସଙ୍ଗେ ଦେଖା ନାହିଁ ।

---

ଆମ୍ଭମାନଙ୍କର ଜଣେ ବନ୍ଧୁ ଯାଜପୁର ଅଞ୍ଚଳରୁ ନିମ୍ନଲିଖିତ ବିଷୟମାନ ଲେଖି ପଠାଇଥିବାରୁ ଏଠାରେ ପ୍ରକାଶ କରି ପ୍ରାର୍ଥନା କରୁଅଛୁଁ ଯେ ଏ ବିଷୟମାନ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମନୋଯୋଗ ଆକର୍ଷଣ କରିବ । ଯଥା;

ଗତ ସପ୍ତାହରେ ଆମ୍ଭେ ସରକାରୀ କାର୍ଯ୍ୟୋପଲକ୍ଷେ କଟ୍କ କଳକଳା ନଜଗଡ଼ ମୁକାମକୁ ଯାଇଥିଲୁଁ ସେ ଅଞ୍ଚଳରେ ଓ କଟ୍କ ଦର୍ପଣରେ ବର୍ତ୍ତମାନ ଫସଲ ଅବସ୍ଥା ଉତ୍ତମ ଅଛି । କଳକଳା ଇଲାକାରେ ପାଉଣ୍ଡ ( Cattle Pound ) ଜାରି ନ ଥିବା ହେତୁ ଗବାଦି ପଶୁମାନେ ଫସଲ ସମସ୍ତ ନଷ୍ଟ କରୁଥିବାର ଓ ତହିଁର ବର୍ତ୍ତମାନ ପ୍ରତୀକାର ରାଜା କିମ୍ବା ପ୍ରଜାଙ୍କଦ୍ୱାରା ହୋଇ ପାରୁ ନ ଥିବାରୁ ପ୍ରଜାମାନେ ଏ ବିଷୟରେ ଅତିଶୟ ଦୁଃଖିତ ଥିବାର ଆମ୍ଭ ସାକ୍ଷାତରେ ପ୍ରକାଶକଲେ ।

କଣ୍ଠା ଦର୍ପଣ ଅନ୍ତର୍ଗତ ନେଉଳପୁର ବଜାରଠାରୁ ଶ୍ରୀ ମହାଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ଓ ସେଠାରୁ କଳକଳା ସୀମା ପର୍ଯ୍ୟନ୍ତ ସୁଗମ୍ୟ ପଥ ନ ଥିବାରୁ ସର୍ବଦା ଲୋକମାନଙ୍କର ଓ ଯାତ୍ରାଦି ମେଳା ସମୟରେ ଯାତ୍ରିମାନଙ୍କର ବିଶେଷ କଷ୍ଟ ହୁଏ ଏପ୍ରକାର ସ୍ଥାନମାନଙ୍କରେ ରୋଡ଼ସେସ୍ ଫଣ୍ଡରୁ ରାସ୍ତା ପ୍ରସ୍ତୁତ ହେବାର ନିତାନ୍ତ ଆବଶ୍ୟକ ଏଥିପ୍ରତି କର୍ତ୍ତୃପକ୍ଷ ହାକିମମାନଙ୍କର ଦୃଷ୍ଟି ନିକ୍ଷେପ ହେଲେ ଲୋକମାନଙ୍କର କଷ୍ଟ ଓ ଦୁର୍ଦ୍ଦଶା ମୋଚନ ହେବ ।

ଧର୍ମଶାଳା ନିକଟ ବ୍ରାହ୍ମଣୀନଦୀ ଘାଟରେ ଲଞ୍ଚଦ୍ୱାରା ପ୍ରଚୁର ପରିମାଣ ପଟୋଲନ ବସ୍ତି

Split by PDF Splitter

Digitized by srujanika@gmail.com

ଓ ଡଙ୍ଗା ମହଜୁଦ ରଖୁ ନ ଥିବାରୁ ଯାତ୍ରୀମାନଙ୍କର ନଦୀ ପାର ହେବାରେ ଅନେକ ସମୟ ଅକାରଣ ବିଳମ୍ବ ହେଉଅଛି କେବଳମାତ୍ର ଖ ୨ ଣ୍ଡ ଜଙ୍ଗି ଓ ଖ ୨ ଡଙ୍ଗା ଘାଟରେ ଥିବାର ଦେଖିଲୁଁ ଓ ଉକ୍ତ ଖ ୨ ଣ୍ଡ ଜଙ୍ଗି ନଦୀର ଉତ୍ତର ପାର୍ଶ୍ୱରେ ଥିବାରେ ସକାଳ ଘ ୭ ଣ୍ଟାଠାରୁ ଘ ୧୦ ଣ୍ଟା ପର୍ଯ୍ୟନ୍ତ ନଦୀର ଦକ୍ଷିଣ ପାର୍ଶ୍ୱରେ ଅମ୍ଭଙ୍କୁ ଅକାରଣ ପଡ଼ି ରହିବାକୁ ହୋଇଥିଲା ଘାଟମାନଙ୍କରେ ଏପ୍ରକାର ଅନ୍ୟାୟ ବିଳମ୍ବ ନିବାରଣ ପକ୍ଷରେ ଅମ୍ଭମାନଙ୍କ ଜିଲାର ମାଜିଷ୍ଟ୍ରେଟ ସାହେବ ମହୋଦୟ ଉଚିତ ବ୍ୟବସ୍ଥା ନ କଲେ ଓ ଇଜାରଦାରମାନେ ଏ ବିଷୟରେ କବୁଲିୟତ ସର୍ତ୍ତାନୁଯାୟୀ ଶାସିତ ନ ହେଲେ ପଥିକମାନଙ୍କର ଅନର୍ଥକ ବିଳମ୍ବ ଓ ନିରୁପାୟ କଷ୍ଟ ଦୂରୀଭୂତ ହେବ ନାହିଁ ।

ମିଶା ଘିଅ ।

ମିଶା ଘିଅ ବ୍ୟବସାୟ ଦମନ ବିଷୟରେ ବନାରସ ନଗର ସମସ୍ତ ଭାରତବର୍ଷର ବିଶେଷର ବଙ୍ଗପ୍ରଦେଶର ଅତି ଉତ୍ତମ ଶିକ୍ଷା ଦେଉଅଛି । ବନାରସରେ ଯେମନ୍ତ ମିଶାଘିଅ କଥା ପ୍ରକାଶ ପାଇଲା ତେମନ୍ତ ସେଠାର ଦୁଇଜଣ ରଇସ ବାବୁ ମାଧୋଜି ସାହେବ ଓ ବାବୁ ଗୋକୁଳ ଚନ୍ଦ୍ରନାଥ ସ୍ୱଜାତୀୟ ଏବଂ ଅପରଜାତୀୟ ପ୍ରଧାନ ଲୋକଙ୍କୁ ଡକାଇ ଗୋଟିଏ ସଭା କରାଇ ଏହି ପ୍ରତିଜ୍ଞା କଲେ କି ବିଶୁଦ୍ଧ ଘିଅର ଗୋଟିଏ ନିଜର ଦୋକାନ ଫିଟାଇବେ ଓ ନିର୍ଦ୍ଦିଷ୍ଟ ପରୀକ୍ଷା ଓ ବୁଝା ସୁଝାଙ୍କରୁ କେବଳ ଖାଣ୍ଟି ଘିଅ ସେଠାରେ ବିକ୍ରୟ ହେବ । ଏହି ଦୋକାନର ମୂଳଧନନିମିତ୍ତ ପ୍ରତିଅଂଶ ଟ ୧୦୦୯ ଲେଖାଏ ଦଶହଜାର ଟଙ୍କା ସେହି ମଜଲିସରେ ହେବାହେଲା ଏବଂ ହେବାଦାତାମାନେ ନିୟମ କଲେ କି ସେମାନେ ବାର୍ଷିକ ଶତକରା ଟ ୬୯ ଙ୍କା ଲେଖାଏ ସୁଧଛଡ଼ା ଦୋକାନରୁ ଅନ୍ୟକୌଣସି ଲାଭ ନେବେ ନାହିଁ । ଏହି ପ୍ରସ୍ତାବ ହେବାର ଅଳ୍ପସମୟ ମଧ୍ୟରେ ଦୋକାନ ଫିଟିଲା । ବର୍ତ୍ତମାନ ସେଠାରେ ବିଶୁଦ୍ଧ ଘିଅ ବିକ୍ରୟ ହେଉଅଛି ଏବଂ ଏଥିର ଦେଖାଦେଖି ଅନ୍ୟ ଜାତୀୟ ପ୍ରଧାନ ଲୋକମାନେ ଏହିପରି ଆଉ ଦୋକାନମାନ ଫିଟାଉଅଛନ୍ତି । ଏହିରୂପେ ଦୁଇଜଣ ସଦବିଜ୍ଞାନସମ୍ପନ୍ନ ଓ ଉଦ୍ୟୋଗଶୀଳ ପୁରୁଷ ଏକା ଉପାୟ ଉଦ୍ଭାବନ କରିବାରୁ ଯାହା ସାଧାରଣ ଭଦ୍ରଲୋକଙ୍କ ଯତ୍ନରେ ଅଧୁନା ପ୍ରଣାଳୀର ସଙ୍ଗ ରକ୍ଷା ପ୍ରସ୍ତାବ ବା ଅନୁମୋଦନ ଗ୍ରହଣ କରିବାର ଆଡ଼ମ୍ବର ଅଥବା ସମ୍ପାଦକ ଆବେଦନ ଦ୍ୱାରା ସର୍ବସ୍ୱ ଧାରଣ ବା ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବା ଦ୍ୱାରା ଗୋଟିଏ ମହତ୍କାର୍ଯ୍ୟ ସାଧିତ ହୋଇଗଲା । ବଙ୍ଗାଳାରେ ଅବଧି ସେ ବିଷୟର ଶେଷ ମୀମାଂସା ହୋଇ ନାହିଁ । ଅନେକାନେକ ଆବେଦନ ପ୍ରଭୃତି ଅବଧି ଲାଗି ରହିଅଛି ଏବଂ ବଙ୍ଗେଶ୍ୱର ଲୋକଙ୍କ ଆର୍ତ୍ତନାଦରେ ବ୍ୟସ୍ତ ହୋଇ ଦାର୍ଜିଲିଙ୍ଗ ପର୍ବତରୁ ଓହ୍ଲାଇଆସି ଚମ୍ପଲ ଖଣ୍ଡିଏ ଆଇନ ବାହାର କରିବେ ମଧ୍ୟ ଲୋକଙ୍କୁ ସନ୍ତୋଷ କରିପାରି ନାହାନ୍ତି । ବାସ୍ତବରେ ଆପଣାରୁ ଆପେ ସାହାଯ୍ୟ ନ କଲେ କୌଣସି କାର୍ଯ୍ୟସାଧନ ହୋଇ ନ ପାରେ । ଅତ୍ର ତଦର୍ଥ ସର୍ବାଗ୍ରେ ପ୍ରୟୋଜନ । ଆପଣାଠାରୁ କଲେ ଅବଶ୍ୟ ଅନ୍ୟର ସାହାଯ୍ୟ ଆବଶ୍ୟକ । ପଶ୍ଚିମାଞ୍ଚଳମାନଙ୍କର ଐକ୍ୟତା ଦୃଢ଼ସଙ୍କଳ୍ପ ଓ ବାଣିଜ୍ୟବୃଦ୍ଧି ଅମ୍ଭମାନଙ୍କଠାରୁ ଅଧିକ ଥିଲେ ସେମାନେ ଅମ୍ଭମାନଙ୍କପରି ଉପସ୍ଥିତ କାର୍ଯ୍ୟ କେବଳ ବେଦନା ନ କରି ସହଜ ଗୋଟାଏ ଉପାୟ କରି ନେଲେ । ଖାଦ୍ୟଦ୍ରବ୍ୟର ଅପକରଣ ବିଷୟରେ ଆଇନର ପ୍ରୟୋଜନ ନାହିଁ ଏମନ୍ତ ଅମ୍ଭେମାନେ କହୁ ନାହୁଁ ବାସ୍ତବରେ ଦୁଷ୍ଟଲୋକଙ୍କ ଶାସନନିମିତ୍ତ ଆଇନର ଯଥେଷ୍ଟ ପ୍ରୟୋଜନ ଅଛି । କିନ୍ତୁ ଆପଣାଦ୍ୱାରା ଯେତେଦୂର ହୋଇପାରେ ତହିଁର ଉପାୟକରିବା ପ୍ରଥମେ ପ୍ରୟୋଜନ । ଅନ୍ୟଥା ନ ହେଲେ ଆଇନଦ୍ୱାରା ଆଶାନୁରୂପ ସାହାଯ୍ୟ ହୋଇପାରିବ ନାହିଁ ।

---

ଗତ ସେପ୍ଟେମ୍ବର ମାସ ତା ୨୫ ରଖ ଶନିବାରଦିନ ଢେଙ୍କାନାଳଗଡ଼ଠାରେ ସେଠାମାନଙ୍କର ସ୍କୁଲର ପୁରସ୍କାର ବିତରଣ ହୋଇଥିଲା । ସଭାର ଆନନ୍ଦର ବିଷୟ ଯେ ଶ୍ରୀଯୁକ୍ତ ଗଡ଼ଜାତମହାଲର ମାନନୀୟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ସଭାପତି ଆସନ ଗ୍ରହଣ କରିଥିଲେ । ଉକ୍ତସ୍ଥଳରେ ସରକାରୀ କର୍ମଚାରୀ ମ୍ୟାନେଜର ପ୍ରଭୃତି ଓ ଭଦ୍ରସ୍ଥ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ ମାନନୀୟ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟସାହେବଙ୍କ ଶୁଭାଗମନ ଓ ପୁଣି ସ୍କୁଲର ପୁରସ୍କାରବିତରଣସ୍ଥଳରେ ସଭାପତିଆସନ ଗ୍ରହଣ ଦର୍ଶନ କରି ଉପସ୍ଥିତଲୋକମାନେ ଆନନ୍ଦସାଗରରେ ଭାସିଥିଲେ । ତତ୍ପରେ କାର୍ଯ୍ୟମାନ ଯଥାକ୍ରମେ ନିଜର ଦେଖା କରିବା ସାହେବମହୋଦୟ ପୁରସ୍କାରଯୋଗୀ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କଲେ ଓ ମଧ୍ୟ ସେଠା ସ୍କୁଲର ଛାତ୍ରମାନଙ୍କଠାରୁ ମୁଖସ୍ଥ ପଦ୍ୟ ଶ୍ରବଣ କଲେ । ତଦନନ୍ତର ଉକ୍ତ ସ୍କୁଲର ହେଡ଼ପଣ୍ଡିତ ଶ୍ରୀବାବୁ ଗୌରଙ୍ଗପଟ୍ଟନାୟକ ଗୋଟିଏ ସୁରଚିତ କ୍ଷୁଦ୍ର ଉପହାରାତ୍ମକ ପଦ୍ୟ ପାଠକରି ଶ୍ରୀଯୁକ୍ତ ମିଷ୍ଟରସାହେବଙ୍କ ହସ୍ତରେ ଅର୍ପଣ କଲେ ଓ ସାହେବମହୋଦୟ ଏହି କବିତା ଶ୍ରବଣରେ ଆନନ୍ଦ ପ୍ରକାଶ କରି ନାନା ଉତ୍ସାହପୂର୍ଣ୍ଣ ବାକ୍ୟ-ଉପଦେଶଦ୍ୱାରା ଛାତ୍ରମାନଙ୍କୁ ସମ୍ବୋଧନ କରି ସଭା ଭଙ୍ଗ କଲେ । ଉପହାରର ପଦ୍ୟ ନିମ୍ନେ ପ୍ରକଟିତ ହେଲା ଯଥା ।—

ଏ କ୍ଷୁଦ୍ର ଉପହାର ।

ସଜ୍ଜନଶରଣ ହେ ତୁମ୍ଭେ ଅଗତିର ଗତି ।
ଅରକ୍ଷକଜନର ରାଜାରାଜା ଯେ ମୂରତି ॥ ଘୋଷା ॥
ଶ୍ରୀ-ମା ଦର୍ଶାଇଣ କରିଅଛ ବିଶ୍ୱ ଭାରତବର୍ଷ ପୃଥ୍ୱୀରେ ।
ଯୁ-କ୍ତ ଦୋଷ ଦେଖିଲେ ଦୋଷିଙ୍କର କ୍ଷମା କରନ୍ତ କାହାରେ ॥୧॥
ମେ-ଧାବୀ ଅଟ ଯେ ଅବେ ମହାବାହୁ ଅଳ ନିଶାଚର ଭୟ ।
ଟ-ଙ୍କଟ ହୋଇ ରଙ୍ଗ ଦେଖଇ କମଳ ମୁକ୍ତାହାରସ ॥୨॥
କା-ନ ମୋହ ତତ୍ତ୍ୱନିଧି ପଦମାନ ଦେଇପାଇଛି ଅପଣ ।
ଫ-କୀର କାଙ୍ଗାଳ ଅସହାୟ ଜନ ବନ୍ଧୁ କରିଛନ୍ତି ଜାଣ ॥୩॥
ହ-ସ୍ତୀଣାବାଇଁ ତାଣି କରି ମୁହିଁ ରହିଛି ତୁମ୍ଭ ଆଗରେ ।
ମି-ଶ୍ରିତ ଅଛି କସାପର ହୋଇ ଶ୍ରୀଚରଣପଙ୍କଜରେ ॥୪॥
ଣ-ତଣତାରଣ ମାନସିବାରଣ ବାନା ବହୁଅଛ ସେଣୁ ।
ଜ-ନମାନଙ୍କର ଅପାର କରୁଣ ଅଟନ୍ତି ଅପଣ ଏଣୁ ॥୫॥
ଗ-ଣନପୂର୍ଣ କାର୍ଯ୍ୟଦକ୍ଷତା ଗୁଣ ବେଦ ହୋଇଅଛଇ ।
ସା-ଧୁ ତୁମ୍ଭେ ଅଟ ଓଡ଼ିଶା ମଧ୍ୟରେ କହିବାର ଦମ୍ଭ ମୁହିଁ ॥୬॥
ହେ-ବାକୁ ମାନସ କରୁଅଛି ଜାଣ ଯଉ ସ୍ୱକର ହେବାର ।
ବ-ଚନ କରୁ ଅବେଦ ଦେଇ ଦନ୍ତ ଅଧମଜନକୁ ତାର ॥୭॥
ସି-ନ୍ଧୁ ଜଳ ଇଉଷା କରିଲେ ଦୁର୍ଗ ତିଳମାତ୍ରକୁ ।
କ-ଷ୍ଟାଶପାଇ ନ କହିଲେ ଏହୁଁଷାଙ୍କୁ ଜଣାଇବେ ସେଜାହାକୁ ॥୮॥
ଲି-ଖଳିଷ ପ୍ରାଣୀ ଉରଣ ପୋଷଣ ଗ୍ରାହ୍ୟ କଲମଗାର ।
ଜ-ଗତଜନମାନଙ୍କ ମୂର୍ଖ ଏହା ପୁରୁଅଛି ଶର୍କରର ॥୯॥
ନ-ଗର ମଧ୍ୟରେ ଲଙ୍କପୋଷ୍ୟ ତୁମ୍ଭେ ହେଉଛ ଏହି ଘୋଷଣ ।
ଭ-କ୍ଷାବର୍ତ୍ତୀ ହୋଇ ଭକ୍ତମିତ୍ରଙ୍କର ଦେଇଅଛ ଯେ ଭଣାଣ ॥୧୦॥
ଶୁ-ଭଙ୍କାରୀ ଅଟ ଗଡ଼ଜାତମାଙ୍କ ଅଧ୍ୟକ୍ଷ ଦୁଃଖହରଣ ।
ଲା-ଲ୍ଲ ଜନ ପରି ପଡ଼ି ରହି କରି କରୁଛନ୍ତି ନିବେଦନ ॥୧୧॥
ହ-ସ୍ତଣ ବହୁର ଅନାଦମନର ଉଦ୍ଧାର ରକ୍ଷା ମୋର ।
ର-ଖ ମୋତେ ଯଣା ନ କର ଦୃଢ଼ଧ୍ୟା ଯଶ ମାତ୍ର କର ସାର ॥୧୨॥
ଅଦିନ ଅଧମମାନଙ୍କୁ ମହୋଦୟ ଦୃଢରେ ମଙ୍ଗଳ କର ।
ସଜ୍ଜନପୋଷଣୀ ଅଟେ ନନ୍ଦନ ଗୌରାଙ୍ଗ ଲଭନ୍ତ ବନ୍ଦନକର ॥୧୩॥

୨୬।୯।୮୬ } ନିବେଦକ
ଶ୍ରୀ ଗୌରଙ୍ଗ ପଟ୍ଟନାୟକ
ସରକାରୀ ପଣ୍ଡିତ ଢେଙ୍କାନାଳ

---

# ସାପ୍ତାହିକ ସଂବାଦ ।

ଏ ନଗରବାସୀ ଇଂରାଜମାନଙ୍କ ପୂଜା ଅବକାଶମଧ୍ୟରେ ଆଗାମୀ ରବିବାର ବେଳ ଘ ୭ ଣ୍ଟାଠାରୁ ଦଣ୍ଡ ପଠାଯିବା-

Split by PDF Splitter
Digitized by srujanika@gmail.com

ଦକ୍ଷିଣ ଅଷ୍ଟ୍ରେଲିଆରେ ଚର୍ଚ୍ଚିତ ସିବିଲକର୍ମଚାରୀଙ୍କର ବେତନ ଊଣା ହୋଇଅଛି । ଭାରତବର୍ଷର ସିବିଲକର୍ମଚାରୀମାନେ ଦେବତାବିଶେଷ । ଏମାନଙ୍କର ବେତନ ଉପରେ କିଏ ହାତ ଦେବ ?

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ-
ସମୀପେଷୁ

ମହାଶୟ !

ଗତପୂର୍ବ୍ବ ସପ୍ତାହରେ ଉଶିଠଅ ଦକ୍ଷାସମ୍ବନ୍ଧରେ ଯେ ସବୁ ସମ୍ବାଦ ପ୍ରକାଶ ହୋଇଥିଲା ତାହା ଜଣେ ଅପରିଚିତ ଓ ମିଥ୍ୟାବାଦୀ ଲୋକଠାରୁ ସମାଚାର ଗ୍ରହଣ କରି ପ୍ରକାଶ କରିଥିଲେ ଆମ୍ଭେ ଶୁଣୁଅଛୁଁ ଯେ ଉକ୍ତ ଦଳର ପ୍ରକାଶ ହେବ ସମ୍ପାଦକଙ୍କୁ ପତ୍ରପ୍ରେରକର ନାମ ପ୍ରକାଶ କରିବାକୁ ଲେଖିବାର ବଡ଼ ଗୋଳମାଳରେ ପଡ଼ିଅଛନ୍ତି ଉକ୍ତ ପତ୍ରର ନାମସ୍ୱାକ୍ଷରବ୍ୟକ୍ତିମାନଙ୍କୁ ଚହିଁବା ନିମନ୍ତେ ସମ୍ପାଦକଙ୍କ ନିକଟକୁ ଚିଠା ପଠାଇଥିଲେ କିନ୍ତୁ ଚହିଁବା ଦୂରେ ଥାଉ ତାହାଙ୍କ ସବୁ ସମ୍ପାଦକ ସ୍ୱପ୍ନରେ ମୂର୍ଚ୍ଛା ଦେଖି ନାହାନ୍ତି । ସମ୍ପାଦକଙ୍କର ସମସ୍ତକାର୍ଯ୍ୟ ଏହିପରି ଅଥା । ଏପରି ସମ୍ବାଦଦ୍ୱାରା ବିକଳ ହୋଇ ପତ୍ରପୂରଣ କଲେ ତଦ୍ୱାରା କି ଫଳ ? ବୋଧହୁଏ ସେସମୟରେ ବନ୍ଧୁପ୍ରେମାସ୍ୱାଦନରେ ନିମଗ୍ନ ଥିଲେ ଯଥା ? କୌଣସି ଲୁଚକା ଲୋକ ଏପରିକାର୍ଯ୍ୟ କରି ଦୁଇ ଗୃହଜଣ ନିର୍ଦ୍ଦୋଷୀ ବ୍ୟକ୍ତିଙ୍କୁ ମାମଲାରେ ପକାଇବାକୁ ଏତେ କାଣ୍ଡ କରିଅଛି । ଉକ୍ତ ପତ୍ରର ମର୍ମ ଏହି ଯେ ନୂତନ ରାଜା ରାଜ୍ୟ ବୁଝିଲେ ଉତ୍ତମରୂପେ ଚଳେବ ନାହିଁ । ରାଜପିତୃବ୍ୟ ଶ୍ରୀ ଜଗଦେବ ସାମନ୍ତ ରାଜ୍ୟ ଚଳାଇବାରେ ପଟୁ ଅଟନ୍ତି ଅଉ ରାଜାଙ୍କର ପ୍ରଧାନକର୍ମଚାରୀ ବେବର୍ତ୍ତା ଓ ଶାନ୍ତିଅପଟୁନାୟକଙ୍କ କାର୍ଯ୍ୟ ବଡ଼ କଦର୍ଯ୍ୟ ଏହିପରି ଲିଖିତ ହୋଇଅଛି କିନ୍ତୁ ଏହା ଆମ୍ଭଙ୍କୁ ନିତାନ୍ତ ଅସଙ୍ଗତ ବୋଧ ହେଉଅଛି । ନୂତନ ରାଜାସାହେବ ପ୍ରାପ୍ତ ଦୁମାସ ହେବ ରାଜ୍ୟର ଭାର ଗ୍ରହଣ କରି ଏଥିମଧ୍ୟରେ ସକଳ ଲୋକଙ୍କୁ ଆପ୍ୟାୟିତ କରିଅଛନ୍ତି ଓ ମାମଲା ମୋକଦ୍ଦମା ସବୁ ନିରପେକ୍ଷଭାବରେ ସେଠାର କଦ୍ମଣ୍ଡଳୀଦ୍ୱାରା ସମବେତହୋଇ ଓ ସେମାନଙ୍କର ମତାମତ ଗ୍ରହଣ କରି ନିଷ୍ପତ୍ତି କରନ୍ତି ଏହିପରି ସୁବନ୍ଦୋବସ୍ତ ରାଜା ନିଜେ ରାଜ୍ୟଭାର ବୁଝିବା ଅପେକ୍ଷା ଶ୍ରେୟ ଅନ୍ୟଲୋକ ବା ନିଜେ ତାଙ୍କର ପିତୃବ୍ୟ ଜଗଦେବସାମନ୍ତଙ୍କ ଉପରେ ସମସ୍ତ ଭାର ଦେଇ ନିଶ୍ଚିନ୍ତ ରହିଲେ ରାଜାଙ୍କର କାର୍ଯ୍ୟପଟୁତା ଜନ୍ମି ପାରିବ ନାହିଁ ଓ ବୃଦ୍ଧରାଜା ଥିବାସମୟରେ ତାଙ୍କର ପ୍ରଧାନକର୍ମଚାରୀ ପୂର୍ବୋକ୍ତ ବେବର୍ତ୍ତା ଓ ଶାନ୍ତିଅପଟୁହିଁ ରାଜ୍ୟର ଭାର ପ୍ରଶଂସାରସହିତ ଚଳାଇ ଆସିଥିଲେ କିନ୍ତୁ ଯେଉଁଦିନୁ ଜଗଦେବସାମନ୍ତଙ୍କ ଉପରେ ରାଜ୍ୟର ଭାରଦେଇ ନିଶ୍ଚିନ୍ତ ରହିଲେ ସେହିଦିନୁ ନାନାପ୍ରକାର ବିଶୃଙ୍ଖଳା ଜନ୍ମିଥିବାର ଦେଖାଯାଏ ଓ ପ୍ରଜାମାନେ ମଧ୍ୟ ସନ୍ତୁଷ୍ଟ ନ ଥିଲେ ଭାବି ରାଜାଙ୍କ ରାଜ୍ୟଶାସନ-ଆରମ୍ଭରେ ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ ଏପରି ସମୟରେ ରାଜା ନିଜେ ରାଜ୍ୟର ଭାର ନ ଚଳାଇ ଅନ୍ୟ କାହାରିଦ୍ୱାରା ଚଳାଇବା କଦାପି ଉଚିତ ନୁହେ । ଶେଷରେ ସମ୍ପାଦକଙ୍କୁ ହାତ ଯୋଡ଼ି ଏହି ନିବେଦନ କରୁଅଛୁଁ ଯେ ଏପରି ବଦ୍ଧୁଟ-ସମ୍ବାଦ ସବୁ ଆଉ କୌଣସି ଅପରିଚିତ ବ୍ୟକ୍ତିଠାରୁ ନେଇ ପ୍ରକାଶ କରିବେ ନାହିଁ । ନାକ କାନ ମୋଡ଼ି ହୁଅନ୍ତୁ । ଇତି ।

୨୩।୯।୮୬
ସୁତାହାଟ
Chinta money Pattanaick.

---

To the Editor of Utkal Dipika,

Sir,

While every good work done is scarcely omitted to be honorably mentioned by you, some people are wondering how a great feat which is being performed by Babu Chatturbhuj Patnaik has not attracted your attention yet. It is worthy of publication that the Babu despite the orders of Government prohibiting his having any connection with the Press has, as if to brow-beat the Government, started a press which he has obtained from the Raja of Bamra. The Babu's good pluck in persisting not merely to be a nominal editor but to be a proprietor of a press is very admiring.

30—9—86. Yours faithfully
An observer.

☞ We have already announced the establishment of this Press as another *Benamee* concern of Babu Chatterbhuj Patnaik. We are now informed that his brother Babu Sham Sunder Patnaik has made the declaration regarding it :— Ed.

---

ମହାଶୟ !

ନିମ୍ନଲିଖିତ କ୍ଷୁଦ୍ର କବିତାଟିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପ୍ରାନ୍ତରେ ସ୍ଥାନ ପ୍ରଦାନ କରି ବାଧିତ କରିବାକୁହେବ ।

## ଦୁର୍ଗାପୂଜା ।

୧

ଆସ ମା ଜନନୀ ଉତ୍କଳଦେଶରେ
ଉତ୍କଳସନ୍ତାନେ ପୂଜିବୁଁ ପାଦ ।
ସିଂହାସନେ ବସି ମହାସନ୍ତୋଷରେ
ଭକ୍ତଜନେ ଦାନ କର ଅନନ୍ଦ ।

୨

ତବ ଆଗମନ ଅତି ମନୋହର
ସ୍ୱଭାବରେ ଏବେ ଶରତ କାଳ ।
ନାନାବ ସୁମନେ ଭରୁଅଛୁଇର
ସୁଗନ୍ଧ ପବନ ବହେ ମୃଦୁଳ ।

୩

ସରୋବରେ ପଦ୍ମ ଅତି ଶୋଭାକର
ହେଲାଣି ସରତଜଳ ବିମଳ ।
କ୍ଷେତ୍ରେ କାଶତଣ୍ଡି ବଣର ସୁନ୍ଦର
ଦରପକ୍ୱଶାଳୀ ହେଲେ ଶ୍ୟାମଳ ।

୪

ଏ ଶୋଭାନ୍ୱିତର କଲେବର କର
ପବିତ୍ର କର ଗୋ ଉତ୍କଳଭୂମି ।
ତବ ପୂଜା ଆଶେ ଲଭି ଅବସର
ତୁମ୍ଭର ପ୍ରେମରେ ହୋଇବୁଁ ପ୍ରେମୀ ।

୫

ତବ ହସ୍ତବରେ ଦାନ ହସ୍ତୁ ଜନ
ଆନନ୍ଦେ ମାତିବୁଁ ସକଳ ଗାଇ ।
କୃପାମୟୀ ନାମ ତବ ଗୋ ବଦନ
ଉତ୍କଳସନ୍ତାନେ ସଦୟ ହୋଇ ।

୬

ବଡ଼ ଛୋଟ ଲୋକ ମିଳଣ ସକଳେ
ଆନନ୍ଦେ ଗାଇବେ ତୁମ୍ଭର ନାମ ।
ଅବକାଶ ଲଭି କର୍ମଚାରୀଦଳେ
ଆମୋଦ ପ୍ରମୋଦେ ହୋଇବେ କ୍ଷମ ।

୭

ଆସ ମା ଆସ ଗୋ ଜଗତଜନନୀ
ଦେଖା ଦୁର୍ଦ୍ଦଶା ତବ ସେବକ ।

Split by PDF Splitter



ତବ କୃପା ବିନା ଉତ୍କଳ ନିର୍ଦ୍ଧନ
ବିଦ୍ୟା ବାଣିଜ୍ୟରେ ଅତ୍ୟନ୍ତ ହୀନ ।

୮

ଚତୁର୍ଦ୍ଦିଗେ ଶୁଣୁଛୁ ହାହାକାର ବାଣୀ ।
ଦହୁଛି ଅମ୍ଭଙ୍କୁ ଦୁଃଖ ଅନଳ ।
ନିସ୍ତାର ଚାହିଁଲେ ଦାନ କୃପାପାଣି
ଏ ଘୋରସଙ୍କଟୁ ରଖ ଉତ୍କଳ ।

୯

ବାର୍ଷିକ ପାର୍ବଣ କର ସୁଖ ପୂର୍ଣ୍ଣ
ଉତ୍କଳେ କର ଗୋ ପାଦକ୍ଷେପଣ ।
ସେବା ପୂଜା କରୁଁ ଉତ୍କଳସନ୍ତାନ
ନିଜ ନିଜ ଇଚ୍ଛା କରୁଁ ପୂରଣ ।

୧୦

ନିତବର୍ଷେ ଅମ୍ଭେ ଭୋଗୁଁ ନବସୁଖ
ଅନୁକମ୍ପା କର ଦୀନସନ୍ତାନେ ।
ଓଡ଼ିଶାଦୁର୍ଦ୍ଦଶା ସ୍ୱ—ନେତ୍ରନେ ଦେଖ
ଆସ ମା ଜନନୀ ଉତ୍କଳ ସ୍ଥାନେ ।

୨୭।୯।୮୬ } ବଶମ୍ବଦ
ଏରସମା } ଶ୍ରୀ ରଘୁନାଥ ମିଶ୍ର

# ବିଜ୍ଞାପନ ।

## ଦୁର୍ଗାପୂଜା ।

ଏହି ମହାପର୍ବ ଉପଲକ୍ଷରେ ବାବୁ ଅରତବଲ୍ଲଭ କର କମ୍ପାନି ନାନା ପ୍ରକାର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଓ ବିଳାସ ଦ୍ରବ୍ୟ କଲିକତାରୁ ନୂତନ ଆମଦାନି କରି ଅପଣାଗ୍ରାହକମଣ୍ଡଳୀ ଏବଂ ଅପରବ୍ୟକ୍ତିମାନଙ୍କୁ ସେ ସବୁ ଦେଖିବାନିମିତ୍ତ ଚୌଧୁରୀବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ଦୋକାନକୁ ସବିନୟ ଆହ୍ୱାନ କରୁଅଛନ୍ତି । ସମସ୍ତ ଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ସୁଲଭ ପ୍ରମାଣରେ ଧାର୍ଯ୍ୟ ହୋଇଅଛି । କ୍ରେତାମାନେ ଥରେ ପରୀକ୍ଷା କଲେ ବୁଝି ପାରିବେ ।

## NOTICE.

Wanted the following Clerks and Moharirs for the Road Cess collection office at Pooree. Applications will be received upto 12th. October 1886.

A good knowledge of English is essensial for employment in any but the last named appointment.

1 Head Clerk @ Rs. 40 rising to Rs. 50 per month by biennial increment Rs. 2.
1 Second Clerk @ Rs. 30 to Rs. 40 by Do.
1 Third Clerk @ Rs 25 to Rs. 35 by Do.
1 English knowing Moharir @ Rs. 20 to Rs. 30 by Do.
1 Moharir @ Rs. 20.

Road Cess office } H. SAVAGE
Pooree }
25-9-86. } Offg. Collector.

## ବିଜ୍ଞାପନ ।

ଏ ବର୍ଷର ଚମଡ଼ା କାରବାର ନିମନ୍ତେ ଲାଇସେନ୍ସ ଆଗାମୀ ନବେମ୍ବର ମାସ ପ୍ରଥମ ସପ୍ତାହରେ ଦିଆଯିବ ଯେଉଁମାନେ ଲାଇସେନ୍ସ ନେଇ ଏ ବର୍ଷରେ ଚମଡ଼ା କାରବାର କରିବାକୁ ଇଚ୍ଛା ରଖୁଥିବେ ସେମାନେ ଆଗାମୀ ଅକ୍ଟୋବର ମାସ ତା ୩୧ ରିଖ ପୂର୍ବରୁ ଅମ୍ଭ ନିକଟକୁ ଦରଖାସ୍ତ ପଠାଇବେ ।

। ତା ।ବଡ଼ାମ୍ବା } Madan Mohun Patnaik.
୨୭।୯।୮୬ } Manager

# ବାଲିକାଗଜ ।

ନିଲକ୍ଷିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ | ପଣି | ବାଦାମି ତମାଇ | ଦ ୧୶ ଟ ୨॥୶ |
| ୧୪ | ପଣି | " | " ଟ ୨। |
| ୧୨ | ପଣି | " | " ଟ ୧॥୶ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକାଥରେ ୧ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲାତି ଓ ରେସମୀଓରେର ଲୁଗା ଓ ଷ୍ଟେସନରୀ ଓ କଲିକତା ଇମାଖି ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିଷାତି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ନେବା ପୂର୍ବ ଆପଣା ମଜଲିସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ରାତ୍ରକୁ ଫି ବତି ଟଂ୦/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର କ୍ଷତି ଖଯ୍ୟାନତର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ତଫସିଲ ।

କଲର ଖେଳଣା କ ଚାବିଁରେ ଗୃବ ଦେଲେ ଚଳେ ।
କଲେଡିଷ୍କାପ
କପୋରିନ ତେଲ ଉଡ଼ିବା ଖେଳ ଦାବା ଓ ତୋମ ସହିତ ।
କ୍ରୁଇଂ ଅର୍ଥାତ ନକସା କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଚିଠି କାଗଜ ଓ ଲଫାପା
ଡ୍ରେସିଂ କ୍ଲାଥ ।
ଟିଭର ଛତା ।
ବଗଳ ସାବୁନ ।
ଡାକାଇ ସାବୁନ ଯହିଁରେ ଲୁଗା ପରିଷ୍କାର ହୁଏ ।
ଅଟୋର ଗ୍ରେନ—ଅର୍ଥାତ ସୁଗନ୍ଧୀ ଦ୍ରବ୍ୟ ।
ଅଏଲ କ୍ଲଥ ।
ଓଆଟର ପ୍ରୁଫ ଛତା ।
କର୍ପୁର ଅର୍କ ।
କ୍ରୋକେଡାଇନ ।
ପୋରସ୍ଲିନର କେଷ୍ଟର-ମେଜ ଓ ଚଉକି ଗୋଡ଼ରେ ଲଗେ
ଟ୍ରାନ୍ସ କାଳ ଅର୍ଥାତ ଲେଖିବାବେଳେ ଘଷି ଓ ଶୁଖିଲେ କଳା ହେବ ।
ଅଏନା ତକ୍ତା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଦଂଗଣା ପାର୍ଚ୍ଚ ସହିତ ଟ ୦ ।୶ ୭
ମୋଜା ଓ ମୋଜାବନ୍ଦ
ଉତ୍ତମ ଧୂଆ ନଳଖାଇଟ
ବଗଳ ସାଇଜ କଳା
କଚି ଓ ପାଇବର ଚୌକି ପିଡ଼ା
କାଚ କିଲସ ସାଦା ଓ ନାନା ରଙ୍ଗିନ ଓ ସାଦା
ବଗଳ ବେହେଲ
ରବର୍ଷ ବୁଲଫରସ୍ତ
" ଏକଫଲା ଛୁରୀ
ନେଲସନ ଉପୋର ମେ କେସର ଅଏଲ
ମାର୍କିଂ କାଳୀ ଲୁଗାରେ ଚିହ୍ନ ଦେଲେ ଧୋବ ଘରେ ବଦଳ ହେବ ନାହିଁ ।
ଏ, ସୋଷର ଗାମ୍ଭେଲ କାମିଜ ଓ କୁରୁତା ।
ବଗଳ ଅଗଡେଟ ।
ଏଜନ ବାରଙ୍କୀ ।
ସୁଅନ ପେନ ।
ଅଟମେଟିକ ପେନ୍ସିଲ ଅର୍ଥାତ ଏ ପେନ୍ସିଲରେ ଲେଖି କପିଙ୍ଗ ପେପରକୁ ଭିଜାଇ ସେହି ପେନ୍ସିଲ ଲେଖା ଉପରେ ଦେଇ ଚପାଇ ଦେଲେ ତହିଁର ନକଲ ଉଠେ ।
କପିଙ୍ଗ ପେପର ।
କସ୍ମେଟିକ ତେଲରେ ନଡ ବାଲ ଝାଡ଼ ।
ରବରର ଷ୍ଟାମ୍ପର ଅର୍ଥାତ ଚଠିଇ ଦଣ୍ଡର କା ଛବାର ରବର ।
ମନିବ୍ୟାଗ ।
ରେଡ୍ ବ୍ଲୁ ପେନ୍ସିଲ ।
ଭମ ବୋତଲ
ବନାରସୀ ଶାଢୀ ଓ ଯୋଡ଼ ଓ ଜରି
ମରସୁଦାବାଦୀ ଓ କ୍ଷୀରପାଇ ପାଟଯୋଡ଼ ଓ ଶାଢୀ ।
ଟ୍ରିଙ୍ଗ କାଠ

ଅରୁତବଲ୍ଲଭ କର କମ୍ପାନୀ

Digitized by srujanika@gmail.com

Split by PDF Splitter



## ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ବୋଷଙ୍କର । ଜି । ବାଲେଶ୍ବର ଅନ୍ତର୍ଗତ । ପ୍ର । କାଏମା ନ ୧୬୨୩ ତଉଜୀ ତା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରୟ ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଶ୍ରୀରବାଲିର ସଂଲଗ୍ନ ହୁଏ ଯେଉଁଠାରୁ କଲିକତା ଜାହାଜସବୁ ଯାତାୟାତ କରଇ ଏହାର ସଦରଜମା ଟ ୧୩୨୮ । ଅଣା ଏବଂ ମଫସଲ ଜମା ଟ ୩୦୦୦ ଙ୍କା । ଗ୍ରାହଣେଚ୍ଛୁକ ଲୋକମାନେ ଆମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୬ କାଜିବଜାର କଟକ } By order Peary Mohun Bose

---

## ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧି ।

ଏହି ଔଷଧିର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧି କୁହାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧି ହୋଇ ନାହିଁ; ଏହି ଔଷଧି ଯେଉଁଠାରେ ଫଳପ୍ରଦ “କ୍ଲୋରୋଡାଇନ” ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଶଂସିତ ଲାଭ କରଇଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ୍ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଆଉ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ୍ ବା ବଟିକା ବ୍ୟବହାର ମାତ୍ରେକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲାଏ କା ରୋଗିର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧି ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକନମ୍ବର ଔଷଧର ମୂଲ୍ୟ ଟ° ୩ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧି ।

- କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରନାଶକ ବଟି ଟ ୧ ।
- ବାମୂଳର ଅତି ଆଶ୍ଚର୍ଯ୍ୟ ଔଷଧି ଟ ୧୧
- ବାଦାଗର୍ଦ୍ଧି ବା ସ୍ତନଶିରୋରୋଗର ଔଷଧି ଟ ୧
- ଶିରଃଶୂଳର ଉତ୍ତମ ଔଷଧି ଟ ୦ ।୵
- ପାଦୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ।୵
- କଫରୋଗର ବଟି ଟ ୦ ।୵
- ଦନ୍ତରୋଗର ଚୂର୍ଣ୍ଣ ଟ ୦ ।୵
- କର୍ପୂରାଷ୍ଟକ (ଭେଦବମନ ନାଶକ) ଟ ୦ ।୵
- ଗର୍ଭିଣୀର ଔଷଧି ଟ ୦ ୩
- ,, ଋତୁରସ ଟ ୦ ୩
- ,, ମଧୁରସ ଟ ୦ ୩
- ବମନରୋଗର ବଟି ଟ ୦ ୩
- ମକରଧ୍ୱଜ ସ୍ବରଭୋଗୀ ଟ ୧୬
- ବହୁକାଳର ପ୍ଳୀହାର ଔଷଧ ଟ ୧୦

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛୁ କି ଉକ୍ତ ବଟୀକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୫।୮୬ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା କଷ୍ଟଦଚବସ୍ଥାଦ୍ରୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭଗବତି ପ୍ରସାଦ ଦାସ
ରେଭିନ୍ୟୁର ବରଣୀ

---

ଅନ୍ୟ ସାର୍ଟିଫିକେଟମାନ ଦୀପିକାର ୨।୩।୮୬, ୨୦।୩।୮୬, ୧୦।୪।୮୬ ଓ ୨୨।୨।୮୬, ଓ ଫାଲ୍ଗୁନର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକାର୍ଦ୍ଧ ରୋଗଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସ୍ୱାଦରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କଷ୍ଟସହିରେ ପଥ୍ୟଣତ ନ କଲେ ଆରୋଗ୍ୟ ହିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ପତ୍ରଲମ୍ବରେ ପୁସ୍ତକାକାରେ ପ୍ରକଟିତ ହେବ କଲିକତା ଅଟେହରଷ୍ଟୋଲ ନମ୍ବର ଭବନରେ ସି, କେ, ସମ୍ମତ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଙ୍ଗ୍‌କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨ ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ହାର । ତାହା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦/୦ |
| ଅଧ ଇଞ୍ଚକୁ | ଟ ୨ ୧ |
| ପୂର୍ଣ୍ଣ ଏକ ଇଞ୍ଚକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁ ନ ପାଇଁ ଟ ୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଏହି ଅର୍ଦ୍ଧେକ ଅଧିକ ଲେଖା ଓ ଚତୁର୍ଥ ଥର ପ୍ରକାଶରେ ହେବ ।

ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଉଦ୍‌ଘାଟନ ଯନ୍ତ୍ରରେ ... ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୧ ଶ
ସଂ ୪୧ ଖ୍ୟା

ତା ୧୭ ରିଖ ମାହେ ଅକ୍ଟୋବର ସନ ୧୮୮୭ ମସିହା । ମୂ । କାର୍ତ୍ତିକ ଦି ୨ ନ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୩ ୧ | ଟ ୬୧ |
| ଡାକମାସୁଲ | ଟ ୦ ୬ | ୧ |

ସିମଲା ଶୈଳବିହାର ସମ୍ପର୍କରେ ଇଣ୍ଡିୟା ଗବର୍ଣ୍ଣମେଣ୍ଟ ବିଲାତକୁ ଯେଉଁ ପତ୍ରପଠାଇ ଅଛନ୍ତି ତାହା ଅସନ୍ତୋଷଜନକ ଥିବାର ବିଲାତର ଟାଇମସ୍ ନାମକ ବିଖ୍ୟାତ ସମ୍ବାଦପତ୍ର ପ୍ରକାଶ କରୁଅଛନ୍ତି । ଟାଇମସ୍‌ର ମତ ବିଲାତରେ ଖୁବ ପ୍ରବଳ ଅତଏବ ବୋଲିବାକୁ ହେବ ଯେ ଏହି ସମ୍ପର୍କରେ ଏଦେଶରେ ଯେଉଁ ଆନ୍ଦୋଳନ ହୋଇଥିଲା ତାହା ବ୍ୟର୍ଥ ହୋଇ ନାହିଁ ଏବଂ ଅଚିରେ ଏହି ଦୁର୍ନୀତିର କିଛି ପ୍ରତିକାର ହେବ । ଏହି କାର୍ଯ୍ୟରେ ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ବ୍ୟୟ ହେଉଥିବାର ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ହିସାବ ଦେଖାଇ ଅଛନ୍ତି ମାତ୍ର ସବୁ ହିସାବ ଭଲକରି ବୁଝିଲେ ଏଥିରୁ ଅଧିକ ବ୍ୟୟ ହେଉ ଥିବାର ପ୍ରକାଶ ପାଇପାରେ ।

---

ବ୍ରହ୍ମର ପଦଚ୍ୟୁତ ରାଜାଙ୍କ ଯେତେ ଦୁର୍ନାମ ଶୁଣାଯାଉଥିଲା ସେ ତହିଁର ଭାଜନ ନୁହନ୍ତି ବୋଲି ଏବେ ଜଣା ପଡୁଅଛି । କଥିତ ହୋଇ ଥିଲା ସେ ରାଜା ମଦୁଆ ମାତ୍ର ଯେତେବେଳେ ସେ ଜାହାଜରେ ବନ୍ଦୀହୋଇ ଆସିଲେ ଅଦ୍ୟୌ ମଦ ଛୁଇଁଲେ ନାହିଁ ଏବଂ ମଦପ୍ରତି ତାହାଙ୍କର କିଛିମାତ୍ର ଆସକ୍ତି ନ ଥିବାର ଦେଖି ଲୋକେ ଆଶ୍ଚର୍ଯ୍ୟ ହେଲେ ତାହାଙ୍କର ଅନ୍ୟ ଦୁର୍ନାମ ଯେ ସେ ବଡ଼ ନିର୍ଦ୍ଦୟ ଓ ନିଷ୍ଠୁର ମାତ୍ର ଏତେବେଳେ କଏଦଖାନାରେ ରହି ସୁଦ୍ଧା

ବ୍ରହ୍ମବାସୀଙ୍କର ଜଳପ୍ଲାବନ ଘଟିତ ଦୁଃଖ ଶୁଣି ସେମାନଙ୍କ ସାହାଯ୍ୟ ନିମିତ୍ତ ସାତ କି ଆଠଶତ ଟଙ୍କା ପଠାଇ ଦେଇଅଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଯେ ରାଜାଙ୍କ ଉପରେ ପହରା ଥିବା ପୁଲିସ କର୍ମଚାରୀ ଏହି ଟଙ୍କା ମନିଅର୍ଡର କରି ପଠାଇଲେ ବୋଲି ଗବର୍ଣ୍ଣମେଣ୍ଟରୁ କର୍କଶ ବାକ୍ୟ ଶୁଣିଅଛନ୍ତି ।

---

ପୁରୀ ଦେବରାଜଙ୍କ ହସ୍ତରୁ ଶ୍ରୀଜଗନ୍ନାଥଦେବଙ୍କ ମନ୍ଦିରର ଭାର କାଢି ନେବାର ଦେବାନୀ ମୋକଦ୍ଦମା ସରକାରଙ୍କ ତରଫରୁ ଦଶହରା ବକେସନ ପୂର୍ବେ ଦାଏର ହେବାର କଥା ଥିଲା କୌଣସି କାରଣରୁ ହୋଇପାରିଲା ନାହିଁ ଅରଜି ଆଦି କାଗଜପତ୍ର ସବୁ ପ୍ରସ୍ତୁତ ଅଛି କଟକସ୍ଥ ଫିଟିଲମାନଙ୍କେ ନାଲିଶ ହେବାର କଥା ଏବଂ ତହିଁ ସଙ୍ଗେ ଆଗାମୀ କୋରଙ୍କର ପ୍ରାର୍ଥନା ହେବ ଏବଂ ଅଦାଲତରୁ ମୋକଦ୍ଦମା ନିଷ୍ପତ୍ତି ହେବାପର୍ଯ୍ୟନ୍ତ ରସିବର ଜଣେ ନିଯୁକ୍ତ ହୋଇ ତାହାଙ୍କଦ୍ୱାରା ମନ୍ଦିରର କାର୍ଯ୍ୟ ଚାଲିବ ଏହିପରି ପ୍ରସ୍ତାବମାନ ହୋଇଅଛି । ଦେବରାଜଙ୍କ ପକ୍ଷରୁ ମୋକଦ୍ଦମା ଲଢିବାର କି ଉପାୟ ହେଉଅଛି ଆମ୍ଭେମାନେ ଜାଣୁଁ ନାହୁଁ । ଶୁଣିବାରେ ରାଣୀମଣେମା ମୋକଦ୍ଦମା ଆପୋସରେ ଭାଙ୍ଗିବାର ପ୍ରସ୍ତାବ କରି ଥିଲେ ତହିଁର କିଛି ଉତ୍ତର ପାଇନାହାନ୍ତି । ଯାହା ହେଉ ଓଡ଼ିଆପକ୍ଷରେ ଏ ମୋକଦ୍ଦମାଟି ସର୍ବପ୍ରଧାନ ଅଟଇ ଏବଂ ଭାରତବାସିସମସ୍ତ ହିନ୍ଦୁଙ୍କର ଏଥିରେ ଗାଢ଼ ସମ୍ପର୍କ ଥିବାରୁ ସାଧାରଣ ଚର୍ଚ୍ଚାର ବିଷୟ ହୋଇଅଛି । ଆମ୍ଭେମାନେ ଆଶାକରୁଁ ଏସମୟରେ ଓଡ଼ିଆବାସିମାନେ ନିଶ୍ଚିନ୍ତ ନ ହୋଇ ମନ୍ଦିରର ସେବା କାର୍ଯ୍ୟ କିପରି ବନ୍ଦୋବସ୍ତରେ ଚାଲିବାର ଉଚିତ ତର୍କ ବିତର୍କଦ୍ୱାରା ଏକଥା ସ୍ଥିର କରିବାକୁ ମନୋଯୋଗୀ ହେବେ ।

---

ବେହାର ପ୍ରଦେଶର ଗତବର୍ଷର ବାର୍ଷିକ ବିବରଣୀରୁ ଜଣାଯାଏ ଯେ ନୀଳର ଚାଷ କେବଳ ପାଟନା ଜିଲ୍ଲାରେ କିଛି ନାହିଁ ଏବଂ ଗୟାଜିଲ୍ଲାରେ ଅଳ୍ପ ପରିମାଣରେ ଅଛି । ଏହି ଦୁଇଜିଲ୍ଲା ଛଡ଼ା ଅନ୍ୟ ସମସ୍ତ ଜିଲ୍ଲାରେ ଉକ୍ତ ଚାଷ ବିସ୍ତୃତ ପରିମାଣରେ ହୁଅଇ ଏବଂ ବର୍ତ୍ତମାନ ବର୍ଷରେ ଗତବର୍ଷାପେକ୍ଷା ବୃଦ୍ଧି ହୋଇଅଛି । ପୂର୍ବେ ଏହି ବ୍ୟବସାୟ ସମ୍ପର୍କରେ ଯେ ସବୁ ମନ୍ଦକଥା ଶୁଣା ଯାଉଥିଲା ବର୍ତ୍ତମାନ ସେମାନ କିଛି ନାହିଁ । ପ୍ରଜାମାନେ ଆଗ୍ରହପୂର୍ବକ ନୀଳଚାଷ କରୁଅଛନ୍ତି ଓ କାରଖାନାବାଲା ଏବଂ ପ୍ରଜାଙ୍କ ମଧ୍ୟରେ କୌଣସି ବିବାଦ ଦେଖାଯାଉ ନାହିଁ । ପାଟନାର କମିଶ୍ନର ହାଲିଡେସାହେବଙ୍କୁ ଗବର୍ଣ୍ଣମେଣ୍ଟ ଏଥିପାଇଁ ପ୍ରଶଂସା କରୁଅଛନ୍ତି । ନୀଳ ଛଡ଼ା ସୋରା ଏବଂ ସୋଡ଼ା ଅଧିକ ପରିମାଣରେ ଏ ପ୍ରଦେଶରେ ପ୍ରସ୍ତୁତ ହୁଅଇ ମାତ୍ର ଏ ବର୍ଷ ଏହି ଦ୍ରବ୍ୟର ଉତ୍ପନ୍ନ ଅନେକ ଊଣା ହୋଇଅଛି ଅଥଚ ସ୍ଥାନୀୟ ହାକିମମାନେ ଏଥିର କାରଣ

Digitized by srujanika@gmail.com

ସ୍ଥିର କରି ପାରୁ ନାହାନ୍ତି । କେହି୨ ଅନୁମାନ କରନ୍ତି କି ଗଭର୍ଣ୍ଣମେଣ୍ଟୀୟ ବିଧାନମାନ ଏହି କାରବାରର ପ୍ରତିବନ୍ଧକ ହୋଇଅଛି । ଯେବେ ତାହା ହୋଇଥାଏ ତେବେ ଗବର୍ଣ୍ଣମେଣ୍ଟଙ୍କର ଉକ୍ତ ବିଧାନମାନ ଶୀଘ୍ର ସଂଶୋଧନ କରିବା ଉଚିତ । ସରକାରଙ୍କ ହେତୁ କୌଣସି ଦେଶୀୟ ବ୍ୟବସାୟ ନଷ୍ଟ ହେଲେ ବଡ଼ ଦୁଃଖର ବିଷୟ ହେବ ।

---

ସନ ୧୮୮୯ ସାଲର ପ୍ରବେଶିକା ପରୀକ୍ଷା ନିମିତ୍ତ ଯେ ସମସ୍ତ ପାଠ୍ୟପୁସ୍ତକ ଧାର୍ଯ୍ୟ ହୋଇ ଅଛି ତହିଁ ମଧ୍ୟରେ ଓଡ଼ିଆ ଭାଷାରେ ମଧୁବାବୁଙ୍କର ପ୍ରବନ୍ଧମାଳା ଏବଂ ଫକୀରମୋହନ ବାବୁଙ୍କର ରାମାୟଣ ଅଯୋଧ୍ୟା କାଣ୍ଡ ନିରୂପିତ ହୋଇଅଛି । ଏହି ପୁସ୍ତକମାନ ନିର୍ବାଚିତ ହେବା ଅନ୍ୟାୟ ହୋଇଅଛି ଏମନ୍ତ ବୋଲିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ । ବାସ୍ତବରେ ବର୍ତ୍ତମାନ ସମୟର ରଚିତ ପୁସ୍ତକମାନ ବାଛିବାକୁ ହେଲେ ଏସବୁ ଛାଡି ଅନ୍ୟ କିଛି ଦିଆଯାଇ ନ ପାରେ । ମାତ୍ର ଆମ୍ଭମାନଙ୍କର ଦୁଃଖ ଏହି ଯେ ଅନ୍ତତଃ ଦୁଇ ତିନିଶତ ବର୍ଷର ପ୍ରାଚୀନ ଉତ୍କୃଷ୍ଟ କାବ୍ୟମାନ ଓଡ଼ିଆ ଭାଷାରେ ରହିଥିବା ଏବଂ ଅଦ୍ୟାପି ଜନସାଧାରଣରେ ସମୁଚିତ ଆଦର ସହିତ ଗୃହୀତ ହେଉଥିବା ପ୍ରତ୍ୟେକ ପ୍ରବେଶିକା ପରୀକ୍ଷାରେ ତହିଁର ନାମ ଗନ୍ଧ ରହିଲା ନାହିଁ । ଅନ୍ୟାନ୍ୟ ଭାଷାର ପ୍ରାଚୀନ ପୁସ୍ତକମାନ ନିର୍ଦ୍ଦିଷ୍ଟ ହୋଇଅଛି ଏବଂ ସେସବୁ ସଙ୍ଗରେ ତୁଳନା କରି ଦେଖିଲେ ବୋଧ ହେଉଅଛି ଯେମନ୍ତ ଓଡ଼ିଆ ଭାଷା ଗୋଟିଏ ଆଧୁନିକ ଭାଷା ଅଟଇ ଇଂରାଜୀ ସଂସ୍କୃତ, ପାରସୀ, ବଙ୍ଗଳା ଉର୍ଦ୍ଦୁର ଯେପରି କାବ୍ୟ ସଂଗ୍ରହମାନ ବିଶ୍ୱବିଦ୍ୟାଳୟ ସକାଶେ ପ୍ରସ୍ତୁତ ହୋଇଅଛି ଓଡ଼ିଆ ଭାଷାରେ ସେହିପରି ଗୋଟିଏ ପୁସ୍ତକ ହେଲେ ଭାଷାର ଗୌରବ ରକ୍ଷା ହୁଅନ୍ତା । କେବେ ସରକାରୀ ବିଦ୍ୟାଳୟମାନଙ୍କରେ ଉତ୍କଳ ଭାଷାର ଆଦର ହେବ ଆମ୍ଭେମାନେ ନିଶ୍ଚୟ କହିପାରୁ ନାହୁଁ ।

---

ବିଲାତସ୍ଥ ଭାରତବର୍ଷୀୟ ସହକାରୀ ଅଧ୍ୟକ୍ଷ ସେକ୍ରେଟରୀ ସରଯାନ ଗୋଷ୍ଟ ସାହେବ ଭାରତବର୍ଷ ଦର୍ଶନ ନିମିତ୍ତ ଆଗମନ କରିବାର ମନସ୍ଥ କରିଅଛନ୍ତି । ଏହିମାସ ତା ୧୫ ରିଖରେ ବିଲାତରୁ ଯାତ୍ରା କରିବାର କଥା ସୁତରାଂ ଆଗାମୀ ମାସ ପ୍ରଥମ ସପ୍ତାହରେ ଏଠାରେ ପହୁଞ୍ଚିବେ । ଏବଂ ଆମ୍ଭମାନଙ୍କ ଗବର୍ଣ୍ଣରଜେନେରଲ ଲର୍ଡ ଡଫରିନଙ୍କ ଆତିଥ୍ୟ ଗ୍ରହଣ କରିବେ । ରାଜସ୍ୱ ଏବଂ ରେଲବାଇ ବିସ୍ତାର ଘଟିତ କେତେକ ପ୍ରଧାନ ବିଷୟ ତର୍କ ବିତର୍କପୂର୍ବକ ମୀମାଂସା କରିବା ତାହାଙ୍କ ଆଗମନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କଥିତ ହୁଅଇ । ଅଧସ୍ତ ସେକ୍ରେଟରୀଙ୍କ ଏହି କାର୍ଯ୍ୟ ଅବଶ୍ୟ ପ୍ରଶଂସନୀୟ ଅଟଇ । ଭାରତବର୍ଷ ପ୍ରତି ତାହାଙ୍କର ମନୋଯୋଗ ଥିବାର ଏଥିପୂର୍ବେ ଜଣାପଡ଼ିଥିଲା ମାତ୍ର ବର୍ତ୍ତମାନ ଉପଯୁକ୍ତ ଅଧିକାର ପାଇ ଏଦେଶର ଅବସ୍ଥା ବୁଝିବା ସକାଶେ ସ୍ୱୟଂ ଆସିବାର ସ୍ଥିର କରି ସମଧିକ ମନୋଯୋଗର ପରିଚୟ ଦେଇଅଛନ୍ତି । ଯେବେ ସେ କେବଳ ଏଦେଶୀୟ ଇଂରାଜଙ୍କ କଥାରେ ନ ପଡି ନାନା ବିଷୟରେ ଦେଶୀୟ ଏବଂ ବିଦେଶୀୟଙ୍କ ମତାମତ ସମାନଭାବରେ ଶୁଣି ଆପଣା କର୍ତ୍ତବ୍ୟ ସ୍ଥିର କରିବେ ତେବେ ଆମ୍ଭମାନଙ୍କର ଅନେକ ମଙ୍ଗଳ ହେବ ସନ୍ଦେହ ନାହିଁ । ବର୍ତ୍ତମାନ ବ୍ରହ୍ମଯୁଦ୍ଧରେ ଭାରତର ଅର୍ଥ ଯେପରି ନଷ୍ଟ ହେଉଅଛି ତାହା ସ୍ୱଚକ୍ଷୁରେ ଦେଖିବେ ଏବଂ ଏହି ଏକ ଉଦାହରଣ ବୁଝିପାରିବେ ଯେ ଭାରତର ରାଜସ୍ୱ କେବଳ ଭାରତର କାର୍ଯ୍ୟରେ ବ୍ୟୟ ନ ହେଲେ ଏଦେଶର ଆର୍ଥିକଅବସ୍ଥା ଭଲ ହେବ ନାହିଁ ।

---

ଆମ୍ଭେମାନେ ଅତି ଦୁଃଖେର ସହିତ ପ୍ରକାଶ କରୁଅଛୁଁ ଯେ ଏ ନଗରର ପାଦ୍ରୀ ମାନଙ୍କର ଓ ଶ୍ରଦ୍ଧାସ୍ପଦ ଶ୍ରୀଯୁତ ବକଲି ସାହେବ ଗତ ମାସ ତା ୨୯ ରିଖରେ ମାନବଲୀଳା ଶେଷ କଲେ । ସାହେବ ମହୋଦୟ ଏ ନଗରର ଜଣେ ବହୁକାଳର ନିବାସୀ ଓ ଅନେକ ଲୋକଙ୍କର ପରମ ବନ୍ଧୁ ଥିଲେ । ତାଙ୍କର ଧର୍ମ ନିଷ୍ଠା, ସଦାଚାର ଓ ପରୋପକାର ହେତୁ ସେ କି ଖ୍ରୀଷ୍ଟିୟାନ କି ହିନ୍ଦୁ କି ମୁସଲମାନ ସମସ୍ତଙ୍କ ମଧ୍ୟରେ ବିଶେଷରୂପେ ସମାଦୃତ ଥିଲେ ଓ ଦେଶୀୟଲୋକଙ୍କ ପ୍ରତି ତାଙ୍କର ମଧ୍ୟ ବିଶେଷ ଆଦର ଥିଲା ସେଟ ବଡ ସମସ୍ତଙ୍କ ପ୍ରତି ତାଙ୍କର ସମଭାବ ଥିଲା ଓ ଜାତୀୟ ଗର୍ବ ଅବା ଅଭିମାନ ଆଦୌ ନ ଥିଲା । ଏହି ସଦ୍ଗୁଣ ହେତୁ ଦେଶୀୟଲୋକେ ତାଙ୍କଠାରେ ବଡ଼ ପ୍ରୀତ ଥିଲେ । ଖ୍ରୀଷ୍ଟିୟାନମଣ୍ଡଳୀ ଓ ତାଙ୍କର ପରୋପଲକ୍ଷ କାର୍ଯ୍ୟ ଛଡ଼ା ପ୍ରାୟ ସକଳ ସାଧାରଣ ସଭାରେ ମୁଖମଧ୍ୟସ୍ଥ ଉପସ୍ଥିତ ହୋଇ ବକ୍ତୃତା ଓ ସଦୁପଦେଶ ପ୍ରଦାନ କରୁଥିଲେ ଏବଂ ସାଧ୍ୟାନୁସାରେ ସାଧାରଣ ହିତଚେଷ୍ଟାରେ ଥିଲେ ତାଙ୍କଠାରେ ସ୍ୱମତାଭିମାନ ମଧ୍ୟ ନ ଥିଲା । ବିନୟ, ଶାନ୍ତି, ସହିଷ୍ଣୁତା ଇତ୍ୟାଦି ସଦ୍ଗୁଣମାନ ତାଙ୍କୁ ଅଳଙ୍କୃତ କରିଥିଲା । ଅତଏବ ତାଙ୍କର ମୃତ୍ୟୁ ସାଧାରଣ ଦୁଃଖର ବିଷୟ ଅଟଇ ଓ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କାଳରେ ଜନତା ତାଙ୍କ ପ୍ରତି ସାଧାରଣ ଭକ୍ତିର ପରିଚୟ ଦେଇଅଛି । ତାଙ୍କର ବୟସ ୭୩ ବର୍ଷ ହୋଇଥିଲା ।

ବକଲି ସାହେବ ମୃତ୍ୟୁ ପୂର୍ବେ କହିଥିଲେ କି ଇଂରେଜଙ୍କ କବର ସ୍ଥାନରେ ମୋହର କବର ନ ହୋଇ କଳା ଲୋକଙ୍କ କବର ମଝିରେ ମୋହର କବର ହେବ ଓ ମୋହର କଳା ଭାଇମାନେ ମୋହର ଶବକୁ କବର ସ୍ଥାନକୁ ନେଇଯିବେ । ଏହା କାର୍ଯ୍ୟରେ ପରିଣତ ହୋଇଅଛି ଓ ଏଥିରୁ ଦେଶୀୟ ଲୋକଙ୍କ ପ୍ରତି ତାଙ୍କର ବନ୍ଧୁଭାବର ବିଶେଷ ପରିଚୟ ମିଳୁଅଛି । ତାଙ୍କର ମନ ଯେପରି ସ୍ୱଚ୍ଛ ଥିଲା ସେପରି ବହୁ କଷ୍ଟ ଭୋଗ କରି ନାହାନ୍ତି ଦୁଇ ଏକ ଦିନ ମାତ୍ର ଶରୀର ଅସୁସ୍ଥ ହୋଇ ବିନା ଯନ୍ତ୍ରଣାରେ ପ୍ରାଣ ତ୍ୟାଗ କଲେ । ଦେଶୀୟ ଖ୍ରୀଷ୍ଟିୟାନମାନେ ତାଙ୍କୁ ବିଶେଷରୂପେ ଝୁରୁଅଛନ୍ତି ।

---

କଟକରେ ପୂଜାର ଆମୋଦ ।

ଇଂରେଜମାନଙ୍କ ଯୋଗେ ଏ ନଗରରେ ପୂଜା ସମୟରେ ଅଧିକ ସାଧାରଣ ଆମୋଦପ୍ରମୋଦ ହୋଇଥିଲା ଓ ମଧ୍ୟ ତହିଁରେ ମନ୍ଦରମ ଯୋଗ ଦେଇଥିଲା । ମୋଫସଲରେ ପୂଜା ସମୟରେ ମଜଲିସ ନାଟରଙ୍ଗ ଇତ୍ୟାଦିରେ ଯେପରି ଆମୋଦ ହୁଅଇ ସେପରି ଆମୋଦ ଏ ନଗରରେ ହୁଅଇ ନାହିଁ, କମ୍ପା ସେ ଆମୋଦ ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ନଗରର ପ୍ରତିମା ଓ ସାଜ ପତ୍ର ସରସ ଏମନ୍ତ କି ମୋଫସଲରେ ମେଢ଼ର ଏପରି ଉତ୍କୃଷ୍ଟ ଭୂଷଣ ପ୍ରାୟ କୌଣସିସ୍ଥଳେ ଦେଖାଯାଏ ନାହିଁ । ଏଠା ମେଢ଼ ଦର୍ଶନରେ ନୟନ ପରିତୃପ୍ତ ହୁଅଇ । ଭସାଣିଦିନ ଏଠାରେ ବିଶେଷ ଜନତା ହୁଅଇ ଓ ମେଢ଼ମାନ ଏକତ୍ରିତ ହୋଇ ଯିବାରେ ଦୃଶ୍ୟଟି ଅତି ଶୋଭନୀୟ ଓ ମନୋହର ହୁଅଇ । ସେଦିନ ମଧ୍ୟ ମେଢ଼ ସଙ୍ଗରେ ନାଟ ଅବା ସଂକୀର୍ତ୍ତନ ନ ଥାଏ ଏବର୍ଷ କେବଳ ଦୁଇମେଢ଼ ସଙ୍ଗେ

Digitized by srujanika@gmail.com

Split by PDF Splitter



ସାମାନ୍ୟ ନାହିଁ ଥିଲା । ଏ ନଗରରେ ଏବର୍ଷ ଦୁର୍ଗାମେଢ଼ ଛଅଗୋଟି ହୋଇଥିଲା ତହିଁ ମଧ୍ୟରେ ଢାଳିବଜାରର ମେଢ଼ ସର୍ବୋତ୍କୃଷ୍ଟ ହୋଇଥିଲା ବାଳିସାହି ମେଢ଼ ଏଗାର ଗୋଟି ହୋଇଥିଲା ଏଥି ମଧ୍ୟରେ ବାବୁ ଶ୍ରୀଯୁକ୍ତ ନୃସିଂହଦେବ ଓ ଶିବପ୍ରସାଦ ବାବୁଙ୍କ ଅନନ୍ୟଶରଣ୍ୟ ମେଢ଼ ଅତି ସରସ ହୋଇଥିଲା ଏବଂ ବେଶଭୂଷଣ ପାରିପାଟ୍ୟରେ ଦୁର୍ଗାମେଢ଼କୁ ଜିତି ଯାଇଥିଲା । ସଦାଶିବଙ୍କ ମେଢ଼ ଉତ୍ତମ ରୁଚିର ପରିଚୟ ଦେଉଥିଲା । ଅର୍ଜୁନ କଣ୍ଠରେ ନିକ୍ଷେପ ଘଟନାଟି ତହିଁରେ ପ୍ରଦର୍ଶିତ ହୋଇଥିଲା ଏବଂ ପଞ୍ଚପାଣ୍ଡବ ଦ୍ରୌପଦୀ ଓ ଅନେକ ଋଷି ମୁନିଙ୍କର ପ୍ରତିମାମାନ ଥିଲା । ତାହା ଯୁକ୍ତମତରୂପେ ସଜ୍ଜିତ ହୋଇ ନ ଥିଲେହେଁ ମନୋହର ହୋଇଥିଲା । ଏଠାରେ ପୂଜା ଗୃହ ଦଳ ଉତ୍ତମ ଯାଗ ହୋଇଥିବାରୁ ଦର୍ଶକଙ୍କର ବିଶେଷ ସୁବିଧା ହୋଇଥିଲା ମାତ୍ର ମୋଫସଲର ଲୋକ ସ୍ଥାନେ ଦଣ୍ଡବନ୍ଦ ସଡ଼କରେ ବର୍ଷା ହୋଇଥିବାରୁ ଯାହା ପକ୍ଷେ ବ୍ୟାଘାତ ଓ ଅସୁବିଧା ହୋଇଥିଲା ।

ଇଂରେଜମାନଙ୍କର ଆମୋଦର ବିବରଣ ଏହି ଯେ ତା ୫ ରଖରେ ମହାନଦୀରେ ନୌକାଦୌଡ଼ ହୋଇଥିଲା ଗୋଟିଏ ବୃହତ୍ ନୌକା ଗୁଡ଼ିଆ ପୁଷ୍ପପତ୍ର ପତାକାରେ ସଜ୍ଜିତ ହୋଇ ସୁନ୍ଦର ଦିଶୁଥିଲା ଓ ତହିଁରେ ମେମମାନେ ବସିଥିଲେ । ପ୍ରଥମେ ଏକ ନାବିକ ଦ୍ୱାରା ବାହିତ ନୌକା ଦୌଡ଼ ହେଲା । ଦ୍ୱିତୀୟ ଗୁରଜଣ ଦେଶୀୟ ନାବିକଦ୍ୱାରା ବାହିତ ପାଷ୍ଟଗୋଟ ଓ ତୃତୀୟ ସାହେବମାନଙ୍କଦ୍ୱାରା ବାହିତ ଜନଗେଟ ଜାଲିବୋଟର ଦୌଡ଼ ହେଲା । ଜାଲିବୋଟର ଦୌଡ଼ କୌତୁକଜନକ ହୋଇଥିଲା । ଆଉ ଗୋଟିଏ ଅଧିକ କୌତୁକର କଥା ଏହିଥିଲା ଯେ ଗୋଟିଏ ଗୋଲାକୃତି ତିକ୍ତଶ ଶେଣୀ ବାଉଁଶରେ ବନ୍ଧା ହୋଇ ଆଠ ଦଶହାତ ପାଣି ଉପରେ ପଡ଼ାକୁ ବାହାରିଥିଲା । ତହିଁରେ ଚର୍ବି ବୋଳା ହୋଇଥିଲା । କୌଣସି ବ୍ୟକ୍ତି ତହିଁ ଉପରେ ତହିଁର ଶେଷ ପର୍ଯ୍ୟନ୍ତ ଗଲେ ଟ ୫ ଙ୍କା ପୁରସ୍କାର ପାଇବାର ନିୟମ ଥିଲା । ଏଥିରେ କେତେକ ଲୋକ ଚେଷ୍ଟା କଲେ ମାତ୍ର ଦୁଇ ଗୁଡ଼ ବାଟ ଯାଇ ପାଣିରେ ଧୁଡ଼ୁଦାଲ ପଡ଼ି ପଳାଇ ଆସିଲେ ପଡ଼ିଯିବା ସମୟରେ ଦର୍ଶକଙ୍କର ବଡ଼ ହର୍ଷନାଦ ହେଉଥିଲା । ତା ୭ ରଖ ଓ ତା ୮ ରଖ ଓ ତା ୧୦ ରଖରେ ଗୁହାଳଅଗଡ଼ ପଡ଼ିଆରେ ଘୋଡ଼ାଦୌଡ଼ ହେଲା ଓ ଘୋଡ଼ାର ସଂଖ୍ୟା ଊଣା ଥିଲେହେଁ ପ୍ରତି ଥର ଦର୍ଶକଦ୍ୱାରା ସ୍ଥାନ ଜନତା ହୋଇଥିବାରୁ ସେ ସ୍ଥାନ ଶୋଭା ପାଉଥିଲା ଓ ଏପରି ଆମୋଦରେ ଏଠା ଲୋକଙ୍କର ରୁଚି ଥିବାର ଜଣାଗଲା । ତା ୭ ରଖରେ ଘୋଡ଼ା ପଡ଼ିଆରେ ମନୁଷ୍ୟ ଦୌଡ଼ ହୋଇଥିଲା ଓ ସାହେବମାନେ ଦୌଡ଼ିଥିଲେ । ତା ୯ ରଖରେ ମେମମାନଙ୍କର ମନୋହାରୀ ହାଟ ହୋଇଥିଲା । ଏଥିର ଉଦ୍ଦେଶ୍ୟ ମହତ୍ ଅଟଇ । କାରଣ ଏଥିର ଲାଭ ଏଠା ସ୍ତ୍ରୀ ଚିକିତ୍ସାଳୟରେ ଲାଗିବ । ଅନୁମାନକୁ ତିନିଶହ ଟଙ୍କା ଲାଭ ହୋଇଥିବ । ତା ୧୦ ରଖ ରାତ୍ରରେ ନାଟକାଭିନୟ ହୋଇଥିଲା । ଏଥି ମଧ୍ୟରେ କେତେକ ଅର ଖେଳା ଓ ଗୋପନୀୟ ନଟରଙ୍ଗ ହୋଇଥିଲା । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଇଂରେଜମାନଙ୍କ ଯୋଗେ ଏଠାରେ କେତେ ପ୍ରକାର ସମୟୋଚିତ ବସ୍ତୁର ଆମୋଦ ହୋଇଅଛି ଓ ପୁଣି ଆମୋଦମାନ ହୃଦୟର ଓ ଶରୀରର ପୁଷ୍ଟିକର ଅଟଇ । ଦେଶୀୟ ଲୋକଙ୍କ ମଧ୍ୟରେ ଏପରି ଶ୍ରମସାଧ୍ୟ ଆମୋଦମାନ ବିଶେଷରୂପେ ପ୍ରଚୁର ହେବାର ବାଞ୍ଛନୀୟ ।

---

## ମୋହରମପର୍ବ ।

ମହରମ ପର୍ବ ଏ ବର୍ଷ ଏ ନଗରରେ ସାମାନ୍ୟରେ ନିର୍ବାହ ହୋଇଅଛି । ତାଜିଆର ସଂଖ୍ୟା କେବଳ ଆଠଗୋଟି ଥିଲା, ଚଉଧୁରୀବଜାର ଓ ଓଡ଼ିଆବଜାର ତାଜିଆ ଛଡ଼ା ଆଉ ସବୁ ଅତି କ୍ଷୁଦ୍ର । ପୂର୍ବତୁଳନାରେ ଏହା ଅତି ଊଣା ଅଟଇ ଓ ଖାଦ୍ୟସାମଗ୍ରୀର ମହାର୍ଘ୍ୟ ଏଥିର କାରଣ ଅନୁମିତ ହେଉଅଛି । ଚଉଧୁରୀବଜାର ତାଜିଆ ପ୍ରତିବର୍ଷ ନୂତନ ପ୍ରକାରର ହେଉଥିଲା ଏ ବର୍ଷ ତାହା ଅଧିକ ହୋଇ ନାହିଁ ତହିଁ ପୂର୍ବବର୍ତ୍ତୀ ପନ୍ଥା ଚାଳାଇଥିଲା । ପୂର୍ବାପର ଏ ବର୍ଷ ମଧ୍ୟ ଓଡ଼ିଆବଜାର ତାଜିଆର ସାଜ ସରସ ଥିଲା । ବର୍ତ୍ତମାନ ପଲଟନରେ ସିପାହିଙ୍କ ସଂଖ୍ୟା ଊଣା ଥିବାରୁ ସେଠା ତାଜିଆ କ୍ଷୁଦ୍ର ହୋଇଥିଲା ଓ ମଜଲିସ ବାଣ ତମାସା ଅଧିକ ହୋଇ ନାହିଁ । ମାତ୍ର ସେ ତାଜିଆ ସୁନ୍ଦର ଦିଶୁଥିଲା । ଗୋଲନ୍ଦାଜ ପେଲଟନମାନେ ସେହିପରି ଆଉ ଗୋଟିଏ ତାଜିଆ କରିଥିଲେ । ପଲଟନର ମୋଟ ସର୍ବସୁଦ୍ଧା ଏ ନଗରରେ ଦଶଗୋଟି ତାଜିଆ ହୋଇଥିଲା । ଚଳିତ ବର୍ଷରେ ବସ୍ତୁର ଜନତା ହୋଇ ନାହିଁ ମାତ୍ର ଅଳଙ୍କାର ଦାନ ପର୍ବାଚରୁ ଅନେକ ଦୋକାନ ବସିଥିଲା ଓ ବସ୍ତୁର ଜନତା ହୋଇଥିଲା । ଏ ପର୍ବଟି ବ୍ୟାୟାମସାଧନର ପ୍ରଦର୍ଶନୀ ଥିବାରୁ ଏହା ଉପକାରକ ଅଟଇ ଓ ଏଥିରେ ହିନ୍ଦୁ ମୁସଲମାନ ଉଭୟ ଜାତି ଆସନ୍ତି । ଅତଏବ ସର୍ବସାଧାରଣ ଉତ୍ସାହ ପ୍ରଦାନ ପୂର୍ବକ ଏ ପର୍ବଟିକୁ ପୂର୍ବବତ୍ ଜାଗରୂକ ରଖିବାର ଉଚିତ ।

---

## ଏଠା ମିଉନିସିପଲବିଦ୍ୟାଳୟ ।

ପୂର୍ବେ ସାଧାରଣଶିକ୍ଷାଦାନର ସମସ୍ତଭାର ସରକାର ନେଇଥିଲେ । ଯେଉଁ ଦିନଠାରୁ ଡିଷ୍ଟ୍ରିକ୍ଟ ଓ ମିଉନିସିପାଲିଟିମାନ ପୁଲିସଖର୍ଚ୍ଚରୁ ରକ୍ଷା ପାଇଲେ ସେହିଦିନଠାରୁ ଗବର୍ଣ୍ଣମେଣ୍ଟ ଶିକ୍ଷାଦାନ ଚିକିତ୍ସାଳୟ ପ୍ରଭୃତି କେତେକ ବିଷୟର ଆଶଂକାର ମିଉନିସିପାଲିଟିଙ୍କ ଅର୍ପଣ କରିବାଦ୍ୱାରା ଉକ୍ତ ଆଦେଶାନୁସାରେ ଏଠା ମିଉନିସିପାଲିଟି ନଗରବାସୀ ବାଳକ ଓ ବାଳିକାମାନଙ୍କ ନିମନ୍ତେ କେତେଗୁଡ଼ିଏ ବିଦ୍ୟାଳୟ ବସାଇଲେ । ପ୍ରଥମେ ଏହି ବିଦ୍ୟାଳୟମାନଙ୍କର କାର୍ଯ୍ୟ ସାମାନ୍ୟରୂପେ ଚାଲୁଥିଲା କିନ୍ତୁ କ୍ରମଶଃ ଉନ୍ନତି ହେଉଅଛି ଏବଂ ଗତପରୀକ୍ଷାର ଫଳ ଦେଖି ଅବଶ୍ୟ ବୋଲିବାକୁ ହେବ ଯେ ଏ ବିଷୟରେ ବର୍ତ୍ତମାନ ମିଉନିସିପାଲକମିଶନରମାନେ ପ୍ରଶଂସାର ଯୋଗ୍ୟ ଅଟନ୍ତି । କମିଶନରମାନଙ୍କର ଏହି କାର୍ଯ୍ୟରେ ଯଦ୍ୟପି ଆମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ ମାତ୍ର ତହିଁ ସଙ୍ଗେ କେତେଗୁଡ଼ିଏ ସନ୍ଦେହ ଆମ୍ଭମାନଙ୍କ ମନରେ ଉଦୟ ହେଉଅଛି ଏବଂ ସେ ସମସ୍ତ ପ୍ରକାଶ କରି ଆମ୍ଭେମାନେ ଆଶା କରୁଁ କି ସର୍ବସାଧାରଣ ଓ ମିଉନିସିପଲକମିଶନରମାନେ ତହିଁ ପ୍ରତି ସୁବିଚାର କରିବେ ।

ଆମ୍ଭମାନଙ୍କର ପ୍ରଥମ ସନ୍ଦେହ ଏହିକି ପ୍ରାଥମିକ ଶିକ୍ଷା ବିଷୟରେ ଏକପକ୍ଷରେ ଗବର୍ଣ୍ଣମେଣ୍ଟ ଏବଂ ଅନ୍ୟପକ୍ଷରେ ଲୋକମାନେ ଯଥୋଚିତ ଚେଷ୍ଟା କରୁଥିବାସ୍ଥଳେ ମିଉନିସିପାଲିଟିର ସେହି କାର୍ଯ୍ୟରେ ଅର୍ଥ ବ୍ୟୟ କରିବାର ପ୍ରୟୋଜନ ଭଲ ବୁଝା ଯାଉ ନାହିଁ । ପ୍ରାୟ ସମସ୍ତେ ଜାଣନ୍ତି ଯେ ଏଠା ଲୋକମାନେ ଆପଣା ପିଲାଙ୍କୁ ବିଦ୍ୟାଶିକ୍ଷା ଦେବାପାଇଁ ତ୍ରୁଟି କରନ୍ତି ନାହିଁ । ଏଥିପାଇଁ ପ୍ରାୟ ପ୍ରତ୍ୟେକ ବସ୍ତିରେ ଏକାଧିକ ଚାଟଶାଳୀ ରହିଅଛି ଏବଂ ତହିଁର ଅଧ୍ୟାପକମାନେ ସରଖାସ୍ତି ନିୟମାନୁସାରେ ଯୋଗ୍ୟତା ଦେଖାଇପାରିଲେ ପିଲାମାନଙ୍କଠାରୁ

Digitized by srujanika@gmail.com

Split by PDF Splitter



ତେଉଁକଥାସ୍ୱରୂପ ଯାହା ଘଡୁଆଅଛନ୍ତି ତହିଁ ଉପରେ ସରକାରଙ୍କ ସ୍ୱାର କର କରନ୍ତି। ସାମାନ୍ୟଲୋକମାନଙ୍କ ଜାତି ଲୋକେ ତା ସହିତ ର ନା ମିଉନିସିପାଲିଟି କମାଣ୍ଡ ଅପେକ୍ଷ ରଖନ୍ତି ନାହିଁ। ପ୍ରକୃତରେ ମିଉନିସିପାଲ ସ୍କୁଲ ସମ୍ପୂର୍ଣ୍ଣ ଲକ୍ଷ୍ୟମାନଙ୍କୁ ପ୍ରକାଶ ଯେ ମିଉନିସି ପାଲ। ଯେଉଁ ସ୍ଥାନରେ ଗୋଟିଏ ସ୍କୁଲ ଅନାବଶ୍ୟକ ବୋଲି ଲାଗେ ତେବେ ସେଠାରେ ଲୋକେ ଗୃହଶାଳୀଟିଏ କରି ଆପଣା ପିଲାମାନଙ୍କ ସୁବିଧା କରନ୍ତେକି। ଏଥିର ସ୍ଥଳେ ସାମାଜିକଶିକ୍ଷା ବଳରେ ମିଉନିସିପାଲିଟି କେଉଁ ବ୍ୟୟ ନ କରି ନଗରର ଯେଉଁ ଅଂଶରେ ବର୍ତ୍ତମାନର ଅଥବା ମାଇନର ସ୍କୁଲ ନାହିଁ ସେ ଅଂଶରେ ଗୋଟିଏ ନୂତନ ସ୍କୁଲ ବିଦ୍ୟାଳୟ ସ୍ଥାପନ କରନ୍ତେ ତେବେ ଅଧିକ ଉପକାର ହୁଅନ୍ତା। କାରଣ ଶିକ୍ଷାର ପ୍ରୟୋଜନ ଅନେକ ରହିଅଛି ସେ ତହିଁ ନିମିତ୍ତ ଉପଯୁକ୍ତ ବନ୍ଦୋବସ୍ତ ନାହିଁ। ଲୋକମାନେ ଆପଣା ସାମାନ୍ୟ ବ୍ୟୟ କର୍ମ କୁହିବା କାରଣ ଯେଉଁକି ଶିକ୍ଷାର ପ୍ରୟୋଜନ ଥିବ ଗୃହଶାଳୀଦ୍ୱାରା ଆପଣା ବ୍ୟୟରେ ଲାଭ କରୁଅଛନ୍ତି କେବଳ ସେମାନଙ୍କୁ ଉଚ୍ଚଶିକ୍ଷାର ଫଳଭାଗୀ କରାଇବା ଆବଶ୍ୟକ ସେ ପକ୍ଷର ଅର୍ଥ ବ୍ୟୟ କରିବାର ପ୍ରୟୋଜନ ବିଲକ୍ଷଣ ଅନୁଭବ ହେଉଅଛି। ଏଥିର ମିଉନିସିପାଲିଟିର ଅଧିକାଂଶ ଲୋକ ବୋଲାଇବାର ଓ ନାଗରର ଅଟନ୍ତି। ମିଉନିସିପାଲିଟି ନିଧାରଣ ଶିକ୍ଷା ନିମିତ୍ତ ଯେଉଁ ବ୍ୟୟ କରୁଅଛନ୍ତି ସେଥିରେ ତହିଁରେ ଗୋଟିଏ ମଧ୍ୟ ଗୋଟିଏ ଶିକ୍ଷକବିଦ୍ୟାଳୟ ବସାଇ ପାରନ୍ତେ ଯାହା ହେଲେ ଅଧିକ ଫଳ ହୁଅନ୍ତା। ଆମ୍ଭମାନଙ୍କ ବିବେଚନାରେ ମିଉନିସିପାଲକମିଶ୍ନରମାନଙ୍କୁ ଏ କଥାକୁ ଅଧୀରତାରେ ବିଚାର କରିବା ଆବଶ୍ୟକ। ଅସ୍ୱାସ୍ଥ୍ୟକରପ୍ରଣାଳୀର ପ୍ରଥମ ଉଦ୍ଦେଶ ଏହି ଯେ ଲୋକମାନେ ଆପଣା ଅଭିପ୍ରେତ ଓ ଉନ୍ନତିର ଚେଷ୍ଟା ଆପେ କରିବେ କେବଳ ଗବର୍ଣ୍ଣମେଣ୍ଟଙ୍କ ମୁହଁକୁ ଚାହିଁ ବସିବେ ନାହିଁ। ଗବର୍ଣ୍ଣମେଣ୍ଟ ସାଧାରଣ ଉପାୟଦ୍ୱାରା ସାଧାରଣ ଅଭାବମାନ ପୂର୍ଣ୍ଣ କରୁଅଛନ୍ତି। କମିଶ୍ନରମାନେ ଯେବେ ସେହି ମାର୍ଗକୁ ଅନୁସରଣ କରନ୍ତି ତେବେ ତାହାଦ୍ୱାରା ବିଶେଷ ଉପକାର କିଛି ହେବ ନାହିଁ। କମିଶ୍ନରମାନେ ମନୋଯୋଗୀ ହେଲେ ଅନାୟାସରେ ଗୋଟିଏ ଶିକ୍ଷକବିଦ୍ୟାଳୟ ସ୍ଥାପନ କରି ପାରନ୍ତି। ତହିଁର କରବାଣିଜ୍ୟ ଉପକାର ହେବ ସ୍ୱରୂପ ସେ ବିଷୟକୁ ଦୋ-ସେରୂପେ ଅବଗତ ହେଲେ ଯିବ ନାହିଁ। ଆମ୍ଭେମାନେ ଅନୁମାନ କରୁଅଛୁଁ ଯେ ଶିକ୍ଷକବିଦ୍ୟାଳୟ ସ୍ଥାପିତ ହେଲେ ତହିଁର କାର୍ଯ୍ୟ ଦ୍ୱାରା କଷ୍ଟ ଅଳ୍ପ ହେଉଥିବ ଓ କାମ ପ୍ରକାର ଉନ୍ନତ ଶିକ୍ଷା ଦେବା ସହଜରେ ଛାତ୍ରମାନେ କରନ୍ତି ତେବେ ଦେବାକୁ ଅସମ୍ଭବ ହେବ ନାହିଁ। ସୁତରାଂ ଏପରି ବିଦ୍ୟାଳୟର ସମସ୍ତ ବ୍ୟୟଭାର ମିଉନିସିପାଲିଟି ବହନ କରୁ ହେବ ନାହିଁ।

ମିଉନିସିପାଲକମିଶ୍ନରମାନେ ଯେବେ ଏହି ବିଦ୍ୟାଳୟସ୍ଥାପନ ବିଷୟରେ ପ୍ରବୃତ୍ତ ହେବେ ତେବେ କେଉଁ ବିଷୟରେ ପ୍ରଥମେ ଶିକ୍ଷା ଦେବାର ବନ୍ଦୋବସ୍ତ କରିବାକୁ ହେବ ତାହା ସେମାନେ ସ୍ଥିର କରିବାକୁ ସହଜରେ ସକ୍ଷମ ହେବେ। ଅତଏବ ବିଶେଷ ଅଡମ୍ବର ସହିତ ଗୋଟିଏ ବଡ଼ ବିଦ୍ୟାଳୟ ସ୍ଥାପନ କରିବାକୁ ଆମ୍ଭେମାନେ ପରାମର୍ଶ ଦେଉ ନାହୁଁ ଏବଂ ଏଠା ମିଉନିସିପାଲିଟିର ସାମାନ୍ୟ ଅବସ୍ଥାରେ ତାହା ହୋଇ ନ ପାରେ। ଏଠାରେ ପ୍ରାୟ ସମସ୍ତ ପ୍ରକାର କାରିଗରୀର ଅଭାବ ଅଛି ଅଳ୍ପ ବ୍ୟୟରେ ସହଜରେ ପ୍ରଥମେ କମାର୍ ବଢ଼େଇ ମାନ ଶିକ୍ଷା ଦେବାର ବନ୍ଦୋବସ୍ତ ପ୍ରଥମ କଲେ ପଶ୍ଚାତ ବିଦ୍ୟାଳୟର ଫଳ ଦେଖି ଅନ୍ୟାନ୍ୟ ଗୁରୁତର ବିଷୟମାନ ଶିକ୍ଷା ଦେବାର ଉପାୟ ହୋଇପାରିବ। ସୁଶିକ୍ଷିତମାନଙ୍କ ଶିକ୍ଷାବିଷୟରେ ଆମ୍ଭମାନଙ୍କର ମନ୍ତବ୍ୟ ଏଥର ପ୍ରକାଶ କଲୁଁ। ସ୍ତ୍ରୀ ଶିକ୍ଷାବିଷୟରେ ଯେଉଁ ସନ୍ଦେହ ଆମ୍ଭମାନଙ୍କ ମନରେ ରହିଅଛି ବାରାନ୍ତରେ ତାହା ପ୍ରକାଶ କରିବାର ଇଚ୍ଛା ରହିଲା।

## ସାପ୍ତାହିକ ସମ୍ବାଦ।

ଶ୍ରୀଯୁକ୍ତ ମିଷ୍ଟର ବୋଲ୍ଟନ ସାହେବ ଏ କଟକ କଲେକ୍ଟର ପଦରେ ନିଯୁକ୍ତ ହୋଇ ଆସୁଅଛନ୍ତି ଏ ମାସ ତା ୨୦ ରିଖରେ ଏଠାରେ ପ୍ରବେଶ ହେବେ। ସେହିଦିନ କମିଶନ ଶ୍ରୀଯୁକ୍ତ ଟଏନବି ସାହେବ ଏଠାରୁ ମଫସଲକୁ ପ୍ରସ୍ଥାନ କରିବେ।

ଶ୍ରୀଯୁକ୍ତ ମେଣ୍ଟସ ସାହେବ ପୁନର୍ବାର ଆସି ଏଠାରେ ନୂଆ ଅମେରିକା ସମ୍ପର୍କ କାର୍ଯ୍ୟ ଭାର ଗ୍ରହଣ କଲେ।

ଏ ମାସ ତାରିଖରେ ନଦୀ ବଢ଼ି ଥିଲା। ମହାନଦୀ ଅନେକ ବନ୍ୟା ସେଠାରେ ଘଣ୍ଟିଥିଲା ତାହା ମଧ୍ୟରେ ନ ଦେଶ ଚାହିଁ ଉଚ୍ଚରେ ଅଧିକ ପଡ଼ିଥିଲେ ଏଥି ଏ କେଉଁ କୌଣସି ଏ ବଡ଼ି ଉପରେ ଛଡ଼ି ଯାଇଥିବାର ଶୁଣା ଯାଏ।

କେବଳ ପୁରୋହିତ ପ୍ରଜା ତ ଶ ନ ବୃଷ୍ଟି ବନ୍ଦ ଥିଲା। ଦଶହରା ପର ସାମାନ୍ୟ ବର୍ଷା ହୋଇ ତହିଁ ଅଭାବଟାକୁ ଦୂର କରି ଛାଡ଼ି ଲାଗିଅଛି। ସେହି ବର୍ଷା ଧାନଚାଷ ଉପକାରକ ହୋଇଅଛି ମଧ୍ୟ ରବି ଫସଲ ନଷ୍ଟ ହୋଇଅଛି।

ଉତ୍କଳ ଗେଜେଟ।

ମାନ୍ୟବର ଓ ହାଇକୋର୍ଟର ଜଷ୍ଟିସ ଅଶ୍ୱିନୀ ଲାହିଡ଼ୀ ଏମ୍, ଏ ଅନରେବଲଙ୍କ ହୁକୁମ ଅନୁଯାୟୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି।

ଏଠା କଟକ ଟ୍ରେନିଂ କଲେଜ ଇନ୍ସପେକ୍ଟର ବାବୁ ରାଧାନାଥଙ୍କ ପ୍ରତିନିଧି ଛୁଟି ଗ୍ରହଣ କରିଅଛନ୍ତି।

ଅସିଷ୍ଟେଣ୍ଟ କଲେକ୍ଟର ମିଃ ଏଫ, ଜେ ମୋହାନ୍ତେସ ଗତ ତା ୨୧ ରିଖରୁ ଛୁଟି ପ୍ରାପ୍ତ ହୋଇଅଛନ୍ତି।

---

ଗତମାସ ତା ୨୭ ରିଖ ରବି ଦିନ ୮ ଘଣ୍ଟା ସମୟରେ ଯେ ଲେଖନ ଅପରାହ୍ନ ସାମାନ୍ୟ ଭୂମିକମ୍ପ ହୋଇଥିଲା ଚିହ୍ନ ପାଇ ଗ୍ରାମ ଉପରେ ହେବ।

ତାହାରେ ଗୃହସ୍ଥମାନଙ୍କ କେଉଁ ଶୁଣିଥିଲା ଲାଭଦାୟକ ମିଶ୍ରିତ ଦ୍ରବ୍ୟ କର ନ ମିଳିବ ପଡ଼ିଛି। ଭିନ୍ନ କଥା।

ଟାଙ୍ଗିରେ ଶ୍ରୀ ଦେବେନ୍ଦ୍ରନାଥଙ୍କର ଯେଉଁ ଛୋଟ ଟେଲିଗ୍ରାଫ ତାହା ବନ୍ଦ ହେବ ନିର୍ଦ୍ଦେଶ ଡାକ ଘର ସାହେବ ଲିଖିତ କରୁଅଛନ୍ତି। କାମ ଦର୍ଶନ ଏବଂ ପ୍ରକାଶ ଯେଉଁ ହେଉଅଛି।

ଲର୍ଡ ଡଫରିନ୍ ସାହେବ ଗୃହସ୍ଥମାନଙ୍କ ସାହେବଙ୍କ ନବୀନ ସମୟରେ ଫେବ୍ରୁଆରୀ ମାସ ବା ଲେଫ୍ଟେନେଣ୍ଟ ସାହେବମାନେ ପୂର୍ବବର୍ଷ ଦେଖିବା ନିମନ୍ତେ ଆଗାମୀ ଜାନୁଆରୀ ମାସରେ ସମ୍ମିଳିତ ହୋଇ ଆଗମନ କରିବେ।

ନିଜାମ ରାଜା ୨୫ ଲକ୍ଷ ଟଙ୍କା ଭାରତୀୟ ଉପକାର ଉଦ୍ଦେଶ୍ୟ ଏକ [ମନି] ପାଇଅଛି। ଅପୂର୍ବ ବସ୍ତ୍ର ଯେ, ପ୍ରଥମ ନ ଗତ ହୋଇ ଶେଷ ମାସ ବଙ୍କ ଅକ୍ଷତ ଅଧିକ ବସ୍ତ୍ର ହୋଇନାହିଁ। ମୁଦ୍ରଣ ନ ଥିଲେ କୌଣସି ଦୃଷ୍ଟି ଲାଗି ନାହିଁ।

ଅଗ୍ରରେ ସ୍ତ୍ରୀ ଭାଷାର ସ୍କୁଲରେ ୬୦ ଜଣ ଛାତ୍ରୀ ପଢ଼ୁଅଛନ୍ତି।

ପଞ୍ଜାବର ଲେଫ୍ଟେନେଣ୍ଟ ସର ଗ୍ରିଫିନ ଏଚିସନଙ୍କ କର୍ମରେ ସର ଚାର୍ଲସ ଗ୍ରିଫିନ ସାହେବ ନିଯୁକ୍ତ ହେବେ ବୋଲି ଦରବାରରୁ ଜାଣିବାକୁ ମିଳୁଅଛି। ଏଚିସନ ସାହେବଙ୍କୁ ଅଧିକ ଏକବର୍ଷ ରହିବାକୁ ଚେଷ୍ଟା ହେଉଥିଲା ମାତ୍ର ତାହା ସଫଳ ହେଲା ନାହିଁ। ପଞ୍ଜାବର ଦଶା ଗୁଣ ପରିବର୍ତ୍ତନ ହେଉ ଯାଉଅଛି।

ମାନ୍ଦ୍ରାଜ କଲେଜର ହେଡମାଷ୍ଟର ସେଠାର ହିନ୍ଦୁମାନଙ୍କ ସେ ମହେଶ୍ୱର ଓ ପାର୍ବତୀ ସ୍ତ୍ରୀ କୌଣସି ମୁସଲମାନବାଳକକୁ ଶାସ୍ତି ଦେଇଥିଲେ। ଅତଏବ ହେଡମାଷ୍ଟର ସ୍ୱାମୀଙ୍କ ପାଇବା ସମୟରେ କେତେ ଜଣ ମୁସଲମାନ ବାଳକର ନାଲିଶ ଅନୁସାରେ ତାହାଙ୍କୁ ଗ୍ରହଣ କରିଅଛି। ସେ ସାହେବ ଲଜ୍ଜାମାନ। ମାନ୍ଦ୍ରାଜର ସେଣ୍ଟ୍ରାଲ କହିବା ପାଇଁ ସୋଲ୍ଡର ସାହେବ ପ୍ରଶଂସା କରନ୍ତି। ଏ ଦୃଷ୍ଟାନ୍ତ ମ.ସ୍କୁଲମାନଙ୍କ ପକ୍ଷରେ ଉତ୍ତମ।

Digitized by srujanika@gmail.com

Split by PDF Splitter



ଉତ୍କଳଣ ଶ୍ରୀରାମପୁର ମହଲା ର ୧୬ ଏବଂ ୧୭ ତାରିଖରେ ଯୋଡ଼ିଏ ଜାହାଜ ଖେଳୁଥିଲା । ଜାହାଜର ପିଲାଟି ତେଇ-ବର୍ଷ ପିଲାରୁ ଗୋଟିଏ ମାଛଧରେ ତେଉରଉଷ ପିଲା ଜାହାର ଦେଖ ଉଠିଲେ ସେ ସେ ମରିଗଲା, ଏ ବିଷୟ ପୁଲିସ ତଦାରଖ କରୁଅଛି ।

ଉତ୍କଳଣ ମାଣିକପୁର ମହଲାରେ ଗୃହବର୍ଷର ଗୋଟିଏ ବାଳକା କଟେକ ଇଜଅଛି କଥ କହିବାରୁ ତାହା ପଦ-ପଗୃଣ ସେକ ଗମନାଗମନ କରୁଅଛନ୍ତି ।

ଗତମାସ ୨।୨୫ ତାରିଖ ଠାରୁ ଏ ପ୍ରଦେଶରେ ଅତଶୟ ବର୍ଷା ହୋଇଅଛି ।

ନଜ ପଃ ମୁଣ୍ଡାଇତେ ଅରଢପଣ୍ଡା ମାହାଜନଙ୍କ ସଢଠାରେ ୧୪୩।୧୭ ଟଙ୍କା ଅଧାଇ ଗୋଟିଏ ଖଟ ସୁରୁଢକ୍ଷେଲ ହୋଇଅଛି । ପ୍ରଢଅଂଶର ମୂଲ୍ୟ ୫ ୩ ଅଣା ପଣ୍ଡାଙ୍କ ଜାଣିବାରେ ଏଠାରୁ ଜ ପୁଲିସ ଉଠିଗଲା । ଏଠା ପୁଲିସ ମଧ୍ୟ ଜଡ଼ିବାର ଏଠାରେ ଏପରି କର୍ମର ନୂଆବାଜ ନ ଥିଲା ।

ଅଢରୁ ମାସେ ହେଲ ଅଲପରେ କଲ୍ୟାଣମଲ ଯିବା-ଅସିବା ବନ୍ଦ ହୋଇଅଛି । ଏ ସବ୍‌ଡିବିଜନର ତଳୁଭି-ଘରେ ଧାନଫସଲ ଅତ ଉତ୍ତମରୂପେ ହୋଇଅଛି ।

କେନ୍ଦ୍ରାପଡ଼ାରେ ଚିନ୍ତାମଣି ବାହିଣିରେଇ ଓ ଜାଗୋଦା ଦୁଇଜଣଙ୍କର ଯେଉଁ ମୋକଦ୍ଦମା ଚାଲିଥିଲା ସେଥିରେ ଚିନ୍ତାମଣି ଓ ଚନ୍ଦ୍ରମଣି ଦୁଇଜଣଙ୍କୁ ୫ ୫୦ ଟଙ୍କା ଓ ୫ ୧୦୧ ଟଙ୍କା ଜୋରିମାନା ହୋଇଅଛି ।

---

### ପ୍ରେରିତଙ୍କ ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେ ଦାୟୀ ନୋହୁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-
ସମୀପେଷୁ ।

ମହାଶୟ !

କେତେକ ସପ୍ତାହ ପୂର୍ବେ ଉତ୍କଳଦୀପିକାରେ ଯେଉଁ ଯାମଳସନ୍ତାନମାନଙ୍କର ଜ୍ୟେଷ୍ଠ କନିଷ୍ଠ-ବିଷୟରେ ପ୍ରସ୍ତାବ ବାହାରିଥିଲା ତାହା ଏକ-ଜଣ ଶ୍ରୀକ୍ଷେତ୍ରବାସୀ ପଣ୍ଡିତ ମହାଶୟ ଲେଖି-ଥିବାରୁ ତହିଁରେ କିଛି ସନ୍ଦେହ କରିବା-ଯୋଗେ ଯେଉଁ ୨ ବିଷୟ ନିମ୍ନରେ ପ୍ରକାଶ କରୁଅଛୁ ତହିଁର ସଦୁତ୍ତର ଦେଇ ପଣ୍ଡିତ ମହା-ଶୟ ଅନୁଗତ କରି ଅମ୍ଭମାନଙ୍କ ମାନସିକ ସଂଶୟକୁ ଦୂର କରନ୍ତେ ।—

ପଣ୍ଡିତମହାଶୟ ଯେ ଲେଖିଅଛନ୍ତି ଯେ ଯେଉଁ ସନ୍ତାନ ଆଗେ ଜନ୍ମିଲା ସେ କନିଷ୍ଠ ଏବଂ ଯେ ପଛେ ଜନ୍ମିଲା ସେ ଜ୍ୟେଷ୍ଠ । ଯେ-ହେତୁ ପଛେ ଜନ୍ମିତ ବାଳକର ଅଂଗ ଆଧାନ ହୋଇ ଅଗ ଜନ୍ମିବା ବାଳକର ପଛେ ଆଧାନ ହୋଇଥିଲା । ଏଥିରୁ ଅମ୍ଭମାନଙ୍କର ପ୍ରଶ୍ନ ଏହି ଏହି ଯେ ଦୁଇଜଣଙ୍କ ମଧ୍ୟରୁ ଏକଜଣଙ୍କ ସ୍ତ୍ରୀର ଗର୍ଭୋଦୟ ହେବାର ଦୁଇମାସ ପରେ ଅନ୍ୟ-ଜଣ ସ୍ତ୍ରୀର ଗର୍ଭ ଉଦୟ ହେଲା, ଦ୍ୱିତୀୟ ପଛେ ଗର୍ଭ ହୋଇଥିବା ସ୍ତ୍ରୀର ସାତମାସରେ ଏକ କନ୍ୟା ଜନ୍ମିଲା, ତହିଁର ମାସକ ଉତ୍ତାରେ ଅଗ ଗର୍ଭ ହୋଇଥିବା ସ୍ତ୍ରୀର ଏକ ପୁତ୍ର ଜନ୍ମନ୍ତ, ଏସ୍ଥଳେ ଆଗ ଗର୍ଭାଧାନ ହୋଇ ପୁତ୍ର ପଛେ ଜନ୍ମିଲେ ଅପଣଙ୍କ ମତାନୁସାରେ କନ୍ୟାଠାରୁ ପୁତ୍ର ବଡ ହେଉଅଛି କି, ନା ସେ କନ୍ୟାକୁ ଏହି ପୁତ୍ର ବଡ ହେବା ଶେଷରେ ଉଚିତ ହେଉ ପାରିବ କି ନାହିଁ ? "ବଡ଼ପୂର୍ବା ବଟ୍ଟୋ ଜ୍ୟେଷ୍ଠ" ଏହି ବଚନ ପ୍ରମାଣ ଅଛି ।—

ଅତ୍ର ଲକ୍ଷ୍ମଣ ଅଗ ଜନ୍ମ ପଛେ ଶତ୍ରୁଘ୍ନ ଜନ୍ମିଥିଲେ ଏବଂ ଅଂଗ ଲକ୍ଷ୍ମଣ ଜନ୍ମହୋଇ ପରେ ଭରତ ଜନ୍ମିଥିଲେ, ଏହା ବାଲ୍ମୀକି ପ୍ରଣୀତ ରାମାୟଣରେ ବ୍ୟକ୍ତ ହଉଅଛନ୍ତି, ଏସ୍ଥଳରେ ସାନ କିଏ ଓ ବଡ଼ କିଏ ଏହା ବିଚାରବାର ଆବଶ୍ୟକ । ଅତ୍ର ମଧ୍ୟ ଦର୍ଶାଧାରଣରେ ଜନ୍ମଠାରୁ ବୟସର ଗଣନା କରାଯାଇ ସାନ ବଡ ନିଶ୍ଚୟ କରାଯାଏ, ଯଥା—"ଜନ୍ମତୋ ଜ୍ଞାନତୋଽପିବା" ଅର୍ଥାତ୍ କେହି ୨ ଜନ୍ମଠାରୁ ଗଣନା କରି ସାନ ବଡ ଜାଣନ୍ତି ଏବଂ କେହି ୨ ଜ୍ଞାନର ତତ୍ତ୍ୱ ବୁଝି ସାନ ବଡ଼ ଗଣନା କରନ୍ତି । ଅତ୍ର ଅମ୍ଭମାନଙ୍କର ଲୌକିକବ୍ୟବହାର ମଧ୍ୟ ଅଛି ଯେ ଯେ ଆଗେ ଜନ୍ମ ହୁଏ ସେ ବଡ ଓ ଯେ ପଛେ ଜନ୍ମ ହୁଏ ସେ ସାନ, ଅତଏବ ପଣ୍ଡିତମହାଶୟ ଏହି ଗୋଳଯୋଗ ଶାନ୍ତ କରିବା କାରଣ କେଉଁ ୨ ସ୍ମୃତି ପୁରାଣାଦିରେ କିପରି ଲେଖିଅଛି ଏବଂ କେଉଁ ନିୟମରେ କେଉଁ ୨ ସ୍ଥଳରେ କିପରି କାର୍ଯ୍ୟ କରାଯାଉଅଛି ଏଥିର ଯଥାର୍ଥ ଉତ୍ତର ଲେଖି ପରମବାଧିତ କରିବେ । ଇତି ।—

୨୦।୯।୮୭ । ନ । କେହି ପାଠକ ।

---

( ଅସ୍ତରେଶ୍ୱର ସ୍କୁଲର ଜଣେ ଛାତ୍ର ଶ୍ରୀ ସାନ ନାଥ ଶ୍ରୀ ଗାଢାୟ ସରସ୍ୱତୀ ପୂଜା ଉପଲକ୍ଷ-ରେ ଗୋଟିଏ ସଂସ୍କୃତ ପଦ୍ୟ ରଚନା କରି ଅମ୍ଭ-ମାନଙ୍କୁ ଦେଇଥିଲେ ସ୍ଥାନାଭାବରୁ ତହିଁର ଶେଷଭାଗରୁ କେତେକ ଏଠାରେ ପ୍ରକାଶିତ ହେଲା । )

ଜଗଜ୍ଜନନୀ ମାତଃ ! ଅବ କୃପା କର,
ଦଶଦିଗ ସର୍ବେ ପଙ୍କଜନ୍ତୁ ନରନାଶ ।
ଉନବିଂଶ ଶତାବ୍ଦି ଏ ଜଗତେ ବଞ୍ଚନ୍ତ,
ସର୍ବଦେଶେ ବିଦ୍ୟାଧନ ବଢେ ଅପ୍ରମିତ ।
ଭରତ ଦେବକ ହୁଏ ଜାଗ୍ରତେ କ୍ଷୁଦ୍ର,
ତୁମ୍ଭ କୃପା ହେଲେ ସେହି ହେବ ଯେ
ଜାଗ୍ରତ ।
ସାଂରେ ଅସ୍ତ୍ୟଂସାରର ମାନ ହେବେ ପ୍ରୀତ,
ଯନ୍ତ୍ରଦରେ ବୈଦ୍ୟାଦେ ଜର ନୃତ୍ୟଗୀତ ।
ସ୍ମୃତି ସ୍ମୃତି ବୋଲୁଅଛନ୍ତି ବ୍ରାହ୍ମଣ ପଣ୍ଡିତେ,
ଛାଡ଼ି ନ ଦେଲୁ କର୍ଣ୍ଣ ବୃନ୍ଦାବନରେ ।
ଉତ୍କଳବାସୀଏ ଏବେ ନୟର ମନରେ,
ତୃପ୍ତର ନିବାରିଲେ ବରଦାବରରେ ।
ସତ୍ୟପଥ ଅବଲମ୍ବ ଦୃଢ ମନପଦେ,
ସନାତନ ଅର୍ଥଧର୍ମ ଅତର ବିପଦେ ।
ମତ ଆସ୍ତ୍ର ଯେତ ବୋଲ ଦାନ ଦଇ ହର,
ଜଗଦୀଶ, ପରମେଶ ସୃଷ୍ଟି ଅଧିକାରୀ ।
ମାତା ପିତା ତୋଷିଣ ଯେ ଦୁଃଖ ଭୂମେ ପାଇ,
ଅବହେଳେ ମାପ୍ୟ ମପ୍ୟ ଦୂତ୍ତର ସଂସାର ।
ଏତେକ ମାଗୁଛି ଉଷା ପଦେ ଭ୍ରମର,
ଆସ ଅସ ଆସ ମାତଃ ବିଳମ୍ବ ନ କର ।
ଦୋଷଂଜ୍ଞ ଦୋଷକୁ ବାଛେ ନ ଧର ମନରେ
ସଂଶୋଧନ କର ଦୋଷ ନଚର ଗୁଣରେ ।
ସର୍ବା ଦେନ କୃପାକର ଶ୍ରୀସ୍ୱଧାନାଥରେ,
ଉତ୍କଳଦେଶରେ ଯେତୁ ଶିକ୍ଷା ବଢଗରେ ।
ଶ୍ରୀ ମଧୁସୂଦନ ନାମ ଅଟେ ଯହାଙ୍କର,
ଅଧିନ କର୍ମଗୃଷ୍ଟ ଶିଷ୍ୟ ଯେ ତାଙ୍କର ।
ସଦ୍ଗୁଣେ ଭୂଷିତ ଯେତୁ ପାଳଉପାଳନ,
ନାହିଁ ତାଙ୍କଠାରେ ଦ୍ୱେଷ, କ୍ରୋଧ ଅଭିମାନ ।
ଅହର୍ନିଶି ଚଳୁଛନ୍ତି ଜ୍ଞାନୋଦ୍ଭବ ହେତୁ,
କୃପାକର ମାତଃ ଏବେ କମଳବାସିନୀ ।

ମଂଗଳରେ ଜ ଧର ତୁମ୍ଭେ ଦେଶବନ୍ଧୁ
ଧ୍ରୁମଣ୍ଡଠ ଅଗ୍ରକୁ କରଇ ବାନ୍ଧା
ପୁଂଗୁଣ ଅଛି ଯେଣୁ ମନରେ ନାନା
ଦ ମ୍ପ ବହୁ ଦେବାରେ ଶିକ୍ଷାଦାନ୍ତ
ନ ତୁଅ ଦରଶ ତୁମ୍ଭ ଜ୍ଞାନପୁଷ୍ପ
ବଂଗସ୍ଥାନ ଅଟେ ଯେଣୁ ତୁମ୍ଭ ବାସ୍ତ
ଓ ତଥାରେ ଅଛିଗାୟ ଯା ଶ୍ରୀନ ଶ୍ରୀ

---

### ଶରତ୍କାଳେ କୃଷକ ।

ସମଦେବ ।

ଧୀରେ ଧୀରେ ଶରତ୍ମାସ
ଆଜ ପ୍ରବେଶ ହେଲା ।
କୃଷକମାନଙ୍କ ହୃଦୟ
ଶାନ୍ତ ପ୍ରବେଶ କଲା ।
ପାତଳ ବଅନ ନାଁଶ
ଶୁଭେ ପ୍ରବେଶ ହେଲେ ।
ନାନାଦିଗେ ଗୀତ ଗାଇଣ
ନାନା ଅମୋଦ କଲେ ।

Digitized by srujanika@gmail.com